# ପ୍ରାର୍ଥନା

ତୁମ ପ୍ରେମ ଏକ ଉତ୍ତାଳ ଜୁଆର ଭଳି ସମଗ୍ର ସତ୍ତାକୁ କରେ ପ୍ଲାବିତ ଏବଂ ଯାବତୀୟ ବସ୍ତୁ ଉପରେ ଅଜାଡ଼ି ହୋଇପଡ଼େ । ପ୍ରଭୁ, ତୁମ ପ୍ରେମ ସବୁରି ହୃଦୟ ଅଭ୍ୟନ୍ତରକୁ ହେବ ପ୍ରବିଷ୍ଟ ଏବଂ ସେସବୁରେ ପ୍ରଜ୍ୱଳନ କରିବ ଦିବ୍ୟଜ୍ୟୋତିଃ ଯାହା କଦାଚ ହୁଏନା ନିର୍ବାପିତ, ଦିବ୍ୟସୌନ୍ଦର୍ଯ୍ୟ ଯାହା କଦାଚ ହୁଏନା ମଳିନ ଏବଂ ସମସ୍ତ ତୁଳନାଗତ ବୈପରୀତ୍ୟ ଏବଂ ପାରସ୍ପରିକ ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ଥାଇ ସଭିଙ୍କ ମଧ୍ୟରେ ସ୍ଥାପନ କରିବ ସେହି ଅପରିବର୍ତ୍ତନୀୟ ବିମଳାନନ୍ଦ ଯାହାହିଁ ପରମ ଶୁଭଙ୍କର ।

ତୁମ ଆଲୋକ ଏକ ଉଜ୍ଜ୍ୱଳ ଜୁଆର ଭଳି ସମଗ୍ର ସତ୍ତାକୁ କରେ ପ୍ଲାବିତ ଏବଂ ଯାବତୀୟ ବସ୍ତୁ ଉପରେ ଅଜାଡ଼ି ହୋଇପଡ଼େ । ପ୍ରଭୁ, ତୁମ ଆଲୋକ ସବୁରି ଭାବନାର ଅଭ୍ୟନ୍ତରକୁ ହେବ ପ୍ରବିଷ୍ଟ ଏବଂ ସେମାନଙ୍କ ଭିତରେ ସୃଜନ କରିବ ସେହି ସାର୍ବଭୌମ ସ୍ୱଚ୍ଛତା ଯାହା ରହେ ଅବିଚଳିତ, ଦିବ୍ୟ-ସ୍ୱଚ୍ଛଦୃଷ୍ଟି ଯାହା କଦାଚ ଭୁଲ୍ କରେନା, ଏବଂ ସମସ୍ତ ତୁଳନାଗତ ବୈପରୀତ୍ୟ ଏବଂ ପାରସ୍ପରିକ ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ସମସ୍ତଙ୍କ ଭିତରେ ପ୍ରତିଷ୍ଠା କରିବ ତୁମ ଜ୍ଞାନର ଚମତ୍କାରିତା – ଯାହାହିଁ ପରମ ପ୍ରଜ୍ଞା ।

ତୁମ ଶକ୍ତି ଏକ ଉତ୍ତାଳ ଜୁଆର ଭଳି ସମଗ୍ର ସତ୍ତାକୁ କରେ ପ୍ଲାବିତ ଏବଂ ଯାବତୀୟ ବସ୍ତୁ ଉପରେ ଅଜାଡ଼ି ହୋଇପଡ଼େ । ପ୍ରଭୁ, ତୁମ ଶକ୍ତି ସବୁରି ଜୀବନରେ ହେବ ପ୍ରବିଷ୍ଟ ଏବଂ ତହିଁ ସୃଜିବ ଏଭଳି କର୍ମକ୍ଷମ ସାମର୍ଥ୍ୟ ଯାହା କଦାଚ ହୁଏନା ପ୍ରତିହତ, ଦିବ୍ୟଶକ୍ତି ଯାହା ଅପରାଜେୟ, ଏବଂ ସମସ୍ତ ତୁଳନାଗତ ବୈପରୀତ୍ୟ ଏବଂ ପାରସ୍ପରିକ ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ସଭିଙ୍କ ଭିତରେ ପ୍ରତିଷ୍ଠା କରିବ ସର୍ବନିୟନ୍ତ୍ରକ ଓଜଃ ଯାହାହିଁ ପରମ ସଂକଳ୍ପ ।

ସେପ୍ଟେମ୍ବର ୧୦, ୧୯୧୪ – ଶ୍ରୀମା



# ୧୫ ଅଗଷ୍ଟ, ୨୦୧୬ରେ ଆଶ୍ରମରେ ବିତରିତ ବାଣୀ

He has come to bid the earth to prepare for its luminous future.

*15 August 1964* – The Mother

ସେ ଆଗମନ କରିଛନ୍ତି ଏ ଧରିତ୍ରୀକୁ ତା'ର ଜ୍ୟୋତିର୍ମୟ ଭବିଷ୍ୟତ୍ ପାଇଁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ।

– ଶ୍ରୀମା



# ଶ୍ରେଷ୍ଠତମ ଯୋଗ

## ଶ୍ରୀଅରବିନ୍ଦ

ଯେତେବେଳେ ଆମେ ଆମର ଅନ୍ତରତମ ସତ୍ତା ସହିତ ସଂଯୋଗ ସ୍ଥାପନ କରୁ ସେତେବେଳେ ଆମେ ଜାଣିପାରୁ ଯେ ଆମ ମଧ୍ୟରେ ଏବଂ ସମସ୍ତଙ୍କ ମଧ୍ୟରେ ସେହି ଏକ ଆତ୍ମା ଓ ଭଗବାନ୍ ରହିଛନ୍ତି । ବିଶ୍ୱପ୍ରକୃତି ତାଙ୍କରି କାର୍ଯ୍ୟ କରେ, ତାଙ୍କୁ ପ୍ରକାଶ କରେ । ଆମ୍ଭେମାନେ ନିଜେ ଏହି ଆତ୍ମାରହିଁ ଆତ୍ମା, ଏହି ସତ୍ତାରହିଁ ସତ୍ତା; ଆମ୍ଭମାନଙ୍କ ଶରୀର ତାଙ୍କର ପ୍ରତିଭୂ ସ୍ୱରୂପ, ତାଙ୍କର ବିଗ୍ରହ, ଆମ୍ଭମାନଙ୍କ ଜୀବନ ତାଙ୍କରି ଜୀବନ-ଛନ୍ଦର ଗୋଟିଏ ଗତିଧାରା, ଆମମାନଙ୍କର ମନ ତାଙ୍କରି ଚେତନାର ଗୋଟିଏ କୋଷ, ଆମମାନଙ୍କ ଇନ୍ଦ୍ରିୟରାଜି ତାଙ୍କରହିଁ ଯନ୍ତ୍ର, ଆମମାନଙ୍କ ଭାବାବେଗ ଓ ଇନ୍ଦ୍ରିୟାନୁଭୂତିସକଳ ତାଙ୍କରହିଁ ଆତ୍ମାନନ୍ଦର ଅନ୍ୱେଷଣ, ଆମମାନଙ୍କ ସକଳକର୍ମ ତାଙ୍କରି ଉଦ୍ଦେଶ୍ୟ ସାଧନର ପ୍ରଣାଳୀ, ଆମମାନଙ୍କ ସ୍ୱାଧୀନତା ଗୋଟିଏ ଛାୟାମାତ୍ର – ଆମମାନଙ୍କ ଅଜ୍ଞ ଅବସ୍ଥାରେ ଏହି ସ୍ୱାଧୀନତା ଏକ ନିର୍ଦ୍ଦେଶ ବା ଆଭାସ ମାତ୍ର; କିନ୍ତୁ ଯେତେବେଳେ ଆମେ ତାଙ୍କୁ ଏବଂ ନିଜକୁ ଜାଣିପାରୁ, ସେତେବେଳେ ତାହା ହୁଏ ତାଙ୍କ ଅକ୍ଷୟ ସ୍ୱାଧୀନତାର ଏକ ଅଂଶ ଓ କାର୍ଯ୍ୟକାରୀ ପ୍ରଣାଳୀ । ଆମମାନଙ୍କ କର୍ତ୍ତୃତ୍ୱ ତାଙ୍କରି କ୍ରିୟାଶୀଳ ଶକ୍ତିର ପ୍ରତିଚ୍ଛାୟା, ଆମମାନଙ୍କ ସର୍ବୋତ୍କୃଷ୍ଟ ଜ୍ଞାନ ତାଙ୍କ ଜ୍ୟୋତିଃର ଏକ ଅଂଶ ମାତ୍ର; ଆମମାନଙ୍କ ଆତ୍ମାର ଉଚ୍ଚତମ ଓ ସର୍ବାପେକ୍ଷା ଶକ୍ତିଶାଳୀ ସଂକଳ୍ପ ସେହି ବିଶ୍ୱନିୟନ୍ତାଙ୍କ ଓ ବିଶ୍ୱାତ୍ମାଙ୍କର, ସର୍ବଭୂତରେ ବିରାଜିତ ସେହି ପରମାତ୍ମାଙ୍କ ସଂକଳ୍ପର ପରିକଳ୍ପନା ଓ ବାର୍ତ୍ତାବହ । ସର୍ବଭୂତର ହୃଦୟରେ ଅଧିଷ୍ଠିତ ପରମେଶ୍ୱର ଆମମାନଙ୍କର ଅଜ୍ଞାନ ଅବସ୍ଥାରେ ଆମର ବହିର୍ମୁଖୀ ଓ ଅନ୍ତର୍ମୁଖୀ କର୍ମଧାରାରେ ଏହି ନିମ୍ନତନ ପ୍ରକୃତିର ମାୟା ଦ୍ୱାରା ଯନ୍ତ୍ର-ପୁତ୍ତଳିକା ତୁଲ୍ୟ ଆମମାନଙ୍କୁ ପରିଚାଳନା କରୁଛନ୍ତି । ଅଜ୍ଞାନ-ତିମିରରେ ବା ଜ୍ଞାନର ଆଲୋକରେ ଅବସ୍ଥିତ ଥିଲେ ସୁଦ୍ଧା ଆମେମାନେ ଆମମାନଙ୍କ ମଧ୍ୟରେ ଏହି ଜଗତ୍ ମଧ୍ୟରେ ବିରାଜିତ ସେହି ପରମେଶ୍ୱରଙ୍କର ନିମନ୍ତେ ଜୀବନ ଧାରଣ କରୁ । ଏହି ଜ୍ଞାନ ଓ ଏହି ସତ୍ୟ ମଧ୍ୟରେ ସଚେତନ ଭାବରେ ଜୀବନଯାପନ କରିବା ଦ୍ୱାରାହିଁ ଆମେ ଅହଂରୁ ମୁକ୍ତ ଓ ମାୟାର ବନ୍ଧନରୁ ନିଷ୍କୃତି ପାଉ । ଅନ୍ୟ ସକଳ ଶ୍ରେଷ୍ଠତମ ଧର୍ମ ଏହି ଧର୍ମ ନିମିତ୍ତ କେବଳ ପ୍ରସ୍ତୁତି ମାତ୍ର, ଏବଂ ସକଳ ଯୋଗ ସାଧନା କେବଳ ଏକ ଉପାୟ ମାତ୍ର ଯାହାଦ୍ୱାରା ଆମେ ଆମ ସତ୍ତାର ପ୍ରଭୁଙ୍କ ସହିତ, ଆମମାନଙ୍କ ସତ୍ତାର ଅନ୍ତଃପୁରୁଷ ଓ ଆତ୍ମା ସହିତ ପ୍ରଥମେ କୌଣସି ଧରଣର ମିଳନରେ ଉପନୀତ ହେଉ ଏବଂ ପରିଶେଷରେ ପୂର୍ଣ୍ଣ ଜ୍ୟୋତିଃର ଆଧାର ହୋଇପାରିଲେ ତାଙ୍କ ସହ ସମଗ୍ର ଭାବରେ ଯୁକ୍ତ ହେଉ । ଆମମାନଙ୍କ ପ୍ରକୃତି ସକଳ ଭ୍ରାନ୍ତିର, ସକଳ ସମସ୍ୟାର, ସମଗ୍ର ପ୍ରକୃତିର ଅନ୍ତର୍ବାସୀ ଈଶ୍ୱରଙ୍କର ଶରଣାପନ୍ନ ହେବାହିଁ ସର୍ବଶ୍ରେଷ୍ଠ ଯୋଗ । ଆମମାନଙ୍କ ସମଗ୍ର ସତ୍ତାର ଅବଲମ୍ବନରେ, ପ୍ରାଣ, ଶରୀର, ଇନ୍ଦ୍ରିୟ, ମନ ଓ ହୃଦୟ ଯୋଗେ ଆମର ଉତ୍ସର୍ଗୀକୃତ ଜ୍ଞାନ, ସଂକଳ୍ପ ଓ କର୍ମ ଯୋଗେ, 'ସର୍ବଭାବେନ' ଓ ଆମମାନଙ୍କ ସଚେତନ ଆତ୍ମା ଓ ଆମମାନଙ୍କ କାର୍ଯ୍ୟସାଧିକା ପ୍ରକୃତିର ସକଳ ଧାରାରେ ଈଶ୍ୱରଙ୍କ ଅଭିମୁଖୀ ହେବାହିଁ ସର୍ବଶ୍ରେଷ୍ଠ ଯୋଗ । ଏବଂ ଯେତେବେଳେ ଆମେ ସର୍ବଦା ଓ ସଂପୂର୍ଣ୍ଣ ଭାବେ ଏହା କରିପାରୁ, ସେତେବେଳେ ଭାଗବତ ଜ୍ୟୋତିଃ, ପ୍ରେମ ଓ ଶକ୍ତି ଆମମାନଙ୍କୁ ଅଧିକାର କରେ, ଆମର ଆତ୍ମା ଓ କରଣ ଉଭୟକୁ ଅଭିଷିକ୍ତ କରେ, ଆମମାନଙ୍କ ଅନ୍ତଃପୁରୁଷ ମଧ୍ୟ ଦେଇ ଆମମାନଙ୍କ ଜୀବନର ସକଳ ସଂଶୟ, ସମସ୍ୟା, ଭ୍ରାନ୍ତି ଓ ବିପଦ ମଧ୍ୟଦେଇ ଆମମାନଙ୍କୁ ନିର୍ବିଘ୍ନରେ ପରିଚାଳନା କରେ ଓ ଆମକୁ ଆମମାନଙ୍କ ଅବିନାଶୀ ଓ ଶାଶ୍ୱତ ପଦର ପରମ ଶାନ୍ତି ଓ ଅଧ୍ୟାତ୍ମ ମୁକ୍ତି ମଧ୍ୟକୁ '*ପରାଂ ଶାନ୍ତିମ୍, ସ୍ଥାନଂ ଶାଶ୍ୱତମ୍*' ମଧ୍ୟକୁ ଅଗ୍ରସର କରାଇ ନିଏ ।

❑❑❑

# ଆଉ କାହା ବ୍ୟାପାରରେ ମୁଣ୍ଡ ଖେଳାଅ ନାହିଁ

## ଶ୍ରୀମା

### (୧)

ଲୋକେ ସବୁବେଳେ ପରସ୍ପରକୁ ପରାମର୍ଶ ଦେଉଥା'ନ୍ତି : ''ଏକଥା କର, ସେକଥା କରନା ।'' ମୁଁ ସବୁ ଦେଖେ : ସେମାନେ ଜାଣନ୍ତି ନାହିଁ ଯେ ତାହା ଦ୍ୱାରା ସେମାନେ କେତେ ଗୋଳମାଳିଆ ଅବସ୍ଥା ସୃଷ୍ଟି କରନ୍ତି, କେତେ ବିଶୃଙ୍ଖଳା ଆଉ ଅବ୍ୟବସ୍ଥା ସୃଷ୍ଟି କରନ୍ତି । ବେଳେବେଳେ ସେମାନେ ବ୍ୟକ୍ତିଟିର ସାଧାରଣ ବିକାଶ ଉପରେ ବାଧା ସୃଷ୍ଟି କରନ୍ତି ।

ମୋ ବିଚାରରେ ଲୋକଙ୍କର ମତାମତଗୁଡ଼ିକ ଖୁବ୍ ଭୟଙ୍କର ଏବଂ ବହୁ ସମୟରେ ଖୁବ୍ ତୁଚ୍ଛ ଆଉ ନିରର୍ଥକ ।

ତୁମର ଅନ୍ୟ ଲୋକର ବ୍ୟାପାରରେ ମୁଣ୍ଡ ପୂରାଇବା ଆଦୌ ଉଚିତ ନୁହେଁ, ତୁମେ ଯଦି ତା'ଠାରୁ ଅନନ୍ତ ଗୁଣରେ ବିଜ୍ଞ ହୋଇ ନ ଥାଅ । ଅବଶ୍ୟ ପ୍ରତି ଲୋକ ନିଜକୁ ଅନ୍ୟଠୁ ଅଧିକ ବିଜ୍ଞ ମନେ କରନ୍ତି ! ମୁଁ କିନ୍ତୁ ଏକଥାକୁ ବାସ୍ତବ ଦୃଷ୍ଟିରୁ ଦେଖେ, ତୁମ ଭାବିବା ଦୃଷ୍ଟିରୁ ନୁହଁ । ଯଦି ତୁମେ ଅନ୍ୟଠାରୁ ଅଧିକ ଦୂର ପର୍ଯ୍ୟନ୍ତ ଦେଖିପାରୁଛ, କଳନା କରିପାରୁଛ, ତୁମର ଦୃଷ୍ଟି ଅଧିକ ପ୍ରଖର, ତୁମେ ସବୁ ପ୍ରକାର ଉତ୍ତେଜନା ଓ କାମନା ବାସନାର ଉର୍ଦ୍ଧ୍ୱରେ ରହିଛ, ଏବଂ ଅନ୍ଧ ପ୍ରତିକ୍ରିୟା ଦ୍ୱାରା ତୁମ ମନ ଆକ୍ରାନ୍ତ ନୁହେଁ, ତେବେ ସେକଥା ଅଲଗା । ଅନ୍ୟ ଜଣଙ୍କର ଜୀବନର ସମସ୍ୟା ଭିତରକୁ ପ୍ରବେଶ କରିବାକୁ ହେଲେ, ତୁମକୁ ସ୍ୱୟଂ ଏସବୁର ବହୁ ଉର୍ଦ୍ଧ୍ୱରେ ରହିଥିବାକୁ ହେବ । ତା' ନ ହେଲେ – ଅନ୍ୟ ଜଣକ ଚାହିଁଲେ ମଧ୍ୟ ତୁମର ସେଥିରେ ପଶିବା ଉଚିତ ନୁହେଁ । ଆଉ ପୁଣି ଅନ୍ୟ ଜଣେ ଯଦି ଚାହୁଁ ନ ଥିବ, ତୁମେ ତୁମ ଆଡୁ ତା' କଥାରେ ଆଦୌ ମୁଣ୍ଡ ପୂରାଇବା ଉଚିତ ନୁହେଁ ।

### (୨)

କାହା କଥାରେ ହସ୍ତକ୍ଷେପ କରିବା ପୂର୍ବରୁ ତୁମେ ନିଜେ ଆଗ ଠିକ୍ ବୋଲି ନିଶ୍ଚିତ ହେବା ଉଚିତ । ତୁମେ ନିଶ୍ଚିତ ହେବା ଉଚିତ ଯେ ତୁମର ଦୃଷ୍ଟି ଉଚ୍ଚସ୍ତରର, ତୁମେ ନିଶ୍ଚିତ ଭାବେ ଜାଣିବା ଉଚିତ ଯେ ଅନ୍ୟ ଜଣକର ବା ଲୋକଙ୍କର ଦୃଷ୍ଟିସୀମା ଅପେକ୍ଷା ତୁମର ଦୃଷ୍ଟିସୀମା ଖୁବ୍ ବିସ୍ତୃତ । ତେଣୁ ବିଜ୍ଞତା ହେଲା, କାହା ସମସ୍ୟାରେ ମୁଣ୍ଡ ପୂରାଅ ନାହିଁ । ଲୋକେ କୌଣସି କାରଣ ନଥାଇ ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରନ୍ତି । ତା'ର କାରଣ ହେଲା, ବହୁ ଲୋକଙ୍କର ଏହା ଗୋଟିଏ ଅଭ୍ୟାସ ଯେ ସେମାନେ ଅନ୍ୟ ଜଣକୁ ଉପଦେଶ ବା ପରାମର୍ଶ ଦେବେହିଁ ଦେବେ ।

ଏପରିକି ଯଦି ତୁମର କୌଣସି ସମସ୍ୟା ସମ୍ବନ୍ଧେ ସତ୍ୟଦୃଷ୍ଟି ରହିଥାଏ, ତଥାପି ତୁମ ପକ୍ଷରେ ବିଜ୍ଞତା ହେଲା କାହାକୁ ତୁମ ଆଡୁ କିଛି ପରାମର୍ଶ ବା ଉପଦେଶ ନଦେବା । ଅବଶ୍ୟ ଜଣେ ଯଦି କୌଣସି ଏକ ବିପଦରେ ପଡ଼ିବ ବୋଲି ଆଶଙ୍କା କରି ତୁମର ପରାମର୍ଶ ମାଗିଲା, ତେବେ ତୁମ ପକ୍ଷରେ ତାହା ଅନିବାର୍ଯ୍ୟ ହୋଇପଡ଼େ । ତା'ହେଲେ ସୁଦ୍ଧା, କାହା ସମସ୍ୟାରେ ପଶିବା (*ମା' ସ୍ମିତହାସ୍ୟ କରି କହିଲେ*) ସବୁବେଳେ ବିଶେଷ ଫଳପ୍ରଦ ହୁଏ ନାହିଁ ।

ପ୍ରକୃତ କଥା ହେଲା, ହସ୍ତକ୍ଷେପ କରିବା ସେତିକିବେଳେ ସମୀଚୀନ ହେବ ଯେତେବେଳେ ତୁମେ ନିଶ୍ଚିତ ଥିବ ଯେ ତୁମେ ସେ ସମସ୍ୟାର ସମାଧାନ ଠିକ୍ ଭାବେ ଜାଣିଛ । ସେତିକି କେବଳ ନୁହେଁ, ତା'ର ଫଳାଫଳ ସମ୍ବନ୍ଧେ ବି ତୁମର ସ୍ପଷ୍ଟ ଦୃଷ୍ଟି ଥିବା ଆବଶ୍ୟକ । ଜଣକ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ହେଲେ ଜଣକୁ ମହାପୁରୁଷ ହେବାକୁ ପଡ଼ିବ, ମହାପୁରୁଷ । ଏବଂ ସେ ମହାପୁରୁଷ ପୁଣି ସଂପୂର୍ଣ୍ଣ ଭାବେ ସାଧୁ ଓ ଅନୁକମ୍ପାଶୀଳ ହୋଇଥିବା ଆବଶ୍ୟକ । ଯେ ହସ୍ତକ୍ଷେପ କରିବ, ତା'ର ଏପରି ଦିବ୍ୟଦୃଷ୍ଟି ଥିବା ଆବଶ୍ୟକ, ଯଦ୍ଦ୍ୱାରା ସେ ଜାଣିପାରିବ ଅନ୍ୟ ଲୋକଟିର ଭାଗ୍ୟରେ ତାହା କି ପ୍ରକାର ଫଳ ପ୍ରଦାନ କରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୪୭)

## ଖ୍ୟାତିର ଦିବାଲୋକ : ଅନିଚ୍ଛୁକ ପଦକ୍ଷେପ


**ମନୋଜ ଦାସ**


''ସମ୍ଭବତଃ ବିନା ଦ୍ୱିଧାରେହିଁ ଏକଥା କୁହାଯାଇପାରେ ଯେ ଶ୍ରୀଅରବିନ୍ଦହିଁ ଥିଲେ ବିପ୍ଳବୀ ଆନ୍ଦୋଳନର ବ୍ରହ୍ମା – ନିରାସକ୍ତ ତଥା ନିରବ । କିନ୍ତୁ ତାଙ୍କ ଲେଖନୀ-ନିଃସୃତ ସ୍ଫୁଲିଙ୍ଗ ଯାହାକୁ ସ୍ପର୍ଶ କରୁଥିଲା, ସେ ହେଉଥିଲା ସେ ଆଗ୍ନେୟ ମନ୍ତ୍ରରେ ଦୀକ୍ଷିତ ।''[୧]

ବ୍ରହ୍ମା – ଅର୍ଥାତ୍ ସେ ବିପ୍ଳବୀ ଆନ୍ଦୋଳନର ସ୍ରଷ୍ଟା ଜଣକ କିନ୍ତୁ ଯେତେଦୂର ସମ୍ଭବ ନିଜକୁ ଅନ୍ତରାଳରେ ରଖୁଥିଲେ । ନେତା ରୂପେ ସ୍ୱୀକୃତି ପାଇବା ଦିଗରେ ତାଙ୍କର ତିଳେ ମଧ ଆଗ୍ରହ ନଥିଲା । ସ୍ୱଦେଶୀ ଆନ୍ଦୋଳନର ସର୍ବାଧିକ ବିଖ୍ୟାତ ଜନନେତା ରୂପେ ପ୍ରତିଷ୍ଠିତ ହୋଇଥା'ନ୍ତି ମାନ୍ଦାପନ୍ଥୀ କଂଗ୍ରେସ ନେତା ସୁରେନ୍ଦ୍ର ନାଥ ବାନାର୍ଜୀ – ଯାହାଙ୍କୁ କି ପରେ, ୧୯୨୧ରେ, ବ୍ରିଟିଶ୍ ସରକାର ନାଇଟ୍ (Knight) ରୂପେ ସମ୍ମାନିତ କରିଥିଲେ, ଅର୍ଥାତ୍ ସେ ତେଣିକି ସାର୍ ସୁରେନ୍ଦ୍ର ନାଥ ରୂପେ ସମ୍ବୋଧିତ ହେଲେ ।

ସୁରେନ୍ଦ୍ର ନାଥ ବାନାର୍ଜୀ (୧୮୪୮-୧୯୨୫)ଙ୍କର ପଟଭୂମି ଏହିପରି : ସେ ଇଂଲଣ୍ଡରେ ଆଇ.ସି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭାରତବର୍ଷରେ ଆସି ବିଚାର ବିଭାଗରେ ଯୋଗ ଦେଇଥିଲେ । କିନ୍ତୁ ବିଚାରକ ରୂପେ ଏକ ଭୁଲ୍ ରାୟ ଦେବା ଅଭିଯୋଗରେ ତାଙ୍କୁ ପଦଚ୍ୟୁତ କରାଗଲା । ଏକାଧିକ କଲେଜରେ ଇଂରାଜୀ ଅଧ୍ୟାପକ ରୂପେ କାର୍ଯ୍ୟ କରିବା ଅନ୍ତେ ସେ ନିଜେ ଗୋଟିଏ କଲେଜ ସ୍ଥାପନ କଲେ ଏବଂ ଭାରତର ଜଣେ ବ୍ରିଟିଶ ବଡ଼ଲାଟ ଲର୍ଡ଼ ରିପନଙ୍କ ନାମରେ ତାହା ନାମିତ କଲେ । ବର୍ତ୍ତମାନ ଅବଶ୍ୟ ସେ କଲେଜର ନାମ ସୁରେନ୍ଦ୍ର ନାଥ କଲେଜ । ସେ ଦୁଇ ଦୁଇ ଥର ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଆସନ ଅଳଙ୍କୃତ କରିଥିଲେ ଏବଂ ଇଂରାଜୀ ଦୈନିକ 'ଦି ବେଙ୍ଗଲି'ର ସ୍ୱତ୍ୱାଧିକାରୀ ତଥା ସମ୍ପାଦକ ଥିଲେ । କିନ୍ତୁ ''ଇଂରେଜ ଶାସନର ନ୍ୟାୟ ପରାୟଣତା ଉପରେ ତାଙ୍କ ବିଶ୍ୱାସ ଅତୁଟ ରହିଥାଏ'' ବୋଲି ତାଙ୍କର ଏକ ପ୍ରାମାଣ୍ୟ ଜୀବନ-ଲିପିରୁ ଆମେ ଜାଣିବାକୁ ପାଉ ।[୨]

ସେ ବ୍ରିଟିଶ ଲୋକସଭା ବା House of Commonsକୁ ''ପୃଥିବୀର ସର୍ବଶ୍ରେଷ୍ଠ ପ୍ରତିନିଧିମୂଳକ ସଭା'' ଭାବରେ ବର୍ଣ୍ଣନା କରି ତାହା ସ୍ୱାଧୀନ ଓ ସାହସୀମାନଙ୍କ ସକାଶେ ଏକ ମନ୍ଦିର ବୋଲି ଲେଖିଥିଲେ ।[୩] ଶ୍ରୀଅରବିନ୍ଦ ତାଙ୍କ ବରୋଦାବାସର ପ୍ରଥମ ପର୍ଯ୍ୟାୟରେ 'ଇନ୍ଦୁ ପ୍ରକାଶ' ପତ୍ରିକା ସକାଶେ ଲେଖିଥିବା *New Lamp for old* ନିବନ୍ଧମାଳାର ପଞ୍ଚମ କିସ୍ତିରେ ସେ ଭଦ୍ରଲୋକଙ୍କର ସେ ଧାରଣା କେତେ଼ ଭ୍ରମାତ୍ମକ, ତାହା ଦର୍ଶାଇଥିଲେ । କିନ୍ତୁ ତାଙ୍କର ରାଜନୈତିକ ପ୍ରଭାବକୁ ଶ୍ରୀଅରବିନ୍ଦ 'ବନ୍ଦେ ମାତରମ୍' ପୃଷ୍ଠାରେ ଅକୁଣ୍ଠିତ ସ୍ୱୀକୃତି ଦେଇଥିଲେ । ''ବାବୁ ସୁରେନ୍ଦ୍ର ନାଥଙ୍କ ସହ ଆମର ଯେତେଦୂର ମତପାର୍ଥକ୍ୟ ଥାଉ ନା କାହିଁକି, ଆମେ ତାଙ୍କୁ ସର୍ବଦା ବଙ୍ଗଦେଶର ନେତା ବୋଲି ସ୍ୱୀକାର କରି ଆସିଛୁ – ସେ ଜଣେ ମାତ୍ର ବ୍ୟକ୍ତି ଯାହାଙ୍କ ନାମରେ ଲକ୍ଷ ଲକ୍ଷ ହୃଦୟ ଉଦ୍‌ବେଳିତ ହେଲା ଭଳି ଯାଦୁକରୀ ଶକ୍ତି ରହିଛି ।''[୪]

ତେବେ ସୁରେନ୍ଦ୍ର ନାଥଙ୍କର ଏକ ବଡ଼ ଦୁର୍ବଳତା ହେଲା, ସେ ନିଜକୁ ଅବିସମ୍ବାଦିତ ବା ଏପରିକି ସାର୍ବଭୌମ ନେତା ରୂପେ ପ୍ରତିଷ୍ଠା କରିବା ନିମନ୍ତେ ବଡ଼ ଲାଳାୟିତ ଥିଲେ । ଥରେ ବ୍ରାହ୍ମଣମାନଙ୍କର ମନ୍ତ୍ରପାଠ ମାଧ୍ୟମରେ, ତାଙ୍କ ଅନୁଗତ ପାତ୍ରମିତ୍ର ଗହଣରେ ତାଙ୍କର 'ଅଭିଷେକ' ଅନୁଷ୍ଠିତ ହୋଇଗଲା । 'ବନ୍ଦେ ମାତରମ୍'ରେ ପ୍ରକାଶ ପାଇଲା ଏହି ମନ୍ତବ୍ୟ : ''ସବୁକଥାର ସୀମା ଥାଏ । ବୀର-ବନ୍ଦନା (Hero-worship) ଏବଂ ଆତ୍ମ-ବଡ଼ିମାର ମଧ ସୀମା ଥିବା ଆବଶ୍ୟକ ।'' ସେ ସମାଲୋଚନାର ସାମାନ୍ୟ ସଂକ୍ଷିପ୍ତ ରୂପ :

''ପଣ୍ଡିତମାନେ ବାନାର୍ଜୀଙ୍କୁ ଯେଉଁ ପ୍ରକାର ରାଜକୀୟ ସଂବର୍ଦ୍ଧନା ଜଣାଇଲେ, ସେଥିରୁ ମନେ ହେଉଥିଲା ସତେ

ଯେପରି ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ ଅନୁଷ୍ଠିତ ହୋଇଗଲା ! ଯଦି ବାବୁ ସୁରେନ୍ଦ୍ର ନାଥ ସ୍ୱାଧୀନ ବଙ୍ଗଦେଶର ନରପତି ହେବାକୁ ମନ କରୁଛନ୍ତି, ତେବେ ପ୍ରଥମେ ଦେଶଟି ବିଜୟ କରନ୍ତୁ । ସିଜର ମଧ ତାଙ୍କୁ ରାଜମୁକୁଟ ଯଚା ହେଲା ବେଳେ ତିନି ତିନି ଥର ତାହା ଏଡ଼ାଇ ଦେଇଥିଲେ । କିନ୍ତୁ ସୁରେନ୍ଦ୍ର ନାଥଙ୍କର ସେଭଳି ସଙ୍କୋଚ ନଥିଲା ! ସେ ତାଙ୍କ ଅଭିଷେକକୁ ସଜଳ ନୟନରେ ଗ୍ରହଣ କଲେ । ତାଙ୍କ ନିଜ ପତ୍ରିକା 'ଦି ବେଙ୍ଗଲି' ଲେଖିବା ଅନୁସାରେ, ଭାବାବେଗରେ ତାଙ୍କ ଶକ୍ତିଶାଳୀ କଣ୍ଠସ୍ୱର ଥର ଥର ହେଉଥିଲା ଏବଂ ସ୍ୱର ଅବରୁଦ୍ଧ ହୋଇଗଲା ।''

ତେବେ 'ବନ୍ଦେ ମାତରମ୍' ଏହାକୁ ରଂବାଦ୍ (Joke)ଭାବରେ ଦେଖିଲେ ଏବଂ ଦେଲେ ଏହି ଚେତାବନୀ : ''ସେ ନିଜକୁ ସର୍ବସାଧାରଣରେ ଉପହସିତ କରିବେ, ଆମେ ସେଭଳି ଦୃଶ୍ୟ ଦେଖିବାକୁ ପସନ୍ଦ କରୁନା ।... ଏଭଳି ନାଟକମାନ ତାଙ୍କ ସମ୍ମାନ ହ୍ରାସ କରିବ ସିନା, ବଢ଼ାଇବ ନାହିଁ ।''[୫]

'ବନ୍ଦେ ମାତରମ୍' ସମ୍ପାଦନା ମଣ୍ଡଳୀର ସଭ୍ୟ ହେମେନ୍ଦ୍ର ପ୍ରସାଦ ଘୋଷ ବ୍ୟକ୍ତିଗତ ଡାଏରି ଲେଖୁଥିଲେ । ଏହା ପ୍ରକାଶ ପାଇଁ ଉଦ୍ଦିଷ୍ଟ ନଥିଲା । ତେଣୁ ତାହା ତାଙ୍କ ନିଷ୍କପଟ ଧାରଣାର ଦଲିଲ । ୨୧ତାରିଖ ସେପ୍ଟେମ୍ବର ୧୯୦୭ରେ ସେ ଲେଖିଛନ୍ତି :

''ବାବୁ ବିପିନ ଚନ୍ଦ୍ର ପାଲଙ୍କ ଗିରଫଦାରିରେ ଦୁଃଖ ପ୍ରକାଶ ଏବଂ ପ୍ରତିବାଦ ଜଣାଇବା ନିମନ୍ତେ ଏକ ସଭାର ପରିକଳ୍ପନା ହେଉଛି । ସୁରେନ୍ଦ୍ର ନାଥ ସଭାପତିତ୍ୱ କରିବା କଥା । କିନ୍ତୁ ସେ ତାରିଖ ଦେଇ ଘୁଞ୍ଚାଇ ଚାଲିଛନ୍ତି ।

''ସୁରେନ୍ଦ୍ର ନାଥ ଆଉ ଜାତି ସହ ତାଳଦେଇ ଗତି କରିପାରୁ ନାହାନ୍ତି । କିନ୍ତୁ ସେ (ରାଜନୀତିରୁ) ଅବସର ବି ନେବେ ନାହିଁ । ବାସ୍ତବିକ, ସେ ଜାତିର ପ୍ରଗତିକୁ ମନ୍ଥର କରି ଦେଉଛନ୍ତି ।''

ହେମେନ୍ଦ୍ର ପ୍ରସାଦ ୨୨ତାରିଖ ସେପ୍ଟେମ୍ବର ଡାଏରିରେ ଲେଖିଛନ୍ତି :

''ସୁରେନ୍ଦ୍ର ନାଥ ନୀତିନିଷ୍ଠ ଏବଂ ସ୍ପଷ୍ଟବାଦୀ ନୁହନ୍ତି... ମାନ୍ଦାପନ୍ଥୀମାନେ ଶାସନ କଳର ବିରାଗଭାଜନ ହେବାକୁ ଭୟ କରୁଛନ୍ତି । ଏହାହିଁ ସେମାନଙ୍କ ମନୋଭାବର ବ୍ୟାଖ୍ୟା ।''[୬]

୨୪ତାରିଖ ସେପ୍ଟେମ୍ବର ୧୯୦୭ ଡାଏରିରେ ସେ ଲେଖିଛନ୍ତି : ''ଶ୍ରୀଯୁକ୍ତ ବିପିନ ଚନ୍ଦ୍ର ପାଲଙ୍କ ପ୍ରତି ସହାନୁଭୂତି ଜଣାଇବା ନିମନ୍ତେ ଗ୍ରୀନ୍‌ପାର୍କରେ ଏକ ସଭା ଆହୂତ ହୋଇଥିଲା । ସୁରେନ୍ଦ୍ର ନାଥ ବାନାର୍ଜୀ ସଭାପତିତ୍ୱ କଲେ ଆଂଶିକଭାବେ । ସେ ଆସିଲେ ବିଳମ୍ବରେ, ଯେଉଁ ଭାଷଣଟି ଦେଲେ ତାହା ଦୁର୍ଭାଗ୍ୟଜନକ ଏବଂ ଶ୍ରୀଯୁକ୍ତ କୃଷ୍ଣ କୁମାର ମିତ୍ରଙ୍କୁ ତାଙ୍କ ଆସନରେ ବସାଇ ଦେଇ ଚାଲିଗଲେ । ତାଙ୍କ ଭାଷଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ତଥା ଅପ୍ରାସଙ୍ଗିକ । ସେ କେବଳ ବିପିନଚନ୍ଦ୍ରଙ୍କ ସହ ତାଙ୍କ ମତାନୈକ୍ୟ ଉପରେ ଗୁରୁତ୍ୱ ଦେଲେ । ତାଙ୍କୁ ସଭାପତିତ୍ୱ କରିବାକୁ କୁହା ନଯାଇଥା'ନ୍ତା ହେଲେ !''[୭]

ଇତିହାସ ଦୃଷ୍ଟିରୁ, ଘଟଣାକ୍ରମର ଏହି ପର୍ଯ୍ୟାୟରେ ଗୋଟାଏ କୌତୂହଳଜନକ କଥା ଲିପିବଦ୍ଧ କରିବା ଅପ୍ରାସଙ୍ଗିକ ନହୋଇପାରେ । ଆମେ ପୂର୍ବରୁ ଦେଖିଛୁ, ୧୯୦୫ ମସିହାରେ ଯେତେବେଳେ ଅବିନାଶ ଭଟ୍ଟାଚାର୍ଯ୍ୟ ଏବଂ ବାରୀନ୍ଦ୍ର କୁମାର ସୁରେନ୍ଦ୍ରନାଥଙ୍କୁ 'No Compromise' ଶୀର୍ଷକ ଲେଖାଟିଏ ପଢ଼ିବାକୁ ଦେଲେ, ସୁରେନ୍ଦ୍ର ନାଥ ତାହା ପଢ଼ି ଚମକୃତ ଅନୁଭବ କଲେ ଏବଂ ଲେଖକ କିଏ ଜାଣିବାକୁ ଉଦ୍‌ଗ୍ରୀବ ହେଲେ, ଯେହେତୁ ''କୌଣସି ଭାରତୀୟ ଲେଖକ ତଥ୍ୟ-ସମର୍ଥିତ ଯୁକ୍ତିପୂର୍ଣ୍ଣ ଭାବରେ ସେ ସ୍ତରର ଇଂରାଜୀ ଲେଖିବା'' ଅସମ୍ଭବ ମନେ ହେଉଥାଏ । ଯେତେବେଳେ ସେ ଜାଣିଲେ ଯେ ଲେଖକ ହେଲେ ଅରବିନ୍ଦ ଘୋଷ, ସେ କହିଲେ, ''ଠିକ୍ । ତାଙ୍କ ଛଡ଼ା ଆଉ କେହି ଏଭଳି ଲେଖା ଲେଖିପାରି ନଥା'ନ୍ତେ ।''[୮]

'ଯୁଗାନ୍ତର' ମାମଲାରେ ମାଜିଷ୍ଟ୍ରେଟ କିଂସ୍‌ଫୋର୍ଡ଼ ଦ୍ୱାରା ଦଣ୍ଡିତ ହୋଇଥିବା ସେତେବେଳର ଯୁବନେତା ଜ୍ୟୋତିଷ ଚନ୍ଦ୍ର ରାୟ ଲେଖିଛନ୍ତି : ''ଚିନ୍‌ସୁରା(ହୁଗୁଳି)ଠାରେ ୧୯୦୯ରେ ଅନୁଷ୍ଠିତ ପ୍ରାଦେଶିକ କଂଗ୍ରେସ ସମ୍ମିଳନୀରେ ମୁଁ ଦେଖିଛି କେଡ଼େ ସମ୍ମାନ ଓ ସମ୍ଭ୍ରମ ସହକାରେ ସୁରେନ୍ଦ୍ର ନାଥ ସେ ମହାନ୍ ଆତ୍ମାଙ୍କୁ ଶଙ୍ଖୋଳି ଥିଲେ ।

''ସିଏ ଆଉ କେହି ନୁହନ୍ତି, ପରବର୍ତ୍ତୀ କାଳରେ ପଣ୍ଡିଚେରୀର ଋଷି ଶ୍ରୀଅରବିନ୍ଦ ।''[୯]

ଶ୍ରୀଅରବିନ୍ଦ ଏବଂ ସୁରେନ୍ଦ୍ର ନାଥଙ୍କର ବେଶ୍ କେତେଥର ଭେଟ ହୋଇଛି । ହୁଗୁଳିରେ ଅନୁଷ୍ଠିତ ବଙ୍ଗୀୟ ପ୍ରାଦେଶିକ କଂଗ୍ରେସ ସମ୍ମିଳନୀ (୧୯୦୯)ରେ ହୋଇଥିଲା ଶେଷ ସାକ୍ଷାତ୍ । କିନ୍ତୁ ଯାହା କୌତୂହଳର କଥା, 'ରାଷ୍ଟ୍ରଗୁରୁ'ରୂପେ ସମ୍ମାନିତ ଏମନ୍ତ ଯେଉଁ ସୁରେନ୍ଦ୍ର ନାଥ, ସେ ତାଙ୍କର ଆତ୍ମଜୀବନୀ *A Nation in the Making :*

*Reminiscences of Fifty Years of Public Life*(୧୦) ଗ୍ରନ୍ଥରେ ବିଖ୍ୟାତ, ସ୍ୱଳ୍ପ ବିଖ୍ୟାତ, ଅଖ୍ୟାତ କେତେ ଲୋକଙ୍କ ଉଲ୍ଲେଖ କରିବା ସତ୍ତ୍ୱେ ଥରେ ମଧ ଶ୍ରୀଅରବିନ୍ଦଙ୍କ ନାମ ଉଲ୍ଲେଖ କରି ନାହାନ୍ତି । ଏଭଳି ଅନୁଲ୍ଲେଖ ତାଙ୍କୁ କିପରି ଅବାସ୍ତବ, ଅସ୍ୱାଭାବିକ ମନେ ନହେଲା, ତାହାହିଁ ବିସ୍ମୟର କଥା । ଗୋଟାଏ ମତରେ, ତାଙ୍କର ବୋଧହୁଏ ଏକ ଭ୍ରାନ୍ତ ଧାରଣା ଥିଲା ଯେ ସେ ଉଲ୍ଲେଖ କରୁଥିବା ବ୍ୟକ୍ତିବୃନ୍ଦ ଇତିହାସରେ ଅମର ବନିଯିବେ ଏବଂ ଶ୍ରୀଅରବିନ୍ଦଙ୍କୁ ସେ ମହାଶୟ ସେଭଳି ମର୍ଯ୍ୟାଦା ଦେବାକୁ ପ୍ରସ୍ତୁତ ନଥିଲେ । ଆଉ ଗୋଟାଏ ମତରେ ସେ ଶଙ୍କା-ସଂବୃତି (Inhibition) ମାନସିକତା ବଶତଃ ଏଭଳି ଐତିହାସିକ ଭୁଲଟିଏ କରି ପକାଇଛନ୍ତି । ଆଜି ବଙ୍ଗଦେଶ ବାହାରେ, ଗବେଷକମାନଙ୍କୁ ଛାଡ଼ି ଦେଲେ କେତେଜଣ ବା ସ୍ୱୟଂ ସାର୍ ସୁରେନ୍ଦ୍ର ନାଥଙ୍କୁ ମନେ ରଖିଛନ୍ତି !

ନିଜର ଆନ୍ତରିକ ଅନିଚ୍ଛା ସତ୍ତ୍ୱେ ଶ୍ରୀଅରବିନ୍ଦ ଜନସଭାମାନଙ୍କରେ ବକ୍ତୃତା ପ୍ରଦାନ କାର୍ଯ୍ୟଟି ଏଡ଼ାଇ ଯାଇ ପାରିଲେ ନାହିଁ । ଉଦାହରଣସ୍ୱରୂପ, ୧୯୦୭ ମସିହା ଡିସେମ୍ବର ୧୪ତାରିଖ ଦିନ ସେ କଲେଜ ସ୍କୋଆରରେ ଚାରିହଜାର ଜନତା ବିଶିଷ୍ଟ ସଭାରେ ''ବକ୍ତୃତା ଦେବା ନିମନ୍ତେ ଲୋକଙ୍କ ଦ୍ୱାରା ବାଧ୍ୟ ହେଲେ'' । ଏହାହିଁ ସମ୍ଭବତଃ ତାଙ୍କର ପ୍ରଥମ ପ୍ରକାଶ୍ୟ ବକ୍ତୃତା । ପରଦିନ ବିଡ଼ନ୍ ସ୍କୋଆରରେ ଅନୁଷ୍ଠିତ ଏକ ସଭାରେ ବହୁ ପ୍ରଖ୍ୟାତ ବାଗ୍ମୀମାନେ ଭାଷଣ ଦେଇ ସାରିବା ସତ୍ତ୍ୱେ ''ଶ୍ରୀଅରବିନ୍ଦ କିଛି ନକହିବା ଯାଏଁ ସମାବେଶ ଶାନ୍ତ ହେଲେ ନାହିଁ''— ଲେଖିଛନ୍ତି ହେମେନ୍ଦ୍ର ପ୍ରସାଦ ତାଙ୍କର ୧୯୦୭ ମସିହା ଡିସେମ୍ବର ୧୫ତାରିଖ ଡାଏରିରେ ।(୧୧)

(କ୍ରମଶଃ)

❑❑❑

### ତଥ୍ୟ ନିର୍ଦ୍ଦେଶିକା


୧. ପ୍ରଭାତ କୁମାର ମୁଖୋପାଧ୍ୟାୟ : 'ଭାରତେର୍ ଜାତୀୟ ଆନ୍ଦୋଳନ' (ବଙ୍ଗଳା) ଗ୍ରନ୍ଥମ୍, କଲିକତା, ୧୯୨୫ । ଶ୍ରୀ ମୁଖୋପାଧ୍ୟାୟ ଜଣାଶୁଣା ଐତିହାସିକ ତଥା ଭାରତରେ ପାଠାଗାର ବିଜ୍ଞାନର ଆଦ୍ୟ ପ୍ରବର୍ତ୍ତକ । ସେ ରବୀନ୍ଦ୍ରନାଥଙ୍କ ବିଶ୍ୱଭାରତୀ (ଶାନ୍ତି ନିକେତନ)ରେ କର୍ମରତ ଥିଲେ । ତାଙ୍କର ବିଖ୍ୟାତ ଅବଦାନ ହେଲା ଚାରିଭାଗରେ ପ୍ରକାଶିତ ରବୀନ୍ଦ୍ରନାଥଙ୍କ ଜୀବନୀ ।

୨. ସଂସଦ୍ ବାଙ୍ଗାଲି ଚରିତାଭିଧାନ (ବଙ୍ଗଳା), ସାହିତ୍ୟ ସଂସଦ, କଲିକତା ।

୩. ଶ୍ରୀଅରବିନ୍ଦ : 'ବନ୍ଦେ ମାତରମ୍'; CWSA, Vol. 6, P. 32

୪. ତତ୍ରୈବ, P. 128

୫. ତତ୍ରୈବ, P. 127-128

୬. ଶ୍ରୀଅରବିନ୍ଦ ଆଶ୍ରମ ଆର୍କାଇଭ୍ସ, ପଣ୍ଡିଚେରୀ ।

୭. ତତ୍ରୈବ

୮. ଅବିନାଶ ଭଟ୍ଟାଚାର୍ଯ୍ୟ : 'ଗଳ୍ପ ଭାରତୀ', କଲିକତା

୯. ଜ୍ୟୋତିଷ ଚନ୍ଦ୍ର ରାୟ : The History of Swadeshi Movement. Published by Malabika Roy, Amrita Kutir, Diamond Harbour Road, Kolkata, 15.8.1971

୧୦. Oxford University Press, 1925

୧୧. ଶ୍ରୀଅରବିନ୍ଦ ଆଶ୍ରମ ଆର୍କାଇଭ୍ସ ।

ଯୋଗସମନ୍ୱୟ (୬୫)

# ସମତ୍ୱ ସିଦ୍ଧି

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଏକାଦଶ ଅଧ୍ୟାୟ ''ସମତାର ପୂର୍ଣ୍ଣତା ବା ସମତ୍ୱ ସିଦ୍ଧି'' (**The Synthesis of Yoga, Part - IV, The Yoga of Self-Perfection, Chapter - XI "The Perfection of Equality"**ର ଅବଲମ୍ବନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

"The very first necessity for spiritual perfection is a perfect equality." (The Synthesis of Yoga, p. 698)

ପରିପୂର୍ଣ୍ଣ ସମତାର ଉପଲବ୍ଧି ହେଉଛି ପରିପୂର୍ଣ୍ଣ ଆଧ୍ୟାତ୍ମିକ ସିଦ୍ଧିର ସର୍ବପ୍ରଥମ ଆବଶ୍ୟକତା । ନିମ୍ନତର ପ୍ରକୃତି ଅପରା କ୍ଷେତ୍ରରୁ ପରାପ୍ରକୃତିର ଉଚ୍ଚତମ କ୍ଷେତ୍ରକୁ ଉନ୍ନିତ ହେବା ପାଇଁ ସମତାହିଁ ଆଧାରଶିଳା । ଭଗବାନଙ୍କ ଦିବ୍ୟଗୁଣାବଳିକୁ ପ୍ରକାଶ କରିବା ପାଇଁ ଏଇ ସମତାକୁହିଁ ଭିତ୍ତିଭୂମି ବୋଲି ଜାଣିବା । ଏହି ସମତା ବ୍ୟତୀତ ବ୍ୟକ୍ତି ଓ ଗୋଷ୍ଠୀ ଜୀବନକୁ ଦିବ୍ୟ ଓ ରୂପାନ୍ତରିତ କରିବା ଅସମ୍ଭବ । ଦେବତା ନହେଲେ ଦେବତାର ଅର୍ଚ୍ଚନା ଅସମ୍ଭବ ''ଦେବୋ ଭୂତ୍ୱା ଦେବଂ ଯଜେତ୍'', ସେହିପରି ବ୍ରହ୍ମଜ୍ଞାନୀ ବ୍ରହ୍ମ ହୋଇପାରେ । ''ବ୍ରହ୍ମବିଦ୍ ବ୍ରହ୍ମ ଏବ ଭବତି'' । ସମତ୍ୱ ସିଦ୍ଧି ବଳରେ ଆମେ ବ୍ରହ୍ମପୂଜନ, ବ୍ରହ୍ମାନୁଭୂତିର ଯୋଗ୍ୟ ହୋଇପାରୁ ।

ତେବେ ଏଇ ବ୍ରହ୍ମ କ'ଣ ? ଏହା ସତ୍ୟ, ଚେତନା, ଆନନ୍ଦ ଓ ଶକ୍ତିର ସମନ୍ୱୟ କହିଲେ ମନ ତାଙ୍କୁ କିଛି ଜାଣିପାରେ । କିନ୍ତୁ ସେ ଗଭୀରତର ଅର୍ଥରେ ଆନନ୍ଦର ସ୍ୱରୂପ । 'ରସୋ ବୈ ସଃ, ରସଂ ହ୍ୟେବାୟଂ ଲବ୍ଧାନନ୍ଦୀଭବତି ।' ଏହି ବ୍ରହ୍ମଙ୍କୁ ଲାଭ କଲେ ବ୍ୟକ୍ତି ହୁଏ ଆନନ୍ଦମୟ । ପୁରୁଷ ଓ ପ୍ରକୃତି ମଧ୍ୟରୁ ପୁରୁଷ ସହ ସାଯୁଜ୍ୟ ଲାଭରେ ମିଳେ ବ୍ରହ୍ମଜ୍ଞାନ, ଏହା ସ୍ୱରୂପ ସିଦ୍ଧି । ଯେବେ ପ୍ରକୃତି ଦିବ୍ୟପ୍ରକୃତିରେ ରୂପାନ୍ତର ହୁଏ, ତେବେ ସମ୍ପୂର୍ଣ୍ଣ ପ୍ରେମମୟତ୍ୱ ଓ ଆନନ୍ଦମୟତ୍ୱ ଉପଲବ୍ଧି ହୁଏ, ଯେବେ ପୁରୁଷର ଜ୍ଞାନମୟତ୍ୱ ସହ ଦିବ୍ୟପ୍ରକୃତିର ପ୍ରେମୋଲ୍ଲାସର ମିଳନ ହୁଏ ତେବେ ଏହା ବ୍ୟକ୍ତିର ଦିବ୍ୟ-ରୂପାନ୍ତର ସାଧନ କରେ, ଦିଏ ପୂର୍ଣ୍ଣତା ବା ପରିପୂର୍ଣ୍ଣତା ।

ଏଇ ଦିବ୍ୟରୂପାନ୍ତରର ଦୀର୍ଘ ପଥରେ ପ୍ରଥମ ଓ ମୁଖ୍ୟ ପାବଚ୍ଛ ହେଲା ସମତା । 'ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ' । ବ୍ରହ୍ମ ନିର୍ଦ୍ଦୋଷ, ତାଙ୍କର ସ୍ୱଭାବ ହେଲା ସମତା । ସେ ସମତ୍ୱ ବ୍ୟକ୍ତିକୁ ତା'ର ଅସତ୍ୟ ଓ ସଂଶୟମୟ ଜୀବନରୁ ଉଦ୍ଧାର କରେ । ପ୍ରକୃତିର ସଂଘର୍ଷପୂର୍ଣ୍ଣ ଗୁଣ ଓ ଦ୍ୱୈତତାରୁ ମୁକ୍ତି ଦିଏ ଏବଂ ବ୍ୟକ୍ତିକୁ ଉଚ୍ଚ ଦିବ୍ୟପ୍ରକୃତି ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ପତ୍ର ଦିଏ । ସର୍ବୋଚ୍ଚ ଉଚ୍ଚ ପ୍ରକୃତି ସମତା ଉପରେ ପ୍ରତିଷ୍ଠିତ । ଏହି ସମତା ନିର୍ଭର କରେ ଆତ୍ମାର ଶୁଦ୍ଧୀକରଣ ଓ ସ୍ୱତନ୍ତ୍ରତା ଉପରେ ମଧ୍ୟ ।

ସର୍ବୋଚ୍ଚ ପରମସତ୍ତା କହିଲେ ଆମେ କ'ଣ ବୁଝୁ ? ଏହା ଏକ ନିଶ୍ଚଳ ଶୁଦ୍ଧସତ୍ତା ବୁଝୁ । ସେ ବିଶ୍ୱମୟ ଅସ୍ତିତ୍ୱର ଦିବ୍ୟକର୍ତ୍ତା । ଏହି ପରମସତ୍ତା ସମ ଓ ଅବିଚଳ ବା ନିଶ୍ଚଳଭାବେ ଅବସ୍ଥିତ । ସେ ନିରପେକ୍ଷ ଓ ଶାନ୍ତ । ସେ ଏଇ ଅବସ୍ଥାରେ ରହି ଜଗତର ଯାବତୀୟ ଘଟଣାବଳି ଅବଲୋକନ କରୁଛନ୍ତି । ସେ କେଉଁଥିରେ ଆସକ୍ତ ନୁହନ୍ତି ବା ବିରକ୍ତ ନୁହନ୍ତି, ବିଚଳିତ ବି ନୁହନ୍ତି । ବିରକ୍ତି ଓ ଆସକ୍ତି ଥିଲେ ସମତା ନଥା'ନ୍ତା । ସମତା ନଥିଲେ ସେ ସୃଷ୍ଟିକ୍ଷମ ହୋଇପାରି ନଥା'ନ୍ତେ । ତାଙ୍କର ସମତାଯୁକ୍ତ ସୃଷ୍ଟିର ଅବଲୋକନ ଏକ ନିରପେକ୍ଷତା, ଏକ ଶାନ୍ତିର କଥା । ଯେଉଁ ସବୁ ପ୍ରତିକ୍ରିୟା ବାହ୍ୟ ପ୍ରକୃତି ମଧ୍ୟରେ ବହୁଭାବେ ଛନ୍ଦିତ ହୋଇ ଆତ୍ମାର ଉତ୍ପୀଡ଼ନର କାରଣ ହୋଇଥାଏ ସର୍ବୋଚ୍ଚ ପରମସତ୍ତା ତହିଁର ଊର୍ଦ୍ଧ୍ୱରେ । ଏହି ଅନନ୍ତ ବ୍ରହ୍ମ ସ୍ୱପବିତ୍ରତାରେ ତଟସ୍ଥଭାବେ ପ୍ରତିଷ୍ଠିତ ହୋଇ ଜଗତର ବହୁମୁଖୀ ଗତିସ୍ପନ୍ଦନ ପ୍ରତି ସ୍ୱୀକୃତି ଦେଉଛନ୍ତି । ସମତା ତାଙ୍କ ଜଗତ୍ ପରିଚାଳନାର ସର୍ତ୍ତ । ସେ ସେହି ଜାଗତିକ ବସ୍ତୁମାନଙ୍କର ପ୍ରତିକ୍ରିୟାରେ ଅବିକ୍ଷୁବ୍ଧ । ଯଦି ତା' ଘଟନ୍ତା, ତେବେ ସେ ସବୁର

ପ୍ରଭୁ ବା ଈଶ୍ୱର ନହୋଇ ସେ ସବୁର ଅଧୀନ ହୋଇ ରହିଥା'ନ୍ତେ ।

ସକଳ ବସ୍ତୁର ଯଥାର୍ଥ ସତ୍ୟ ସେମାନଙ୍କ ଗଭୀରତା ମଧ୍ୟରେ ଥିବା ପ୍ରଶାନ୍ତି ମଧ୍ୟରେ ନିହିତ । କିନ୍ତୁ ତାହା ଆମର ଦୃଷ୍ଟିଗୋଚର ହୁଏ ନାହିଁ । ଦୃଶ୍ୟ ହୁଏ ବାହ୍ୟ ଭାଗର ସତତ ପରିବର୍ତ୍ତନଶୀଳତା ଏବଂ ସଦାଧାବମାନତା । ଏସବୁ ସାଗରର ବାହ୍ୟ ତରଙ୍ଗ ପରି, ମାତ୍ର ଗଭୀରତମ ପ୍ରଦେଶରେ ସାଗର ସ୍ଥିର ଓ ସମ୍ପୂର୍ଣ୍ଣ ଅଚଞ୍ଚଳ ଥିବା ପରି ସର୍ବୋଚ୍ଚ ପରମସତ୍ତା ଦିବ୍ୟଜ୍ଞାନ, ଇଚ୍ଛା ଓ ଦିବ୍ୟପ୍ରେମର ଭୂମିରେ ସେହି ବସ୍ତୁସକଳର ନିୟନ୍ତ୍ରଣ କରନ୍ତି । ସେହି ସର୍ବୋଚ୍ଚ ଚେତନ ପରମସତ୍ତା ଆପଣାର ଦିବ୍ୟଜ୍ଞାନ, ଇଚ୍ଛା ଓ ପ୍ରେମ ଭୂମିରେ ବସ୍ତୁଗୁଡ଼ିକର ବିବର୍ତ୍ତନକୁ ନିୟନ୍ତ୍ରଣ କରନ୍ତି । କିନ୍ତୁ ଆମର ଅଜ୍ଞାନ ଏକ ଅବ୍ୟବସ୍ଥା ଓ ପଥଚ୍ୟୁତି । ଉପରି ଭାଗରେ ସମୁଦ୍ରର କଲ୍ଲୋଳିତ ଜଳରାଶି, ପ୍ରବଳ କୋଳାହଳ ଅଥଚ ଗଭୀରରେ ପୂର୍ଣ୍ଣ ପ୍ରଶାନ୍ତି ଏବଂ ଅବିଚଳ ସ୍ଥିତି ପରି ପରମ ଦିବ୍ୟସତ୍ତା ଆମ ମଧ୍ୟରେ ବିଦ୍ୟମାନ ରହି ଆମ ମଧ୍ୟରେ ବାହ୍ୟ କୋଳାହଳ ଓ ବିଶୃଙ୍ଖଳା ତଥା ଅଜ୍ଞାନ ଦ୍ୱାରା ପ୍ରଭାବିତ ନହୋଇ ଆମର ବିବର୍ତ୍ତନ ଧାରାକୁ ନିୟନ୍ତ୍ରଣ କରି ଚାଲିଛନ୍ତି ସ୍ୱଲକ୍ଷ୍ୟାନୁରୂପ । ଏହି ହେତୁ ଯେଉଁ ବ୍ୟକ୍ତି ପରମଙ୍କ ସଂକଳ୍ପ ଅନୁରୂପ ନିଜକୁ ନିର୍ମାଣ କରିବାରେ ଆସ୍ପୃହାଶୀଳ, ତାକୁ ମାନବଭୂମିର ଅଜ୍ଞାନର ଅହଂପ୍ରେରିତ ଓ ପକ୍ଷପାତପୂର୍ଣ୍ଣ ବିଚାର ଓ ପ୍ରେରଣା ମଧ୍ୟରୁ ନିଜକୁ ଅପସାରିତ କରି ଆଣିବାକୁ ପଡ଼ିବ । କାରଣ ତାକୁ ହେବାକୁ ପଡ଼ିବ ପରମ ସମତାର ଏକ ପ୍ରତିରୂପ ।

ଯିଏ 'ପୂର୍ଣ୍ଣ ଯୋଗ'ର ସାଧକ, ତା'ର କର୍ମ ପଦ୍ଧତିରେ କୌଣସି ଉଚ୍ଚ ଆକାଙ୍କ୍ଷା ଓ କାମନାବାସନା ରହିବ ନାହିଁ । ତାକୁ ସମତା ପ୍ରତି ପ୍ରତିସ୍ପନ୍ଦନ ଜଣାଇବାକୁ ହେବ ତା' କର୍ମରେ । ସେ ଏକ ସତ୍ତାର ଗୋଟିଏ ଅଭିବ୍ୟକ୍ତି ବୋଲି ଅନୁଭବ କରିବ । ସେ ସେହି ବାହ୍ୟ ବସ୍ତୁମାନଙ୍କର ଗତିବିଧିରେ କ୍ରୁଦ୍ଧ, ବିକ୍ଷୁବ୍ଧ, ଅଧୀର ଓ ଉତ୍ତେଜିତ ହେବ ନାହିଁ ବା ସେଥିପ୍ରତି ଅତ୍ୟୁତ୍ସୁକତା ଦେଖାଇବ ନାହିଁ । ସେ ଜଣେ ପ୍ରକୃଷ୍ଟ ନିରୀକ୍ଷକର ଭୂମିକା ନେଇ ବାସ୍ତବ ଭୂମିକୁ ବୁଝିପାରିବ । ବସ୍ତୁ ଓ ତାଙ୍କର ବିକାଶ ମଧ୍ୟରେ ଥିବା ଅନ୍ତର୍ନିହିତ ତାତ୍ପର୍ଯ୍ୟ ଓ ଆଗାମୀର ସମ୍ଭାବନା ସେ ଜାଣିପାରିବ । ପରମସତ୍ତାଙ୍କ ପରମସାଧନମାନଙ୍କର ପ୍ରସ୍ତୁତିରେ କ୍ରିୟାରତ ଦିବ୍ୟକର୍ମୀମାନଙ୍କଠାରୁ ଏହା ଦାବି କରିବା ଯଥାର୍ଥ ।

ଆମେ ଏହି ଦୃଷ୍ଟି ଅବଲମ୍ବନ କଲେ ଅନୁଭବ କରୁ ବ୍ୟକ୍ତି ବିବର୍ତ୍ତନ କ୍ରମରେ ବ୍ୟବହୃତ ହେଉଥିବା ଏକ ନିମିତ୍ତ ମାତ୍ର । ବିବର୍ତ୍ତନର ପ୍ରଥମ ପର୍ଯ୍ୟାୟରେ ସେ ସଂଗ୍ରାମ ଓ ସଂଘର୍ଷର ମୁଖା ପିନ୍ଧି ଆବିର୍ଭୂତ ହୁଏ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ବିବର୍ତ୍ତନର ଆନୁକୂଲ୍ୟରେ ଏକ ସକ୍ରିୟ ବିଜ୍ଞତାପୂର୍ଣ୍ଣ ବ୍ୟକ୍ତିତ୍ୱ । ସେ ଉତ୍ତରୋତ୍ତର ଚେତନାରେ ବିକଶିତ ହୋଇ ବିଶ୍ୱଗତ ସୌଷମ୍ୟର ଗଭୀରତମ ସତ୍ୟକୁ ଗ୍ରହଣ କରିବାକୁ ବାଧ୍ୟ ହୋଇ ତତ୍ ସକାଶେ କାର୍ଯ୍ୟରତ ଏକ ନୂତନ ବ୍ୟକ୍ତିତ୍ୱ । ଏଣୁ ପରିପୂର୍ଣ୍ଣତାର ରୀତିକୁ ବିବର୍ତ୍ତନ ମଧ୍ୟରେ ରୂପ ଦେବା ପାଇଁ ଏକ ପରିପୂର୍ଣ୍ଣ ମାନବାତ୍ମାକୁ ସର୍ବଦା ଏକ ନିମିତ୍ତ ହେବାକୁ ପଡ଼ିବ ।

ପରମଙ୍କ କାର୍ଯ୍ୟରତ ଶକ୍ତିଶାଳିତା ପାଇଁ ସହାୟକ ହୁଏ ବ୍ୟକ୍ତିର ଅବିଚଳ ଏକତ୍ୱ, ସ୍ୱତନ୍ତ୍ରତା ଓ ପ୍ରଶାନ୍ତି । ପୂର୍ଣ୍ଣତ୍ୱପ୍ରାପ୍ତ ଆତ୍ମାର ଯାବତୀୟ କର୍ମରେ ମଧ୍ୟ ଏହି ରୀତି ଅନୁସୃତ । ଆମର ବର୍ତ୍ତମାନର ଅବ୍ୟବସ୍ଥିତ, ବିଶୃଙ୍ଖଳ, ଅସଂଖ୍ୟ ଦୋଷଯୁକ୍ତ, ଅଜ୍ଞାନାଚ୍ଛନ୍ନ କର୍ମଧାରା ମଧ୍ୟରେ ଶାନ୍ତି, ଶୃଙ୍ଖଳା ଓ ସତ୍ୟକୁ ତଥା ନିର୍ଦ୍ଦୋଷତାକୁ ପ୍ରତିଷ୍ଠିତ କରିବାକୁ ହେଲେ ଆମକୁ ମଧ୍ୟ ସତ୍ତାରେ ସମତାକୁ ଆବଶ୍ୟକ ସର୍ତ୍ତଭାବେ ଗ୍ରହଣ କରିବାକୁ ହେବ । ସ୍ୱରାଟ ଓ ସମ୍ରାଟ ହେବା ଆତ୍ମସିଦ୍ଧିର ଶ୍ରେଷ୍ଠ ଆକାଙ୍କ୍ଷା ମନୁଷ୍ୟ ଭୂମିରେ ବୋଲି କୁହାଯାଏ । ଏ ଦୁଇଟି ନିଜ ଆତ୍ମା ଉପରେ ଓ ପରିବେଶ ଉପରେ କର୍ତ୍ତୃତ୍ୱ ସ୍ଥାପନ କରେ । ଯଦି ବ୍ୟକ୍ତି ଆତ୍ମକ୍ଷେତ୍ରରେ ଅହଂ ପ୍ରଭାବରେ ଶତ ଶତ ଭାବନା, ଅନୁଭୂତି, କର୍ମ ମଧ୍ୟରେ ଯାବତୀୟ ରୁଚି, ଅରୁଚି, ଶୋକ-ଆନନ୍ଦ, ଅସତ୍ୟ, ପକ୍ଷପାତ ବିଚାରର ଅଧୀନ ହୋଇ ରହିଥାଏ ତେବେ ସେ ସ୍ୱରାଟ ନୁହେଁ । ଆବଶ୍ୟକ ତା'ର କ୍ଷୁଦ୍ର ଅହଂକୁ ତା'ର ବୃହତ୍ତର 'ମୁଁ' (ବ୍ରହ୍ମ ବା ଆତ୍ମା)ର ଅଧୀନ କରିବା । ଯେ ସ୍ୱରାଟ, ନିଜକୁ ଜୟ କରିଛି ସେ କେବଳ ସମ୍ରାଟ ହୋଇ ପାରେ, ନଚେତ୍ ନୁହେଁ । ସେହିଁ ସମଗ୍ର ପରିବେଶକୁ ନିୟନ୍ତ୍ରିତ କରିପାରେ । ଏପରି ଯେ ପାରେ, ସେ ସମତ୍ୱ ଲାଭ କରିଥାଏ । କାରଣ ସେ ଅଚଞ୍ଚଳ, ନିଷ୍ପକ୍ଷ ଓ ସର୍ବଶକ୍ତିଶାଳୀ । ସେ ଋତଂ ସତ୍ୟଂ ବୃହତ୍‌ର ହୋଇପାରିବ ଅନୁଶୀଳନକାରୀ । ଯୋଗର ଆଦର୍ଶ ଏହି ସ୍ୱରାଟ ଓ ସମ୍ରାଟ ଦୁଇ ଉପଲବ୍ଧ ସତ୍ୟକୁ ଉତ୍ତୋଳିତ କରି ତାକୁ ବୃହତ୍ତର ଆଧ୍ୟାତ୍ମିକ ଭୂମି ଉପରେ ପ୍ରତିଷ୍ଠିତ କରେ ।

କେବଳ ଆତ୍ମାର ଭୂମିରେ ନୁହେଁ ପ୍ରକୃତିର ଭୂମିରେ ମଧ୍ୟ ଏକ ପରିପୂର୍ଣ୍ଣ ସମତାର ଉପଲବ୍ଧିକୁ ଆତ୍ମପରିପୂର୍ଣ୍ଣତା

ଯୋଗର ଏକ ସର୍ତ୍ତ ବୋଲି ସ୍ୱୀକାର କରିବାକୁ ହେବ । ବିବିକ୍ତ ପୁରୁଷର ତ ସମତ୍ୱ ଆବଶ୍ୟକ, ସେହି ସମତ୍ୱକୁ ଏବେ ସଞ୍ଚାରିତ କରିବାକୁ ହେବ ବ୍ୟବହାରିକ ଜୀବନରେ, ଆପଣାର ପ୍ରକୃତିରେ । ଆମକୁ ସମତ୍ୱକୁ ପ୍ରତିଷ୍ଠିତ କରିବାକୁ ହେବ ସଂକଳ୍ପରେ ଓ ଭାବନାରେ । କାମନା-ବାସନା ହେଲା ପ୍ରାଣର ଧର୍ମ । ଆମେ ଜାଣୁ ଶୁଦ୍ଧି ଦ୍ୱାରା ତା'ର ମୁକ୍ତି ଘଟେ । ଯଦି ଏପରି ମୁକ୍ତି ମିଳେ ତା'ର ପରିଣାମରେ ମିଳେ ସମତ୍ୱ । ସମତ୍ୱ ଆକାଶବତ୍ ଚେତନା । ଆକାଶ କ'ଣ ରୌଦ୍ର ବା ମେଘ ଚାହେଁ ? ତଥାପି ଆକାଶରେ ସେସବୁ ଦୃଶ୍ୟମାନ । ଆକାଶ ତହିଁରେ ନିର୍ବିକାର । ସେମାନଙ୍କଠାରୁ ସେ ଅନୁରାଗ ଓ ବିରାଗମୁକ୍ତ । ସଂସାରର ସୁଖ-ଦୁଃଖ, ଭଲ-ମନ୍ଦ, ଅନୁରାଗ-ବିରାଗ, ଶୁଭ-ଅଶୁଭ ସବୁକିଛି ଲିଭିଯାଏ ସେଇ ଆକାଶ ଚେତନାରେ । ଏ ଅବସ୍ଥାରେ କ୍ରିୟାମାନଙ୍କର ପ୍ରତିକ୍ରିୟା ନାହିଁ । ଅଧିକାର ଲାଭ ହେଲା ପ୍ରାଣର କାର୍ଯ୍ୟ । ଏହି ଅଧିକାର ଲାଭ ଦ୍ୱାରା ଆତ୍ମା ବସ୍ତୁଗୁଡ଼ିକର ଉପଭୋଗ କରିବାକୁ ସମର୍ଥ ହୁଏ । କିନ୍ତୁ 'ତେନ ତ୍ୟକ୍ତେନ ଭୁଞ୍ଜୀଥାଃ' – ଏହାର ଅର୍ଥ ହେଲା କାମନାବାସନା, ଅଧିକାର ଲାଭର ଅହଂକାରମୟ ଭାବଟିକୁ ଛାଡ଼ି ଆସିପାରିଲେହିଁ ଆତ୍ମା ଆପଣା ସତ୍ତାର ତଥା ବିଶ୍ୱର ଶୁଦ୍ଧ ଉପଭୋଗ କରିପାରିବ ।

ମୁକ୍ତ ହୃଦୟ କହିଲେ ଆମେ ଯାବତୀୟ ଭାବ ଓ ଭାବୋଚ୍ଛାଟନର ବାତ୍ୟା ଓ ଝଞ୍ଜାହୀନ ହୃଦୟକୁ ବୁଝୁ । ଏଇ ହୃଦୟ ସମତା ଉପଲବ୍ଧି କରିଥାଏ । ଏଥିରେ ଦୁଃଖ, କ୍ରୋଧ, ଘୃଣା, ଭୟର ସଂକ୍ରମଣ ନଥାଏ । ଏହା ପ୍ରେମ ଜନିତ ଅସାମ୍ୟତା, ହର୍ଷଜନିତ ବିକ୍ଷୋଭଠାରୁ ଦୂରରେ । ହୃଦୟ ଏଠାରେ ବିଶାଳ, ପ୍ରଶାନ୍ତ, ସମତାଯୁକ୍ତ,ସନ୍ଦୀପିତ ଓ ଦିବ୍ୟ । ହୃଦୟ ମଧ୍ୟରେ ସମତାର ଦୃଢ଼ସ୍ଥିତି ପ୍ରତିଷ୍ଠିତ ହେଲେ, ଆମେ ଆମ ସତ୍ତାର ଉପରିଭାଗର ବିକ୍ଷୁବ୍ଧ କାମନା-ବାସନାର ଆତ୍ମା ମଧ୍ୟରୁ ମୁକ୍ତ ହୋଇଯାଉ ଏବଂ ସତ୍ତାର ଗଭୀରତମ ମନ୍ଦିରର ଦ୍ୱାରମାନ ଖୋଲି ଦେଇପାରୁ । ଏହା ଫଳରେ ଯେଉଁ ପରିପୂର୍ଣ୍ଣତା ପ୍ରାପ୍ତ ହୁଏ ତହିଁରୁ ପ୍ରକଟିତ ହୁଏ ଏକ ଆଧ୍ୟାତ୍ମିକ, ମୁକ୍ତ, ସୁଖମୟ, ସମତାଯୁକ୍ତ, ଅହଂହୀନ, ସର୍ବପ୍ରେମୀ ହୃଦୟ ।

ଆମ ହୃଦୟର ଅଶୁଦ୍ଧତା ଓ ଅଶୁଦ୍ଧ କ୍ରିୟା ପାଇଁ ଦାୟୀ ଆମର ଅହଂବୋଧ, ଯିଏ ଆମକୁ ଏକ ପୃଥକ୍ ଓ ବିଚ୍ଛିନ୍ନ ସତ୍ତା ରୂପେ କ୍ରିୟାଶୀଳ ହେବାକୁ ପ୍ରବର୍ତ୍ତିତ କରେ । କିନ୍ତୁ ଆମର ସକଳ ଭୂମିରେ – ଆତ୍ମସତ୍ତା, ବିଶ୍ୱସତ୍ତା ଓ ବିଶ୍ୱାତୀତ ସତ୍ତାରେ ଆମେ ଯେବେ ପରମଦିବ୍ୟତା ସହ ଏକୀଭୂତ ହୋଇଯାଉ, ତେବେ ହୃଦୟ ସକଳ ଅଶୁଦ୍ଧ କ୍ରିୟାରୁ ସ୍ୱତଃ ମୁକ୍ତ ହୋଇଯାଏ । ପୁନଶ୍ଚ ଅନ୍ତରସ୍ଥ ପରମସତ୍ତା ବାହାରୁ ଆସୁଥିବା ସକଳ ଅଶୁଦ୍ଧତାକୁ ଦିବ୍ୟତାରେ ରୂପାନ୍ତରିତ କରିଦିଏ । ହୃଦୟ ମଧ୍ୟରେ ସମତା ଉପଲବ୍ଧିର ଏହା ଫଳ । ଏହି ସମତାର ସିଦ୍ଧିରେ ହୃଦୟକୁ ବୈରାଗ୍ୟ ପ୍ରେରିତ ହୋଇ ଜଡ଼ପ୍ରାୟ କରିବାର ଆବଶ୍ୟକତା ନାହିଁ । କାରଣ ଏହା ସଂବେଗମୟ ପ୍ରକୃତିର ଦିବ୍ୟରୂପାନ୍ତର, ଏହା ତା'ର ସଂହାର ନୁହେଁ ।

ଏହି ଦୃଷ୍ଟିରୁ ପ୍ରେମର ସଂହାର ହେବ ନାହିଁ ।

ଏହା ଆପଣାର ପରିବ୍ୟାପ୍ତତମ ସାମର୍ଥ୍ୟ ମଧ୍ୟକୁ ପ୍ରସାରିତ ହୋଇଯିବ; ଯେଉଁଠି ପ୍ରେମ ରୂପାନ୍ତରିତ ଚିଦ୍‌ଗତ ଉଲ୍ଲାସମୟ ଗଭୀରତାରେ । ସେ ହୋଇଯିବ ଭଗବତ୍ ସତ୍ତା ଓ ଶକ୍ତି । ଏଇ ସ୍ଥିତିରେ ଦୁଃଖର ଆଦୌ ସ୍ଥାନ ରହିପାରିବ ନାହିଁ, ତାହାର ସ୍ଥାନ ପୂରଣ କରିବ ବିଶ୍ୱାତ୍ମକ ସମତାଯୁକ୍ତ ସହାନୁଭୂତି । ମୁକ୍ତ ଆତ୍ମା ପାଇଁ କ୍ରୋଧ ଓ ଘୃଣାର ସ୍ଥାନ ରହିବ ନାହିଁ । କିନ୍ତୁ ପରମସତ୍ତାର କ୍ରୋଧ ଓ ଘୃଣା ମୁକ୍ତ ମହାରୁଦ୍ର ଶକ୍ତି ଆବଶ୍ୟକ ସ୍ଥଳରେ ଯୁଦ୍ଧ କରିପାରିବ, ଧ୍ୱଂସ କରିପାରିବ । ଏହି ଶକ୍ତି ତା' ମଧ୍ୟରେ ନିହିତ ରହିପାରେ, ସେ ଯାହା ଧ୍ୱଂସ କରେ, ତା' ଯେ ନିଜର ଅଂଶ ଏ ସମ୍ପର୍କରେ ସଚେତନ ରହିଥାଏ ଓ ଧ୍ୱଂସପ୍ରାପ୍ତ ବସ୍ତୁ ସକଳ ପ୍ରତି ତା'ର ତଥାପି ସହାନୁଭୂତି ରହିଥାଏ । ଏହା ଏକ ପରିପୂର୍ଣ୍ଣ ସମତାର ଫଳ ।

କେବଳ ଆନ୍ତରସତ୍ତାରେ ସମତା ନୁହେଁ ଆମ ବ୍ୟକ୍ତିତ୍ୱର ସକଳ ସତ୍ତାରେ ସମତା ପ୍ରତିଷ୍ଠିତ କରିବାକୁ ହେବ । କେତେକ ଆବେଗ ଓ ନିମ୍ନତର ପ୍ରକୃତିର ବୋଲମାନି ଆମ ମଧ୍ୟରେ ଏବେ କ୍ରିୟା ଚାଲିଛି । ଏଣୁ ମାନବୀୟ ବୁଦ୍ଧି ଓ ଦୁର୍ବୁଦ୍ଧି, ପାପ-ପୁଣ୍ୟ, ମାନ-ଅପମାନ, ଉଚ୍ଚ-ନୀଚ, ଲୋକଗୃହୀତ-ଲୋକପ୍ରତ୍ୟାଖ୍ୟାତ ଯେଉଁ ସତତ ପରିବର୍ତ୍ତନଶୀଳ ମାନଦଣ୍ଡକୁ ଧରି ଆମ ମଧ୍ୟରେ ଆତ୍ମ-ପ୍ରଶଂସା, ଆତ୍ମନିନ୍ଦା, ଆତ୍ମପବିତ୍ରତା, ଆତ୍ମଘୃଣା, ଅନୁତାପ, ଲଜ୍ଜା, ନିରାଶା ଆଦିର ଆବିର୍ଭାବ ଘଟୁଛି, ତାହାକୁ ଆମେ ସମ୍ପୂର୍ଣ୍ଣ ବ୍ୟର୍ଥ କହିପାରିବା ନାହିଁ । ଏସବୁ ଆମର ବର୍ତ୍ତମାନର ଆଧ୍ୟାତ୍ମିକ ବିବର୍ତ୍ତନରେ ବ୍ୟବହୃତ ହେଉଛନ୍ତି । ମାତ୍ର ଉଚ୍ଚତର ପରିପୂର୍ଣ୍ଣତାରେ ଆଗ୍ରହୀ ସାଧକ ଏଥିରେ ବାନ୍ଧି ହୋଇଯିବ ନାହିଁ । ଏ ଦ୍ୱୈତତାକୁ ତାକୁ ପରିହାର କରିବାକୁ ହେବ । ସେ ସବୁକୁ ସମ ଦୃଷ୍ଟିରେ ଦେଖିବାରେ ସମର୍ଥ ହେବ । ସେତେବେଳେ ସେ ସମତାର ଏପରି ଅବସ୍ଥାରେ ପହଞ୍ଚ୍

ପାରିଥିବ, ଯେଉଁଠାରେ କି ତା'ର ଶକ୍ତି ଓ ଇଚ୍ଛା ଦିବ୍ୟ-କ୍ରିୟାତ୍ମକତାର ଏକ ବୃହତ୍ତର ଶାନ୍ତ ଓ ନିଷ୍ପକ୍ଷ ସାଧନରେ ପରିଣତ ହୋଇ ସାରିଥିବ, ଏଥିରେ ଅହଂର ମୋଟେ ହସ୍ତକ୍ଷେପ ନଥିବ। ଯେବେ ସଂକଳ୍ପ କ୍ଷେତ୍ରରେ ପରିପୂର୍ଣ୍ଣ ସମତା ପ୍ରତିଷ୍ଠା ସମ୍ଭବ, ତେବେ ନିମ୍ନତର କର୍ମାବେଗର ଗଣ୍ଠିମାନ ସ୍ୱତଃ ଛିଣ୍ଡିଯିବ। ଏ ଅବସ୍ଥାରେ ନିମ୍ନତର ଆବେଗ ସ୍ୱତଃ ପ୍ରତ୍ୟାଖ୍ୟାତ ଓ ସତ୍ତା ଉଚ୍ଚତର ଆଲୋକ ଦିଗରେ ଆସ୍ପୃହାଶୀଳ। ଯେବେ ଏହି ଊର୍ଦ୍ଧ୍ୱ ଗତିରେ ଅତିମାନସ ସହ ସଂଯୋଗ ସ୍ଥାପିତ ହେବ ତେବେ ଏହା ବ୍ୟକ୍ତିର ଗତିଶୀଳ ପ୍ରକୃତିରେ ମଧ୍ୟ ରୂପାନ୍ତର ଘଟାଇବ। ସଂବେଗଗତ ଓ ପ୍ରାଣିକ ପ୍ରକୃତି ପରି ସେ ସବୁର ଅଧ୍ୟାତ୍ମମୟ ରୂପାନ୍ତର ସେତେବେଳେ ସମ୍ଭବ ହେବ।

ଏହି ନୂତନ କ୍ରିୟା ଭୂମିରେ ସାଧନଗୁଡ଼ିକର ଉତ୍ଥାନ-ପତନ ଲାଗି ରହିପାରେ କିନ୍ତୁ ସମତା ଲାଭ କରିଥିବା ଓ କରି ଚାଲୁଥିବା ଆତ୍ମା ଏଥିରେ ଅବିଚଳିତ ରହିବ ଓ ଆଧ୍ୟାତ୍ମିକ ଅଗ୍ରଗତି ପଥରେ ଅହରହ ସ୍ଥିତି ବଜାୟ ରଖିପାରିବ। କାରଣ ସୁଦୃଢ଼ ଅବିଚଳ ତା'ର ବିଶ୍ୱାସ। ଗୀତାର ବାଣୀରେ – ''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ''– (୧୮-୬୬) ସବୁ ଛାଡ଼ି ମୋର ଶରଣରେ ରହିଥାଅ, ମୁଁ ତୋତେ ସବୁ ପାପ-ପୁଣ୍ୟରୁ ମୁକ୍ତ କରିବି – ଏହା ଭଗବାନଙ୍କର ପ୍ରତିଶ୍ରୁତି। ଏବେ ସାଧକ ପାଇଁ ଏହା ବେଦବାକ୍ୟ – ଏକମାତ୍ର ଗ୍ରହଣୀୟ।

ପ୍ରକୃତିର ସମତା ଅର୍ଥ ପ୍ରାଣ, ହୃଦୟ ଆଉ କାମନା-ବାସନାର ସମତା। ପୁରୁଷର ସମତା ଅର୍ଥ ବୁଦ୍ଧି ଓ ମନର ସମତା। ବୁଦ୍ଧି କ'ଣ ? ''ନିଶ୍ଚୟାତ୍ମିକାନ୍ତଃକରଣବୃତ୍ତିଃ''। ମନ କ'ଣ ? ''ସଂକଳ୍ପବିକଳ୍ପାତ୍ମିକାନ୍ତଃକରଣବୃତ୍ତିଃ'' (ବେଦାନ୍ତ ସାର)। ନିଶ୍ଚୟାତ୍ମିକା ଅନ୍ତଃକରଣ ବୃତ୍ତିର ନାମ ବୁଦ୍ଧି। ସଂକଳ୍ପ ବିକଳ୍ପାତ୍ମିକା ଅନ୍ତଃକରଣ ବୃତ୍ତିର ନାମ ମନ। ଏହାକୁ ସଂଶୟାତ୍ମିକା ଅନ୍ତଃକରଣ କୁହାଯାଏ। ଏକ ଅନ୍ତଃକରଣକୁ ନିଶ୍ଚୟ, ସଂଶୟ, ସ୍ମରଣ ଓ ଅହଂକାର ବୃତ୍ତି ଭେଦରେ ଭିନ୍ନ ଭିନ୍ନ ନାମ ଦ୍ୱାରା ନିର୍ଦ୍ଦେଶିତ କରାଯାଏ। ମନ ସଂକଳ୍ପ ବିକଳ୍ପ ଭାବନା କରିଥାଏ। ତା'ର ଭାବନା ମଧ୍ୟରେ ଥାଏ ସ୍ମୃତି ଓ କଳ୍ପନା। ଆପଣାର ସଂସ୍କାର, ଅଭ୍ୟାସ ଆଉ ପୌନଃପୁନିକତାର ତରଙ୍ଗରେ ସେ ତରଙ୍ଗାୟିତ। ଏଣୁ ମତ ବାରଂବାର ପରିବର୍ତ୍ତିତ ହୁଏ। ସେ ନିଜ ମତକୁ ଶେଷରେ ଜାବୁଡ଼ି ଧରେ। ମନକୁ ତା'ର ଏଇ ମୋହରୁ ମୁକ୍ତି ଆବଶ୍ୟକ। ମନ ବାସ୍ତବରେ କିଛି ଠିକ୍ ଭୁଲ୍ ଜାଣେ ନାହିଁ କିନ୍ତୁ ଜାଣିବାକୁ ସେ ଚାହେଁ। ଏଇ ଆସ୍ପୃହା ତା'ର ପ୍ରକୃତ ଧର୍ମ, ଅବିଦ୍ୟାରୁ ତା'ର ଗତି ବିଦ୍ୟା ଦିଗରେ। କିନ୍ତୁ ତା'ର ଗତି ଧୀର ଓ ମନ୍ଥର। ଏଇ ଧୀର ଗତିରେ ସେ ପାଏ କ୍ରମାଲୋକିତ ପଥ। ତଥାପି ଆଲୋକର ଶୀର୍ଷ ଭୂମିରେ ସେ ପହଞ୍ଚିପାରିବ କି ନାହିଁ ଏଥିରେ ତା'ର ଥାଏ ସନ୍ଦେହ। ସେ ଏକଦିଗଦର୍ଶୀ, ଏହା ତା'ର ସ୍ୱଭାବର ପ୍ରଧାନ ବାଧା। ତା' ଜାଣିବା ମଧ୍ୟରେ ସତ୍ୟ ଓ ମିଥ୍ୟାର ବିବାଦ ଦେଖାଦିଏ। ଏହାରି ଫଳରେ ଅନୁଭୂତିର ତୁଙ୍ଗିମାରେ ମନର ଏଇ ଦ୍ୱୈତ ବୃତ୍ତିର ସଂସ୍କାର ସତ୍ୟର ମୁଖାବୃତ କରେ – ହିରଣ୍ମୟ ପାତ୍ର ଆବୃତ ହୁଏ। କାରଣ ଆମ ମନୋଭୂମିର ମୂଳ ଭିତ୍ତି ରୂପେ ବୁଦ୍ଧି ପ୍ରେରିତ ଅଭିରୁଚି, ବିଚାର, ମତାମତ, କଳ୍ପନା, ସ୍ମୃତିର ସୀମାବଦ୍ଧକାରୀ ସଂସ୍କାର ପ୍ରତି ଆମେ ଆସକ୍ତ। ଏହା ଏକମାତ୍ର ସତ୍ୟ ବୋଲି ମନେ କରୁ। ତାହାହିଁ ମନୋଭୂମିର ମୂଳଦୁଆ ହୋଇ ରହିଛି। ତା'ରି ଅଭ୍ୟାସର ଦାସ ହୋଇ ମନ ସେ ସବୁର ପୁନରାବୃତ୍ତି କରି ଚାଲିଛି। ଆମେ ଆମ ପ୍ରୟୋଜନଧର୍ମୀ ମନର ଅତ୍ୟାଗ୍ରହ ପ୍ରତି ଆସକ୍ତ ହୋଇପଡ଼ୁଛୁ। ଏସବୁକୁ ସମତାଯୁକ୍ତ ଦୃଷ୍ଟିର ପ୍ରଭୁତାକୁ ସ୍ୱୀକାର କରିବାକୁ ହେବ। ମନକୁ ଏକ ସମତାଯୁକ୍ତ ଜ୍ୟୋତିଃପ୍ରେରିତ ଅତିକ୍ରମଣ ଦ୍ୱାରା ସମସ୍ତ ଦ୍ୱୈତ ବୋଧରୁ ଊର୍ଦ୍ଧ୍ୱକୁ ଉନ୍ନୀତ ହେବାକୁ ପଡ଼ିବ। ମନର ପ୍ରତ୍ୟକ୍ଷ ଜ୍ଞାନ ନଥାଏ, ସେ ଅନ୍ଧ ଭଳି ଅଣ୍ଡାଳି ଚାଲିଥାଏ। ଏବେ ସେ ସତ୍ୟକୁ ପ୍ରତ୍ୟକ୍ଷ କରିବାକୁ ଜାଣିବ। ସେ ମଧ୍ୟ ଆପଣାର ଲବ୍ଧଜ୍ଞାନ ମଧ୍ୟରେ ଆବଦ୍ଧ ହୋଇ ରହିବ ନାହିଁ। ଭାବନାଶୀଳ ମନର ଏହି ପୂର୍ଣ୍ଣ ସମତାଭାବ ଅପରିହାର୍ଯ୍ୟ ସର୍ବୋଚ୍ଚ ଆଲୋକ ଉପଲବ୍ଧି ପାଇଁ। ଅତିମାନସ ଜ୍ୟୋତିଃର ଅବତରଣ ନଘଟିବା ଯାଏ ସମ୍ପୂର୍ଣ୍ଣ ସମତ୍ୱ ଉପଲବ୍ଧି ସମ୍ଭବ ନୁହେଁ।

କିନ୍ତୁ ମନରେ ଅତିମାନସର ଅବତରଣ ହେବା ପାଇଁ ବୁଦ୍ଧିର ସମତା ବି ଆବଶ୍ୟକ। ବ୍ୟାବହାରିକ ବୁଦ୍ଧି ମନ ସଙ୍ଗେ ଜଡ଼ିତ। ଏଠି ସେ ବୁଦ୍ଧିର କଥା ଉଠୁ ନାହିଁ, ଆମର ବୋଧିଚାଳିତ ବୁଦ୍ଧିର ବିଷୟ ଏଠାରେ ଆଲୋଚ୍ୟ। ଏହା ତତ୍ତ୍ୱଦର୍ଶୀ। ତଟସ୍ଥତା ଓ ପରିବ୍ୟାପ୍ତିତ୍ୱ ଏହାର ସହଜ ଧର୍ମ।

ଆମେ ଜାଣୁ ବ୍ରହ୍ମର ଦୁଇଟି ଦଳ – ପୁରୁଷ ଓ ପ୍ରକୃତି। ଦୁଇଟି ଦଳର ସମତା ସମ୍ପର୍କରେ ଆଲୋଚନା କରି ସାରିଛୁ। ଏଇ ସମତ୍ୱ ଦିଏ ସାଧକକୁ 'ସମଂ ବ୍ରହ୍ମ'। ଏହା ଅଖଣ୍ଡ

ସଚ୍ଚିଦାନନ୍ଦର ସମତ୍ୱ । ଏହା ସ୍ୱୟମ୍ଭୂ ଅନନ୍ତ ସତ୍ତାର ସମତ୍ୱ, ଯାହାର ପ୍ରଶାନ୍ତ ନିବିଡ଼ତା ଦେହ, ପ୍ରାଣ, ହୃଦୟର ସଂକଳ୍ପ ଓ ମନକୁ କରିପାରେ ଚିଦ୍‌ଘନ । ଏଇଠି ପ୍ରକଟିତ ଆନନ୍ଦ, ଚିନ୍ମୟ ପୁରାଣୀ ପ୍ରଜ୍ଞାର ମୁକ୍ତଧାରା । ଏହା ହେଉଛି ଦିବ୍ୟତପଃର ସମତା, ଏହା ସମଗ୍ର ପ୍ରକୃତିରେ ଦିବ୍ୟସଂକଳ୍ପର ଜ୍ୟୋତିର୍ମୟ କ୍ରିୟାକୁ ଆରମ୍ଭ କରିବ । ଏହା ଦିବ୍ୟ-ଆନନ୍ଦର ସମତ୍ୱ । ଏହି ସମତ୍ୱରେ ଅନୁଭୂତ ହୁଏ ବିଶ୍ୱପ୍ରେମ ଓ ବିଶ୍ୱାନନ୍ଦ ଏବଂ ବିଶ୍ୱସୌନ୍ଦର୍ଯ୍ୟ । ପରମ ଅନନ୍ତଙ୍କର ସମତାପୂର୍ଣ୍ଣ କ୍ରିୟା ଜଗତର ଯାବତୀୟ ସମ୍ବନ୍ଧ ଉପରେ କାର୍ଯ୍ୟକାରୀ ହୋଇପାରିବାହିଁ ମୁଖ୍ୟ କଥା । ତତ୍ ସହ ତାଙ୍କ ଶକ୍ତିର ଅବିକ୍ଷୁବ୍ଧ ପ୍ଲାବନ ସମ୍ଭବ ହେବ । ପୂର୍ଣ୍ଣଯୋଗର ଭାଷାରେ ଏହା ସମତାର ପ୍ରକୃତ ଅର୍ଥ ବୋଲି ଆମେ ବୁଝୁ । ଏହାହିଁ ପ୍ରକାଶିତ କରିପାରେ ଅକାମହତ ତପଃଶକ୍ତିର ସମତ୍ୱ ଯାହାଠାରୁ ବିଚ୍ଛୁରିତ ପ୍ରଭାସ୍ୱର ସତ୍ୟ ସଂକଳ୍ପର ସାବିତ୍ରୀ ଦ୍ୟୁତି ଓ ପରମାନନ୍ଦର ସମତ୍ୱ, ଯାହା ଅନିର୍ବଚନୀୟ । ଉପସଂହାରରେ ଆମେ ମୂଳ ପୁସ୍ତକ '*The Synthesis of Yoga*'ର ଭାଷାରେ କହିବୁ ଏ ସମତା କ'ଣ ? "The ideal equal peace and calm of the Infinite will be the wide ether of our perfected being, but the ideal, equal and perfect action of the Infinite through the nature working on the relations of the universe will be the untroubled outpouring of its power in our being. This is the meaning of equality in the terms of the Integral Yoga."

(The Synthesis of Yoga, p. 708)

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

For enquiry and Home Delivery contact: Kanti Enterprises, Bhubaneswar
PH: 7894465420 / 7894465416
Buy online at www.ayurlabsindia.com/indshop

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଅବଚେତନ ଭିତରେ ଅସ୍ଥିରତା

## ମାଧବ ପଣ୍ଡିତ

ଆମ ଅଧିକାଂଶଙ୍କ ଭିତରେ ସବୁବେଳେ କୌଣସି ନା କୌଣସି ଅସ୍ଥିରତା ଲାଗି ରହିଥାଏ । ଆମ ଚେତନାର ସ୍ୱାଭାବିକ ଜାଗ୍ରତ୍ ଅବସ୍ଥାରେ ଏହା ହୁଏତ ଅନୁଭୂତ ହୋଇ ନପାରେ । କିନ୍ତୁ ଦୈନନ୍ଦିନ ଜୀବନର ଅଭ୍ୟସ୍ତ ଛନ୍ଦରେ ସାମାନ୍ୟତମ ବିଶୃଙ୍ଖଳା ସୃଷ୍ଟି ହେଲେ, ଆମ ଭିତରେ କିଛି ଗୋଟାଏ ଥରିଉଠେ । ଏକ ସ୍ନାୟବିକ ସ୍ପନ୍ଦନ ସୃଷ୍ଟି ହୁଏ । ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଶଙ୍କା ଉପୁଜେ । ଆମେ ଯେଉଁ କାମ କରିବାକୁ ବାହାରିଛୁ, ତାହା ସମ୍ପୂର୍ଣ୍ଣ କରିପାରିବୁ ନା ନାହିଁ, ଆମର ବିଳମ୍ବ ହୋଇଯିବ ନାହିଁ ତ, ଅନ୍ୟମାନଙ୍କର ପ୍ରତିକ୍ରିୟା କିଭଳି ହେବ – ଏପରି ଅନେକ କଥାକୁ ନେଇ ଏକ ଭୟ ଆମ ଭିତରେ ରହିଥାଏ । କିଂବା କୌଣସି ହାନିକାରକ ଘଟଣା ବିଷୟରେ ଏକ ଭୟ ପ୍ରଚ୍ଛନ୍ନ ଭାବରେ ରହିଥାଏ । ବଞ୍ଚିରହିବା ଲାଗି ଆମ ଭିତରେ କେଉଁଠି ଏକ ନିରବଚ୍ଛିନ୍ନ ଉଦ୍‌ବେଗ ରହିଥାଏ । ଆମ ଜୀବନ ପ୍ରତି ବିପଦର ସାମାନ୍ୟତମ ଆଶଙ୍କା ସୃଷ୍ଟି ହେଲେ, ତାହା ଆମ ଭିତରେ ବିକ୍ଷୋଭ ଭରିଦିଏ । ଏପରିକି ଯେଉଁମାନେ ସାଧାରଣତଃ ଖୁବ୍ ସ୍ଥିର ରହିଥା'ନ୍ତି ଏବଂ ନେତିମୂଳକ ଭାବନା ପ୍ରତି ପ୍ରବୃତ୍ତ ହୋଇ ନଥା'ନ୍ତି, ସେମାନେ ମଧ୍ୟ ଦେଖନ୍ତି ଯେ ସେମାନଙ୍କ ସ୍ନାୟବିକ ସତ୍ତା ଭିତରେ କୌଣସି ବିଶୃଙ୍ଖଳା ରହିଛି । ଶରୀର ନିଜେ ବିପଦସୂଚକ ବାର୍ତ୍ତା ପ୍ରେରଣ କରୁଛି । ଯେଉଁମାନେ ସ୍ୱଭାବତଃ ଦୁର୍ବଳ, ସେମାନେ ଭୟର ଶିକାର ହୋଇ ପରିସ୍ଥିତିକୁ ଅଧିକ ଖରାପ କରି ପକାନ୍ତି । ଯେଉଁମାନଙ୍କ ସ୍ନାୟବିକ ଶକ୍ତି ସୁଦୃଢ଼ ସେମାନେ ମଧ୍ୟ ନିଜ ଭିତରେ କୌଣସି ଏକ କୋଣ ଦେଖନ୍ତି ଯାହାକି କ୍ଷୟକାରୀ ପ୍ରବାହ ସୃଷ୍ଟି କରୁଥାଏ ।

ଏପରି ହେବାର କାରଣ ହେଉଛି ଆମର ଏଇ ପୃଥିବୀ ତଥାପି ଏକ ମୃତ୍ୟୁପୁରୀ ହୋଇ ରହିଛି ଯାହାକି ଜୀବନ ଦ୍ୱାରା ଆଘାତପ୍ରାପ୍ତ ହେଉଛି । ଜୀବନ ଆନକ ସୀମିତତା ଦ୍ୱାରା ଭାରାକ୍ରାନ୍ତ ଏବଂ ଏହା ଅନବରତ ଗ୍ରାସିତ ହେବାର ଆଶଙ୍କାରୁ ରକ୍ଷା ପାଇବା ପାଇଁ କଠିନ ପ୍ରୟାସ କରୁଛି । ବିଶେଷ କରି ଜୀବନର ବ୍ୟଷ୍ଟିଗତ କ୍ଷେତ୍ରରେ ଏପରି ହୋଇଥାଏ । ପ୍ରାଣର ବିଶ୍ୱସମୁଦ୍ରଠୁ ବସ୍ତୁତଃ ଏକ ବିଚ୍ଛିନ୍ନତା ସୃଷ୍ଟି ହୋଇଥାଏ । ପ୍ରତ୍ୟେକ ରୂପ ମଧ୍ୟରେ ପ୍ରାଣ ବିଖଣ୍ଡିତ ଅବସ୍ଥାରେ ଥାଏ ଏବଂ ତା'ର ଅସ୍ତିତ୍ୱ କ୍ଳେଶପ୍ରାପ୍ତ ହେଉଥାଏ । ଆହୁରି ମଧ୍ୟ, ପ୍ରତ୍ୟେକ ବ୍ୟଷ୍ଟିପ୍ରାଣ ତା'ର ରୂପ ପ୍ରତି ଆସକ୍ତ ହୋଇଥାଏ ଏବଂ ପ୍ରତ୍ୟେକ ସଂସ୍ପର୍ଶ ଓ ପ୍ରତ୍ୟେକ ପ୍ରଭାବକୁ ତା'ର ଅସ୍ତିତ୍ୱ ପ୍ରତି ଏକ ଏକ ବିପଦ ରୂପେ ବିବେଚନା କରୁଥାଏ । ଏହା ତା'ର ନିଜର ବିଶାଳତର ସୀମା, ବିଶ୍ୱଗତ ପ୍ରାଣର ସଂସ୍ପର୍ଶଠାରୁ ମଧ୍ୟ ନିଜକୁ ସଙ୍କୁଚିତ କରି ଆଣେ । ଏହା ନିଜକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରେ, ନିଜକୁ ଅଧିକ ଭଲ ଭାବରେ ସୁରକ୍ଷା ପ୍ରଦାନ କରିବାକୁ ନିଜର କ୍ଷେତ୍ରକୁ ସଂକୀର୍ଣ୍ଣ କରିପକାଏ । ସୁତରାଂ ପ୍ରାଣର କୋଷ ମଧ୍ୟରେ ବି ଅବିରତ ଏକ ଅସ୍ଥିରତା ଲାଗି ରହିଥାଏ ।

ଜୀବନର ଏହି ସୀମିତତା ଏବଂ ଏହାର ଆନୁଷଙ୍ଗିକ ସମସ୍ୟା ଯଥା : ବାସନା, ଅସମର୍ଥତା ଓ ମୃତ୍ୟୁ ଆମର ବର୍ତ୍ତମାନର ଅଜ୍ଞାନମୟ ଅସ୍ତିତ୍ୱର ବିଶେଷ ଲକ୍ଷଣ । ଜୀବନର ଉପଭୋଗ ବିଷୟରେ ଅଧିକ ନିଶ୍ଚିତ ହେବା ପାଇଁ ଆମେ ଆପଣାକୁ ଦୃଢ଼ଭାବରେ ପ୍ରତିଷ୍ଠିତ କରିବାକୁ ଚାହୁଁ, ଆପଣାର ଅଭ୍ୟୁଦୟ ଘଟାଇବାକୁ ଚାହୁଁ । କିନ୍ତୁ ଆମେ ଦେଖିବାକୁ ପାଉ ଯେ ଆପଣାର ଇଚ୍ଛା ପୂରଣ କରିବା ପାଇଁ ଆମର ସାମର୍ଥ୍ୟ ଯଥେଷ୍ଟ ନୁହେଁ । ସବୁଦିଗରୁ ପ୍ରତିରୋଧ ଆସିଥାଏ; ଅନ୍ୟ ପ୍ରାଣ-ଏକକଗୁଡ଼ିକରୁ ପ୍ରତିରୋଧ ଆସେ; ଆଉ ପାର୍ଥିବ ପ୍ରକୃତି ଯାହାର କି ଉତ୍ତରୋତ୍ତର ବିକାଶ ଘଟାଇବା ପାଇଁ ନିଜସ୍ୱ ଉପାୟ ରହିଛି, ତା'ର ପ୍ରତିରୋଧ ବିଷୟ କହିବା ତ ଅନାବଶ୍ୟକ । ଏହି ନିରବଚ୍ଛିନ୍ନ ସଂଘାତ ଓ ସଂଘର୍ଷର ପରିଣାମସ୍ୱରୂପ କୌଣସି ଏକ ପର୍ଯ୍ୟାୟରେ ପ୍ରାଣ ଶକ୍ତିର ବିଫଳତା ସୃଷ୍ଟି ହୁଏ ଏବଂ ତଦ୍ୱାରା ମୃତ୍ୟୁ ଘଟେ ।

ଏହି ମୃତ୍ୟୁ ଭୟ ସକଳ ପ୍ରକାର ଆଶଙ୍କା, ଅସ୍ଥିରତା ଓ ଉଦ୍‌ବେଗର ମୂଳରେ ରହିଛି । ଏପରିକି ଯଦି ଆମ ସତ୍ତାର ଜାଗ୍ରତ୍ ଅବସ୍ଥାରେ ଏହା ସ୍ପଷ୍ଟ ଭାବରେ ନଥାଏ, ସେତେବେଳେ ବି ଏହା ଅବଚେତନାର ସ୍ତରରେ ବର୍ତ୍ତମାନ ରହିଥାଏ । ସେଥିଲାଗି ଯେକୌଣସି ଅଭାବିତ ମୁହୂର୍ତ୍ତରେ ଭୟ ଓ ତା'ର ଦଳବଳ ହଠାତ୍ କେଉଁଠୁ ଡେଇଁ ପଡ଼ନ୍ତି ଜାଣି ହୁଏ ନାହିଁ । ମା' କହନ୍ତି ଯେ ଏହି ଅବଚେତନାର ସ୍ତର ସ୍ଥୂଳ ଶରୀରର ସୂକ୍ଷ୍ମତମ

କୋଷଗୁଡ଼ିକରେ ମଧ୍ୟ ନିହିତ ଥାଏ । ଯେତେବେଳେ ଏହି ସ୍ତରଟିକୁ ସ୍ପର୍ଶ କରାଯାଏ, ସବୁଠୁ ସ୍ୱାସ୍ଥ୍ୟବାନ୍ ଶରୀରର କ୍ରିୟାକଳାପ ବି ବିପର୍ଯ୍ୟସ୍ତ ହୋଇପଡ଼େ ଏବଂ ଶରୀରଟି ରୋଗାକ୍ରାନ୍ତ ହୁଏ ।

ସମସ୍ୟାଟିର ଏକମାତ୍ର ଫଳପ୍ରସୂ ସମାଧାନ ହେଉଛି ଆମ ଚେତନାର ପରିମାଣକୁ ବୃଦ୍ଧି କରିବା ଏବଂ ଏହି ଚେତନାକୁ ଆମ ଅସ୍ତିତ୍ୱର ଅଧିକରୁ ଅଧିକ କ୍ଷେତ୍ର ଉପରେ ପ୍ରତିଷ୍ଠିତ କରିବା । ଏହି ପ୍ରକ୍ରିୟାରେ ସତ୍ତାର ବିଭିନ୍ନ କୋଣରେ ଉଙ୍କି ମାରୁଥିବା ପ୍ରତିକୂଳ ଉପାଦାନସବୁ ଅନୁକୂଳ ଉପାଦାନ ଦ୍ୱାରା ବିତାଡ଼ିତ ହୁଅନ୍ତି ଏବଂ ଅବଚେତନାଗତ କିଂବା ଅଚେତନାଗତ ଅସ୍ଥିରତାର ଅଭ୍ୟାସ ଦୂର ହୋଇ ତା' ସ୍ଥାନରେ ଭଗବତ୍ ଇଚ୍ଛା ଉପରେ ଏକ ସାନନ୍ଦ ନିର୍ଭରତାର ଆଦର୍ଶ ପ୍ରତିଷ୍ଠିତ ହୁଏ ।

[Commentaries on the Mother's Ministry, Part - III, ପୁସ୍ତକ ଅନ୍ତର୍ଗତ "Tension in the Subconscious" ପ୍ରସଙ୍ଗର ଅନୁବାଦ

ଭାଷାନ୍ତର : ଶେଖ ଅବଦୁଲ୍ କାଶମ]

❑❑❑

ଯେଉଁ ଶିକ୍ଷା ଦିଆଯାଏ, ତାହାର ଅନ୍ତର୍ନିହିତ ସତ୍ୟକୁ ଯଦି ଜୀବନ୍ତ ଉଦାହରଣ ଦ୍ୱାରା ପ୍ରଦର୍ଶନ କରା ନଯାଏ ତେବେ ଶିଶୁକୁ କେବଳ ସଦ୍‌ବାକ୍ୟ କହିବା ଏବଂ ଜ୍ଞାନୋପଦେଶ ଦେବା ଦ୍ୱାରା ତାହା ଉପରେ ଅତି ସାମାନ୍ୟ ମାତ୍ର ପ୍ରଭାବ ପଡ଼ିଥାଏ ।

*

ଶିକ୍ଷାର ଲକ୍ଷ୍ୟ ହେଉଛି ଜୀବନ ଓ ସମାଜରେ କୃତକାର୍ଯ୍ୟ ହେବା ନିମିତ୍ତ ମନୁଷ୍ୟକୁ ପ୍ରସ୍ତୁତ କରିବା ନୁହେଁ, କିନ୍ତୁ ତାହାର ପୂର୍ଣ୍ଣାଙ୍ଗତାକୁ ଉଚ୍ଚତମ ଶିଖର ପର୍ଯ୍ୟନ୍ତ ବଢ଼ାଇ ଚାଲିବା ।

*

ଯଦି ତୁମେ ତୁମର ଶିଶୁମାନଙ୍କ ଦ୍ୱାରା ସମ୍ମାନିତ ହେବାକୁ ଚାହଁ ତେବେ ନିଜର ସମ୍ମାନ ରକ୍ଷା କର ଏବଂ ପ୍ରତି ମୁହୂର୍ତ୍ତରେ ସମ୍ମାନର ଯୋଗ୍ୟ ହୋଇଉଠ । କେବେ ବି ସ୍ୱେଚ୍ଛାଚାରୀ, ଅତ୍ୟାଚାରୀ, ଅଧୈର୍ଯ୍ୟ ଓ ବଦ୍‌ମେଜାଜୀ ହୁଅ ନାହିଁ ।

*

ଜୀବନରେ ସମସ୍ତ ପରିସ୍ଥିତି, ସମସ୍ତ ଘଟନା ସବୁବେଳେ ଅଧିକରୁ ଅଧିକ ଜ୍ଞାନାର୍ଜନ ନିମିତ୍ତ ନିରନ୍ତର ନୂଆ ନୂଆ ସୁଯୋଗ ଆକାରରେ ପରିଣତ ହେବା ଉଚିତ ।

*

ଶିଶୁକୁ ସବୁଠୁ ମୂଲ୍ୟବାନ୍ ଯେଉଁ ଉପହାର ଦିଆଯାଇ ପାରେ, ତାହା ହେଉଛି ତାକୁ ଶିକ୍ଷାକୁ ଭଲପାଇବା ନିମନ୍ତେ ଓ ସବୁବେଳେ, ସବୁଠାରେ ଶିକ୍ଷା କରିବା ନିମିତ୍ତ ଏକାନ୍ତ ଆଗ୍ରହୀ କରି ଗଢ଼ିତୋଳିବା ।

*

କଥାବାର୍ତ୍ତାରେ ସତ୍ୟପରାୟଣ ହେବାକୁ ହେଲେ ଆମ୍ଭମାନଙ୍କୁ ପ୍ରଥମେ କ୍ରିୟାକଳାପରେ ମଧ୍ୟ ସତ୍ୟନିଷ୍ଠ ହେବାକୁ ହେବ । ଆଉ ସେହି ବ୍ୟକ୍ତିହିଁ ନିଷ୍ପାପର ଯିଏ ନିଜର ସମସ୍ତ କଥାବାର୍ତ୍ତାରେ ମିଥ୍ୟାରୁ ମୁକ୍ତ ଏବଂ ସକଳ କାର୍ଯ୍ୟରେ କପଟତାରୁ ମୁକ୍ତ ।

**– ଶ୍ରୀମା**

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୪୫)

### ଏକ ବିଶେଷ କର୍ମଯୋଗ :

ନଳିନୀଙ୍କର 'ସ୍ମୃତିର ପାତା'ରୁ ଉଦ୍ଧୃତି : ''ଗୋଟିଏ ସମୟରେ ବିଲେଇମାନଙ୍କୁ ନେଇ ମା'ଙ୍କର ଏକ ବିଶେଷ କର୍ମଯୋଗ ଦେଖା ଦେଇଥିଲା ।... ବେଦରେ ପଶୁଯଜ୍ଞର କଥା ଅଛି – ମା' ପଶୁଯଜ୍ଞ କରିଛନ୍ତି, କିନ୍ତୁ ନୂତନ ଅର୍ଥରେ – ତାଙ୍କ ଚେତନା ଦେଇ ସେମାନଙ୍କର ଉର୍ଦ୍ଧ୍ୱଗତିରେ ସହାୟତା କରିଛନ୍ତି । ପଶୁମାନଙ୍କର ପ୍ରତିନିଧି ହିସାବରେ ସେ କେତୋଟି ବିଲେଇଙ୍କୁ ଗ୍ରହଣ କରିଥିଲେ ।... ଆମମାନଙ୍କ ଗହଣରେ ଏହି ମାର୍ଜାର କୁଳର ଆବିର୍ଭାବ ଟିକିଏ କୌତୂହଳଜନକ । ଦିନେ ହଠାତ୍ ଗୋଟିଏ ବିଲେଇ କୁଆଡୁ ଆସି ଆମ ଘରେ, 'ଗେଷ୍ଟ୍ ହାଉସ୍'ରେ ପହଞ୍ଚିଲା ଏବଂ ରହିଗଲା । ସେଇଟି ବଣୁଆ ଥିଲା, କିନ୍ତୁ ପରେ ଶାନ୍ତଶିଷ୍ଟ, ଅତି ଭଦ୍ର ହୋଇଗଲା । ତା'ର ପିଲାପିଲି ହେଲା, ଶ୍ରୀଅରବିନ୍ଦ ପ୍ରଥମଟିର ନାମ ଦେଲେ 'ସୁନ୍ଦରୀ' – କାରଣ ସେ ଥିଲା ଖୁବ୍ ଗୋରୀ, ଏକେବାରେ ଧୋବ ଫରଫର । ସୁନ୍ଦରୀର ବି ପିଲାପିଲି ହେଲା । ଗୋଟିକର ନାମ ହେଲା 'ବୁଶି', କାରଣ ସେ ଏକେବାରେ ଲୋମଶ ଥିଲା, ବିଶେଷ କରି ତା'ର ଲାଞ୍ଜଟି – ସୁତରାଂ ତା'ର ଆଈମା'ଙ୍କୁ ନାମ ଦିଆଗଲା 'ଗ୍ରାଣ୍ଡ୍ ମଦର୍' । ଏହି ବୁଶି ସମ୍ବନ୍ଧରେ କାହାଣୀ ଅଛି ଯେ ତା'ର ପିଲାପିଲି ଟିକିଏ ବଡ଼ ହୋଇ ଆଖି ଖୋଲିଗଲେ, ସେ ସେମାନଙ୍କୁ ପାଟିରେ କାମୁଡ଼ି ଧରି ଗୋଟିଏ ପରେ ଗୋଟିଏ ଆଣି ମା'ଙ୍କ ପାଦପଦ୍ମରେ ରଖି ଦେଉଥିଲା – ମା'ଙ୍କ ପାଖରେ ଯେମିତି ସମର୍ପଣ କରି ଦେଉଥିଲା ଏବଂ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଥିଲା । ସୁତରାଂ ଦେଖୁଛ ତ ସେ କେତେ ପରିମାଣରେ ସାଧିକାଟିଏ ହୋଇଉଠିଥିଲା ! (ଏହି ବୁଶି ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କର ଏକ କବିତା ରହିଛି : 'Despair on the Staircase' ।) ବୁଶିର ଦୁଇଟି ପିଲା, ମା'ଙ୍କର ଆଦରର ସ୍ୱନାମଧନ୍ୟ ପୁରୁଷ – ବଡ଼ଟିର ନାମ 'ବିଗ୍ ବୟ୍' ଆଉ ଛୋଟଟିର ନାମ 'କିକି';... ଏଇ 'କିକି' ଆମମାନଙ୍କର ସମବେତ ଧ୍ୟାନରେ ଯୋଗ ଦେଉଥିଲା ଏବଂ ଆମମାନଙ୍କ ସଦୃଶ ଧ୍ୟାନ କରୁଥିଲା ।...''

ଏହି 'କିକି' ସମ୍ବନ୍ଧେ ମା'ଙ୍କ କଥାରୁ ଉଦ୍ଧୃତି : ''ମୋର ଗୋଟିଏ ଛୋଟ ସୁନ୍ଦର ବିଲେଇଟିଏ ଥିଲା, ଏକେବାରେ ଭଦ୍ର, ଅଦ୍ଭୁତ ବିଲେଇଟିଏ । ଆମେ ରହୁଥିବା ଘରେ (ଯେତେଦୂର ସମ୍ଭବ 'ଲାଇବ୍ରେରି ହାଉସ୍'ରେ) ସେ ଜନ୍ମିଥିଲା ଏବଂ ସାଧାରଣତଃ ଅନ୍ୟାନ୍ୟ ବିଲେଇଙ୍କର ଯେମିତି ଅଭ୍ୟାସ, ଏହାର ବି ସେମିତି ଅଭ୍ୟାସ ଥିଲା; ଅର୍ଥାତ୍, ଯଦି ତା' ସାମନାରେ କିଛି ବସ୍ତୁ ହଲ୍‌ଚଲ୍ କରୁଥାଏ, ତେବେ ସେ ତା' ସହିତ ନିଶ୍ଚିତ ରୂପେ ଖେଳାଖେଳି କରିବ । ଥରେ ହୋଇଛି କ'ଣ ନା ଘର ଭିତରକୁ କୁଆଡୁ ଗୋଟିଏ ବଡ଼ କଙ୍କଡ଼ା ବିଛାଟିଏ ପଶି ଆସିଲା; ଏହାର ଯେମିତି ଅଭ୍ୟାସ, ସେ କ'ଣ କଲା ନା ସେଇ ବିଛାଟି ସହିତ ଖେଳିବାକୁ ଆରମ୍ଭ କରିଦେଲା । ଫଳତଃ ବିଛାଟି ତାକୁ ଜୋର୍‌ରେ କାମୁଡ଼ି ଦେଲା । କିନ୍ତୁ ଏହା ଥିଲା ଏକ ଅସାଧାରଣ ବିଲେଇ; ସେ ମୋ ପାଖକୁ ଚାଲିଆସିଲା, ଯନ୍ତ୍ରଣାରେ ଦରମରା ହୋଇ ଉଠିଥିଲା, ତଥାପି ସେ ପାଦ ଉଠାଇ ବିଛା-କାମୁଡ଼ା ଜାଗାଟି ମୋତେ ଦେଖାଇଲା – ସେତେବେଳକୁ ଏହା ଫୁଲି ଯାଇଥିଲା ଏବଂ ଖୁବ୍ ଭୟଙ୍କର ଅବସ୍ଥା । ମୁଁ ମୋର ଏହି ଆଦରର ଛୋଟ ବିଲେଇଟିକୁ ତଳୁ ଉଠାଇ ଗୋଟିଏ ଟେବୁଲ ଉପରେ ଥୋଇ ଶ୍ରୀଅରବିନ୍ଦଙ୍କୁ ଡାକିଲି ଏବଂ ତାଙ୍କୁ କହିଲି, 'କିକିକୁ କଙ୍କଡ଼ା ବିଛା କାମୁଡ଼ି ଦେଇଛି, ଏହା ଭଲ ହୋଇଯିବା ଉଚିତ ।' କିକି ପ୍ରଣିପାତ ଭଙ୍ଗୀରେ ତା' ବେକକୁ ସାମନାକୁ ଲମ୍ବାଇ ଦେଇ ଶ୍ରୀଅରବିନ୍ଦଙ୍କୁ ଅନାଇଲା, ସେତେବେଳକୁ ଯନ୍ତ୍ରଣାରେ ତା' ଆଖି ଯୋଡ଼ିକ ସ୍ଥିର, କାଚବତ୍ ହୋଇଉଠିଥିଲା । ଶ୍ରୀଅରବିନ୍ଦ ତା' ସାମନାରେ ବସିଲେ ଏବଂ ତା' ଉପରେ ସ୍ଥିରଦୃଷ୍ଟି ନିବଦ୍ଧ କଲେ । ତା'ପରେ ଆମେ ଦେଖିଲୁ ଏହି ଛୋଟ ବିଲେଇଟି ଧୀରେ ଧୀରେ ସୁସ୍ଥ ହେବାକୁ ଆରମ୍ଭ କଲା, ଏବଂ ଘଣ୍ଟାକ ପରେ ଲମ୍ଫ ଦେଇ ଛିଡ଼ା ହୋଇଉଠିଲା ଏବଂ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଟେବୁଲ ତଳକୁ ଡେଇଁ ଚାଲିବାକୁ ଆରମ୍ଭ କଲା ।... 'ଲାଇବ୍ରେରି ହାଉସ୍'ରେ ରହୁଥିବା ବେଳେ, ଶ୍ରୀଅରବିନ୍ଦଙ୍କ କକ୍ଷରେ (ଏବେ ଡାକଟିକଟ ସଂଗ୍ରହ ରୁମ୍) ଅନ୍ତେବାସୀମାନଙ୍କୁ ନେଇ ମୋର ସମବେତ ଧ୍ୟାନ

କରାଇବାର ଅଭ୍ୟାସ ଥିଲା ଏବଂ ନିୟମିତ ଭାବରେ ସମାନ ବ୍ୟକ୍ତିଗଣ ସମବେତ ହେଉଥିଲେ; ସବୁକିଛି ସୁବନ୍ଦୋବସ୍ତ ହୋଇ ରହିଥିଲା । ଘରଟି ଭିତରେ ଥିବା ଆରାମ ଚେୟାରରେ ଏଇ ବିଲେଇଟି ସମସ୍ତଙ୍କର ଆସିବା ପୂର୍ବରୁ ଯାଇ ବସିଯାଉଥିଲା – ଅନ୍ୟ କାହାରିକୁ ଆସି ସେଇଟିରେ ବସିବାକୁ ଆଦୌ ସୁଯୋଗ ଦେଉ ନଥିଲା, ଏକେବାରେ ପ୍ରଥମରୁହିଁ ସେ ସେଇଟିକୁ ଅଧିକାର କରି ନେଉଥିଲା ! ଏବଂ ନିୟମିତ ଭାବରେ ଧ୍ୟାନ ଅବସ୍ଥାରେ ସେ ସମାଧିସ୍ଥ ଅବସ୍ଥାକୁ ଚାଲିଯାଉଥିଲା ! ସେ କେବେହେଲେ ଶୋଇଯାଉ ନଥିଲା, ସାଧାରଣତଃ ବିଲେଇମାନେ ଶୋଇବାବେଳେ ଯେମିତି ଭଙ୍ଗୀରେ ଥା'ନ୍ତି, ସେ ସେପରି ଅବସ୍ଥାରେ କେବେବି ରହୁ ନଥିଲା; ଏହା ଥିଲା ତା'ର ସମାଧିସ୍ଥ ଅବସ୍ଥା, ସେ ନିୟମିତ ସେଇ ଅବସ୍ଥାରେ ଥିବା-ବେଳେ କମ୍ପି ଉଠୁଥିଲା, ସେ ନିଶ୍ଚିତରୂପେ କିଛି ସୂକ୍ଷ୍ମ-ଦର୍ଶନ ପାଉଥିଲା । ଏବଂ ଅସ୍ପଷ୍ଟ ଭାବରେ କିଛି ଶବ୍ଦ ମଧ୍ୟ କରୁଥିଲା । ସେ ଏକ ଗଭୀର ସମାଧିସ୍ଥ ଅବସ୍ଥାକୁ ଚାଲିଯାଉଥିଲା । ବେଶ୍ କିଛିଘଣ୍ଟା ଧରି ନିରବଚ୍ଛିନ୍ନ ଭାବରେ ଏହି ଅବସ୍ଥାରେ ରହୁଥିଲା ଏବଂ ଏହି ଅବସ୍ଥାରୁ ସେ ଯେତେବେଳେ ସାଧାରଣ ଅବସ୍ଥାକୁ ଫେରି ଆସୁଥିଲା, ସେ ଖାଇବାକୁ ଅନିଚ୍ଛା ପ୍ରକାଶ କରୁଥିଲା । ପୂରାପୂରି ଜାଗ୍ରତ୍ ହୋଇଉଠିବା ପରେ ବି ଖାଇବାକୁ ଦେଲେ ସେ ଖାଉ ନଥିଲା; ସେ ପୁଣି ତା'ର ସେଇ ଚେୟାରରେ ଯାଇ ବସୁଥିଲା ଏବଂ ପୁଣି ଗଭୀର ସମାଧିସ୍ଥ ଅବସ୍ଥାକୁ ଚାଲି ଯାଉଥିଲା ! ଛୋଟିଆ ବିଲେଇଟି ସକାଶେ ଏହା ନିଶ୍ଚୟ ବିପଜ୍ଜନକ ଥିଲା ।... କିନ୍ତୁ ଆଗରୁ କହିଛି ଏହା ଏକ ସାଧାରଣ ବିଲେଇ ନଥିଲା ।''

ଏବେ 'ଚମ୍ପକଲାଲ କହନ୍ତି' ପୁସ୍ତକରୁ ଉଦ୍ଧୃତି : ''୧୯୨୩ରେ ମୁଁ ଆସି କାମ ଆରମ୍ଭ କରିବା ସମୟରେ ମା' ନିଜେ ଏକପ୍ରକାର ପୁଡ଼ିଙ୍ଗ୍ ପ୍ରସ୍ତୁତ କରୁଥିଲେ । ସେଇ ପୁଡ଼ିଙ୍ଗରୁ ଅଳ୍ପ କିଛି ସେ ଅନ୍ୟ ଏକ ଥାଳିଆରେ ଅଲଗା କରି ରଖୁଥିଲେ ଓ ତାହା ତରଳ ହୋଇ ସମ୍ପୂର୍ଣ୍ଣ ରୂପେ ଦୁଧ ସହ ମିଶିଯିବା ପର୍ଯ୍ୟନ୍ତ ଚାମଚରେ ଗୋଳାଉଥିଲେ । ଏହା କିପରି ପ୍ରସ୍ତୁତ କରିବାକୁ ହୁଏ ତାହା ମା' ମୋତେ ଦେଖାଇଦେଲେ ଓ ବହୁତ ସତର୍କ କରାଇଦେଲେ ଯେପରି ସାମାନ୍ୟ ଟିକିଏ ବି ଅମିଶା ନରହେ । ସେ ଯେତେବେଳେ କାର୍ଯ୍ୟଟି ମୋ ଉପରେ ଛାଡ଼ି ଦେଲେ ସେତେବେଳେ ମୁଁ ମୋର ପାରୁପର୍ଯ୍ୟନ୍ତ ଲାଗିପଡ଼ି ତାଙ୍କରି ନିର୍ଦ୍ଦେଶମତେ କରିବାକୁ ଚେଷ୍ଟା କଲି ।

''ଆଉ ତୁମେ ଜାଣ ଏଇ ଖାଦ୍ୟ କାହା ପାଇଁ ତିଆରି ହେଉଥିଲା ? ବିଲେଇମାନଙ୍କ ଲାଗି ! ପରେ ମୁଁ ଜାଣିବାକୁ ପାଇଲି ଯେ ସେମାନେ ସାଧାରଣ ବିଲେଇ ନଥିଲେ, ତା'ଠାରୁ କିଛି ଅଧିକ । ତୁମେ ଜାଣି ଖୁବ୍ ଆଶ୍ଚର୍ଯ୍ୟାନ୍ୱିତ ହେବ ଯେ ସମୟେ ସମୟେ ଶ୍ରୀଅରବିନ୍ଦ ମଧ୍ୟ ମାଛରୁ କଣ୍ଟା ଆଦି କାଢ଼ି ବିଲେଇମାନଙ୍କ ଲାଗି ପ୍ରସ୍ତୁତ କରି ରଖୁଥିଲେ । ଦୁଇଟି ଚୀନା କାଠି ସାହାଯ୍ୟରେ ସେ ଯେତେବେଳେ ମାଛରୁ କଣ୍ଟା କାଢୁଥାଆନ୍ତି ସେତେବେଳେ ତାହା ଏକ ଦେଖିବାଭଳି ଦୃଶ୍ୟ ।...''

ପୁନଶ୍ଚ ମା'ଙ୍କ ଉକ୍ତିରୁ : ''... ଗୋଟିଏ ପ୍ରୟୋଗାତ୍ମକ ଗବେଷଣା କରି ଦେଖିବା ସକାଶେ ମୁଁ ଏଇସବୁ ବିଲେଇମାନଙ୍କ ବିଷୟରେ ଖୁବ୍ ଆଗ୍ରହ ରଖିଥିଲି, ଏହାକୁ ହୁଏତ ଓଲଟା ପୁନର୍ଜନ୍ମ ଦେବା ବିଷୟରେ ଏକ ପରୀକ୍ଷା ବୋଲି କୁହାଯାଇପାରେ । ଅର୍ଥାତ୍, ଇତରପ୍ରାଣୀ ହିସାବରେ ଏହି ଜନ୍ମଟି ସେମାନଙ୍କର ପ୍ରକୃତରେ ସର୍ବଶେଷ ଜନ୍ମ ଥିଲା କି ନାହିଁ ଏବଂ ପରବର୍ତ୍ତୀ ଜନ୍ମରେ ଏକ ମନୁଷ୍ୟ-ଶରୀର ମଧ୍ୟରେ ପ୍ରବେଶ କରିବା ଲାଗି ସେମାନେ ପ୍ରସ୍ତୁତ ରହିଥିଲେ କି ନାହିଁ,– ଏସମ୍ବନ୍ଧରେ ଏହାକୁ ଏକ ଗବେଷଣା ବୋଲି କହିପାର । ମୋର ଏହି ଗବେଷଣାଟି ସମ୍ପୂର୍ଣ୍ଣ ଭାବରେ ସଫଳ ହୋଇଥିଲା; ମୁଁ ତିନୋଟି ଏକେବାରେ ସୁସ୍ପଷ୍ଟ ଉଦାହରଣ ଦେଖିବାକୁ ପାଇଥିଲି; ସେମାନେ ଏପରି ଏକ ଚୈତ୍ୟସତ୍ତା ବହନ କରି ଏଠାରୁ ବିଦାୟ ନେଇଯାଇଥିଲେ ଯାହାକି ଏକ ମନୁଷ୍ୟ-ଶରୀରରେ ପ୍ରବେଶ କରିବା ଲାଗି ଯଥେଷ୍ଟ ପରିମାଣରେ ସଚେତନତା ହାସଲ କରି ସାରିଥିଲା ।...''

ପଶୁମାନଙ୍କର ଆସ୍ପୃହା ସମ୍ବନ୍ଧରେ ମା' କହିବାକୁ ଯାଇ ଉଲ୍ଲେଖ କରିଥିଲେ : ''...ମୋ ପାଖରେ ଗୋଟିଏ ବିଲେଇ ଥିଲା, ଯିଏକି ବିଲେଇ ହୋଇଥିବାରୁ ଅତ୍ୟନ୍ତ ଅସୁଖୀ ବୋଧ କରୁଥିଲା, ସିଏ ମଣିଷଟିଏ ହେବା ଲାଗି ଇଚ୍ଛା କରୁଥିଲା । ସିଏ କିନ୍ତୁ ଅଳ୍ପ ବୟସରେ ମରିଗଲା । ...ଯେତେବେଳେ ସେ ଦେହ ଛାଡ଼ିଲା, ତା'ର ପ୍ରାଣିକ ସତ୍ତାର ଗୋଟିଏ ଅଂଶ ଜଣେ ମଣିଷ ରୂପରେ ପୁନରାବିର୍ଭୂତ ହୋଇଥିଲା । ତା' ସତ୍ତାଟିର କେନ୍ଦ୍ରରେ ଯେଉଁ ଚୈତ୍ୟ ଉପାଦାନଟି ରହିଥିଲା, ତା' ସିଧା ଯାଇ ଜଣେ ମନୁଷ୍ୟ ଭିତରେ ପ୍ରବେଶ କଲା; ଏପରିକି ଯାହା ତା'ର ପ୍ରାଣସ୍ତରରେ ସଚେତନ ହୋଇ ରହିଥିଲା, ତାହା ଜଣେ ମନୁଷ୍ୟ ଭିତରକୁ ଯାଇଥିଲା । ଅବଶ୍ୟ ଏସବୁ କଥା ସାଧାରଣତଃ ସବୁବେଳେ ଘଟି ନଥାଏ ।''

ଅନ୍ୟତ୍ର ମା' କହିଛନ୍ତି : ''ବିଲେଇମାନେ ହେଉଛନ୍ତି ପ୍ରାଣଜଗତର ଶକ୍ତି । ସେମାନେ ପ୍ରାଣିକ ଶକ୍ତିର ଜୀବନ୍ତ ପ୍ରତିଭୂ । (ସୂକ୍ଷ୍ମ ଜଗତରେ) ବିଲେଇମାନଙ୍କର ଯିଏ ରାଜା (ମହାମାର୍ଜାର), ଅର୍ଥାତ୍ ଯିଏ ହେଉଛି ଏହି ଜାତୀୟ ପ୍ରାଣୀ-କୁଳର ପ୍ରତିଭୂ ବା ଆତ୍ମା, ସିଏ ହେଉଛି ପ୍ରାଣ-ଜଗତର ଏକ ସତ୍ତା । ...ବିଲେଇମାନେ, ଉଦାହରଣସ୍ୱରୂପ, ଖୁବ୍ ଅନାୟାସରେ ମୃତ ବ୍ୟକ୍ତିର ପ୍ରାଣ-ଶକ୍ତିର ପ୍ରତିମୂର୍ତ୍ତି ବନିଯାଇ ପାରନ୍ତି ।...''

ଥରେ ଜଣେ ସାଧକ ବିଲେଇମାନଙ୍କ ଉପଦ୍ରବରେ ଅତିଷ୍ଠ ହୋଇଉଠି ସେମାନଙ୍କୁ ବିଷ ଦେଇ ମାରିଦେବା ସକାଶେ ମା'ଙ୍କର ଅନୁମତି ଚାହିଁଲେ ।

ମା'ଙ୍କ ଉତ୍ତର : ''ମୋର ଏକ ବିଲେଇ ଥିଲା, କହିବାକୁ ଗଲେ ସମ୍ପୂର୍ଣ୍ଣରୂପେ ଏକ ଛୋଟ ପିଲାର ଚେତନା ଥିଲା । ଏବଂ କେହି ଜଣେ ଏହାକୁ ବିଷ ଦେଇଥିଲା । ଯେଉଁଦିନ ବିଷ ଖାଇ ସେ ମୋ ପାଖକୁ ଆସିଲା, ମୁଁ ସେଇ ମୁହୂର୍ତ୍ତରେହିଁ ବିଲେଇମାନଙ୍କୁ ବିଷଦେଇ ମାରି ଦେଉଥିବା ସମସ୍ତ ବ୍ୟକ୍ତିଙ୍କୁ ଅଭିଶାପ ଦେଇଥିଲି । ଏହା ଖୁବ୍ ଭୟାନକ ଥିଲା । ତେଣୁ ଏମିତି ବିଷ ପ୍ରୟୋଗ କରିବା ଆଦୌ ଉଚିତ ନୁହେଁ ।...

''ଅବଶ୍ୟ ଏଥିପାଇଁ ଅନ୍ୟ ଏକ ପନ୍ଥା ରହିଛି ।... ତୁମେ ଜାଣ, ବିଲେଇମାନଙ୍କ ସହିତ ଅର୍ଥାତ୍ ବିଲେଇ ଜାତିର ରାଜା ସହିତ ମୋର ଏକ ଚୁକ୍ତି ହୋଇଥିଲା – ଏହା ବେଶ୍ ଅନେକ ଦିନ ତଳର କଥା ଏବଂ ଏହା ଥିଲା ଏକେବାରେ ଅସାଧାରଣ । ଏହା ଘଟିଥିଲା ଆଲ୍‌ଜେରିଆର ଟ୍ଲେମ୍‌ସେନ୍‌ରେ, ସୂକ୍ଷ୍ମ ଜଗତରେ । କେତେକ ବିଶେଷ କାରଣରୁ, ମାର୍ଜାରକୁଳର ରାଜା ସ୍ୱଜାତିର ପ୍ରାଣୀମାନଙ୍କ ଉପରେ ଶକ୍ତି ପ୍ରୟୋଗ କରିବା ସକାଶେ ମୋତେ ସମ୍ମତି ଦେଇଥିଲା । – ଏହା ଯଥାର୍ଥରେ ବାସ୍ତବ; କିନ୍ତୁ ମୋତେ ସେମାନଙ୍କ ଉପରେ ସେହି ଶକ୍ତି ପ୍ରୟୋଗ କରିବାକୁ ହେବ । ଦେଖିବା କ'ଣ ହେଉଛି ।...''

ଏବେ ଶ୍ରୀଅରବିନ୍ଦଙ୍କ ସହିତ ଶିଷ୍ୟଗଣଙ୍କର 'ସାନ୍ଧ୍ୟ ବୈଠକ'ରୁ :

ଶିଷ୍ୟ : ଏମିତି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି ଯେ ଗୋଟିଏ ମଣିଷକୁ ମାରିଦେଲେ ଯେଉଁ ପାପ ହୁଏ, ଗୋଟିଏ କୁକୁର କିଂବା ବିଲେଇଟିକୁ ମାରିଦେଲେ ସେମିତି ପାପ ହୁଏ ନାହିଁ ।

ଶ୍ରୀଅରବିନ୍ଦ : ଜୀବନ ହେଉଛି ଜୀବନ – ତାହା ବିଲେଇର ହୋଇଥାଉ, ବା କୁକୁର ବା ମଣିଷର ହୋଇଥାଉ । ଏହି ଜୀବନୀ-ଶକ୍ତି ବ୍ୟାପାରରେ ମଣିଷ ଓ ବିଲେଇ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ମଣିଷର ଏହି ଧରଣର ପାର୍ଥକ୍ୟ ରହିଥିବାର ଧାରଣା ହେଉଛି ବୋଧହୁଏ ତା' ନିଜର ସୁବିଧା ସକାଶେ ।

*

ଶ୍ରୀଅରବିନ୍ଦ : ତୁମେ କ'ଣ ମୋ କଥା ବିଶ୍ୱାସ କରିବ, ଯଦି ମୁଁ ତୁମକୁ କହେ ପଶୁମାନଙ୍କର ପ୍ରେମ କରିବା ବ୍ୟାପାରରେ ଏକ ଚୈତ୍ୟିକ ଗୁଣ ରହିଛି ? ଉଦାହରଣ ସ୍ୱରୂପ, ଆମମାନଙ୍କ ଗହଣରେ ରହିଥିବା ବିଲେଇ 'ବିଗ୍ ବୟ୍' କଥା ନିଆଯାଉ । ଯେତେବେଳେ ସେ 'ବାଇଟ୍ ବାଇଟ୍'କୁ ଭଲପାଏ, ତାହା ତା'ର ଶରୀରଗତ; ସେ ଯେତେବେଳେ 'ବେବି'କୁ ଭଲପାଇ ବସେ ତାହା ଥାଏ ତା'ର ପ୍ରାଣିକ; ଯେତେବେଳେ ସେ 'ମିମି' ସହିତ ମିଶେ, ସେତେବେଳେ ତାହା ଥାଏ ଆବେଗପୂର୍ଣ୍ଣ ଓ ଭାବପ୍ରବଣ; ଏବଂ ଯେତେବେଳେ ସେ 'ଗିର୍ଲି'କୁ ଭଲ ପାଇବସେ, ତାହା ଥାଏ ଚୈତ୍ୟିକ ।

*

ଅନ୍ୟତ୍ର ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି : ''ଭୌତିକ ଚେତନାର ସିଦ୍ଧିଲାଭ ସହିତ 'ବୁଶି' ବିଲେଇର କେତେକ ପରିମାଣରେ ଆଶ୍ଚର୍ଯ୍ୟଜନକ ଯୋଗାଯୋଗ ଥିଲା ।...

ଏହି ବୁଶି ଆମମାନଙ୍କ ସାମନାରେ ଦୌଡ଼ିଦୌଡ଼ି ଯାଇ ଆମମାନଙ୍କୁ 'ମେଡ଼ିଟେସନ୍ ହାଉସ୍' ସମ୍ବନ୍ଧେ ସୂଚାଇ ଦେଇଥିଲା ଏବଂ ପ୍ରତ୍ୟେକଟି ଘର ବୁଲି ଦେଖାଉଥିଲା ।

''ଆମମାନଙ୍କର ଏହି ଘରକୁ ଆସିବାର ତାତ୍ପର୍ଯ୍ୟପୂର୍ଣ୍ଣ ଲକ୍ଷଣ ହେଉଛି ଆମର ସାଧନା ପ୍ରାଣସ୍ତରରୁ ପରିବର୍ତ୍ତିତ ହୋଇ ଭୌତିକ ସ୍ତରରେ ଆରମ୍ଭ ହେଲା ।''

(ଶ୍ରୀଅରବିନ୍ଦ ଏବଂ ମା' ୨୮ ରୁ୍ୟ ଫ୍ରାଁସୁଆ ମାର୍ତ୍ୟାକୁ ଅର୍ଥାତ୍, 'ମେଡ଼ିଟେସନ୍ ହାଉସ୍'କୁ ୭ ଫେବ୍ରୁଆରୀ ୧୯୨୭ରେ ନୂତନ କରି ବସବାସ କରିବାକୁ ଆସିଥିଲେ ।)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# ମୁଣ୍ଡକ ଉପନିଷଦ୍
## (ମୂଳପାଠ)

୧. ବ୍ରହ୍ମା ଦେବାନାଂ ପ୍ରଥମଃ ସଂବଭୂବ ବିଶ୍ୱସ୍ୟ କର୍ତା ଭୁବନସ୍ୟ ଗୋପ୍ତା ।
ସ ବ୍ରହ୍ମବିଦ୍ୟାଂ ସର୍ବବିଦ୍ୟାପ୍ରତିଷ୍ଠାମଥର୍ବାୟ ଜ୍ୟେଷ୍ଠପୁତ୍ରାୟ ପ୍ରାହ ॥୧॥

୨. ଅଥର୍ବଣେ ୟାଂ ପ୍ରବଦେତ ବ୍ରହ୍ମାଥର୍ବା ତାଂ ପୁରୋବାଚାଙ୍ଗିରେ ବ୍ରହ୍ମବିଦ୍ୟାମ୍ ।
ସ ଭାରଦ୍ୱାଜାୟ ସତ୍ୟବହାୟ ପ୍ରାହ ଭାରଦ୍ୱାଜୋଽଙ୍ଗିରସେ ପରାବରାମ୍ ॥୨॥

୩. ଶୌନକୋ ହ ବୈ ମହାଶାଲୋଽଙ୍ଗିରସଂ ବିଧିବଦୁପସନ୍ନଃ ପପ୍ରଚ୍ଛ ।
କସ୍ମିନ୍ନୁ ଭଗବୋ ବିଜ୍ଞାତେ ସର୍ବମିଦଂ ବିଜ୍ଞାତଂ ଭବତୀତି ॥୩॥

୪. ତସ୍ମୈ ସ ହୋବାଚ । ଦ୍ୱେ ବିଦ୍ୟେ ବେଦିତବ୍ୟେ ଇତି ହ ସ୍ମ ୟଦ୍ ବ୍ରହ୍ମବିଦୋ
ବଦନ୍ତି ପରା ଚୈବପରା ଚ ॥୪॥

୫. ତତ୍ରାପରା ଋଗ୍‌ବେଦୋ ୟଜୁର୍ବେଦଃ ସାମବେଦୋଽଥର୍ବବେଦଃ ଶିକ୍ଷା କଳ୍ପୋ ବ୍ୟାକରଣଂ
ନିରୁକ୍ତଂ ଛନ୍ଦୋ ଜ୍ୟୋତିଷମିତି । ଅଥ ପରା ୟୟା ତଦକ୍ଷରମଧିଗମ୍ୟତେ ॥୫॥

୬. ୟତ୍ ତଦଦ୍ରେଶ୍ୟମଗ୍ରାହ୍ୟମଗୋତ୍ରମବର୍ଣମଚକ୍ଷୁଃଶ୍ରୋତ୍ରଂ ତଦପାଣିପାଦମ୍ ।
ନିତ୍ୟଂ ବିଭୁଂ ସର୍ବଗତଂ ସୁସୂକ୍ଷ୍ମଂ ତଦବ୍ୟୟଂ ୟଦ୍ ଭୂତୟୋନିଂ ପରିପଶ୍ୟନ୍ତି ଧୀରାଃ ॥୬॥

୭. ୟଥୋର୍ଣନାଭିଃ ସୃଜତେ ଗୃହ୍ଣତେ ଚ ୟଥା ପୃଥିବ୍ୟାମୋଷଧୟଃ ସଂଭବନ୍ତି ।
ୟଥା ସତଃ ପୁରୁଷାତ୍‌କେଶଲୋମାନି ତଥାକ୍ଷରାତ୍‌ସଂଭବତୀହ ବିଶ୍ୱମ୍ ॥୭॥

୮. ତପସା ଚୀୟତେ ବ୍ରହ୍ମ ତତୋଽନ୍ନମଭିଜାୟତେ ।
ଅନ୍ନାତ୍‌ପ୍ରାଣୋ ମନଃ ସତ୍ୟଂ ଲୋକାଃ କର୍ମସୁ ଚାମୃତମ୍ ॥୮॥

୯. ୟଃ ସର୍ବଜ୍ଞଃ ସର୍ବବିଦ୍ ୟସ୍ୟ ଜ୍ଞାନମୟଂ ତପଃ ।
ତସ୍ମାଦେତଦ୍ ବ୍ରହ୍ମ ନାମ ରୂପମନ୍ନଂ ଚ ଜାୟତେ ॥୯॥

(ଦ୍ରଷ୍ଟବ୍ୟ : The Complete works of Sri Aurobindo,
Volume - 18, Kena and other Upanishads, P. 131 - 132) ❑

[ସଂଶୋଧନୀୟ : ନବପ୍ରକାଶର ୨୦୧୬, ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ ଈଶୋପନିଷଦ୍ ୧୮ ସଂଖ୍ୟକ ମନ୍ତ୍ରର ଶେଷ ଧାଡ଼ିରେ ୟୁୟୁଧ୍ୟସ୍ମଜ୍ଜୁହୁରାଣମେନୋ ଗୋଟିଏ ଶବ୍ଦ । ଭୁଲ୍ କ୍ରମେ ଛାଡ଼ ହୋଇ ଯାଇଛି ।]

# ମୁଣ୍ଡକ ଉପନିଷଦ୍

## (ଶ୍ରୀଅରବିନ୍ଦଙ୍କ ଇଂରାଜୀ ଅନୁବାଦର ମୁକ୍ତ ବାଂଲା ଅନୁବାଦ)

## ଅନୁବାଦ : ନଳିନୀକାନ୍ତ ଗୁପ୍ତ

### ପ୍ରଥମ ଖଣ୍ଡ

୧. ଦେବତାଗଣଙ୍କ ମଧ୍ୟରେ ସର୍ବପ୍ରଥମ ଜନ୍ମ ନେଲେ ବ୍ରହ୍ମା – ଯିଏକି ବିଶ୍ୱର କର୍ତ୍ତା ଆଉ ଜଗତର ଧାରକ । ସେ ତାଙ୍କର ଜ୍ୟେଷ୍ଠପୁତ୍ର ଅଥର୍ବାଙ୍କୁ କହିଲେ – ''ସମସ୍ତ ବିଦ୍ୟାର ପ୍ରତିଷ୍ଠା ବା ମୂଳ ହେଲା ବ୍ରହ୍ମବିଦ୍ୟା ।''

୨. ବ୍ରହ୍ମା ଯେଉଁ ବ୍ରହ୍ମବିଦ୍ୟା କଥା ଅଥର୍ବାଙ୍କୁ କହିଥିଲେ, ସେ ତାହା ପୂର୍ବକାଳରେ ଅଙ୍ଗିରଙ୍କୁ କହିଥିଲେ । ଅଙ୍ଗିର ପୁଣି ତାହା କହିଥିଲେ ଭରଦ୍ୱାଜ-ପୁତ୍ର ସତ୍ୟବାହଙ୍କୁ ଆଉ ସତ୍ୟବାହ ତାହା କହିଥିଲେ ଅଙ୍ଗିରସଙ୍କୁ – ପରା ଓ ଅପରା ଉଭୟ ବିଦ୍ୟାର କଥା ।

୩. ଅଙ୍ଗିରସଙ୍କ ନିକଟରେ ବିଧିପୂର୍ବକ ଉପସ୍ଥିତ ହୋଇ ମହାଗୃହସ୍ଥ ଶୌନକ ପଚାରିଲେ – ''ଭଗବନ୍ ! କ'ଣ ଜାଣିଲେ ଯାଇ ଏଇସବୁକୁ ଜାଣି ହୁଏ ?''

୪. ଅଙ୍ଗିରସ ତାଙ୍କୁ କହିଲେ, – ''ଦୁଇ ପ୍ରକାରର ଜ୍ଞାନ ଜ୍ଞାତବ୍ୟ ବୋଲି ବ୍ରହ୍ମଜ୍ଞାନୀମାନେ କହନ୍ତି – ଗୋଟିଏ ପରା, ଆଉ ଅନ୍ୟଟି ଅପରା ।''

୫. ଅପରା-ବିଦ୍ୟା ହେଲା – ଋଗ୍‌ବେଦ, ଯଜୁର୍ବେଦ, ସାମବେଦ, ଅଥର୍ବବେଦ, ଶିକ୍ଷା (ଆବୃତ୍ତି), କଳ୍ପ (କ୍ରିୟାନୁଷ୍ଠାନ), ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ । ଆଉ ପରା-ବିଦ୍ୟା ହେଲା – ଯାହାଦ୍ୱାରା 'ଅକ୍ଷର' ଅଧିଗତ ହୁଅନ୍ତି ।

୬. ସିଏ ଯିଏ ଅଦର୍ଶନୀୟ, ଅଗ୍ରହଣୀୟ, ଗୋତ୍ରହୀନ, ବର୍ଣ୍ଣହୀନ, ଚକ୍ଷୁହୀନ, ଶ୍ରୋତ୍ରହୀନ; ସିଏ ଯିଏ ଅପାଣି (ହସ୍ତହୀନ), ଅପାଦ (ପାଦହୀନ), ନିତ୍ୟ, ସର୍ବବ୍ୟାପୀ, ସର୍ବଗତ, ସୁସୂକ୍ଷ୍ମ; ସେଇ ଯିଏ ଅବ୍ୟୟ, ଯିଏ ସର୍ବ ତତ୍ତ୍ୱର ଜଠର (ଉଦର ବା ଗର୍ଭ), ତାଙ୍କୁହିଁ ଧୀମାନ୍ ବା ଜ୍ଞାନୀମାନେ ସର୍ବତ୍ର ଦେଖନ୍ତି ।

୭. ଊର୍ଣ୍ଣନାଭ (ବୁଢ଼ିଆଣୀ) ଯେପରି ଜାଲ ବିସ୍ତାରି ଦିଏ ପୁନଶ୍ଚ ସେଇ ଜାଲକୁ ନିଜର ଗର୍ଭସ୍ଥ କରେ ତଥା ପୃଥିବୀପୃଷ୍ଠରେ ଭୃଣମାନ ଯେପରି ସଂଜାତ ହୁଅନ୍ତି, ଅଥବା ଜୀବନ୍ତ ପୁରୁଷର ଶରୀରରେ ଯେପରି କେଶ ଓ ଲୋମ ଉକୁଟି ଉଠନ୍ତି, ସେହିପରି 'ଅକ୍ଷର'ଙ୍କ ମଧ୍ୟରୁ ବିଶ୍ୱବସ୍ତୁ ସମସ୍ତ 'କ୍ଷର'ରୂପେ ଜନ୍ମଗ୍ରହଣ କରନ୍ତି ।

୮. ତପୋବଳରେ ଅର୍ଥାତ୍ ତପସ୍ୟା ଦ୍ୱାରା ବ୍ରହ୍ମଙ୍କର ଉପଚୟ ବା ପ୍ରକାଶ ହୁଏ । ତା'ପରେ ତାଙ୍କଠୁ ଜନ୍ମ ନିଏ ଜଡ଼, ଜଡ଼ରୁ ପ୍ରାଣ, ମନ, ସତ୍ୟ, ଲୋକସମୂହ ଆଉ କର୍ମ ମଧ୍ୟରେ ଅମୃତତ୍ୱ ।

୯. ଯିଏ ସର୍ବଜ୍ଞ, ସର୍ବବିତ୍, ଯାହାଙ୍କର ତପୋବଳ ବା ତପସ୍ୟାଶକ୍ତି ଜ୍ଞାନମୟ, ତାଙ୍କଠୁ ଜନ୍ମିଛନ୍ତି ଏଇ ବ୍ରହ୍ମ, ଏଇ ନାମ, ଏଇ ରୂପ ଆଉ ଏଇ ଜଡ଼ ।

(ମୂଳ ବଙ୍ଗଳା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❑

ଆରବ୍ୟ ରଜନୀର ଅଜଣା କାହାଣୀ :

# ଅନ୍ତର୍ହିତ ଅଳଙ୍କାର

## ମନୋଜ ଦାସ

ସହରର ଶେଷ ପ୍ରାନ୍ତରେ ଗୋଟିଏ କୁଡ଼ିଆରେ ରହୁଥିଲେ ଜଣେ ସନ୍ନ୍ୟାସିନୀ । ତାଙ୍କର ବିଳାସବ୍ୟସନ ବୋଲି କିଛି ନଥିଲା । କେତେଜଣ ଶିଷ୍ୟଶିଷ୍ୟା ମଧ୍ୟେ ମଧ୍ୟେ ଆସି ତାଙ୍କ ଦେଖାଶୁଣା କରୁଥିଲେ । କେହି ତାଙ୍କୁ କିଛି ମୂଲ୍ୟବାନ୍ ଜିନିଷ ବା ଟଙ୍କା-ପଇସା ଭେଟି ଦେଲେ ସେ ସେସବୁ ସହରର ଗୋଟିଏ ଯୋଡ଼ିଏ ସେବାମୂଳକ ପ୍ରତିଷ୍ଠାନକୁ ପଠାଇ ଦେଉଥିଲେ ।

ସହର ଏବଂ ସହରର ଆଖପାଖରେ ଗାଁ-ଗଣ୍ଡାର ଯେଉଁ ଲୋକେ ତାଙ୍କୁ ଜାଣିଥିଲେ, ସେମାନେ ତାଙ୍କୁ ଖୁବ୍ ଭକ୍ତି କରୁଥିଲେ । ଦିନ ଥିଲା ଯେତେବେଳେ ସନ୍ନ୍ୟାସିନୀ ସେମାନଙ୍କ ଅନୁରୋଧରେ ସେମାନଙ୍କ ଘରକୁ କିଛି କିଛି ସମୟ ପାଇଁ ଯାଉଥିଲେ । କିନ୍ତୁ ବୃଦ୍ଧାବସ୍ଥାରେ ପହଞ୍ଚିବା ପରେ ସେ କୁଆଡ଼େ ହେଲେ ଯାଉ ନଥିଲେ ।

ତେବେ, ହଁ, କେବଳ ଜଣକୁ ଦେଖିବାକୁ ସେ ମଧ୍ୟେ ମଧ୍ୟେ ରାଜନବରକୁ ଯାଉଥିଲେ । ସେ ଜଣକ ରାଣୀ । ସରଳମତି ରାଣୀଙ୍କୁ ସେ ବଡ଼ ଭଲ ପାଉଥିଲେ । କୌଣସି ଦୀନଦରିଦ୍ର ବା ଅସହାୟକୁ କିଛି ସାହାଯ୍ୟ ଦେବାର ଆବଶ୍ୟକତା ପଡ଼ିଲେ ସେ ରାଣୀଙ୍କୁ ସେକଥା କହୁଥିଲେ ଏବଂ ରାଣୀ ତତ୍‌କ୍ଷଣାତ୍ ସନ୍ନ୍ୟାସିନୀଙ୍କ କଥା ରଖୁଥିଲେ । ରାଣୀ ସନ୍ନ୍ୟାସିନୀଙ୍କୁ ପାଖରେ ପାଇଲେ ଆଉ ସବୁ କଥା ଭୁଲି ଯାଉଥିଲେ ।

ଦିନେ ସନ୍ନ୍ୟାସିନୀ ଓ ରାଣୀ ବସି ଗପସପ ହେଉଛନ୍ତି, ରାଣୀଙ୍କ ପ୍ରଧାନ ପରିଚାରିକା ହସି ହସି ପଶି ଆସି ରାଣୀଙ୍କୁ ଧରାଇ ଦେଲା ଏକ ଅଳଙ୍କାର । ତାହା ଏକ ସୁନ୍ଦର ସୁନାହାର । ସେଥିରେ ପଦକ ରୂପେ ଖଞ୍ଜା ହୋଇଥିଲା ଖଣ୍ଡିଏ ଦୁର୍ମୂଲ୍ୟ ହୀରା ! ରାଣୀଙ୍କ ଜନ୍ମଦିନ ଆସୁଥିଲା, ସେଥିସକାଶେ ରାଜା ସେ ଗୋଟିଏ ଦୂରବର୍ତ୍ତୀ ନଗରୀରୁ ଜଣେ ଦକ୍ଷ ଶିଳ୍ପୀଙ୍କ ଦ୍ୱାରା ଗଢ଼ାଇ ଆଣିଥିଲେ ।

ରାଣୀ ବହୁତ ଖୁସି ହେଲେ । ରାଣୀ ଖୁସିରେ ବୃଦ୍ଧା ମଧ୍ୟ ବହୁତ ଖୁସି ହେଲେ ।

ରାଣୀ କହିଲେ, ‘‘ମାଆ ! ଆପଣ ଚାଲିଯିବେ ନାହିଁ । ମୁଁ ସ୍ନାନ କରି ଆସେ । ଆପଣ ମୋତେ ଏହା ପିନ୍ଧାଇ ଦେବେ ।’’

ସନ୍ନ୍ୟାସିନୀ କହିଲେ, ‘‘ବେଶ୍; ଭଲ କଥା ।’’

ରାଣୀ ଘଣ୍ଟାକ ପରେ ଲେଉଟିଆସି ଦେଖିଲେ ସନ୍ନ୍ୟାସିନୀ ଧ୍ୟାନମଗ୍ନା । ସେ ଅପେକ୍ଷା କଲେ । କିଛି ସମୟ ପରେ ସନ୍ନ୍ୟାସିନୀଙ୍କ ଧ୍ୟାନ ଭାଙ୍ଗନ୍ତେ ସେ ତାଙ୍କୁ ଅଭିବାଦନ କରି କହିଲେ, ‘‘ଏଥର ମୋତେ ମୋ ସ୍ୱାମୀଙ୍କ ଉପହାରଟି ପିନ୍ଧାଇ ଦିଅନ୍ତୁ ।’’

‘‘ନିଶ୍ଚୟ, ନିଶ୍ଚୟ ! ଆନନ୍ଦରେ !’’ କହି ସନ୍ନ୍ୟାସିନୀ ନିଜ ଡାହାଣ କଡ଼କୁ ହାତ ପ୍ରସାରିତ କଲେ – ହାରଟି ଉଠାଇବା ପାଇଁ ।

କିନ୍ତୁ କାହିଁ ହାର ? ଡାହାଣ, ବାମ, ଆଗ, ପଛ, କେଉଁଠି ହେଲେ ତାହା ନାହିଁ ।

‘‘ମୁଁ ସ୍ନାନ କରିବାକୁ ଯିବା ପରେ କେହି ଏ କୋଠରିକୁ ଆସିଥିଲା ?’’ ରାଣୀ ପଚାରିଲେ ।

‘‘ନା, ନା, ମୁଁ ଆଖି ବନ୍ଦ କରି ବସିଥିବା ସତ୍ତ୍ୱେ କେହି ଆସିଥିଲେ ବୁଝିପାରିଥା’ନ୍ତି । ତା’ ଛଡ଼ା ମୁଁ ମୋ ପାଖରେହିଁ ତାକୁ ରଖିଥିଲି । ଏତେ ପାଖକୁ କେହି ଯେତେ ସତର୍କ ଭାବରେ ଆସିଲେ ମଧ୍ୟ ମୁଁ ଆଭାସ ପାଇଥା’ନ୍ତି ।’’ ବୃଦ୍ଧା କହିଲେ ।

ରାଣୀ ବି ସେକଥା ବୁଝୁଥିଲେ । ତଥାପି ତାଙ୍କର ସମସ୍ତ ପରିଚାରିକାଙ୍କୁ ତଲବ କରାଗଲା । ସେମାନଙ୍କୁ ରାଣୀ ପ୍ରଶ୍ନ କଲେ । ନା, କେହି ସେ କୋଠରି ସାମନାକୁ ମଧ୍ୟ ଆସିଥିବାର ଜଣାଗଲା ନାହିଁ ।

ପ୍ରଧାନ ପରିଚାରିକା ଦୌଡ଼ିଯାଇ ଇତି ମଧ୍ୟରେ ରାଜାଙ୍କ କାନରେ ଏ ଅଦ୍ଭୁତ ଘଟଣାର ଖବର ଟିକକ ଦେଇଦେଲେ । ରାଜା କଟୁଆଳକୁ କହିଲେ, ‘‘ସେହି ସନ୍ନ୍ୟାସିନୀ ବୋଲାଉଥିବା ବୃଦ୍ଧା ନିଶ୍ଚୟ ହାରଟିକୁ ନିଜ ଲୁଗା ଭିତରେ ଲୁଚାଇ ରଖିଛି । ଏତେ ମୂଲ୍ୟବାନ୍ ଚିଜ, ଲୋଭ ସମ୍ବରଣ କରିପାରି ନାହିଁ । ତୁମେ ଯାଇ ରାଣୀଙ୍କ ପ୍ରଧାନ ପରିଚାରିକା ଏବଂ ଅନ୍ୟମାନଙ୍କୁ ଲଗାଇ ତା’ ଲୁଗାପଟା ଭିତରୁ ତାକୁ ଉଦ୍ଧାର କର !’’

କଟୁଆଳ ଯାଇ ପ୍ରଧାନ ପରିଚାରିକାଙ୍କୁ ରାଜାଜ୍ଞା ଶୁଣାଇ ଦେଲେ । ରାଣୀଙ୍କ ମୃଦୁ ପ୍ରତିବାଦ ସତ୍ତ୍ୱେ ହତବାକ୍ ସନ୍ନ୍ୟାସିନୀଙ୍କୁ ଅନ୍ୟ ଏକ କୋଠରିକୁ ନିଆଗଲା ଏବଂ ହଲାପଟା କରାଗଲା । କିନ୍ତୁ ହାର ମିଳିଲା ନାହିଁ ।

''ତାକୁ କାରାଗାରରେ ରଖ !'' ରାଜା ଆଦେଶ ଦେଲେ ।

ଏତେବେଳେ ରାଣୀ କାନ୍ଦି ପକାଇଲେ ଓ ଆପତ୍ତି କଲେ । କିନ୍ତୁ ରାଜା କହିଲେ, ''ତୁମକୁ ସେମାନଙ୍କ ଚତୁରତା ଜଣା ନାହିଁ । ସେ ନିଶ୍ଚୟ କେଉଁଠି ଲୁଚାଇ ରଖିଛି; ପରଥରକୁ ଆସି ତୁମ ଅଜ୍ଞାତସାରରେ ସେ ଗୋଟିକୁ ନେଇ ଯାଇଥା'ନ୍ତା । କାରାଗାରରେ ରହିଲେ ବଳେ ବଳେ ମାନିଯିବ ।''

ରାଣୀଙ୍କ ଅନୁରୋଧ ପ୍ରତି ଭ୍ରୂକ୍ଷେପ ନକରି ସନ୍ନ୍ୟାସିନୀଙ୍କୁ କାରାଗାରରେ ରଖାଗଲା ।

ଜନ୍ମଦିନ ଆସୁଥାଏ । କିନ୍ତୁ ରାଣୀଙ୍କ ମନରେ ସୁଖ ନଥାଏ । ସେ ଯାହାହେଉ, ଜନ୍ମଦିନ ପୂର୍ବରୁ ରାଣୀଙ୍କ ଶୟନ କକ୍ଷରେ କିଛି ପରିବର୍ତ୍ତନ କରିବା ନିମନ୍ତେ ରାଜା ଜଣେ ଭାସ୍କରଙ୍କୁ ଧରି କକ୍ଷରେ ପ୍ରବେଶ କଲେ ।

ପଲଙ୍କ ନିକଟବର୍ତ୍ତୀ କାନ୍ଥର ଶୀର୍ଷରେ ଗୋଟାଏ ଖୋପ ଥାଏ । ସ୍ଥପତିଙ୍କ ଆଖି ସେହି ଖୋପରେ ନିବଦ୍ଧ ହେଲା ।

''ତହିଁ ଭିତରେ କ'ଣ ରଖାଯାଇଛି ?'' ସେ ପ୍ରଶ୍ନ କଲେ ।

''କିଛି ନାହିଁ ତ !'' ରାଣୀ କହିଲେ ।

ସ୍ଥପତି ଖଣ୍ଡିଏ ଲମ୍ବ ବାଡ଼ିର ଅଗ୍ରଭାଗ ସେ ଖୋପ ଭିତରେ ଭର୍ତ୍ତି କରିବାମାତ୍ରେ ଚଢ଼େଇଟିଏ ଉଡ଼ି ପଳାଇଲା ଏବଂ ତା' ବସାଟି ଖସି ପଡ଼ିଲା । ବସା ଭିତରେ ଚକ୍ ଚକ୍ କରୁଥାଏ ରାଣୀଙ୍କ ହଜିଲା ହାର !

ହାରଟି ଆଡ଼େ ଅନାଇ ରାଣୀ କାନ୍ଦି ପକାଇଲେ । ''କୁଆଡ଼େ ଅଛନ୍ତି ସନ୍ନ୍ୟାସିନୀ ?'' ସେ ପ୍ରଶ୍ନ କଲେ । ଲଜ୍ଜିତ ଏବଂ ଅନୁତପ୍ତ ରାଜା କହିଲେ, ''ମୁଁ ବର୍ତ୍ତମାନ ଯାଉଛି । ତାଙ୍କୁ କ୍ଷମାପ୍ରାର୍ଥନା କରିବି । ବିପୁଳ କ୍ଷତିପୂରଣ ଦେବି ।''

ରାଜା ଯାଇ ସନ୍ନ୍ୟାସିନୀଙ୍କୁ ମୁକ୍ତ କରିବା ସଙ୍ଗେ ସଙ୍ଗେ ଆନ୍ତରିକ ଭାବରେ କ୍ଷମାପ୍ରାର୍ଥନା କଲେ ଓ ଅନ୍ତଃପୁରକୁ ନେଇ ଆସିଲେ । ରାଣୀ ମୁଣ୍ଡ ଟେକି ତାଙ୍କୁ ଅନାଇ ପାରୁ ନଥା'ନ୍ତି । କିନ୍ତୁ ସନ୍ନ୍ୟାସିନୀ କହିଲେ, ''ମା ! ଦୁଃଖ ବା ଗ୍ଲାନିବୋଧ କର ନାହିଁ । ତୁମେ ତ ଜାଣ, ମୋର ଧନରତ୍ନ ପ୍ରତି ଆସକ୍ତି ନାହିଁ । ରାଜା ମୋତେ ଦଣ୍ଡ ଦେଲେ ତାଙ୍କ ଅଜ୍ଞାନତା ଯୋଗୁଁ । କିନ୍ତୁ ମୋର ଅଜ୍ଞାନତା ମଧ୍ୟ କମ୍ ନୁହେଁ । ମୋର କାହାରି ପ୍ରତି ଆସକ୍ତି ରହିବା ଉଚିତ ନୁହେଁ । କିନ୍ତୁ ତୁମ ପ୍ରତି ଥିଲା । ତାହା ମୋର ଅଜ୍ଞାନତା ଏବଂ ପକ୍ଷୀ ଗୋଟିକ ହାରଟି ନେଇଯାଇ ମୋର ସେହି ଅଜ୍ଞାନତା କଟାଇଦେବା ଦିଗରେ ସାହାଯ୍ୟ କଲା । ମୁଁ ବେଶ୍ ତୃପ୍ତି ସହକାରେ ବିଦାୟ ନେଉଛି ।''

ସନ୍ନ୍ୟାସିନୀ ଚାଲିଯିବାକୁ ଲାଗିଲେ । ରାଜା ତାଙ୍କ ପଛେ ପଛେ ଯାଇ ତାଙ୍କୁ କ୍ଷତିପୂରଣ ନେବା ନିମନ୍ତେ ଅନୁରୋଧ କରନ୍ତେ ସେ ଖାଲି କହିଲେ, ''ମୋର କ୍ଷତି ହୋଇ ନାହିଁ । କ୍ଷତିପୂରଣର ପ୍ରଶ୍ନ ଉଠିବ କାହିଁକି ? ଆମ ସମସ୍ତଙ୍କ ପାଇଁ ଏକ ଶିକ୍ଷା ମିଳିଲା : ଏମିତି ଘଟଣା ଘଟିପାରେ, ଯାହାର ବ୍ୟାଖ୍ୟା ତତ୍‌କ୍ଷଣାତ୍ ମିଳେ ନାହିଁ । ପାରିପାର୍ଶ୍ୱିକ ଅବସ୍ଥାରୁ ସବୁବେଳେ ସତ୍ୟ ଠଉରାଇ ହୁଏ ନାହିଁ । ରାଜା ଭାବରେ ତୁମେ ଜଣେ ବିଚାରକ । ବିଚାରକ ପାଇଁ ଏ ଜ୍ଞାନ ମୂଲ୍ୟବାନ୍ ।''

ସନ୍ନ୍ୟାସିନୀ ହସିଦେଇ ଚାଲିଗଲେ । ସେହି ଦିନରୁ କୌଣସି ବିବାଦ-ବିସମ୍ବାଦର ବିଚାର ବେଳେ ରାଜା ହଠାତ୍ କୌଣସି ସିଦ୍ଧାନ୍ତକୁ ଆସୁ ନଥା'ନ୍ତି । ଧୈର୍ଯ୍ୟଧରି ସନ୍ଧାନ ନେଉଥା'ନ୍ତି – ''ଆମ ସାଧାରଣ ଜ୍ଞାନର ଅଗୋଚରରେ କୌଣସି ହେତୁ, କୌଣସି ସମ୍ଭାବନା ରହିଯାଉ ନାହିଁ ତ ?''

❑❑❑

ଏହି କ୍ଷୁଦ୍ର ବ୍ୟାୟାମଟି ଅଭ୍ୟାସ କର : ଦିବସର ଆରମ୍ଭରେ କୁହ : 'ମୁଁ ଯାହା କହୁଛି ସେବିଷୟରେ ଚିନ୍ତା ନକରି କେବେ ବି କହିବି ନାହିଁ ।'

– ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୦)

## ସାହାନା ଦେବୀ

**ସାହାନା :** ମା'ଗୋ, ମୋର ଏକପ୍ରକାର ନିରପେକ୍ଷ ଭାବ ଆସିଛି, ନିଜକୁ ଆଉ ସମର୍ଥନ କରିବି ନାହିଁ । କ୍ରମାଗତ ଆପଣାକୁ (ଅନ୍ୟମାନଙ୍କ ପାଖରୁ) ଦୂରେଇ ରଖିବାର ପ୍ରଚେଷ୍ଟା, ଏଇ ମନୋବୃତ୍ତିଟି ଖୁବ୍ ବିରକ୍ତିକର ବିଷୟ ବୋଧ ହେଉଛି । ଏସବୁ ଯେ ଅହଂକାରପ୍ରସୂତ, ତାହା ତୁମେ ଯେତେବେଳେ ମୋତେ ସଚେତନ କରିଦେଇଛ, ସେହି ଚେତନାରେ ଯେମିତି ଏଇ ମୁହୂର୍ତ୍ତରୁହିଁ ବାସ କରିବାକୁ ସକ୍ଷମ ହୋଇପାରେ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏଇ ନିରପେକ୍ଷତା ଅବା ସମକକ୍ଷତା-ଭାବ ହେଉଛି ପ୍ରକୃତ ଆଧ୍ୟାତ୍ମିକ 'ଆଟିଚୁଉଡ୍' (ମୂଳଭାବ) ପ୍ରାପ୍ତ ଦିଗରେ ଅଗ୍ରସର ହେବାର ଏକ ମସ୍ତବଡ଼ ଉନ୍ନତିର ଗତି ।

୧୨.୦୬.୩୩

**ସାହାନା :** ମା'ଗୋ, ଏଇ ଘଟଣାଟି ପ୍ରାଣିକ ମନେ ହେଉଛି । କାରଣ ଆନନ୍ଦର ପୁଲକରେ ଏତେ ମଦମତ୍ତ ହୋଇ କେବଳ ଗାଇବାକୁ ଇଚ୍ଛା କରିବା ତ ଚୈତ୍ୟିକର ଲକ୍ଷଣ ପରି ମନେ ହୁଏନା । ତା' ଛଡ଼ା ନିଜେହିଁ ବୁଝିପାରୁଛି ଏହା ପ୍ରାଣଜନିତ, କାରଣ ସଂଯମର ଅଭାବ ଲକ୍ଷ୍ୟ କରୁଛି । ଚୈତ୍ୟିକ ମଧ୍ୟରେ ଖୁବ୍ ଶାନ୍ତ, ସମାହିତ ଭାବ ଥାଏ, ପ୍ରାଣିକ ମଧ୍ୟରେ ଦେଖାଯାଏ ଉନ୍ମାଦନା, ଉତ୍ତେଜନା, ପାଇବାର ଇଚ୍ଛା – ଏମିତି ସବୁ ଭାବନା – ତାହା ନୁହେଁ କି, ମା' ? ମୋର ମନେ ହେଉଛି ନିଜକୁ ସଂଯତ କରିବା ଉଚିତ ଥିଲା । ଏମିତି 'ଅସ୍ଥିର' ଯେ ହୋଇ ପଡ଼ିଲି – ଏହାହିଁ ତ ପ୍ରାଣିକ ଗତିବୃତ୍ତିର ଲକ୍ଷଣ । ନିଜକୁ ଛାଡ଼ି ଦେଇ ବୋଧହୁଏ ଭୁଲ୍ କରିଛି, ନୁହେଁ କି ମା' ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏକେବାରେ ସୁନିଶ୍ଚିତ, ଯେତେବେଳେ ସେଇ ପ୍ରକାର ସଂଯତ କରିବାର ଅସମର୍ଥ ଏବଂ ଅତି ଆଗ୍ରହ ଦେଖାଯାଏ ସେତେବେଳେ ନିଶ୍ଚିତହିଁ ତାହା ପ୍ରାଣିକ ପ୍ରକୃତିର ଗତିବୃତ୍ତି । ଯେକୌଣସି ଗତିବିଧିରେ ପ୍ରାଣ ଭାଗ ନେଇପାରେ କିନ୍ତୁ ତାକୁ କୌଣସିମତେ ତା'ର ନିୟନ୍ତ୍ରଣରେ ରହିବାକୁ ଦେବା ଉଚିତ ନୁହେଁ, ତାକୁ ଚୈତ୍ୟିକ ନିୟନ୍ତ୍ରଣାଧୀନ ହେବାକୁ ହେବ ।'

୧୮.୦୬.୩୩

**ସାହାନା :** କେଉଁ ଗୀତଟି କି ପ୍ରକାର ତାଳ ସହ ଗାଇବି (ଅଭ୍ୟାସ କରିବି) ସେସବୁ ମନେ ମନେ ଗାଇ ଅଭ୍ୟାସ କରୁଥିଲି ସାରା ରାତି । କୌଣସି ପ୍ରକାରରେ ସେଥିରୁ ନିବୃତ୍ତ ହୋଇପାରୁ ନଥିଲି । ମୋର କ'ଣ ଯେ ଥରକୁ ଥର ଏମିତି ହୁଏ ଜାଣେନି, ମୋତେ ଏମିତି ଚାପି ବସେ !

**ଶ୍ରୀଅରବିନ୍ଦଙ୍କ ଉତ୍ତର :** ଯେତେବେଳେ ପ୍ରାଣ (vital) କୌଣସି ଗୋଟିଏ ବିଷୟକୁ ଅଧିକାର କରିବସେ ସେତେବେଳେ ପ୍ରାୟହିଁ ଏମିତି ହୋଇଥାଏ – ସେ ସେଇ ବିଷୟଟିକୁ ଅବିରତ ମନ ଉପରେ ନିବଦ୍ଧ କରି ରଖିଥାଏ, ଯେପର୍ଯ୍ୟନ୍ତ ସେ ନିଜେ ତୃପ୍ତ ହୋଇ ନଥାଏ ଅଥବା ତା'ର ସେଇ ଅଧିକାରକୁ ଛିନ୍ନ କରି ଫିଙ୍ଗି ଦିଆ ନଯାଏ ।

୧୯.୦୬.୩୩

**ସାହାନା :** ପୁଣି ଘୋର ଅନ୍ଧକାର । କେବଳ କାନ୍ଦିବାକୁ ଇଚ୍ଛା ହେଉଛି । ମନ ସଂଯୋଗ ଆଦୌ ହେଉ ନାହିଁ । ତୁମ ଆଡ଼କୁ ଅଗ୍ରସର ହୋଇ ପାରୁନି ବୋଲି ମନ ଖୁବ୍ ଅଶାନ୍ତ ବୋଧ କରୁଛି । ମନେ ହେଉଛି ଯାହାସବୁ ଭଲ ଲାଗୁଥିଲା ବା ଯାହାସବୁ ଭଲ ପାଉଥିଲି ସେସବୁ ତ ଗୋଟିଏ ପରେ ଗୋଟିଏ ଧୀରେ ଧୀରେ ବାହାରି ଯାଉଛି, ଯାହା ମୋ ପାଇଁ ନିତାନ୍ତ ଆବଶ୍ୟକ । କିଛି ବାହାରି ଯାଉଛି ବା କିଛି ଚାଲି ଯାଉଛି ଲକ୍ଷ୍ୟ କଲେ ଭାରି ଆନନ୍ଦ ଲାଗେ । କିନ୍ତୁ ସେସବୁ ଚାଲିଯିବା ଫଳରେ ତୁମ ସହ ଯଦି ଅନ୍ତରଙ୍ଗତା ନବଢ଼ିଲା, ତୁମକୁ ପାଇବା ପାଇଁ ଯଦି ଅଗ୍ରସର ହୋଇ ନପାରିଲି ତେବେ ଲାଭ ମୋର କ'ଣ ହେଲା ! ଯାହା ସବୁଠାରୁ ବଡ଼ ବାଧା ବୋଲି ଭାବୁଥିଲି ତାକୁ ଦୂରେଇ ଦେଇ ମଧ୍ୟ ତୁମ ଆଡ଼କୁ ଅଗ୍ରସର ହୋଇ ପାରୁନି । ଅନ୍ତରଟା ଏକେବାରେ ଫାଙ୍କା ଲାଗୁଛି । 'କ'ମାନଙ୍କର ସମ୍ପର୍କକୁ ମୁଁ ଭଲଭାବେ ନେଇ ମଧ୍ୟ କୌଣସି ପ୍ରକାରେ ତାକୁ ଧରି ରଖି ପାରୁନି, ତାହା ନଜର କରି ମଧ୍ୟ ବି ଭଲ ଲାଗୁନି । ବୁଝିପାରୁଛି

*(ଅବଶିଷ୍ଟାଂଶ ପୃଷ୍ଠା ୨୭ରେ ଦେଖନ୍ତୁ)*

# ଆମ ମାଆ
## (୧)
## ସୁନନ୍ଦା ବେନ୍

''ମୁଁ ବି ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାକୁ ଚାହେଁ ।'' ବାଇଶି ବର୍ଷୀୟା ଧର୍ମପତ୍ନୀ ଚଞ୍ଚଳ ବେନ୍ ସ୍ୱାମୀ ଶିବଭାଇଙ୍କୁ କହିଲେ, ''ତୁମେ ପ୍ରାୟ ଶ୍ରୀଅରବିନ୍ଦଙ୍କ କଥା ଆଉ ପଣ୍ଡିଚେରୀରେ ଥିବା ତାଙ୍କ ଆଶ୍ରମ କଥା ମୋତେ ଶୁଣାଇଥାଅ । ତା'ଛଡ଼ା ତୁମେ ତାଙ୍କୁ ତୁମର ଗୁରୁ ବୋଲି ସମ୍ବୋଧନ କର । ତୁମର ଗୁରୁହିଁ ତ ମୋର ଗୁରୁ । ତେଣୁ ମୋର ବି ତ ତାଙ୍କୁ ଦର୍ଶନ କରିବା ଉଚିତ ।''

''ପଣ୍ଡିଚେରୀର ଆଶ୍ରମରେ ସେମିତି ପ୍ରଥା ଚଳେ ନାହିଁ । ସ୍ୱାମୀର ଗୁରୁ ଯେ ନିଶ୍ଚିତରୂପେ ବା ସ୍ୱାଭାବିକ ରୂପେ ସ୍ତ୍ରୀର ଗୁରୁ ହେବେ – ଏକଥା ସେଠାରେ ନାହିଁ ।'' ଶିବଭାଇ ପ୍ରତ୍ୟୁତ୍ତରରେ କହିଲେ ।

–''ନ ଥାଉ ସେମିତି ପ୍ରଥା । ତଥାପି ମୁଁ ପଣ୍ଡିଚେରୀ ଯିବାକୁ ଚାହେଁ । ମୁଁ ସ୍ୱତନ୍ତ୍ର ଭାବରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବି । ତୁମେ ମୋତେ କେବଳ ଏତିକି କୁହ, ମୁଁ ସେଠାକୁ ଯିବି କେମିତି ?''

–''ସତକୁ ସତ ତୁମେ ଯଦି ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାକୁ ଚାହଁ, ତେବେ ତାଙ୍କଠୁ ଅନୁମତି ପାଇବା ସକାଶେ ତୁମକୁହିଁ ଏଥିପାଇଁ ଆଗେଇବାକୁ ହେବ । ତୁମେ ଅନ୍ୟ କାହାରି ମାରଫତରେ ଏଥି ସକାଶେ ଅନୁମତି ପାଇପାରିବ ନାହିଁ । ଶୁଣ, ଶ୍ରୀଅରବିନ୍ଦ ହେଉଛନ୍ତି ତାଙ୍କ ନିଜସ୍ୱ ଯୋଗମାର୍ଗରେ ଜଣେ ଅତ୍ୟୁଚ୍ଚମାନର ପୂର୍ଣ୍ଣବିକଶିତ ଆଧ୍ୟାତ୍ମିକ ଗୁରୁ । ତାଙ୍କର ଯୋଗତତ୍ତ୍ୱକୁ ବୁଝିବା ବା ହୃଦୟଙ୍ଗମ କରିବା ଏତେ ସହଜ କଥା ନୁହେଁ । ଆଉ ସେସବୁକୁ ଦୈନନ୍ଦିନ ଜୀବନରେ ଅଭ୍ୟାସ କରିବା ତ ଆହୁରି କଠିନ ।''

–''କଠିନ ହୋଇଥାଉ । ମୋତେ ତୁମେ ଏତିକି କୁହ, ତୁମେ ପ୍ରଥମେ ଆଶ୍ରମକୁ ଯିବା ସକାଶେ କେମିତି ଅନୁମତି ପାଇଲ ?''

–''ଦେଖ, ମୁଁ ଶ୍ରୀଅରବିନ୍ଦଙ୍କ ଲିଖିତ କେତେକ ପୁସ୍ତକ ପାଠ କରୁଥିଲି ଏବଂ ଯୋଗାଭ୍ୟାସ କରି ତାଙ୍କର ଯୋଗତତ୍ତ୍ୱକୁ ପାରୁପର୍ଯ୍ୟନ୍ତ ହୃଦୟଙ୍ଗମ କରିବାରେ ଚେଷ୍ଟା ଚଳାଇଥିଲି । ହଁ, ଆବଶ୍ୟକ ସ୍ଥଳେ ତାଙ୍କର ନିର୍ଦ୍ଦେଶ ଓ ଉପଦେଶ ଲାଭ କରିବା ସକାଶେ ମୁଁ ମଧ୍ୟ ତାଙ୍କ ସହିତ ମଝିରେ ମଝିରେ ପତ୍ରାଳାପ ବି କରୁଛି ।''

–''ଏସବୁ ତ ପରବର୍ତ୍ତୀ କଥା; ଠିକ୍ ଅଛି । କିନ୍ତୁ ମୋତେ ଅସଲ କଥାଟା କୁହ – ଆଶ୍ରମକୁ ଯିବା ସକାଶେ ତୁମେ ତାଙ୍କର ଅନୁମତି ପାଇଲ କିପରି ?'' ଜିଗର ଧରି ବସିଲେ ଧର୍ମପତ୍ନୀ ।

ଅନନ୍ୟୋପାୟ ହୋଇ ଶେଷରେ ଶିବଭାଇ ତାଙ୍କୁ କହିଲେ : ''ମୁଁ ତାଙ୍କୁ ଲେଖିଥିଲି । ମୋ କର୍ମକ୍ଷେତ୍ରରୁ କିଛି ଦିନ ସକାଶେ ଛୁଟି ନେଇ ଆଶ୍ରମକୁ ଯିବା ପାଇଁ ସେ ମୋତେ ଅନୁମତି ଦେଲେ । ଆଶ୍ରମରୁ ପୁରାଣୀଜି ମୋତେ ଲେଖିଲେ ଯେ ସେଠାକୁ ଯିବା ସକାଶେ ସେ ମୋତେ ନିର୍ଦ୍ଧାରିତ ଦିନ ଜଣାଇବେ ।''

–''ଏଇ ପୁରାଣୀଜି କିଏ ? ଏଇ କ'ଣ ସେଇ ସମାନ ବ୍ୟକ୍ତି ଯିଏକି ଭାରତର ସ୍ୱାଧୀନତା ଲାଭ ସକାଶେ ଆନ୍ଦୋଳନ ଚଳାଇଥିଲେ ? ଯିଏକି ଗୁଜରାଟରେ ଥିବା ଆଖଡ଼ାସବୁର ଦେଖାଶୁଣା କରୁଥିଲେ ? ମୋର ମନେଅଛି, ସିଏ ଗୋଟିଏ ପିଲାକୁ ଭଲକରି ଚଟକଣାଟିଏ ମାରିଥିଲେ ଯିଏକି ସ୍କୁଲରେ ତା' ସାଥିରେ ପଢୁଥିବା ଜଣେ ଝିଅକୁ ହଇରାଣ କରୁଥିବା ବେଳେ ଧରା ପଡ଼ିଯାଇଥିଲା ? ସେଇ ବ୍ୟକ୍ତି ?

–''ହଁ, ହଁ, ସେଇ ପୁରାଣୀଜି । ସେ ଏବେ ରାଜନୀତି ଛାଡ଼ିଦେଇ ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ଆଶ୍ରମର ଜଣେ ସ୍ଥାୟୀ ଅନ୍ତେବାସୀ ।''

–''ସେ ଏମିତି କାହିଁକି କଲେ ? ଭାରତ ତ ପୁରାଣୀଜିଙ୍କ ଭଳି ଲୋକ ଚାହେଁ ।''

–''ତୁମେ ଠିକ୍ କହିଛ । କିନ୍ତୁ ସେ ଏବେ ଶ୍ରୀଅରବିନ୍ଦଙ୍କର ଜଣେ ନୈଷ୍ଠିକ ଶିଷ୍ୟ ଏବଂ ଗୁରୁଙ୍କ ନିର୍ଦ୍ଦେଶରେ ତାଙ୍କ ଆଶ୍ରମରେ ରହିଛନ୍ତି । ମୁଁ ବି ମଝିରେ ମଝିରେ ଗୁରୁଙ୍କର ନିର୍ଦ୍ଦେଶ ମାଗିଥାଏ, ଯେତେବେଳେ କୌଣସି ଗୁରୁତର ବିଷୟରେ ପକ୍କା ସିଦ୍ଧାନ୍ତ ନେବାର ଥାଏ ବା କୌଣସି ଜରୁରୀ କାମ ହାତକୁ ନେବାର ଥାଏ ।''

—''ତା'ହେଲେ ଭାରତର ସ୍ୱାଧୀନତା କଥା କ'ଣ ହେବ ? ଯଦି ପୁରାଣୀଜିଙ୍କ ଭଳିଆ, ତୁମ ଭଳିଆ ଲୋକସବୁ କାମଦାମ ଛାଡ଼ିଦେଇ ଖାଲି ଧ୍ୟାନ ଓ ପ୍ରାର୍ଥନା କରିବା ସକାଶେ ବସି ରହନ୍ତି ?''

—''ଶୁଣ, କଥାଟା ସେମିତି ନୁହେଁ । ଏବେ ଶ୍ରୀଅରବିନ୍ଦ ଭଗବତ୍ ଶକ୍ତି ମାଧ୍ୟମରେ ଭାରତ ସ୍ୱାଧୀନତା ସକାଶେ ସାଧନାରତ ଅଛନ୍ତି । ସିଏ ବି ତ ଦିନେ ରାଜନୀତିରେ ପୂର୍ଣ୍ଣପ୍ରାଣରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ଏବେ କିନ୍ତୁ ଭଗବତ୍ ଆଦେଶରେ ସେ ରାଜନୀତିରୁ ସମ୍ପୂର୍ଣ୍ଣରୂପେ ନିଜକୁ ଅପସରାଇ ନେଇ ଭାରତର ଯୁବଗଣଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜାଗରଣ ଘଟାଉଛନ୍ତି । ତାଙ୍କର ଏହି ଦୁଃସାହସିକ ନୂତନ ଅଭିଯାନରେ ଅନ୍ୟମାନଙ୍କୁ ଅଂଶ ଗ୍ରହଣ କରାଇବା ସକାଶେହିଁ ସେ ଆଶ୍ରମ ଗଠନ କରିଛନ୍ତି । ତାଙ୍କ ଯୋଗର ନାମ ହେଉଛି ପୂର୍ଣ୍ଣଯୋଗ, ଯାହା ମାଧ୍ୟମରେ ମଣିଷ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି, ତାକୁ ଅତିକ୍ରମ କରି ଉର୍ଦ୍ଧ୍ୱତର ସ୍ତରକୁ ଉନ୍ନୀତ ହେବ ଏବଂ ଭାରତର ଆଧ୍ୟାତ୍ମିକ ଅଗ୍ରଗତିରେ ସାହାଯ୍ୟ କରିବ ।''

ଶିବଭାଇଙ୍କର ଉପରୋକ୍ତ ବକ୍ତବ୍ୟ ପରେ ସେଦିନ ଚଞ୍ଚଳ ବେନ୍ ନୀରବ ରହିଥିଲେ । ଏହା ଯେତେଦୂର ସମ୍ଭବ ୧୯୨୫ ମସିହାର କଥା । ସ୍ୱାମୀ-ସ୍ତ୍ରୀ ଦୁହେଁ ଗୁଜରାଟର ଏକ ଛୋଟ ଗାଁ ତାରାପୁରରେ ବାସ କରୁଥିଲେ ଏବଂ ଏକମନପ୍ରାଣରେ ମହାତ୍ମାଗାନ୍ଧିଙ୍କର ଗ୍ରାମମଙ୍ଗଳ ଯୋଜନାରେ ଭାଗ ନେଇଥିଲେ । ଏହି ଯୋଜନାନୁଯାୟୀ ଦୁହେଁ ନିତି ବଡ଼ିଭୋରରୁ ଉଠି ନିତ୍ୟକର୍ମ ସମାପନାନ୍ତେ ଗ୍ରାମାଞ୍ଚଳର ରାସ୍ତାଘାଟ ଓ ନର୍ଦ୍ଦମା-ନାଳସବୁ ପରିଷ୍କାର କରିବାରେ ବାହାରି ପଡୁଥିଲେ । ସେତେବେଳେ ସେମାନଙ୍କର ଦୃଢ଼ଧାରଣା ହୋଇଥିଲା ଯେ ସମଗ୍ର ଦେଶ ଯଦି ଏହି ଯୋଜନାକୁ ଯଥାସାଧ୍ୟ ଆନ୍ତରିକଭାବରେ ସମ୍ପାଦନ କରନ୍ତି, ତେବେ ବିଦେଶୀ ଶାସନରୁ ଦେଶକୁ ମୁକ୍ତ କରି ସ୍ୱାଧୀନତା ଲାଭ ସକାଶେ ଦେଶ ସମର୍ଥ ହୋଇଉଠିବ । ଶିବଭାଇ ମଧ୍ୟ ସେସମୟରେ କଲେଜରେ ପଢ଼ାପଢ଼ି କରୁଥିଲେ । ଇତିମଧ୍ୟରେ ସେ ପୁରାଣୀଙ୍କ ସାହଚର୍ଯ୍ୟରେ ଆସିଛନ୍ତି ଏବଂ ଶ୍ରୀଅରବିନ୍ଦଙ୍କର ଦର୍ଶନ ଲାଭ କରି ଅନ୍ତରରେ ତାଙ୍କୁ ଗୁରୁରୂପେ ବରଣ କରିନେଇଛନ୍ତି ।

ସେଦିନ ସ୍ତ୍ରୀଙ୍କ ସହିତ ଉପରୋକ୍ତ କଥୋପକଥନର ପରେ ପରେ କଥାଛଳରେ ସେ ତାଙ୍କୁ ବୁଝାଇଛନ୍ତି : ''ଶ୍ରୀଅରବିନ୍ଦ ତାଙ୍କ ଯୋଗଦୃଷ୍ଟିରେ ଦେଖି ପାରିଛନ୍ତି ଯେ ଭାରତର ସ୍ୱାଧୀନତା ସ୍ଥିରନିଶ୍ଚିତ । ପୁରାଣୀଜି ୧୯୧୪ରୁ ଶ୍ରୀଅରବିନ୍ଦଙ୍କ ସହିତ ପତ୍ରାଳାପ କରୁଥିଲେ ଏବଂ ୧୯୧୮ର ଶେଷ ଆଡ଼କୁ ପ୍ରଥମେ ପଣ୍ଡିଚେରୀକୁ ଯାଇ ଶ୍ରୀଅରବିନ୍ଦଙ୍କୁ ଭେଟି ତାଙ୍କୁ ସବିନୟ ଅନୁରୋଧ କରିଥିଲେ ଯେ ସେ ପୁନର୍ବାର ରାଜନୀତିକୁ ଫେରିଆସି ସେମାନଙ୍କୁ ପଥ ଦେଖାନ୍ତୁ ଏବଂ ଭାରତକୁ ପୂର୍ଣ୍ଣ ସ୍ୱାଧୀନ କରନ୍ତୁ । ଶ୍ରୀଅରବିନ୍ଦ କିନ୍ତୁ ପୁରାଣୀଜିଙ୍କୁ କହିଲେ, 'ମୁଁ ଯଦି ତୁମକୁ ଦୃଢ଼ନିଶ୍ଚୟତା ଦିଏ, ଯେ ଭାରତ ନିଶ୍ଚୟ ସ୍ୱାଧୀନ ହେବ, ତୁମେ କ'ଣ ତା'ହେଲେ ମୋ ସହିତ ମୋର ରୂପାନ୍ତର ଯୋଗରେ ଯୋଗ ଦେବ ? ଭାରତର ସ୍ୱାଧୀନତା ପ୍ରାପ୍ତି ଆଗାମିକାଲିର ସୂର୍ଯ୍ୟୋଦୟ ସଦୃଶ ଦୃଢ଼ନିଶ୍ଚିତ ।' ପୁରାଣୀଜି ବିନାଦ୍ୱିଧାରେ ଶ୍ରୀଅରବିନ୍ଦଙ୍କ ନିଶ୍ଚୟତାକୁ ହୃଦୟଭରି ଗ୍ରହଣ କରିନେଲେ ଏବଂ ସେଇ ମୁହୂର୍ତ୍ତରୁ ତାଙ୍କ ଜୀବନଧାରାର ମୋଡ଼ ଏକେବାରେ ବଦଳିଗଲା । ୧୯୨୧ରେ ଦ୍ୱିତୀୟ ଥର ପଣ୍ଡିଚେରୀକୁ ଯାଇ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିଛନ୍ତି ଏବଂ ୧୯୨୩ର ଶେଷ ଆଡ଼କୁ ସ୍ଥାୟୀ ଭାବରେ ଆଶ୍ରମରେ ବାସ କରୁଛନ୍ତି ।''

ଇତିମଧ୍ୟରେ ଶିବଭାଇ ଭବିଷ୍ୟତରେ ତାଙ୍କର ଜୀବନ-ନିର୍ବାହର ଉପାୟ ସ୍ୱରୂପ କେଉଁ ପଥ ଅବଲମ୍ବନ କରିବେ, ସେସମ୍ବନ୍ଧେ ଏକ ପକ୍କା ସିଦ୍ଧାନ୍ତ ନେବାର ମୁହୂର୍ତ୍ତ ଆସିଲା । ସେ ମହାତ୍ମାଗାନ୍ଧିଙ୍କର ଗ୍ରାମମଙ୍ଗଳ ଯୋଜନାରୁ ନିଜକୁ ଅପସରାଇ ନେଲେ ଏବଂ କଲେଜରେ ପଢ଼ାପଢ଼ି ମଧ୍ୟ ବନ୍ଦ କରିଦେଲେ । ସେଇଠୁ ଧର୍ମପତ୍ନୀ ତାଙ୍କୁ ପଚାରିଲେ, ''ଭବିଷ୍ୟତ୍ ସକାଶେ ତୁମେ ଏବେ କ'ଣ ସିଦ୍ଧାନ୍ତ ନେଇଛ ?''

ଶିବଭାଇ ତାଙ୍କୁ ସବୁକଥା ଖୋଲି କହିଲେ, ''ଏ ବିଷୟରେ ମୋର ଶ୍ରୀଅରବିନ୍ଦଙ୍କ ସହିତ ପତ୍ରାଳାପ ହୋଇଛି । ମୁଁ ତାଙ୍କୁ ଲେଖିଥିଲି ଯେ କେନିୟାରେ ଥିବା ମୋର ଅଗ୍ରଜ ରାମଭାଇ ମୋର ଇଂଲଣ୍ଡକୁ ଯାଇ ଆଇନ ପଢ଼ିବା ସକାଶେ ସାହାଯ୍ୟ କରିବାକୁ ଇଚ୍ଛୁକ ଅଛନ୍ତି । ତେଣୁ ମୋର ଇଂଲଣ୍ଡକୁ ଯାଇ ପଢ଼ାପଢ଼ି କରିବାଟା ଠିକ୍ ହେବ କି ନାହିଁ — ଏବିଷୟରେ ମୋତେ ନିର୍ଦ୍ଦେଶ ଦିଅନ୍ତୁ, ମୋର ପଥପ୍ରଦର୍ଶନ କରନ୍ତୁ । ଶ୍ରୀଅରବିନ୍ଦ ମୋ ଭାଇଙ୍କର ପ୍ରସ୍ତାବରେ ସମ୍ମତି ପ୍ରଦାନ କରିଛନ୍ତି । ତେଣୁ ମୋର ଇଂଲଣ୍ଡ ଯିବାର ସିଦ୍ଧାନ୍ତ ଏକେବାରେ ପକ୍କା ।''

ଚଞ୍ଚଳ ବେନ୍ ମନ୍ଦହାସ୍ୟରେ କହିଉଠିଲେ, ''ଓ ! ଏବେ

ବୁଝିଲି, ତୁମେ କ'ଣ ପାଇଁ ଗାନ୍ଧିଜିଙ୍କ କାମ ଆଉ କଲେଜ ପଢ଼ାସବୁ ବନ୍ଦ କରିଦେଇଛ !''

ଯେତେଦୂର ସମ୍ଭବ ୧୯୨୬ର ମଧ୍ୟଭାଗରେ ଶିବଭାଇ ଆଫ୍ରିକାର ନାଇରୋବି ଅଭିମୁଖେ ଜାହାଜରେ ଯାତ୍ରାରମ୍ଭ କଲେ । ସେଠାରେ ପହଞ୍ଚି କେନିୟାରେ ଥିବା ତାଙ୍କ ଭାଇଙ୍କୁ ଭେଟିଲେ । ରାମଭାଇଙ୍କର ପୃଷ୍ଠପୋଷକତାରେ ସେ ଇଂଲଣ୍ଡକୁ ଯାଇ ସେଠାରେ ଆଇନଶାସ୍ତ୍ର ଅଧ୍ୟୟନ କରିବାରେ ମନୋନିବେଶ କଲେ ।

ଏବେ ତାରାପୁର ଘରେ ରହିଲେ ଚଞ୍ଚଳ ବେନ୍, ଆଉ ସାଥିରେ ରହିଲେ ଶିବଭାଇଙ୍କର ପିତାମହ, ଦାଦା ହାତୀଭାଇ ଏବଂ ଚଞ୍ଚଳ ବେନ୍‌ଙ୍କର ଭଉଣୀ ସୁରଜ ବେନ୍ ଓ ତାଙ୍କର ଦୁଇଟି ସନ୍ତାନ । ଶିବଭାଇଙ୍କର ବିଦେଶ ଯାତ୍ରାର ଠିକ୍ ପରେ ପରେ ଚଞ୍ଚଳ ବେନ୍‌ଙ୍କ ଭିତରେ ପଣ୍ଡିଚେରୀ ଯିବାର ଅଦମ୍ୟ ପ୍ରେରଣା କ୍ରମଶଃ ତାଙ୍କୁ କାବୁ କରିନେଲା । ସିଦ୍ଧାନ୍ତ ନେଲେ ସେ ନିଶ୍ଚିତରୂପେ ପଣ୍ଡିଚେରୀ ଯିବେ ।

(କ୍ରମଶଃ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

---

*(ପୃଷ୍ଠା ୨୪ର ଅବଶିଷ୍ଟାଂଶ)*

ପ୍ରାଣିକ ପ୍ରକୃତି ଏବେ ବି ଆଦୌ ନିୟନ୍ତ୍ରଣକୁ ଆସି ନାହିଁ । ମନଟା ଏକେବାରେ ଭାଙ୍ଗି ପଡ଼ିଛି । ନିଜକୁ ଯେମିତି ଏକ ବୋଝ ପରି ବୋହି ନେଇ ଚାଲିଛି,– ପ୍ରାଣହୀନ, ଅସାର ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଯାହା ତୁମେ ଅନୁଭବ କରିଛ ତାହା ତୁମର ନିମ୍ନପ୍ରାଣ ତା'ର ଦାବି ଏବଂ ବାସନା ସହ ପୁଣି ତୁମ ମଧ୍ୟରେ ଉଦୟ ହୋଇଛି ଅବା ଫେରି ଆସିଛି । ତା'ର ପ୍ରସ୍ତାବ ହେଉଛି ଏହିପରି : ''ମୁଁ ଯୋଗ କରୁଛି କିନ୍ତୁ କିଛି ପାଇବା ପାଇଁ । ମୁଁ ପ୍ରାଣର ବାସନା ଏବଂ ତା'ର ପରିତୃପ୍ତିର ଜୀବନ ତ୍ୟାଗ କରିଛି ମା'ଙ୍କ ସଙ୍ଗେ ଅନ୍ତରଙ୍ଗତା ନିମନ୍ତେ – 'କ' ପାଖରୁ ବା ଜଗତରୁ ପରିତୃପ୍ତି ନଚାହିଁ ତା' ବଦଳରେ ଚାହିଁଛି ନିଜର ପରିତୃପ୍ତି ଏବଂ ଭଗବାନଙ୍କ ଦ୍ୱାରା ବାସନା ଆଦିର ପରିପୂରଣ । ମୁଁ ଯଦି ମା'ଙ୍କ ସଙ୍ଗେ ଅନ୍ତରଙ୍ଗତା ଯେମିତି ଚାହିଁଛି, ବର୍ତ୍ତମାନ ଯଦି ତାହା ନପାଏ, ତାହାହେଲେ ମୋର ପୁରାତନ ଯାହାସବୁ ଥିଲା ସେସବୁକୁ ଛାଡ଼ିବି ବା କାହିଁକି ? ଏବଂ ତା'ର ସ୍ୱାଭାବିକ ଫଳସ୍ୱରୂପ ପୁରାତନ ଜିନିଷ ସବୁ ପୁଣି ଆରମ୍ଭ ହୋଇଛି – 'କ' ଏବଂ 'ନ' ଏବଂ 'ନ' ଏବଂ 'କ' ଏବଂ ସାହାନାର ସବୁ ତ୍ରୁଟି ବିଚ୍ୟୁତି !'' ତୁମକୁ ତୁମର ନିମ୍ନପ୍ରାଣର ଏଇସବୁ କଳକୌଶଳକୁ ଦେଖିବାକୁ ହେବ ଏବଂ ତାକୁ ବାତିଲ କରିବାକୁ ପଡ଼ିବ । କେବଳ ଆତ୍ମନିବେଦନର ପୂର୍ଣ୍ଣ ଚୈତ୍ୟିକ ସମ୍ବନ୍ଧ ଦ୍ୱାରାହିଁ ଭଗବାନଙ୍କ ସଙ୍ଗେ ଏକତ୍ୱ ଓ ସାନ୍ନିଧ୍ୟ ବଜାୟ ରଖାଯାଏ – ଅନ୍ୟଟି ହେଉଛି ପ୍ରାଣିକ ଅହଂକାରର ଗତିବିଧିର ଅଂଶ ଯାହା କେବଳ ଚେତନାର ପତନ ଏବଂ ବାଧା ବିପତ୍ତିକୁ ନିମନ୍ତ୍ରଣ କରି ଆଣେ ।

୨୦.୦୬.୩୩

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

> ପରମ ସତ୍ୟର ଅଭିମୁଖୀ ହେବା ଲାଗି ବହୁବିଧ ମାର୍ଗ ରହିଛି ଓ ତୁମେ କି ଧରଣର ପଥ ଗ୍ରହଣ କରିଛ ତା'ରି ଉପରେ ନିର୍ଭର କରେ ତୁମ ଚରମ ଅନୁଭୂତିର ପ୍ରକୃତି ଯାହା ବଳରେ ତୁମେ ସେହି ଅନିର୍ବଚନୀୟ ତତ୍ତ୍ୱଙ୍କ ମଧ୍ୟକୁ ପ୍ରବେଶ କରିଥାଅ ।
>
> – ଶ୍ରୀଅରବିନ୍ଦ

# ଗଣେଶଙ୍କ ସମ୍ପର୍କରେ

## ଶ୍ରୀମା

ଶିଷ୍ୟ : ମା', ଦେବତା ଗଣେଶ କିଏ ? ତାଙ୍କ ସଙ୍ଗେ ସମ୍ପର୍କ ସ୍ଥାପନର ବାଟ କ'ଣ ? ପଣ୍ଡିତଜି ମୋତେ ଏକ ଗଣେଶ ମନ୍ତ୍ର ଦେଇଥିଲେ ଏବଂ ମୁଁ ତାହା ନିୟମିତ ଜପ କରୁଛି । ପ୍ରଥମେ ମୁଁ ଶ୍ରୀଅରବିନ୍ଦଙ୍କ ନାମ ନିଏ ଏବଂ ତା'ପରେ ହୃଦୟରେ ମା'ଙ୍କୁ ସ୍ମରଣ କରି ସେହି ମନ୍ତ୍ର ଜପ କରେ । ମୋର ପିଲାଳିଆ ଭାବନା ହେଲା ଯଦି ପ୍ରଭୁ ଗଣେଶ ମୋ ଆଗରେ ଆବିର୍ଭାବ ହୁଅନ୍ତି ତା'ହେଲେ ମା'ଙ୍କ ପାଇଁ ଅନେକ ଅର୍ଥ ସଂଗ୍ରହ କରିବା ଦିଗରେ ସେ ମୋତେ ଅଧିକ ସକ୍ଷମ କରାଇ ଦେବେ । କିନ୍ତୁ ମୁଁ ଏହା ମଧ୍ୟ ଭାବେ ଯେ ମା'ଙ୍କ କୃପା ବିନା ସେ ଆବିର୍ଭୂତ ହେବେ ନାହିଁ । ମା', ତାଙ୍କୁ ଜାଣିବାର ବାଟ କ'ଣ ?

ଶ୍ରୀମା : ତୁମ ପ୍ରଶ୍ନର ଉତ୍ତର ସ୍ୱରୂପ ମୁଁ କହିବି ଯେ ପ୍ରତ୍ୟେକ ବ୍ୟକ୍ତି ତା' ନିଜର ଭାବ ଅନୁସାରେ ଗଣେଶଙ୍କୁ ଉପାସନା କରିବ – କେବଳ ପାରମ୍ପରିକ ରୀତି ଯେ ସର୍ବଶ୍ରେଷ୍ଠ ବାଟ ଏହା ଠିକ୍ ନୁହେଁ ।

ତାଙ୍କ ସମ୍ପର୍କରେ ମୋର ନିଜର ଅନୁଭୂତି ବିଷୟରେ କହିବି ।

୧୯୩୦ରେ ପ୍ରସ୍ପେରିଟି ହଲ୍‌ରେ ଆମେ ନିୟମିତ ଧ୍ୟାନ କରୁଥିଲୁ ଫୁଲସବୁର ତାତ୍ପର୍ଯ୍ୟ ଉପରେ । ଏଥିରୁ ଏକ ଧ୍ୟାନ ବେଳେ ଦିନେ ହଠାତ୍ ଅପ୍ରତ୍ୟାଶିତ ଭାବରେ ମୋର ଅନ୍ତର୍ଦୃଷ୍ଟି ଆଗରେ ଗଣେଶ ଆବିର୍ଭୂତ ହେଲେ । ସେ ଜ୍ୟୋତିର୍ମୟ ସୁବର୍ଣ୍ଣ ଆଭାରେ ମଣ୍ଡିତ ହୋଇ ସୁବର୍ଣ୍ଣମୟ ଥିଲେ । ତାଙ୍କର ଆକୃତି ଥିଲା ତାଙ୍କର ସେହି ପରିଚିତ ମୂର୍ତ୍ତିଭଳି ।

ଏହାହିଁ ଥିଲା ତାଙ୍କୁ ପ୍ରଥମଥର ପାଇଁ ମୋର ଦେଖିବା ଏବଂ ତାଙ୍କର ଏହି ହଠାତ୍ ଆବିର୍ଭାବରେ ମୁଁ କିଛିଟା ବିସ୍ମୟ ପ୍ରକାଶ କଲି ।

ତା'ପରେ ସେ ମୋତେ କହିଲେ, ''ଦେଖ ମୁଁ ଅତିବାସ୍ତବ ଓ ନିର୍ଦ୍ଦିଷ୍ଟ ଭାବରେ ଏକ ଜୀବନ୍ତ ସତ୍ତା – ଏବଂ ମୋର ବାସ୍ତବତାର ପ୍ରମାଣ ସ୍ୱରୂପ ଏଣିକି ତୁମର ପ୍ରୟୋଜନୀୟ ସମସ୍ତ ଅର୍ଥ ମିଳିବାର ମୁଁ ବନ୍ଦୋବସ୍ତ କରିବି ।

ଏବଂ ଏହି ପ୍ରତିଶ୍ରୁତି ଦେଇ ସେ ଅନ୍ତର୍ଦ୍ଧାନ ହୋଇଗଲେ ।

ବର୍ଷବର୍ଷ ଧରି ସେ ନିଜର ପ୍ରତିଶ୍ରୁତି ରକ୍ଷା କରିଥିଲେ ଏବଂ ପ୍ରଚୁର ପରିମାଣରେ ଅର୍ଥ ଆସୁଥିଲା ।

ତା'ପରେ ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ଏବଂ ସବୁକିଛି ନଷ୍ଟ ହୋଇଗଲା ।

ତେବେ ଦଶ ବର୍ଷ ପରେ ୧୯୪୯ରେହିଁ ପ୍ରକୃତ ଆର୍ଥିକ ଅସୁବିଧା ଦେଖା ଦେଲା ଏବଂ ତା'ପରେ ଏଥିପାଇଁ କଷ୍ଟ କରିବାକୁ ପଡୁଛି ।

କିନ୍ତୁ ବର୍ତ୍ତମାନ ବି ଯଦି ତୁମେ ଗଣେଶଙ୍କୁ ଆନ୍ତରିକ ଭାବେ ଉପାସନା କର ସେ ତୁମ ଜରିଆରେ ପୁଣି ଥରେ ତାଙ୍କର ଅବଦାନର ପ୍ରକ୍ରିୟା ଆରମ୍ଭ କରିପାରନ୍ତି । ଏ ସମ୍ପର୍କରେ ଚେଷ୍ଟା କରାଯାଇପାରେ ।

*୮ ନଭେମ୍ବର ୧୯୬୨* ❑

# ଶ୍ରୀଅରବିନ୍ଦଙ୍କ ସହିତ ପ୍ରଥମ ଦର୍ଶନ ଓ ଅନୁଭୂତି

## ଲକ୍ଷ୍ମଣ ନାରାୟଣ ଗାର୍ଦ୍ଦେ

### (୧୯୨୮)

ମୁଁ ପଣ୍ଡିଚେରୀରେ ଠିକ୍ ନଭେମ୍ବର ୨୩ ତାରିଖ ସକାଳେ ଯାଇ ପହଞ୍ଚିଗଲି ଏବଂ ମୋତେ ଆଶ୍ରମର ଗୋଟିଏ କକ୍ଷକୁ ନିଆହୋଇଗଲା । ଆଶ୍ରମର ଜଣେ ସାଧକ ମୋ ନିକଟକୁ ଆସି କହିଲେ, 'ଶ୍ରୀମାଙ୍କୁ ଦର୍ଶନ କରିବା ପାଇଁ ମୋ ସହିତ ଆସ' । ଆହୁରି ମଧ୍ୟ ସେ କହିଲେ, 'ଆମେ ଶ୍ରୀମାଙ୍କ ପାଦ ତଳେ ପ୍ରଣାମ କରୁ ଏବଂ ସେ ଆମ ମୁଣ୍ଡ ଉପରେ ହାତ ରଖି ଆମକୁ ଆଶୀର୍ବାଦ ଦିଅନ୍ତି ।' ମୁଁ ଜଣେ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରୁ ଆସିଥିଲି । ଅବଶ୍ୟ ମୁଁ ଆଗରୁ ଶ୍ରୀମାଙ୍କ ବିଷୟରେ ପ୍ରାୟ କିଛି ବି ଜାଣି ନଥିଲି । ମୁଁ ମନେ ମନେ ଭାବିଲି, ''ମୁଁ ଏଠାକୁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାକୁ ଆସିଛି । ଯଦି ମୋତେ ଶ୍ରୀମା ଆଶୀର୍ବାଦ ନ କରନ୍ତେ ତେବେ ଭଲ ହୁଅନ୍ତା ।'' ଏହି କଥା ଭାବି ଭାବି ସେହି ସାଧକଙ୍କ ସହିତ ଯାଇ ଆଶ୍ରମରେ ପହଞ୍ଚିଲି । ସେହିଦିନମାନଙ୍କରେ ଶ୍ରୀମା ଲାଇବ୍ରେରି କକ୍ଷରେ ଲୋକମାନଙ୍କୁ ଦର୍ଶନ ଦେଉଥିଲେ । ସେଠାରେ ମୁଁ ଶ୍ରୀମାଙ୍କୁ ଦର୍ଶନ କରି ତାଙ୍କ ପାଦ ତଳେ ପ୍ରଣାମ କଲି । କିନ୍ତୁ ଶ୍ରୀମା ମୋତେ ଆଶୀର୍ବାଦ ଦେଲେ ନାହିଁ । ମୁଁ ଯେତେବେଳେ ମୁଣ୍ଡ ଟେକି ତାଙ୍କୁ ଚାହିଁଲି, ସେ କହିଲେ ''ଶ୍ରୀଅରବିନ୍ଦ ଆସନ୍ତା କାଲି ଦର୍ଶନ ଦେବେ ।'' ମୁଁ ଏକଥା ଶୁଣି ବିସ୍ମିତ ହୋଇ ତାଙ୍କ ମୁହଁକୁ ଚାହିଁ ରହିଲି ଓ ଭାବିଲି ମା' କାହିଁକି ଏପରି କହିଲେ ? ସେ ନିଶ୍ଚୟ ମୋ ହୃଦୟ କଥା ଜାଣି ପାରିଲେ । ସେଥିପାଇଁ ମୋତେ ଆଶୀର୍ବାଦ ଦେଲେ ନାହିଁ ଏବଂ ସେ ନିଶ୍ଚୟ ବୁଝି ପାରିଛନ୍ତି ମୁଁ କେବଳ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାକୁ ଆସିଥିଲି ବୋଲି ।

ସେସବୁ ଦିନରେ ଶ୍ରୀଅରବିନ୍ଦଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟ ସ୍ଥିର ହୋଇଥାଏ । ଯେତେବେଳେ କେହି ଜଣେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ ଓ ପ୍ରଣାମ କରିବାକୁ ତାଙ୍କ ନିକଟକୁ ଯାଇଥାଏ, ସେତେବେଳେ ଅନ୍ୟଜଣେ ଦର୍ଶନାର୍ଥୀ ବାହାରେ ଶିଡ଼ି ପାହାଚରେ ଅପେକ୍ଷା କରି ଛିଡ଼ା ହୋଇଥାଏ । ଜଣେ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କୁ ପ୍ରଣାମ କଲାବେଳେ ଅନ୍ୟ କେହି ତାହା ନଦେଖିବା ପାଇଁ ଧରି ନିଆ ଯାଇଥାଏ । ତା' ପରଦିନ ସକାଳେ ମୁଁ ସେହି ଶିଡ଼ି ପାହାଚରେ ମୋର ଦର୍ଶନ କରିବା ପାଇଁ ପାଳି ଆସିବା ଯାଏଁ ଅପେକ୍ଷା କରିଥାଏ । ହଠାତ୍ ମୋର ବହୁତ କୌତୂହଳ ଜାଗ୍ରତ୍ ହେଲା । ମୁଁ କବାଟରେ ଉଙ୍କି ମାରି ସ୍ଥିର ଦୃଷ୍ଟିରେ ଟିକିଏ ନିରୀକ୍ଷଣ କଲି । ମୋର ଆଖି ଶ୍ରୀଅରବିନ୍ଦଙ୍କ ଉପରେ ପଡ଼ିଲା । ଶ୍ରୀଅରବିନ୍ଦ ମଧ୍ୟ ସେହି ମୁହୂର୍ତ୍ତରେ ମୋତେ ଅନେଇଲେ । ହଠାତ୍ ଶ୍ରୀଅରବିନ୍ଦଙ୍କର ଏକ ଗମ୍ଭୀର ଏବଂ ଭୟଙ୍କର ଚେହେରା ମୋତେ ଦେଖାଗଲା । ମୁଁ ଭୟଭୀତ ହୋଇଗଲି । ଉପନିଷଦ୍‌ରେ ଥିବା ଶବ୍ଦ 'ଭୀଷଣମ୍- ଭୀଷଣମ୍' ଚେହେରା ଯାହା କି ମୋର ଅନ୍ତରରେ ଏକ ଚମକ ସୃଷ୍ଟିକଲା । ମୁଁ ଭୟରେ ଥରିବାକୁ ଲାଗିଲି । ତା'ପରେ ମୁଁ ନିଜେ ଭାବିଲି ଏବଂ ବୁଝିପାରିଲି । ମୁଁ ଏକ ବଡ଼ ଭୁଲ୍ କରି-ଦେଇଛି । ନିଷେଧ ହୋଇଥିବା କାର୍ଯ୍ୟ ଜାଣିଶୁଣି କରିଛି । ସେଥିପାଇଁ ମୋତେ ଦଣ୍ଡ ଭୋଗିବାକୁ ପଡ଼ିବ ନିଶ୍ଚୟ । ଅନୁତପ୍ତ ତଥା କିଂକର୍ତ୍ତବ୍ୟବିମୂଢ଼ ହୋଇ ମୁଁ ସେଠାରେ ଠିଆ ହୋଇଥାଏ । ଏହି ସମୟରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା ପାଇଁ ମୋର ପାଳିପଡ଼ିଲା । ମୁଁ ଭୀତତ୍ରସ୍ତ ହୋଇ ଭିତରକୁ ଯାଇ ଶ୍ରୀଅରବିନ୍ଦଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ତାଙ୍କର ଆଶୀର୍ବାଦ ପାଇଁ ଠିଆହେଲି । ସେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କୁ ଚାହିଁ ଅନୁଭବ କଲି ଯେ – ଯେପରି ଶ୍ରୀଅରବିନ୍ଦଙ୍କର ଚକ୍ଷୁ ଦୁଇଟି ମୋତେ କହୁଛନ୍ତି, ''ଯଦି ତୁମେ ମୋତେ ଜାଣିବାକୁ ଚାହଁ ତେବେ ତୁମେ ଶ୍ରୀମା'ଙ୍କ ମାଧ୍ୟମ ଦେଇ ମୋତେ ଜାଣିପାରିବ'' । ଏହିପରି କିଛି ବାର୍ତ୍ତା ପାଇବା ପରେ ଏକ ଦିବ୍ୟଶକ୍ତି ମୋର ଗ୍ରୀବାକୁ ଶ୍ରୀମାଙ୍କ ଆଡ଼କୁ ବୁଲାଇ ଦେଲା । ମୁଁ ସଙ୍ଗେ ସଙ୍ଗେ ଶ୍ରୀମାଙ୍କୁ ଦର୍ଶନ କରି ତାଙ୍କ ପାଦ ତଳେ ପଡ଼ି ମୋତେ କ୍ଷମା କରିଦେବାକୁ ପ୍ରାର୍ଥନା କଲି । ଶ୍ରୀମା ମୋତେ ତାଙ୍କର ସ୍ୱର୍ଗୀୟ ଅସୀମ କରୁଣାମୟ ଦୃଷ୍ଟିରେ ଚାହିଁ ରହିଥା'ନ୍ତି । ତାଙ୍କ ମୁଖମଣ୍ଡଳରୁ ଏକ ଦୀପ୍ତି ଝଲକୁ ଥାଏ । ତାଙ୍କର ମଧୁଝରା ଚାହାଣି ମୋ ମନରେ ଭରି ଦେଲା ଅପୂର୍ବ ଶାନ୍ତି । ମୁଁ ଶ୍ରୀମାଙ୍କୁ ଭୂମିଷ୍ଠ ପ୍ରଣାମ କରି ସାରି ବାହାରକୁ ଚାଲି ଆସିଲି ।

(Ref : First Darshan of Lord Sri Aurobindo & Divine Mother, Part- II, P. 40 - 41)

ଅନୁବାଦ : ପ୍ରୀତି ପଟ୍ଟନାୟକ ❑

# ମହାଜାଗତିକ ସପ୍ତତତ୍ତ୍ୱ

## (୩)

**ସୂର୍ଯ୍ୟକାନ୍ତି ମହାନ୍ତି**

ଏ ପୃଥିବୀରେ ପ୍ରତିଦିନ ଅନେକ ଆଶ୍ଚର୍ଯ୍ୟଜନକ ଘଟଣାମାନ ଘଟୁଛି । କିଛି ମଣିଷ ଏଥିରେ ବିସ୍ମିତ ହୁଅନ୍ତି ତ ଅନ୍ୟ କିଛି ଏହାକୁ ଅତି ସାଧାରଣ ଭାବରେ ଗ୍ରହଣ କରନ୍ତି । ତେବେ ବିଶ୍ୱରେ ଏମିତି କିଛି କଳା, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟର ଉତ୍କର୍ଷତା ଅଛି, ଯାହାକୁ ସମଗ୍ର ମାନବସମାଜ ଆଶ୍ଚର୍ଯ୍ୟ ବୋଲି ସ୍ୱୀକାର କରିଛି । ଏମାନଙ୍କ ମଧ୍ୟରୁ କିଛି ଅତି ପୁରାତନ ହେତୁ ଧ୍ୱଂସ ପ୍ରାପ୍ତ ଓ ଆଉ କିଛି ଆଧୁନିକ ଯୁଗରେ ସଗର୍ବରେ ବିଦ୍ୟମାନ । ଏହି ପରିପ୍ରେକ୍ଷୀରେ ବିଶ୍ୱବାସୀ ଭିନ୍ନ ଭିନ୍ନ ଭାବରେ ପୁରାତନ ଓ ନୂତନ ସପ୍ତାଶ୍ଚର୍ଯ୍ୟର ନାମଗୁଡ଼ିକ ଘୋଷଣା କରିଛନ୍ତି । ପୁରାତନ ସପ୍ତାଶ୍ଚର୍ଯ୍ୟଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଶ୍ରେଣୀଭୁକ୍ତ କରାଯାଇଥିବା ବେଳେ ନୂତନଗୁଡ଼ିକ ଶ୍ରେଣୀ ରହିତ । ଏହି ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ପୁରାତନ ସପ୍ତାଶ୍ଚର୍ଯ୍ୟଗୁଡ଼ିକର ବିବରଣୀ ଏହିପରି –

### (୧) **ହାଲିକାର୍ନାସସ୍‌ର ମୋସୋଲିଅମ୍ :**

ଖ୍ରୀ:ପୂ: ୩୫୩ରେ ଏସିଆ ମାଇନର୍ ଅନ୍ତର୍ଗତ କାର୍‌ନିଆ ରାଜ୍ୟର ସମ୍ରାଟ ମୋସୋଲସ୍‌ଙ୍କର ସ୍ମୃତି ଉଦ୍ଦେଶ୍ୟରେ ମୋସୋଲିଅମ୍ ସମାଧି ସ୍ତମ୍ଭ ରାଣୀ ଆର୍ଟେମିସିଆଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହା ଆଧୁନିକ ତୁର୍କିର ଦକ୍ଷିଣ-ପୂର୍ବ ଭାଗରେ ଅବସ୍ଥିତ ଥିଲା । ସମ୍ପୂର୍ଣ୍ଣ ଭାବରେ ଶୁଭ୍ର ମାର୍ବଲ ପ୍ରସ୍ତରରେ ନିର୍ମିତ ଏହି ବିରାଟ ମୋସୋଲିଅମ୍‌ର ଉଚ୍ଚତା ପ୍ରାୟ ୧୩୫ ଫୁଟ ଥିଲା । ଏହା ଲିସିଆନ୍, ଗ୍ରୀକ୍ ଏବଂ ଇଜପ୍‌ସିଆନ୍ ସ୍ଥାପତ୍ୟର ମିଶ୍ରଣରେ ତିଆରି ହୋଇଥିଲା । ଯାହାର ଛାତ ପିରାମିଡ୍ ଆକୃତିର ହୋଇଥିଲା । ତ୍ରୟୋଦଶ ଶତାବ୍ଦୀରେ ଏହା ଭୂମିକମ୍ପଦ୍ୱାରା ଭୟାନକ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ଖ୍ରୀ:୧୮୪୬ରେ ଏହାର କିଛି ଧ୍ୱଂସାବଶେଷ ବାହାର କରାଯାଇ ଏବେ ଲଣ୍ଡନର ବ୍ରିଟିଶ୍ ମିଉଜିଅମ୍‌ରେ ରଖାଯାଇଛି । ଏହା 'ପୃଥିବୀ' ମହାଭୂତ ସହିତ ସମ୍ପର୍କିତ ।

### (୨) **ବେବିଲୋନ୍‌ର ଝୁଲନ୍ତା ଉଦ୍ୟାନ :**

ଖ୍ରୀ:ପୂ: ୬୦୦ରେ ବେବିଲୋନ୍‌ର ସମ୍ରାଟ ଦ୍ୱିତୀୟ ନେବୁଚନ୍ଦ୍ରେଜାର୍ ଆଧୁନିକ ଇରାକର ଇଉଫ୍ରେଟିସ୍ ନଦୀ ନିକଟରେ ଏକ ଝୁଲନ୍ତା ଉଦ୍ୟାନ ନିର୍ମାଣ କରିଥିଲେ । ପ୍ରାୟ ୭୫ ଫୁଟ ଉଚ୍ଚ ପ୍ରସ୍ତର ସ୍ତମ୍ଭ ଉପରେ ଏକ ବିରାଟ ଆୟତାକାର ଛାତ ଉପରେ ଏହା କରାଯାଇଥିଲା । ଲୋକମାନେ ଏହି ସୁନ୍ଦର ଉଦ୍ୟାନର ନିମ୍ନଭାଗରେ ଯାତାୟାତ କରୁଥିଲେ । ବାସ୍ତବରେ ରାଣୀ ଆମିତିସ୍‌ଙ୍କର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଅହେତୁକ ଆକର୍ଷଣ ହେତୁ ତାଙ୍କୁ ଆନନ୍ଦିତ କରିବା ପାଇଁ ସମ୍ରାଟ ଏହି ସୁନ୍ଦର ଉଦ୍ୟାନ ନିର୍ମାଣ କରିଥିଲେ । ବୈଜ୍ଞାନିକମାନଙ୍କ ମତରେ ସମ୍ଭବତଃ ଇଉଫ୍ରେଟିସ୍ ନଦୀରୁ ପମ୍ପ ସାହାଯ୍ୟରେ ଉପରକୁ ଜଳ ଉତ୍ତୋଳନ କରି ଉଦ୍ୟାନ ସେଚିତ କରାଯାଉଥିଲା । ଏହା 'ଜଳ' ମହାଭୂତ ସହିତ ସମ୍ପର୍କିତ ଏବଂ ଉଭିଦ-ଜଗତ୍ ବା ପୁଷ୍ପଜଗତକୁ ସୂଚିତ କରେ ।

### (୩) **ଆଲେକ୍‌ଜାଣ୍ଡ୍ରିଆର ବତିଘର :**

ଆଲେକ୍‌ଜାଣ୍ଡ୍ରିଆ ନିକଟରେ 'ଫାରୋସ୍' ନାମକ ଏକ ଛୋଟ ଦ୍ୱୀପରେ ଏହି ବତିଘରର ଅବସ୍ଥିତି ଥିଲା । ଏହାର ସ୍ଥପତି ଥିଲେ ଗ୍ରୀସ୍‌ର ସୋସ୍‌ଟ୍ରାଟୋସ ଏବଂ ଟଲେମି ଦ୍ୱିତୀୟଙ୍କ ଶାସନ କାଳରେ ଖ୍ରୀ:ପୂ: ୨୭୦ରେ ଏହାର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା । ଏହି ବତିଘର ନୀଳନଦୀର ବ୍ୟସ୍ତବହୁଳ ବନ୍ଦରରେ ଜାହାଜ ପ୍ରବେଶ ଓ ପ୍ରସ୍ଥାନ ପରିଚାଳନାରେ ସାହାଯ୍ୟ କରୁଥିଲା । ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହା ଉପରେ ନିର୍ମିତ ହୋଇଥିବା ମୁଦ୍ରା ମଧ୍ୟ ପାଇଛନ୍ତି । ସେଥିରୁ ଜଣାଯାଏ ଯେ ବତିଘରର ଶୀର୍ଷଭାଗରେ ୧୬ ଫୁଟ ଉଚ୍ଚତାର ଟଲେମି କିଂବା ଆଲେକ୍-ଜାଣ୍ଡର୍‌ଙ୍କର ଏକ ପ୍ରତିମୂର୍ତ୍ତି ଥିଲା । ସମ୍ଭବତଃ ସେହି ପ୍ରତିମୂର୍ତ୍ତିଙ୍କ ନାମରେ ନଗରୀ ନାମିତ ହୋଇଥିଲା । ବତିଘରର ଉଚ୍ଚତା ୨୦୦ ରୁ ୬୦୦ ଫୁଟ ଥିଲା । ଖ୍ରୀ: ୯୫୬ ରୁ ଖ୍ରୀ: ୧୩୨୩ ମଧ୍ୟରେ ବାରଂବାର ଭୂମିକମ୍ପ ହେବାରୁ ଏହା ନଷ୍ଟ ହୋଇଯାଇଥିଲା । ଏବେ ନୀଳନଦୀର ଶଯ୍ୟାରୁ ଏହାର ଧ୍ୱଂସାବଶେଷର କିଛି ଅଂଶ ଆବିଷ୍କୃତ ହୋଇଛି । ଏହି ବତିଘର 'ଅଗ୍ନି' ମହାଭୂତକୁ ସୂଚିତ କରେ ।

### (୪) **ଗୀଜାର ବୃହତ୍ ପିରାମିଡ୍ :**

ନୀଳନଦୀର ପଶ୍ଚିମ ଉପକୂଳରେ ଗୀଜାଠାରେ ବୃହତ୍ ପିରାମିଡ୍ ହେଉଛି ପୁରାତନ ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ବର୍ତ୍ତମାନ

ପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ତିଷ୍ଠି ରହିଥିବା ଏକମାତ୍ର ସ୍ଥାପତ୍ୟ । ସମ୍ଭବତଃ ୧୦,୦୦୦ ବର୍ଷ ପୂର୍ବେ ୧୩ ଏକର ସ୍ଥାନ ଉପରେ ଏହା ନିର୍ମିତ ହୋଇଥିଲା । ଏହାର ନିର୍ମାଣରେ ପ୍ରାୟ ୨ ନିୟୁତ ପ୍ରସ୍ତର ଖଣ୍ଡ ବ୍ୟବହାର କରାଯାଇଛି । ଏହି ପିରାମିଡ୍ ନିର୍ମାଣରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇ ନଥିଲେ ବି ସମ୍ପୂର୍ଣ୍ଣ ଠିକ୍ ମାପରେ ନିର୍ମିତ । ଏହା ମଧ୍ୟରେ ସଂକୀର୍ଣ୍ଣ ଅଳିନ୍ଦ ଏବଂ ଗୁପ୍ତ କୋଠରିସବୁ ରହିଛି । ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାର ୨୫୦ ବର୍ଷ ମଧ୍ୟରେ ଏଥିରେ ଥିବା ଗୁପ୍ତ ଓ ମୂଲ୍ୟବାନ୍ ସମ୍ପତ୍ତିସବୁ ଲୁଟ୍ ହୋଇ ଯାଇଥିଲା ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ବିଶ୍ୱାସ । ଏହି ପିରାମିଡ୍ 'ବାୟୁ' ମହାଭୂତ ସହିତ ସମ୍ପର୍କିତ ।

**(୫) ଅଲିମ୍ପିଆରେ ଜିଅସ୍‌ଙ୍କର ପ୍ରତିମୂର୍ତ୍ତି :**

ଏଥେନିଆନ୍ ସ୍ଥପତି ଫିଡ଼ିଆସ୍‌ଙ୍କ ଦ୍ୱାରା ପୁରାତନ ଅଲିମ୍ପକ୍‌ସ ଅଞ୍ଚଳର ଅଲମ୍ପିଆଠାରେ ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀର ମଧ୍ୟଭାଗରେ ଘଡ଼ଘଡ଼ିରେ ଦେବତା ଜିଅସ୍‌ଙ୍କ ପ୍ରତିମୂର୍ତ୍ତି ନିର୍ମିତ ହୋଇଥିଲା । ଏକ କାଷ୍ଠନିର୍ମିତ ସିଂହାସନରେ ଜିଅସ୍ ଆସୀନ ହୋଇଥିଲେ । ଏହି ସିଂହାସନର ଦୁଇ ବାହୁରେ ଖୋଦିତ ହୋଇଥିଲା ଦୁଇଟି ରହସ୍ୟମୟ ପ୍ରାଣୀ ସ୍ଫିଙ୍କସ୍‌ର, ଯାହାର ମସ୍ତକ ଓ ବକ୍ଷ ନାରୀର, ଶରୀର ସିଂହର ଏବଂ ଡେଣା ପକ୍ଷୀର । ଏହି ମୂର୍ତ୍ତି ସ୍ୱର୍ଣ୍ଣ ଓ ହସ୍ତିଦନ୍ତରେ ବିଭୂଷିତ ହୋଇଥିଲେ । ଏହାର ଉଚ୍ଚତା ଥିଲା ୪୦ ଫୁଟ । କିଂବଦନ୍ତୀ ଅନୁଯାୟୀ – ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଫିଡ଼ିଆସ୍ ଜିଅସ୍‌ଙ୍କୁ ଏହାର ଅନୁମୋଦନ ନିମନ୍ତେ ଅନୁମତି ପ୍ରାର୍ଥନା କରନ୍ତେ ସମଗ୍ର ମନ୍ଦିରଟି ବିଜୁଳି ଆଲୋକରେ ଝଲସି ଉଠିଥିଲା । ପ୍ରାୟ ୮୦୦ ବର୍ଷ ଧରି ଅଲିମ୍ପିଆକୁ ଏହି ପ୍ରତିମୂର୍ତ୍ତି ଗୌରବାନ୍ୱିତ କରିଥିଲା । ପରେ ଖ୍ରୀ: ଚତୁର୍ଥ ଶତାବ୍ଦୀରେ ଜନୈକ ରୋମାନ୍ ସମ୍ରାଟ ଏହି ପ୍ରତିମୂର୍ତ୍ତିକୁ କନ୍‌ଷ୍ଟାଣ୍ଟିନୋପଲ୍‌ର ଏକ ମନ୍ଦିରକୁ ସ୍ଥାନାନ୍ତର କରିଥିଲେ । ଖ୍ରୀ: ୪୬୨ରେ ଏହା ଅଗ୍ନିରେ ଭସ୍ମୀଭୂତ ହୋଇଯାଇଥିଲା ବୋଲି ବିଶ୍ୱାସ କରାଯାଏ । ଏହା 'ଆକାଶ' ମହାଭୂତ ସହିତ ସମ୍ପର୍କିତ ।

**(୬) ଏଫେସସ୍‌ର ଆର୍‌ତେମିସ୍ ମନ୍ଦିର :**

ଆଧୁନିକ ତୁର୍କିର ଏକ ଗ୍ରୀକ୍ ବନ୍ଦର ନଗରୀରେ ପ୍ରାୟ ଖ୍ରୀ:ପୂ: ୫୫୦ ରୁ ୩୫୦ ମଧ୍ୟରେ ମାର୍ବଲ ନିର୍ମିତ ଖୁବ୍ ସୁନ୍ଦର ଦୁଇଟି ମନ୍ଦିର ପୁରାତନ ଯୁଗର ଶ୍ରେଷ୍ଠ କଳାକାରମାନଙ୍କ ଦ୍ୱାରା ସୁଶୋଭିତ କରାଯାଇଥିଲା । ପ୍ରଥମଟି ଅଗ୍ନିରେ ଦଗ୍ଧୀଭୂତ ହୋଇଥିଲା ଖ୍ରୀ:ପୂ: ୩୫୬ ଜୁଲାଇ ୨୧ ତାରିଖ ଦିନ । କିଂବଦନ୍ତୀ ଅନୁଯାୟୀ ସେହି ରାତ୍ରିରେ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡର୍‌ଙ୍କର ଜନ୍ମ ହୋଇଥିଲା । ଛଅବର୍ଷ ପରେ ସେହି ସ୍ଥାନରେ ପୁନଶ୍ଚ ଏକ ମନ୍ଦିର ନିର୍ମାଣ କରାଯାଇଥିଲା । ଏହା ମଧ୍ୟରେ ଆର୍‌ତେମିସ୍‌ଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା । ଏହି ମନ୍ଦିର ଖୁବ୍ ବିଶାଳ ଥିଲା । ମାତ୍ର ଖ୍ରୀ:୨୬୨ରେ ଓଷ୍ଟ୍ରୋଗୋଥ୍‌ସ ଏହାକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଦେଇଥିଲେ । ଖ୍ରୀ: ୧୮୬୦ରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହାର ଭଗ୍ନାବଶେଷର ସନ୍ଧାନ ପାଇଥିଲେ । ଏହା 'ଚନ୍ଦ୍ରଦେବୀ'ଙ୍କ ସହିତ ସମ୍ପର୍କିତ ।

**(୭) ରୋଡ୍‌ସର କୋଲୋସସ୍ :**

କୋଲୋସସ୍ ହେଉଛି ବ୍ରୋଞ୍ଜରେ ନିର୍ମିତ ସୂର୍ଯ୍ୟଦେବତା ହେଲିଓସ୍‌ଙ୍କର ଏକ ଭାସ୍କର୍ଯ୍ୟ । ଖ୍ରୀ:ପୂ: ତୃତୀୟ ଶତାବ୍ଦୀରେ ରୋଡ଼ିଆନ୍‌ମାନଙ୍କ ଦ୍ୱାରା ପ୍ରାୟ ୧୨ ବର୍ଷ ଧରି ଏହାର ନିର୍ମାଣ କାର୍ଯ୍ୟ ଚାଲିଥିଲା । ଚାରେସ୍ ଥିଲେ ଏହାର ଭାସ୍କର । ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପ୍ରତିମୂର୍ତ୍ତିଟି ପୁରାତନ ଯୁଗର ସବୁଠାରୁ ଉଚ୍ଚତମ ପ୍ରତିମୂର୍ତ୍ତି ଥିଲା । ହେଲିଓସ୍ ଗୋଟିଏ ହସ୍ତରେ ଆଲୋକ ବର୍ତ୍ତିକା ଏବଂ ଅନ୍ୟ ହସ୍ତରେ ବର୍ଚ୍ଛା ଧାରଣ କରିଥିଲେ । ଏହି ମୂର୍ତ୍ତି ୬୦ ବର୍ଷ ଧରି ଅକ୍ଷତ ଅବସ୍ଥାରେ ଦଣ୍ଡାୟମାନ ଥିଲା । ପରବର୍ତ୍ତୀ ସମୟରେ ଭୂମିକମ୍ପ ଫଳରେ ଏହା ଭାଙ୍ଗି ପଡ଼ିଥିଲା । ଏହାର ୧୦୦ ବର୍ଷ ପରେ ଆରବୀୟମାନେ ରୋଡ୍‌ସକୁ ଆକ୍ରମଣ କରି ଏହି ପ୍ରତିମୂର୍ତ୍ତିର ଭଗ୍ନାଂବଶେଷକୁ ବିକ୍ରି କରିଦେଇଥିଲେ । ଏହି କାରଣରୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହି ପ୍ରତିମୂର୍ତ୍ତିର ସମ୍ପୂର୍ଣ୍ଣ ଠିକ୍ ଅବସ୍ଥାନ ଉପରେ କିଛି ଜାଣି ପାରୁ ନାହାନ୍ତି । ଏହା 'ସୂର୍ଯ୍ୟ ଦେବତା'ଙ୍କ ସହିତ ସମ୍ପର୍କିତ ।

ପୁନଶ୍ଚ ଆଧୁନିକ ସପ୍ତାଶ୍ଚର୍ଯ୍ୟର ତାଲିକା ୨୦୦୭ ମସିହା ଜୁଲାଇ ସାତ ତାରିଖ (୭.୭.୨୦୦୭) ଦିନ ଘୋଷଣା କରାଯାଇଥିଲା, ଯାହାପାଇଁ ୧୦୦ ନିୟୁତ ଲୋକ ମତଦାନ କରିଥିଲେ । ଏସବୁଗୁଡ଼ିକ ବିଶ୍ୱ-ଐତିହ୍ୟର ପ୍ରତିନିଧିତ୍ୱ କରନ୍ତି । ଆଧୁନିକ ସପ୍ତାଶ୍ଚର୍ଯ୍ୟଗୁଡ଼ିକର ବିବରଣୀ ଏହିପରି –

**(୧) ଚୀନର ବିରାଟ ପ୍ରାଚୀର :**

ଏହି ପ୍ରାଚୀର ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିଲା । ଚୀନ ସାମ୍ରାଜ୍ୟର ସୀମାକୁ ମଙ୍ଗୋଲୀୟମାନଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ପ୍ରାୟ ୪୦୦୦ ମାଇଲ ବିସ୍ତୃତ ଏହି ଦୃଢ଼ ପ୍ରାଚୀର ପ୍ରସ୍ତର ଏବଂ ମାଟିରେ ନିର୍ମିତ ହୋଇଥିଲା । ବାସ୍ତବରେ ଏହା ଏକାଧିକ କାନ୍ଥର ଏକ ଅନୁକ୍ରମ ଅଟେ । ଏହା ମନୁଷ୍ୟ ତିଆରି ସର୍ବାଧିକ ଲମ୍ବା ପ୍ରାଚୀର ।

**(୨) ତ୍ରାଣକର୍ତ୍ତା ଯିଶୁଙ୍କର ପ୍ରତିମୂର୍ତ୍ତି :**

ଯିଶୁଙ୍କର ଏହି ବିଶାଳ ଓ ବିସ୍ମୟକର ପ୍ରତିମୂର୍ତ୍ତି ବ୍ରାଜିଲର ରିଓ ଦ ଜାନେଇରୋରେ କର୍କଭାଦୋ ପର୍ବତ ଉପରେ ଅବସ୍ଥିତ । ଏହାର ଉଚ୍ଚତା ୧୩୦ ଫୁଟ । ଏହାର ସ୍ଥପତି ଥିଲେ ହେଇଟର୍ ଦା ସିଲ୍‌ଭା କୋଷ୍ଟା । ଏହାର ନିର୍ମାଣରେ ପ୍ରାୟ ୨୫୦,୦୦୦ ଡଲାର ଖର୍ଚ୍ଚ ହୋଇଥିଲା ।

**(୩) ପେରୁର ମାଚୁ ପିଚୁ :**

ପେରୁର ସୁଉଚ୍ଚ ଆଣ୍ଡିଜ ପର୍ବତର ଶିଖର ଦେଶରେ ମାଚୁ ପିଚୁ ନାମକ ଏକ ଇନ୍‌କାନ୍ ନଗରୀ ସ୍ଥାପିତ ହୋଇଥିଲା । ଏହି ଇନ୍‌କାନ୍ ସାମ୍ରାଜ୍ୟ ଖ୍ରୀ: ୧୪୦୦ର ମଧ୍ୟ ଭାଗରେ ସଫଳତାର ଉତ୍କର୍ଷ ଲାଭ କରିଥିଲା । ପରବର୍ତ୍ତୀ ସମୟରେ ପାର୍ବତ୍ୟ ଦୁର୍ଗ ଭାଗରେ ପରିଚିତ ଏହି ସୌନ୍ଦର୍ଯ୍ୟମୟୀ ନଗରୀ ଇନ୍‌କାନ୍‌ମାନଙ୍କ ଦ୍ୱାରା ହୋଇଥିଲା ପରିତ୍ୟକ୍ତ । ୧୯୧୧ ମସିହାରେ ପ୍ରତ୍ନତତ୍ତ୍ୱବିତ୍ ହିରମ୍ ବିଂଘମ୍ ଏହାକୁ ପୁନଃ ଆବିଷ୍କୃତ କରିଥିଲେ ।

**(୪) ମେକ୍ସିକୋର ଚିଚେନ୍ ଇଟ୍‌ଜା :**

ମାୟା ସଂସ୍କୃତିରେ ଉନ୍ନତ ମେକ୍ସିକୋରେ ଏହି ଶକ୍ତିଶାଳୀ ଚିଚେନ୍ ଇଟ୍‌ଜା ନଗରୀ ପ୍ରାୟ ଖ୍ରୀ: ୮୦୦ରୁ ଖ୍ରୀ: ୧୨୦୦ ମଧ୍ୟରେ ବିକାଶ ଲାଭ କରିଥିଲା । ଏହା ଏକ ବାଣିଜ୍ୟିକ କେନ୍ଦ୍ରସ୍ଥଳୀ ଥିଲା । ସାଧାରଣତଃ ଏହା ପୋଷାକ, ମହୁ, ଲବଣ ଓ କ୍ରୀତଦାସର ବ୍ୟବସାୟ କେନ୍ଦ୍ର ଥିଲା । ଏହି ନଗରୀ ମାୟ ସଂସ୍କୃତିର ଏକ ରାଜନୈତିକ ଓ ଅର୍ଥନୈତିକ କେନ୍ଦ୍ର ମଧ୍ୟ ଥିଲା । ଏହାର ସବୁଠାରୁ ଆକର୍ଷଣୀୟ ଧ୍ୱଂସାବଶେଷ ହେଉଛି – ଏକ ଉନ୍ନତମାନର ଜ୍ୟୋତିର୍ବିଜ୍ଞାନ ଗବେଷଣା କେନ୍ଦ୍ର ।

**(୫) ରୋମୀୟ କୋଲୋସିଅମ୍ :**

ରୋମରେ ଥିବା ଏହି ପବିତ୍ର ପ୍ରାସାଦ ଖ୍ରୀ: ୭୦ରୁ ଖ୍ରୀ: ୮୦ ମଧ୍ୟରେ ନିର୍ମିତ ହୋଇଥିଲା । ଅଣ୍ଡାକୃତି ଏହି ପ୍ରାସାଦ ମଧ୍ୟରେ ପ୍ରାୟ ୫୦,୦୦୦ ଦର୍ଶକ ବସିବା ପାଇଁ ବ୍ୟବସ୍ଥା ଥିଲା । ସାଧାରଣତଃ ଷଣ୍ଢ ଲଢ଼େଇ, ପଶୁ ଶିକାର ଓ ମୃତ୍ୟୁଦଣ୍ଡ ଆଦି ଦେଖିବା ପାଇଁ ଲୋକମାନେ ଏଠାରେ ଏକତ୍ରିତ ହେଉଥିଲେ । ପରବର୍ତ୍ତୀ ସମୟରେ ଭୂମିକମ୍ପ ଏବଂ ଡକାୟତମାନଙ୍କ ଆକ୍ରମଣ କାରଣରୁ ଏହା ଧ୍ୱଂସ ହୋଇ ଯାଇଥିଲା । ମାତ୍ର ୨୦୦୦ ବର୍ଷ ପରେ ବି ବର୍ତ୍ତମାନ ଏହାର ଧ୍ୱଂସାବଶେଷରୁ ଆଧୁନିକ ଉନ୍ମୁକ୍ତ ରଙ୍ଗମଞ୍ଚ ନିର୍ମାଣର ସମସ୍ତ ପ୍ରକାର ନକ୍‌ସା, କଳା ଓ କୌଶଳ ଶିକ୍ଷା କରିହୁଏ ।

**(୬) ଭାରତର ତାଜମହଲ :**

ମୋଗଲ ସମ୍ରାଟ ଶାହାଜାହାନ ତାଙ୍କ ପତ୍ନୀଙ୍କ ସ୍ମୃତିରକ୍ଷା ପାଇଁ ଖ୍ରୀ: ୧୬୩୨ରୁ ଖ୍ରୀ: ୧୬୪୮ ମଧ୍ୟରେ ଏହି ସୁନ୍ଦର ସମାଧି ମନ୍ଦିର ନିର୍ମାଣ କରିଥିଲେ । ମୁସଲିମ୍, ପର୍ସିଆନ୍, ତୁର୍କିସ୍ ଏବଂ ଭାରତୀୟ କଳାର ନିଦର୍ଶନ ଏହି ତାଜମହଲ ଶୁଭ୍ର ମାର୍ବଲରେ ନିର୍ମିତ । ଏହା ମଧ୍ୟ ଆକର୍ଷଣୀୟ ପୁଷ୍ପ ଉଦ୍ୟାନରେ ପରିବେଷ୍ଟିତ ।

**୭) ଜୋର୍ଡ଼ାନର ପେଟ୍ରା :**

୧୯୮୫ ମସିହାରେ ଘୋଷିତ 'ବିଶ୍ୱ ଐତିହ୍ୟ ସ୍ଥାନ' ପେଟ୍ରା, ସମ୍ରାଟ ଆରେତାସ୍ ଚତୁର୍ଥଙ୍କର ନବତାଇଆନ୍ ସାମ୍ରାଜ୍ୟର ରାଜଧାନୀ ଥିଲା । ଖ୍ରୀ:ପୂ: ୯ ରୁ ଖ୍ରୀ: ୪୦ ମଧ୍ୟରେ ଏହା ଉନ୍ନତି ଲାଭ କରିଥିଲା । ଏହାର ଅଧିବାସିଗଣ ଜଳ ପରିଚାଳନା କରିବାର ଯାନ୍ତ୍ରିକ କୌଶଳରେ ନିପୁଣ ଥିଲେ । ଏପରିକି ସେମାନେ କୃତ୍ରିମ ମରୁଦ୍ୟାନ ସୃଷ୍ଟି କରିପାରୁଥିଲେ । ଏହି ନଗରୀରେ ୪୦୦୦ ଲୋକଙ୍କ ବସିବା ନିମନ୍ତେ ବ୍ୟବସ୍ଥା ଥିବା ଏକ ଉନ୍ମୁକ୍ତ ରଙ୍ଗମଞ୍ଚ ମଧ୍ୟ ଥିଲା ।

ଅଧିକନ୍ତୁ ମନୁଷ୍ୟ ଜୀବନରେ ମଧ୍ୟ ସପ୍ତାଶ୍ଚର୍ଯ୍ୟ ଅଛି । ସେଗୁଡ଼ିକ ହେଲେ –

(୧) ଚକ୍ଷୁ : ଉଦିତ ସୂର୍ଯ୍ୟକିରଣକୁ ଖାଦ୍ୟରୂପେ ଭୋଜନ କରେ ।

(୨) ହସ : ପୁଞ୍ଜିନିବେଶ ସହିତ ତୁଳନୀୟ, ଯାହାକୁ ନିବେଶ କଲେ ସମପରିମାଣରେ ଲାଭାଂଶ ମିଳିଥାଏ ।

(୩) ପ୍ରେମ : ଏପରି କିଛି ସମ୍ପତ୍ତି, ଯାହାକୁ ଯେତେ ବିତରଣ କଲେ ବି ଗନ୍ତାଘର ସର୍ବଦା ପରିପୂର୍ଣ୍ଣ ଅବସ୍ଥାରେ ଥାଏ ।

(୪) ମଣିଷର ମହତ୍ କର୍ମ ତା' ବ୍ୟକ୍ତିତ୍ୱକୁ ଭାରୀ କରିଥାଏ ।

(୫) ଏକ ତୀକ୍ଷ୍ଣ ଜିହ୍ୱା ତା' ନିଜ ବେକ କାଟି ଦେଇପାରେ ।

(୬) ମନ ଏକ ଆକାଶ ଛତା ସଦୃଶ, ଯାହା ଉନ୍ମୁକ୍ତ ହେଲେ କାର୍ଯ୍ୟକାରୀ ହୁଏ ।

(୭) ମନୁଷ୍ୟ ଜୀବନରେ ଅପଚୟ ହୋଇଯାଇଥିବା ସମୟକୁ ପୁନର୍ବାର ବ୍ୟବହାର ସାପେକ୍ଷ କରିହୁଏ ନାହିଁ ।

ତେବେ ସାଧାରଣ ମଣିଷ ଏ ବିଷୟରେ ଅବଗତ ନୁହେଁ । ଏହାକୁ ଜାଣି ନିଜ ଜୀବନ କ୍ଷେତ୍ରରେ ପ୍ରୟୋଗ କଲେ ସେ ସୁଖ, ଶାନ୍ତି ଓ ଆନନ୍ଦରେ ବଞ୍ଚିପାରିବ ।

(ସମାପ୍ତ)

❑❑❑

ପୂର୍ଣ୍ଣାଙ୍ଗ ଜୀବନରେ ପୂର୍ଣ୍ଣାଙ୍ଗ ଶିକ୍ଷା :

# ଯୁଗପତ୍ ଓ ଆନୁକ୍ରମିକ ଶିକ୍ଷାଦାନ

[Simultaneous and Successive Teaching]

**ଶ୍ରୀଅରବିନ୍ଦ**

ଆଧୁନିକ ଶିକ୍ଷାଦାନ-ବ୍ୟବସ୍ଥାର ସପକ୍ଷରେ ଯୁକ୍ତିରୂପେ କୁହାଯାଇଛି ଯେ ଶିଶୁମାନଙ୍କର ମନୋଯୋଗ ସହଜରେ କ୍ଳାନ୍ତ ହୋଇପଡ଼େ ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟର ଦୀର୍ଘ ଉପଯୋଗ ଫଳରେ ଯେଉଁ ଚାପ ପଡ଼ିବା କଥା ଶିଶୁମନ ତହିଁରେ ପୀଡ଼ିତ ହୁଏ ନାହିଁ । ବାରଂବାର ବିଷୟବସ୍ତୁର ପରିବର୍ତ୍ତନ ଦ୍ୱାରା ମନକୁ ବିଶ୍ରାମ ମିଳେ । ଏଠାରେ ସ୍ୱଭାବତଃ ପ୍ରଶ୍ନ ଉଠେ : ଆଧୁନିକ ଯୁଗର ଶିଶୁମାନେ ପ୍ରାଚୀନ କାଳର ଶିଶୁମାନଙ୍କ ଅପେକ୍ଷା କ'ଣ ଏତେ ଭିନ୍ନ, ଏବଂ ଯଦି ତାହାହିଁ ହୁଏ ତେବେ ସେମାନଙ୍କୁ ଦୀର୍ଘ ସମୟ ସକାଶେ ମନୋବିବେଶ କରିବା ନିମିତ୍ତ ନିରୁତ୍ସାହିତ କରି ରଖିବା ଦ୍ୱାରା ସେମାନେ ଏପରି ହୋଇ ନାହାନ୍ତି କି ? ଏକଥା ଠିକ୍ ଯେ ଏକ ଅତି ଛୋଟ ଶିଶୁ ବାସ୍ତବରେ ନିଜକୁ କୌଣସି ବିଷୟରେ ଦୀର୍ଘ ସମୟ ସକାଶେ ନିବିଷ୍ଟ କରିପାରିବ ନାହିଁ, କିନ୍ତୁ ଏକଥା ମଧ୍ୟ ବୁଝିବାକୁ ହେବ ଯେ ଅତି ଛୋଟ ଶିଶୁ କୌଣସି ପ୍ରକାର ବିଦ୍ୟାଳୟ-ଶିକ୍ଷାଦାନ ନିମିତ୍ତ ଅନୁପଯୁକ୍ତ । କୌଣସି ପ୍ରକାର ବିଧିବଦ୍ଧ ଅଧ୍ୟୟନ ନିମିତ୍ତ ଶିଶୁମାନଙ୍କର ବୟସ ଅନ୍ତତଃ ସାତ ବା ଆଠ ବର୍ଷ ହେବା ଉଚିତ । ଏବଂ ଏହି ବୟସରେ ଶିଶୁର ଯଦି ବିଶେଷ ଆଗ୍ରହ ଥାଏ ତେବେ ସେ ଯଥେଷ୍ଟ ମାତ୍ରାରେ ଏକାଗ୍ର ହେବାକୁ ସମର୍ଥ ହେବ । ସର୍ବୋପରି ଆଗ୍ରହହିଁ ଏକାଗ୍ରତାର ଭିତ୍ତି । ଆମେ ଶିଶୁର ପାଠ୍ୟ ବିଷୟକୁ ଅତି ଆଗ୍ରହଶୂନ୍ୟ ଏବଂ ବିତୃଷ୍ଣାଜନକ କରିପକାଉ, ଶିକ୍ଷାଦାନର ଭିତ୍ତି ହୋଇଉଠେ କଠୋର ଓ ବାଧ୍ୟତାମୂଳକ, ତା'ପରେ ଆମେ ଶିଶୁର ଅସ୍ଥିର ଅମନୋଯୋଗିତା ସମ୍ବନ୍ଧରେ ଅଭିଯୋଗ କରୁ ! ପ୍ରଚଳିତ ଅସ୍ୱାଭାବିକ ବ୍ୟବସ୍ଥା ସ୍ଥାନରେ ଶିଶୁକୁ ଏକ ସ୍ୱାଭାବିକ ସ୍ୱୟଂଶିକ୍ଷାପଦ୍ଧତିରେ ଶିକ୍ଷା କରିବାର ସୁଯୋଗ ଦିଆଗଲେ ଶିଶୁର ଅକ୍ଷମତା ସମ୍ବନ୍ଧରେ ଅଭିଯୋଗ କରିବାର ଆଉ କୌଣସି ଅବସର ରହିବ ନାହିଁ । ଏକ ଶିଶୁ, ଠିକ୍ ବୟସ୍କମାନଙ୍କ ପରି, ଯଦି କୌଣସି ବିଷୟରେ ଆଗ୍ରହୀ ହୋଇଉଠେ ତେବେ ସେହି ବିଷୟକୁ ଅସଂପୂର୍ଣ୍ଣ ରୂପେ ଛାଡ଼ି ନଦେଇ ସଂପୂର୍ଣ୍ଣ କରିବା ପର୍ଯ୍ୟନ୍ତ ତହିଁରେ ଲାଗିରହେ । ଶିଶୁକୁ ସୋପାନ ପରେ ସୋପାନ ଆଗେଇ ନେବା, ଅଧ୍ୟୟନର ଯାହାକିଛି ତା'ର ସମ୍ମୁଖକୁ ଆସେ ତାହାକୁ ସଂପୂର୍ଣ୍ଣରୂପେ ଆୟତ୍ତାଧୀନ କରିବା ପର୍ଯ୍ୟନ୍ତ ଆଗ୍ରହୀ ଏବଂ ଅଭିନିବିଷ୍ଟ କରାଇବାହିଁ ଶିକ୍ଷାଦାନର ଯଥାର୍ଥ କୌଶଳ ।

ଶିକ୍ଷକର ସର୍ବପ୍ରଥମ ମନୋଯୋଗ ଶିକ୍ଷାର ମାଧ୍ୟମ ଓ ଉପକରଣ ଉପରେ ଦିଆଯିବା ଆବଶ୍ୟକ ଏବଂ ଯେପର୍ଯ୍ୟନ୍ତ ଏଗୁଡ଼ିକ ପୂର୍ଣ୍ଣାଙ୍ଗ ନହୋଇଛି ସେପର୍ଯ୍ୟନ୍ତ ନିୟମିତ ଉପଦେଶ ଦେଇ ବହୁବିଧ ବିଷୟର ଶିକ୍ଷାଦାନ କରିବା କେବଳ ସମୟ ଓ ଶକ୍ତିର ଅପଚୟ ମାତ୍ର । ଯେତେବେଳେ ମାନସିକ ଉପକରଣଗୁଡ଼ିକ କୌଣସି ଏକ ଭାଷାକୁ ସହଜରେ ଓ ଶୀଘ୍ର ଆୟତ୍ତ କରିବାକୁ ବିଶେଷଭାବେ ବିକଶିତ ହୁଅନ୍ତି, ସେତେବେଳେହିଁ ତାହାକୁ ଅନ୍ୟାନ୍ୟ ଭାଷା ସମ୍ବନ୍ଧରେ ଧାରଣା ଦେବାର ପ୍ରକୃଷ୍ଟ ସମୟ ଆସିଥାଏ, କିନ୍ତୁ ସେତେବେଳେ ନୁହେଁ, ଯେତେବେଳେ ତାକୁ ଯାହାକିଛି ଶିକ୍ଷା ଦିଆଯାଏ ସେ କେବଳ ଆଂଶିକଭାବେ ବୁଝିପାରେ ଏବଂ ବହୁ ପରିଶ୍ରମ କରି ମଧ୍ୟ ଅପୂର୍ଣ୍ଣଭାବେ ଆୟତ୍ତ କରିପାରେ । ଅଧିକନ୍ତୁ ଯେ ନିଜର ମାତୃଭାଷାକୁ ଆୟତ୍ତ କରିପାରିଛି ସେ ଅନ୍ୟ ଭାଷାକୁ ଆୟତ୍ତ କରିବାକୁ ଆବଶ୍ୟକ ସୁବିଧା ପାଇଥାଏ । ନିଜ ମାତୃଭାଷାରେ ସନ୍ତୋଷଜନକ ବିକାଶ ନକରି, ଭାଷାତାତ୍ତ୍ୱିକ ଜ୍ଞାନ ଦ୍ୱାରା ଅନ୍ୟାନ୍ୟ ଭାଷାକୁ ଆୟତ୍ତ କରିବା ଅସମ୍ଭବ । ପର୍ଯ୍ୟବେକ୍ଷଣ, ବିଚାର, ଯୁକ୍ତି ଏବଂ ତୁଳନାର ମନୋବୃତ୍ତି ଯେପର୍ଯ୍ୟନ୍ତ ବିଶେଷଭାବେ ବିକଶିତ ନହୋଇଛି ସେପର୍ଯ୍ୟନ୍ତ ବିଜ୍ଞାନର ଅଧ୍ୟୟନରେ ହାତ ଦେବା ଏକ ଅନାବଶ୍ୟକ ଏବଂ ପ୍ରଶଂସାହୀନ ଶ୍ରମ ମାତ୍ର । ଅନ୍ୟାନ୍ୟ ବିଷୟର ଅଧ୍ୟୟନ ମଧ୍ୟ ଠିକ୍ ଏହିପରି ହୋଇଥାଏ ।

(କ୍ରମଶଃ)

[A System of National Education ପୁସ୍ତିକାରୁ]

❑❑❑

# କବି ଓ କବିତାର ନିୟତି

## ଆଶାଲତା ଦାଶ

ଜୀବନ-କଣ୍ଟାରେ ରକ୍ତାକ୍ତ ହୋଇ ନର୍କ ଯନ୍ତ୍ରଣା ଭୋଗକଲା ବେଳେ ବି କବିଦୃଷ୍ଟି ପ୍ରସାରିତ ହୋଇଯାଏ ହାଡ଼ଭଙ୍ଗା ଶୀତ ପରେ ବସନ୍ତର ଅନିବାର୍ଯ୍ୟ ଆଗମନୀ ଆଡ଼କୁ । କବି-ପଣିଆର ଟାଣରେ କେବେ ଇନ୍ଦ୍ରପୁରୀ ତ କେବେ ଯମପୁରୀ ଭୋଗକରି କବି ଗାନ କରେ ଦୁଇ ପରସ୍ପର ବିରୋଧୀ ଜଗତର ସତ୍ୟ । ଏଇ ହେଲା କବିସତ୍ତା ଓ ଏହା ପୁଷ୍ଟ ହୁଏ ଦ୍ୱୈତସତ୍ତାର ଦ୍ୱନ୍ଦ୍ୱରେ । କବିସତ୍ତାଟି ଏତେ ସ୍ପର୍ଶକାତର ଓ ଏତେ ଗ୍ରହଣଶୀଳ ଯେ ଏକସଂଗେ ଅନେକ ବିବଦମାନ ଭାବଧାରା ଓ ଗତିବିଧିକୁ ସମନ୍ୱୟ କରି କବି ସୃଷ୍ଟିକରେ ସତ୍ୟର ବର୍ଣ୍ଣମାଳା ଓ ସୌନ୍ଦର୍ଯ୍ୟର ଶବ୍ଦପଟ । ମୋହ-ବୈରାଗ୍ୟର ମନସ୍ତତ୍ତ୍ୱ ସମସ୍ତ ସଫଳ-ସ୍ରଷ୍ଟାର ରକ୍ତରେ ଅହରହ ପ୍ରବାହିତ । ମୋହ-ବୈରାଗ୍ୟର କସରତରେ ଯେବେ କବିସତ୍ତାର ଉତ୍ତରଣ ହୁଏ ଧୀରେ ଧୀରେ, ଜୀବନରୂପ ବଦଳିଯାଏ – ସମୟ ହୁଏ ଏକ ଭାସମାନ ପ୍ରକ୍ରିୟା, ଘଟଣାରାଜି ସମୟ ପ୍ରବାହରେ ଓ ଚେତନା ପ୍ରବାହରେ ହୋଇଯାନ୍ତି କବିତ୍ୱର ସିଦ୍ଧିମୁଖୀ ମାପକାଠି ।

ନଗ୍ନ ପାଦରେ ବାସ୍ତବତାର ତାତିଲା ବାଲି ବା ତୁଷାରଖଣ୍ଡ ଉପରେ ଚାଲିଲା ବେଳେ ଯାତନା, ଲୋଭ, ମୋହ, ପ୍ରବଞ୍ଚନା, ପ୍ରତାରଣା, କ୍ଷତି ଓ ବିବିଧ ଦୁର୍ଭାଗ୍ୟର ରସପାନ କରି ଶୁଷ୍କକଣ୍ଠ କବି ଯେବେ ରୂପାୟିତ ହୁଏ ଜୀବନଗୀତିର ବୁଲ୍‌ବୁଲ୍‌ରେ, ଆତ୍ମାର କୁହୁଟିଏ ଫିଟିଯାଏ କେଉଁ ଏକ ଅପ୍ରତ୍ୟାଶିତ ମୁହୂର୍ତ୍ତରେ । ଉର୍ଦ୍ଧ୍ୱଜଗତରୁ ସତ୍ୟମାନେ ଆକୃଷ୍ଟ ହୁଅନ୍ତି କବି ଲେଖନୀକୁ – କବିତାର ପଂକ୍ତିରେ ଥାଏ କୁଳୁକୁଳୁ ମନ୍ଦାକିନୀର ନିରୋଳା ଉଚ୍ଛ୍ୱାସ । କବିତ୍ୱର ଦମ୍ଭରେ କବି କେବେ ହାତମିଳାଏ ସୂର୍ଯ୍ୟ ସାଥିରେ ତ କେବେ ବୋହୂଚୋରି ଖେଳେ ବତାସ ସାଥିରେ । ଅଥଚ ମାଟିର ମଣିଷଟିଏ ହୋଇ ବଞ୍ଚି ରହିବାକୁ ଚାହେଁ ସାରାଜୀବନ । କଳ୍ପନାର ଇନ୍ଦ୍ରଜାଲରେ କବି ମିଥ୍ୟା କାହାଣୀ ରଚନାରେ ବ୍ରତୀ ହୁଏ, ଅଥଚ ସେହି ମିଥ୍ୟା କାହାଣୀ ହୋଇଥାଏ ସତ୍ୟଠାରୁ ଅଧିକ ସତ୍ୟ ଓ ସର୍ବକାଳେ ଗ୍ରାହ୍ୟ । ସାଧାରଣ ମଣିଷର କଳ୍ପନା ଏମିତିକି ଗଦ୍ୟ ଲେଖକର କଳ୍ପନା (Fancy) ଓ କବି କଳ୍ପନା (Imagination) ମଧ୍ୟରେ ଥିବା ବ୍ୟବଧାନ ହେଉଛି ବହୁତ ଦୀର୍ଘ, ବହୁତ ପ୍ରଶସ୍ତ । ସ୍ୱର୍ଗର ଆଖିରେ ମର୍ତ୍ତ୍ୟକୁ ଓ ମର୍ତ୍ତ୍ୟର ଆଖିରେ ସ୍ୱର୍ଗକୁ ନିରୀକ୍ଷଣ କରିବା ହେଉଛି କବିତ୍ୱର ଚାତୁରୀ । ସୁତରାଂ କବିର ସର୍ବୋତ୍ତମ ପୁରୁଷ ହେଉଛନ୍ତି ସ୍ୱୟଂ ଈଶ୍ୱର ଏବଂ ସର୍ବୋତ୍ତମ ଈଶ୍ୱର ହେଉଛନ୍ତି ମାନବ ଦେହଧାରୀ ଏକ ସତ୍ତା ।

ରୋମାଣ୍ଟିକ କବି ପି. ବି. ଶେଲୀଙ୍କ ସୁଚିନ୍ତିତ ଉକ୍ତିରେ, ‘‘କବିତା ହେଉଛି ସର୍ବୋଚ୍ଚ ଆନନ୍ଦମୟ ଓ ସର୍ବୋତ୍କୃଷ୍ଟ ମନର ସର୍ବୋତ୍କୃଷ୍ଟ ଓ ସର୍ବବୃହତ୍ ଆନନ୍ଦମୟ ମୁହୂର୍ତ୍ତଗୁଡ଼ିକର ଦଲିଲ ।’’ (Poetry is the record of the best and happiest moments of the happiest and best mind.) ଏବଂ କବିମାନେ ହେଉଛନ୍ତି, ‘‘ଜଗତର ଅସ୍ୱୀକୃତ ବ୍ୟବସ୍ଥାପକ’’ (the unacknowledged legislators of the world) । ଅର୍ଥାତ୍ ବହୁବିଧ ଦୃଷ୍ଟି ଓ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିବାରୁ କୌଣସି ସ୍ଥାନ, କାଳ କେବେହେଲେ କବିକୁ ବାନ୍ଧି ରଖିପାରେ ନାହିଁ । କବି ସବୁବେଳେ ତା’ର କାଳଖଣ୍ଡର ଆଗେ ଆଗେ ଚାଲେ ଏବଂ କବିବାକ୍ୟରେ ଜଗତ୍ ମଧ୍ୟ ପରିଚାଳିତ ହେଉଥାଏ ଯଦିଓ ସେ ଜଗତ୍-ପରିଚାଳନାଟି ସ୍ଥୂଳ ସାଧାରଣ ଲୋକ-ଲୋଚନକୁ ଅତ୍ୟନ୍ତ ସୂକ୍ଷ୍ମ ଓ ଅଲୌକିକ ପ୍ରତୀୟମାନ ହୋଇଥାଏ ।

କବିର ଆସ୍ପୃହାରେ ଜୀବନର ବୀଜ ପୋତାହୁଏ ବଂଧ୍ୟା ଅନୁର୍ବର ମାଟିରେ, ଅମରତ୍ୱର ରେଖା ଟଣାହୁଏ ମୃତ୍ୟୁର କପାଳରେ । ନଗଣ୍ୟ ମାଟି ହୁଏ ମହୀୟସୀ, ସ୍ୱର୍ଗଠାରୁ ଗରୀୟସୀ ଓ ଏକାନ୍ତଭାବେ କାମ୍ୟ । ସ୍ତର ପରେ ସ୍ତର, ଜଗତ୍ ପରେ ଜଗତ୍ ଅତିକ୍ରମ କରି କବି ପାଲଟିଯାଏ ଅକସ୍ମାତ୍ ଋଷି ଏବଂ ତା’ର ଶାଣିତ ଶବ୍ଦମାନେ ହୋଇଥାନ୍ତି ଶୁଦ୍ଧ ଫଳପ୍ରସୂ ମନ୍ତ୍ରୋଚ୍ଚାରଣ । ମାଟିର ଜୟଗାନ କଲାବେଳେ ବି ମୋହଗ୍ରସ୍ତ କବି ବୈରାଗ୍ୟାବିଷ୍ଟ ହୋଇ ସନ୍ଦେହ କରେ ମାଟିର ଧୃତିକୁ । ବର୍ଷା ବା ପବନ ଭଳି କବି ହୋଇଯାଏ ମାଟି ଓ ଆକାଶ ମଧ୍ୟରେ ଏକ ସଫଳ ସୁଦୃଢ଼ ସେତୁ । ମାଟି ଓ ମଟାଳ ବସ୍ତୁର ପରିତ୍ୟାଗ ପରିବର୍ତ୍ତେ କବି ସ୍ୱପ୍ନ ଦେଖେ ମାଟିରେ ସ୍ୱର୍ଗର ଅବତରଣ ଓ ମାଟିର ପୂର୍ଣ୍ଣ ରୂପାନ୍ତରଣ । ଏତଦ୍‌ବ୍ୟତୀତ ଦ୍ରଷ୍ଟା ସାଜି ଅବଲୋକନ କରେ ପାର୍ଥିବ ଚେତନାର ଉତ୍ତରଣ ଏବଂ ସ୍ୱର୍ଗୀୟ ଚେତନାର ଅବତରଣ । ସେତେବେଳେ କବିର ମାଟି

ଆଉ ତୁଚ୍ଛା ଅନୁର୍ବର ମାଟି ହୋଇ ରହେ ନାହିଁ – କବିଦୃଷ୍ଟି ଓ କବିତ୍ୱ ସଂଯୋଗରେ ମାଟିର ଉର୍ବରତା ବୃଦ୍ଧିପାଏ, ଅକ୍ଷୟ ହୋଇ ରହେ । ଭୂମିରୁ ଭୂମାଯାଏଁ ବିସ୍ତରିଯାଏ କାବ୍ୟରଚନା – ପାପପୁଣ୍ୟ, ସୁଖଦୁଃଖ, ଅଭାବ ବୈଭବର ସୀମାରେଖା ସଂକୁଚିତ ହୋଇ ମିଶିଯାଏ ଏକ ସୂକ୍ଷ୍ମାତିସୂକ୍ଷ୍ମ ବିନ୍ଦୁରେ । ଦେହରୁ ଦେହୋତ୍ତର ହେବା ଏବଂ ଦେହୋତ୍ତରରୁ ଦେହକୁ ପ୍ରବେଶ କରିବା ଏକ ନୈସର୍ଗିକ ଲୀଳାଖେଳାରେ କବି ଖୋଜିଚାଲେ ଅକ୍ଷୟକୁ କ୍ଷୟର ବଳୟରେ, ସିଦ୍ଧିର ଉଦୟକୁ କ୍ଷତିର ପରିଧିରେ ଏବଂ ବ୍ରହ୍ମାଣ୍ଡକୁ ନିଜ ପିଣ୍ଡରେ ଅଥବା ପୂର୍ଣ୍ଣ ଚେତନାକୁ ଜଡ଼ ଅଚେତନ ବସ୍ତୁରେ ।

ବାସ୍ତବିକ ବିସ୍ତୃତ ଏଇ ମନୋଭାବ ଏବଂ ଦୃଷ୍ଟିଭଙ୍ଗୀ ଏକ ସଂଗେ ବହିର୍ମୁଖୀ ଓ ଅନ୍ତର୍ମୁଖୀ – ବ୍ୟକ୍ତିଗତ ନଗଣ୍ୟ ଅନୁଭୂତିରୁ ଜାତ ହୋଇ ସାର୍ବଜନୀନ ସତ୍ୟକୁ ଉଦ୍‌ଘାଟନ କରୁଥିବା କଳ୍ପନା, ଶବ୍ଦ, ତାଳ, ଛନ୍ଦ, ଲାସ୍ୟ ବିଭୂଷିତ ଶାଶ୍ୱତ ଅନ୍ୱେଷା ଓ ଶାଶ୍ୱତ ଦୃଷ୍ଟିର ଏକ ଅଦ୍ୱିତୀୟ ମନସ୍ତତ୍ତ୍ୱ କାବ୍ୟ ଚେତନା ବ୍ୟତୀତ ଅନ୍ୟ କ'ଣ ହୋଇପାରେ ? କାବ୍ୟ ଚେତନା ହେଉଛି ଅନ୍ତର୍ନିହିତ ଏକ ବିଶାଳ ପରିବ୍ୟାପ୍ତି ଯାହାକି ପ୍ରତ୍ୟେକ ମଣିଷ ନିକଟରେ ପ୍ରାପ୍ତିର ସମ୍ଭାବନା ହୋଇ ଉଦ୍‌ଭାସିତ ହେଉଥାଏ । ପ୍ରତ୍ୟେକ ବ୍ୟକ୍ତି ତା'ର ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ, ସ୍ଥୂଳଭାବେ ହେଉ ବା ସୂକ୍ଷ୍ମଭାବେ ହେଉ, ଦୀର୍ଘକାଳ ଧରି ହେଉ ବା ଅଳ୍ପକ୍ଷଣ ପାଇଁ ହେଉ ଏଇ କାବ୍ୟ ଚେତନାର ସାନ୍ନିଧ ଲାଭ କରେ ନାହିଁ କି ? ଏହାର ଉନ୍ମେଷରେ ସାଧାରଣ ବ୍ୟକ୍ତି ହୋଇଯାଏ କାବ୍ୟରସସିକ୍ତ କବି ଏବଂ ଏହାର ଧୃତିରେ କବି ବନିଯାଏ ମନ୍ତ୍ରାବିଷ୍ଟ ଯୋଗୀ । ରୁଷୀୟ କବି ମାଇକେଲ୍ ଦ୍ରୁଦିନଙ୍କ ମତରେ ''କବିତା ଲେଖିବା ଏକ ବୃତ୍ତି ନୁହେଁ, ଏହା ଏକ ବିରଳ ମାନବ ନିୟତି ।''(To write poetry is not a profession, it is a rare human fate.) ଅତଏବ କବିତ୍ୱ ବା କାବ୍ୟିକତା ମାନବ ଚେତନାର ବିବର୍ତ୍ତନରେ ଏକ ଉନ୍ନୀତ ପାବଚ୍ଛ । କଥିତ ଅଛି ଯେ ସାତଥର ମଣିଷଜନ୍ମ ଭୋଗକଲା ପରେହିଁ କବିଜନ୍ମ ଲବ୍ଧ ହୁଏ – ତେଣୁ ବାଗ୍‌ଦେବୀ ସରସ୍ୱତୀ ମୂର୍ଖ କାଳିଦାସଙ୍କୁ କବି ବନାଇବା ପାଇଁ ଗୋଟିଏ ଜନ୍ମରେ ସାତଥର ମାରି ବଞ୍ଚାଇଥିଲେ ।

ଏହି ପ୍ରସଙ୍ଗରେ କେଉଁ ସଂଜ୍ଞା ବା ଲକ୍ଷଣ ମାଧମରେ ଆମେ କବି, କବିତ୍ୱ ଓ କବିତାକୁ ପରଖିବା ? କବି ଦୀନକୃଷ୍ଣଙ୍କ ଭାଷାରେ, ''କବିତା ବନିତା, କବି ତା ପିତା,... ।'' କହିବା ବାହୁଲ୍ୟ ଯେ କବିତା ଓ କବିତ୍ୱକୁ ଶୃଙ୍ଖଳାବଦ୍ଧ କରିବା ସକାଶେ କାବ୍ୟକଳା, କାବ୍ୟ କୌଶଳ ବା ଚାତୁରୀ ସବୁକାଳେ ଅସମର୍ଥ କାରଣ କବିତା ହେଉଛି ଏକ ସ୍ୱତଃସ୍ଫୂର୍ତ୍ତ ପ୍ଲାବନ ଏବଂ ଇଂରାଜୀ ରୋମାଣ୍ଟିକ କବି ଉଇଲିୟମ୍ ୱାର୍ଡ଼ସ୍‌ୱାର୍ଥଙ୍କ ମତରେ, ''କବିତା ହେଉଛି ସକଳ ଜ୍ଞାନର ଆଦି ଓ ଅନ୍ତ – ଏହା ମାନବ ହୃଦୟ ସଦୃଶ ଅବିନଶ୍ୱର ।'' (Peotry is the first and last of all knowlegde – it is as immortal as the heart of man.) । ସୁତରାଂ କବିତାର ମୂଲ୍ୟାୟନ ତାହାର ଅନ୍ତର୍ନିହିତ ତୀବ୍ରତାର ଦୃଷ୍ଟିକୋଣରୁ ହୋଇଥାଏ । ଏଇ ତୀବ୍ରତାରେ କବିତାର ଭାବବିନିମୟକାରିତା ଏତେ ପ୍ରଚଣ୍ଡ ଯେ ନୋବେଲ ପ୍ରାଇଜ୍ ବିଜେତା ଆଧୁନିକ ଇଂରାଜୀ କବି ଟି.ଏସ୍.ଏଲିୟଟ୍‌ଙ୍କ ବିବେଚନାରେ, ''ସଚ୍ଚା କବିତା ମନରେ ବୁଝିହେବା ପୂର୍ବରୁହିଁ ନିଜକୁ ବ୍ୟକ୍ତ କରିପାରେ ।'' (Genuine poetry can communicate before it is understood.) । ଅନେକ ସମୟରେ ନିବିଡ଼ତମ ଦୁଃଖଦ କାହାଣୀରୁ ଏଇ ତୀବ୍ରତାର ସୃଷ୍ଟି । ଏକ ଅସାଧାରଣ କାରୁଣ୍ୟପୂର୍ଣ୍ଣ ବେଦନା ହେଉଛି କବିର ଦୁଃଖ – ସେ ଦୁଃଖରେ କେବଳ ନିଜର ହରାଇଲା ପଣ ଯେ ବ୍ୟକ୍ତ ହୋଇଥାଏ, ତାହା ନୁହେଁ; ବରଂ ସେଇ ବେଦନା ହେଉଛି ଅନ୍ତରଙ୍ଗଭାବେ ଏକାକାର ବୋଧର ଏକ ଅହେତୁକ ମୂର୍ଚ୍ଛନା । ଦୁଃଖ ଯେତେବେଳେ ବ୍ୟକ୍ତିକୈନ୍ଦ୍ରିକ, ତାହା ମନସ୍ତାପ ବ୍ୟତୀତ ଅନ୍ୟ କିଛି ହୋଇପାରେନା ଏବଂ ଏଥିରୁ ନିଃସୃତ ଚିତ୍ତାକର୍ଷକ କାନ୍ଦଣା ଲହରୀ ସାହିତ୍ୟକୁ କିଛିକାଳ ପାଇଁ ଯଥାର୍ଥ କବିତା ରୂପରେ ଆଚ୍ଛାଦିତ କରିପାରେ ଅଥଚ କାଳଜୟୀ ସତ୍ କବିତା ସାର୍ବଜନୀନ ଦୁଃଖ ପ୍ରତି ସର୍ବଦା ଅଙ୍ଗୀକାରବଦ୍ଧ । ସତ୍ୟ, ନ୍ୟାୟ, ସୌନ୍ଦର୍ଯ୍ୟ ଉପରେ ଆଞ୍ଚ ଆସିଲା ବେଳେ କବିର ଶବ୍ଦ ଓ ସ୍ୱର ଅତି ନିଛକ୍, ଅତି ଶାଣିତ । ଅସତ୍ୟ, ଅନ୍ୟାୟ ଓ ଅସୁନ୍ଦରକୁ କୌଣସିମତେ ବରଦାସ୍ତ ନ କରିବାର ଏହା ଏକ ସ୍ୱତନ୍ତ୍ର ଅନନ୍ୟ ଠାଣି । ତା' ନ ହୋଇଥିଲେ ମୈଥୁନରତ କ୍ରୌଞ୍ଚବଦ୍ଧ ଦୃଶ୍ୟରେ ବାଲ୍ମୀକିଙ୍କର ବିହ୍ୱଳିତ ଆତ୍ମାର କେତେଟୋପା ଲୁହ ଓ ଲୁହର ବର୍ଣ୍ଣମାଳାରେ ରଚିତ ଲହୁ ଜର୍ଜରିତ ଏଇ ଗୋଟିଏ ପଙ୍‌କ୍ତି :

''ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ ।
ଯତ୍ କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତମ୍ ॥''

ବିଶ୍ୱସାହିତ୍ୟରେ ପ୍ରଥମ କବିତାରୂପେ କ'ଣ ବିବେଚିତ ହୋଇଥା'ନ୍ତା ?

ତାନ୍-ଆଳାପରେ ଆବଦ୍ଧ ରହି ମଧ୍ୟ ଉଚ୍ଚାଙ୍ଗ ସଂଗୀତ ଯେପରି ସମ୍ପୂର୍ଣ୍ଣ ମୁକ୍ତ ଓ ନାଦବ୍ରହ୍ମ ଅନ୍ୱେଷୀ, ଉଚ୍ଚକୋଟୀର କବିତା ତଦନୁଯାୟୀ ତା'ର ଭାଷା, ଛନ୍ଦ ଓ ଶୈଳୀରେ ଆବଦ୍ଧ ରହି ମଧ୍ୟ ମୁକ୍ତ ଏବଂ ତା'ର ପ୍ରୟାସ ଓ ପ୍ରତ୍ୟୟ ସର୍ବଦା ଶବ୍ଦ-ବ୍ରହ୍ମ ପ୍ରାପ୍ତିରେ ନିହିତ ଥାଏ । ସଂଗୀତର ଅନାହତ ନାଦ ପରି କବିତାର ଅନାହତ ଗୁଞ୍ଜନ ଅଛି ଯାହା ତାହାର ନୀରବତାରେହିଁ ଶବ୍ଦକୁ ମୁଖରିତ କରେ । ବ୍ରହ୍ମରୂପେ ଉପାସନା କରି ଶବ୍ଦକୁ ଆବାହନ କଲାବେଳେ ବି କବି ନୀରବତାକୁ ଶ୍ରେୟଃ ଭୂଷଣଭାବେ ଆମନ୍ତ୍ରଣ କରିଥାଏ । ଶବ୍ଦ-ନିଃଶବ୍ଦ, ମୂର୍ତ୍ତ-ଅମୂର୍ତ୍ତ ମଧ୍ୟରେ କେଉଁ ଏକ ସାଙ୍ଗୀତିକ ବିନ୍ଦୁରେ କବିତା ନିଜସ୍ୱ ଏକ ସାଙ୍କେତିକ ଧାରାରେ ଆତ୍ମପ୍ରକାଶ କରିଥାଏ । ତାହାହିଁ ହେଉଛି ସୂକ୍ଷ୍ମ ପ୍ରଭେଦ କବିତା ଓ ପଦ୍ୟ ମଧ୍ୟରେ ଏବଂ କବି ଓ ପଦ୍ୟଲେଖକ ମଧ୍ୟରେ । ଏଇ ପରିପ୍ରେକ୍ଷୀରେ ପ୍ରତ୍ୟେକଟି ପଦ୍ୟ ନିରୋଳା କବିତା ହୋଇ ପାରେନା ଏବଂ ପ୍ରତ୍ୟେକ ପଦ୍ୟଲେଖକ କବି ଭାବେ ବିବେଚିତ ହୋଇ ପାରନ୍ତି ନାହିଁ । ଶ୍ରୀଅରବିନ୍ଦଙ୍କ ବିବେଚନାରେ କବିତାର ସୃଷ୍ଟି ହେଉଛି ଆତ୍ମିକ ଦୃଷ୍ଟିରୁ ଏବଂ ପଦ୍ୟର ଗଠନ ସୁସଜ୍ଜିତ ମାନସଗଢ଼ା ଭାଷାରୁ । ସତ୍ୟ, ଶିବ, ସୁନ୍ଦରର ସଂଗତିରେ ଆତ୍ମାକୁ ରଞ୍ଜିତ କରି କବିତା ଏକ ଦିବ୍ୟ-ଆନନ୍ଦ ସଞ୍ଚାରଣ କରେ । କବିତାର ବକ୍ତବ୍ୟ କେବଳ ଶବ୍ଦାର୍ଥ ବା ଶବ୍ଦ-ସଂଯୋଜନାରେ ନ ଥାଏ । ''ଏହା ଶବ୍ଦର ପଶ୍ଚାତରେ ଥିବା ଆତ୍ମା-ଦୃଷ୍ଟିର ଗୁରୁତ୍ୱରୁ ଆନୀତ ହୋଇଥାଏ । ଆତ୍ମାବିଷ୍କାରର ଏକ ଛନ୍ଦୋମୟ ଜଳଯାତ୍ରାରେ ଉପୁଜୁଥିବା ଆଧ୍ୟାତ୍ମିକ ଉତ୍ତେଜନା ହେଉଛି କବିତାରେ ତୀବ୍ରତାର ଉତ୍ସ; ଯାହା କବିତାର ବକ୍ତବ୍ୟ ଓ ଗତିବିଧିରେ ପରିଲକ୍ଷିତ ...''

(It comes from the stress of soul-vision behind the word; it is the spiritual excitement of a rhythmic voyage of self-discovery ...)

(The Future Poetry, p. -16)

ପୁନଶ୍ଚ ଆନ୍ତରିକତାପୂର୍ଣ୍ଣ ତୀବ୍ର ଭାବାବେଗରେ କବିତାର ବାର୍ତ୍ତା ସବୁଯୁଗେ ସତ୍ୟନିଷ୍ଠ – ସେ ସତ୍ୟ ସ୍ୱର୍ଗର ହେଉ କି ନର୍କର ହେଉ, ମଣିଷ ଜୀବନର ହେଉ କି ପ୍ରକୃତି ବା ଜଡ଼ବସ୍ତୁର ହେଉ । କିନ୍ତୁ ସୌନ୍ଦର୍ଯ୍ୟ କସ୍ମିନ୍ କାଳେ ସେ ସତ୍ୟରୁ ବହିଷ୍କୃତ ନୁହେଁ । ଶ୍ରୀଅରବିନ୍ଦ ତାଙ୍କର ମହାକାବ୍ୟ 'ସାବିତ୍ରୀ' ସମ୍ପର୍କରେ ଶିଷ୍ୟ କବି ଅମଳ କିରଣଙ୍କ ସହ ପତ୍ରାଳାପରେ ଅଧିମାନସ ସତ୍ୟ ସ୍ତରର କବିତାରେ ମଧ୍ୟ ସୌନ୍ଦର୍ଯ୍ୟତତ୍ତ୍ୱର ଗୁରୁତ୍ୱକୁ ବିସ୍ତୃତଭାବେ ବର୍ଣ୍ଣନା କରି ଦର୍ଶାଇଛନ୍ତି ଯେ ସତ୍ୟ ଓ ସୌନ୍ଦର୍ଯ୍ୟ ସବୁସ୍ତରରେ ଅବିଚ୍ଛେଦ୍ୟ । ତାଙ୍କ ଭାଷାରେ, ''ସତ୍ୟ କିନ୍ତୁ କେବଳ ବାସ୍ତବ ଘଟଣାବଳୀ ବା ବୌଦ୍ଧିକ ଭାବାବଳୀର ଏକ ଶୁଷ୍କ ବକ୍ତବ୍ୟ ନୁହେଁ; ଏହା ଏକ ଚମତ୍କାର ଆବିଷ୍କାର, ଏକ ଲାସ୍ୟମୟ ଉନ୍ମୋଚନ, ହୋଇପାରେ ସୌନ୍ଦର୍ଯ୍ୟର ଏକ ବସ୍ତୁ ଯାହା ଅବିରତ ଭାବେ ଆନନ୍ଦ ପ୍ରଦାନ କରେ । କବି ସତ୍ୟାନ୍ୱେଷୀ ଓ ସତ୍ୟପ୍ରେମୀ ହେବା ସଂଗେ ସଂଗେ ସୌନ୍ଦର୍ଯ୍ୟାନ୍ୱେଷୀ ଓ ସୌନ୍ଦର୍ଯ୍ୟପ୍ରେମୀ ମଧ୍ୟ ।... କାରଣ ସେଠାରେ ସ୍ୱୟଂ ସତ୍ୟ ହେଉଛି ସର୍ବୋତ୍ତମ କବିତା ଏବଂ ଦୃଷ୍ଟି, ଶ୍ରୁତି ଓ ଆତ୍ମିକ ବୋଧକୁ ଏହା ଅତୀବ ସୁନ୍ଦର ପ୍ରତୀୟମାନ ହେବା ଉଚିତ । ଏହି ନିତ୍ୟ, ସତ୍ୟ ଓ ସୁନ୍ଦର ସମ୍ମିଶ୍ରଣରେ ରହିଛି ଶବ୍ଦ-ବ୍ରହ୍ମଙ୍କର ରହସ୍ୟର ଉତ୍ସ ।''

(... Truth is not merely a dry statement of facts or ideas to or by the intellect; it can be a splendid discovery, a rapturous revelation, a thing of beauty that is a joy for ever. The poet also can be a seeker and lover of truth as well as a seeker and lover of beauty. ... For there truth itself is highest poetry and has only to appear to be utterly beautiful to the vision, to the hearing, the sensibility of the soul. There dwells and from there springs the mystery of the inevitable word, ...)

(- Savitri - p. 820 - 821)

ସୁତରାଂ କବିର ନିଛକ୍ ଦୃଷ୍ଟିରେ ସତ୍ୟ ହେଉଛି ସୌନ୍ଦର୍ଯ୍ୟମୟ ଏବଂ ସୌନ୍ଦର୍ଯ୍ୟ ହେଉଛି ସତ୍ୟମୟ – ଏଣୁ ଏହା ଏକ ଚିରନ୍ତନ ଆନନ୍ଦ । କାରଣ ଆତ୍ମାର ଗଭୀରତର ସତ୍ୟାବିଷ୍କାର ସମୟରେ କବି ଅଫୁରନ୍ତ ଆନନ୍ଦ ଅନୁଭବ କରିଥାଏ ଏବଂ ଏହି ଆନନ୍ଦକୁ କବିତାର ଲୋତକପୂର୍ଣ୍ଣ ନିଷ୍ପାପ କୁଆଁ କୁଆଁ ବୈଭବରେ ଜୀବନ୍ୟାସ କରେ ।

ଚେତନାର ଉତ୍ତରଣରେ ଜ୍ଞାନ, ବିଜ୍ଞାନ ଓ ଆଧ୍ୟାତ୍ମିକତାର ଶୀର୍ଷରେ ପହଞ୍ଚି ମଧ୍ୟ ମଣିଷ ଉଚ୍ଚତର ସତ୍ୟାନୁଭବକୁ ପ୍ରକାଶ କରିବା ସକାଶେ କବିତାର ଛନ୍ଦୋମୟ ଭାଷାକୁ ଉପଯୁକ୍ତ ମାଧ୍ୟମରୂପେ ଗ୍ରହଣ କରିଥାଏ । କାରଣ କାବ୍ୟଭାଷାର ଏକ ଚଳତ୍‌ଶକ୍ତି ଅଛି ଏବଂ କାବ୍ୟିକ ଶବ୍ଦର

ଶକ୍ତି କେବଳ ଚିନ୍ତା କରିବା ବା ଅନୁଭବ କରିବାରେ ସୀମିତ ନ ରହି ଏହା ବହୁବିଧ ସ୍ତରରେ ବହୁବିଧ ଅର୍ଥ ଓ ଛନ୍ଦୋମୟ ଦୃଷ୍ଟି ପ୍ରଦାନ କରିବା ସକାଶେ ସତତ ପ୍ରସ୍ତୁତ । ଅତଏବ ଅମାପ ସୌନ୍ଦର୍ଯ୍ୟ ଓ କାବ୍ୟଚେତନାର ରଶ୍ମିରେ ଜ୍ୟୋତିର୍ମୟ ହୋଇ ଶବ୍ଦ ତତ୍‌କ୍ଷଣାତ୍ ହୋଇଯାଏ ମନ୍ତ୍ରପୁଷ୍ଟ, ଯାହାର ଅନୁରଣ ପ୍ରଲମ୍ବିତ ହୁଏ କାଳକାଳାନ୍ତର ଏବଂ ଯାହାର ଆବେଦନ ହୁଏ କାଳୋତ୍ତର । ଏହାହିଁ କବିତାର ସ୍ୱଭାବ ଓ ନିୟତି ଯାହା ସହ କବିର ନିୟତି ଓତପ୍ରୋତ ଭାବେ ଜଡ଼ିତ । ଅତଏବ କବି ହେଉଛି ଏକ ଦ୍ରଷ୍ଟା ମାତ୍ର ଏବଂ କାଳର ଗର୍ଭରେ ସାଇତା ହୋଇ ରହିଥିବା କବିତାକୁ କବି ଓହ୍ଲାଇ ଆଣେ ତା'ର କବିତା ମଧ୍ୟକୁ । ଏହି ଦିବ୍ୟଦୃଷ୍ଟି ବିଷୟରେ ଶ୍ରୀଅରବିନ୍ଦ ବର୍ଣ୍ଣନା କରିଛନ୍ତି ତାଙ୍କର ମହାକାବ୍ୟ 'ସାବିତ୍ରୀ', ପୃ - ୩୧୫ରେ :

''ବାକ୍ ଏକ ହେଲା ଉଚ୍ଚାରିତ ଅବା ଦିବ୍ୟାଲୋକ ଦୃଷ୍ଟ,
ନିମିଷ-ଦର୍ଶନ ଏକ, ପ୍ରକାଶିବା ଲାଗି ନିଏ
ଯୁଗଯୁଗର ଶ୍ରମ ।''

(A Word is spoken or a Light is shown,
A moment sees, the ages toil to express.)

❑❑❑

## କଳ୍ପନା

ମୁଁ ତୁମକୁ କହିରଖୁଛି – କେବେ ବି ନିରୁତ୍ସାହିତ ବୋଧ କର ନାହିଁ ଓ କେବେ ବି ନିରାଶ ହୋଇଯାଅ ନାହିଁ । ତୁମର କଳ୍ପନା ସର୍ବଦା ଆଶାନ୍ୱିତ ହୋଇ ରହୁ ଏବଂ ଉଚ୍ଚତର ସତ୍ୟକୁ ବହନ କରିବା ଲାଗି ଆନନ୍ଦରେ ନମନୀୟ ହୋଇ ରହୁ । ତା'ହେଲେ ଯାଇ ସେଇ ଉଚ୍ଚତର ସତ୍ୟ ତୁମ ଭିତରେ ତା'ର ସୃଜନଶୀଳ ଆଲୋକ ଧରିରଖିବା ପାଇଁ ଆବଶ୍ୟକ ଗଠନମାନ ପାଇପାରିବ ।

କଳ୍ପନା ହେଲା ଏକ ଛୁରୀ ସଦୃଶ । ଏହା ଭଲ ଓ ମନ୍ଦ ଉଭୟ ଦିଗରେ ବ୍ୟବହୃତ ହୋଇପାରେ । ତୁମେ ଯଦି ସବୁବେଳେ ଏପରି ଏକ ଧାରଣା ଭିତରେ ରହିପାରିବ – ତା'ମାନେ, ତୁମେ ଯଦି ସବୁବେଳେ ମନେ ମନେ ଭାବିବ ଯେ ତୁମେ ରୂପାନ୍ତରିତ ହେବା ଦିଗରେ ଗତିକରୁଛ, ତା'ହେଲେ ତୁମେ ଯୋଗ ପ୍ରକ୍ରିୟାରେ ସାହାଯ୍ୟ କରିପାରିବ । ଯଦି, ଅନ୍ୟ ଦିଗରେ ତୁମେ ଉତ୍ସାହହୀନ ହୋଇପଡ଼ିବ, ଏବଂ ବିଳାପ କରି ବସିବ ଯେ ତୁମର କିଛି ଯୋଗ୍ୟତା ନାହିଁ, ତୁମେ କୌଣସି ଉଚ୍ଚ ଉପଲବ୍ଧି କରିବା ପାଇଁ ଅସମର୍ଥ, ତା'ହେଲେ ତୁମେ ତୁମର ସତ୍ତାକୁ ବିଷାକ୍ତ କରିଦେବ । ଏହି ଗୁରୁତ୍ୱପୂର୍ଣ୍ଣ ସତ୍ୟଟିକୁ ତୁମେ ସଂପୂର୍ଣ୍ଣ ଠିକ୍ ଭାବେ ଉପଲବ୍ଧି କରିବ ବୋଲି ମୁଁ ଏଇ କଥାଟିକୁ ବାରଂବାର ଅକ୍ଳାନ୍ତଭାବେ ତୁମକୁ କହିଆସୁଛି ଯେ, ତୁମର ଯାହାକିଛି ଘଟୁପଛେ – ଭଗବାନଙ୍କ ଦୁହାଇ – ତୁମେ କେବେ ବି ଅବସନ୍ନ ହୋଇପଡ଼ିବ ନାହିଁ । ନିରବଚ୍ଛିନ୍ନ ଭାବେ ଆଶା ମଧ୍ୟରେ ବଞ୍ଚିରହ ଏବଂ ସ୍ଥିର ସିଦ୍ଧାନ୍ତରେ ରହ ଯେ ଆମେମାନେ ଯାହା କରୁଛୁ ତାହା ନିଶ୍ଚେ ଦିନେ ସଫଳ ହେବ । ଅନ୍ୟ ଭାଷାରେ କହିଲେ – ଶ୍ରୀଅରବିନ୍ଦଙ୍କଠାରେ ବିଶ୍ୱାସ ରଖ – ସେହି ବିଶ୍ୱାସରେ ତୁମର ସମସ୍ତ ଶୁଭ କଳ୍ପନାଗୁଡ଼ିକ ଗଢ଼ିଉଠୁ ।

– ଶ୍ରୀମା

# ଆମ ସ୍ୱାସ୍ଥ୍ୟ

## (୧୩)

## ଭୋଳେଶ୍ୱର ଭୂୟାଁ

ଆମ ସ୍ୱାସ୍ଥ୍ୟକୁ ଅତୁଟ ଓ ଦୀର୍ଘସ୍ଥାୟୀ କରିବା ପାଇଁ କେବଳ ଆମ ଶରୀରରେ ଥିବା ସାମର୍ଥ୍ୟ ବା ଖାଦ୍ୟରୁ ମିଳୁଥିବା ଶକ୍ତି ଯଥେଷ୍ଟ ନୁହେଁ । ଏଥିପାଇଁ ଆମ ଶରୀରର ଊର୍ଦ୍ଧ୍ୱରେ ଥିବା ବିଭିନ୍ନ ଚେତନାର ଶକ୍ତିରାଜିର ଅବତରଣ ଦରକାର । ଏହି ଊର୍ଦ୍ଧ୍ୱତର ଶକ୍ତିର ପ୍ରକମ୍ପ ଶରୀରକୁ ଯଥାର୍ଥ ସ୍ୱାସ୍ଥ୍ୟ ପ୍ରଦାନ କରିଥାଏ । ଯେତେବେଳେ ଅନ୍ୟ ନିମ୍ନତର ଶକ୍ତିର ସ୍ପନ୍ଦନ ଆମ ସ୍ୱାସ୍ଥ୍ୟର ଊର୍ଦ୍ଧ୍ୱତର ଶକ୍ତିର ସ୍ପନ୍ଦନକୁ ବାଧାଦେଇ ଏହାକୁ ବିଶୃଙ୍ଖଳିତ କରିଥାଏ ଆମେ ସେତେବେଳେ ରୋଗରେ ପଡ଼ିଥାଉ । ଏହାହିଁ ହେଲା ରୋଗ ଓ ସ୍ୱାସ୍ଥ୍ୟର ଆଦିମ ନିୟମ । କିନ୍ତୁ ଏହି ନିୟମ ମଧ ମା'ଙ୍କର ଶରୀର ରୂପାନ୍ତର ସମୟରେ ବଦଳି ଯାଇଥିଲା । ଶରୀରର କୋଷମାନଙ୍କ ମଧରେ ଚରମ ସଙ୍ଗତି ବା ସମତା ସ୍ଥାପନ କରିପାରିଲେ ଏହି ପୁରୁଣା ଉପାୟକୁ ବଦଳାଇ ଦିଆଯାଇପାରେ । ନୂତନ ଉପାୟକୁ ଗ୍ରହଣ କଲେ ରୋଗ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଯେଉଁ ମାନସିକ ଧାରଣା ରହି ଆସିଛି ତାହା ଆଉ ରହିବ ନାହିଁ । କୋଷମାନଙ୍କ ମଧରେ ପରମ ସାମଞ୍ଜସ୍ୟ ସ୍ଥାପିତ ହେଲେ ଶରୀର ପରିଚାଳନାର ସମସ୍ତ ବିକୃତି ଦୂର ହୁଏ । ଯେକୌଣସି ଅଂଶରେ ବିକୃତି ଦେଖାଦେଲେ କୋଷମାନଙ୍କର ସମତା ଏସବୁ ବିକୃତିକୁ ଦୂରକରି ସେହି ଅଂଶରେ ସମତା ପ୍ରତିଷ୍ଠା କରିଥାଏ । ଏହା ହୃଦ୍‌ଯନ୍ତ୍ର, ପାକସ୍ଥଳୀ, କିଡ଼୍‌ନି, ଲିଭର ଆଦି ଯେକୌଣସି ଯନ୍ତ୍ରମାନଙ୍କର କ୍ରିୟାକଳାପରେ ଯଥାର୍ଥ ସକ୍ରିୟତା ସ୍ଥାପନ କରି ଶରୀରକୁ ସୁସ୍ଥ ଓ ସବଳ ରଖାଯାଇପାରେ । ଏହି ନୂତନ ଉପାୟ କେବଳ ଏକ ତଥ୍ୟ ନୁହେଁ । ଏହା ମା'ଙ୍କ ଶରୀରରେ ପରୀକ୍ଷିତ ହୋଇସାରିଛି ।

(ଦ୍ରଷ୍ଟବ୍ୟ : *The Mother's Yoga*, Vol. 1. p. 142)

ଶରୀରରେ କୋଷମାନଙ୍କ ମଧରେ ଏହି ସାମଞ୍ଜସ୍ୟ ସ୍ଥାପନ କରିବାକୁ ହେଲେ ପ୍ରଥମେ ଶରୀର ଓ ଶରୀର ଚେତନାକୁ ଯଥେଷ୍ଟ ପରିମାଣରେ ସଚେତନ ହେବାକୁ ପଡ଼ିବ । ଅର୍ଥାତ୍ ଶରୀରସ୍ଥିତ ମନ ଓ କୋଷମାନଙ୍କର ଜାଗରଣ ହେଲେ ଏହା ଭିତରେ ଯଥାର୍ଥ ସାମଞ୍ଜସ୍ୟ ପ୍ରତିଷ୍ଠିତ ହୋଇପାରିବ । ଏଥିପାଇଁ ପ୍ରଥମେ ଚେତନାର ପରିବର୍ତ୍ତନ ଅର୍ଥାତ୍ ମନ, ପ୍ରାଣ ଓ ଶରୀର ଚେତନାକୁ ଚୈତ୍ୟସତ୍ତାର ଗୁଣଧର୍ମରେ ପରିବର୍ତ୍ତିତ କରିବାକୁ ହେବ; ଫଳତଃ ଶରୀର ସୁସ୍ଥ, ସବଳ, ନୀରୋଗ ଓ ଦୀର୍ଘଜୀବୀ ହେବା ସମ୍ଭବ ହେବ ।

ଆମେ ଆମ ସ୍ୱାସ୍ଥ୍ୟ ପାଇଁ ପେଟର ବ୍ୟାୟାମ ବିଷୟରେ ଆଲୋଚନା କରିଥିଲୁ । ସାଧାରଣତଃ ପେଟର ପ୍ରଧାନ ରୋଗ ହେଲା ବାୟୁ ଓ ଅମ୍ଳ ଦୋଷ । ଏହି ଦୁଇ ରୋଗକୁ ଆମେ ଯଦି ନିରାମୟ କରିଦେଉ ତେବେ ପେଟରେ ଅନ୍ୟ କୌଣସି ରୋଗ ହୋଇପାରେ ନାହିଁ । ପେଟରେ ବାୟୁ ହେବାର କାରଣଗୁଡ଼ିକ ହେଲା (୧) ପରିମିତ ଖାଦ୍ୟର ପରିମାଣରୁ ଅଧିକ ଖାଦ୍ୟ ଭୋଜନ କରିବା । (୨) ଖାଦ୍ୟ ଖାଇବା ସମୟରେ ଅଧିକ ଜଳପାନ କରିବା । (୩) ପେଟରେ ଯଥେଷ୍ଟ ପରିମାଣରେ ପାଚକ ରସ ନିସୃତ ନହେବା । କାରଣ ପାଚକ ରସ ତିଆରି କରୁଥିବା ଯନ୍ତ୍ର : ମଧୁର କୋଷ, ଲିଭର, ପାକସ୍ଥଳୀ ଆଦି ଅତ୍ୟଧିକ ଦୁର୍ବଳ ହୋଇଥାଆନ୍ତି । (୪) ବାରଂବାର ଖାଦ୍ୟ ଗ୍ରହଣ କରିବା । ଆମେ ଖାଇଥିବା ଖାଦ୍ୟ ଉପରୋକ୍ତ କାରଣ ଯୋଗୁଁ ଠିକ୍ ଭାବରେ ହଜମ ହେବା ପୂର୍ବରୁ ପେଟର ଅନ୍ତ୍ରନଳୀରେ ପଚିବାକୁ ଆରମ୍ଭ କରେ ଏବଂ ସେଥିରୁ ଗ୍ୟାସ ହେବାକୁ ଆରମ୍ଭ କରେ । ଏହି ଗ୍ୟାସ ଆମ ମୁଖ ଦେଇ ବା ମଳଦ୍ୱାର ଦେଇ ବାହାରକୁ ଯାଇଥାଏ । ଏହି ଗ୍ୟାସ ଅତ୍ୟନ୍ତ ଦୁର୍ଗନ୍ଧଯୁକ୍ତ ହୋଇଥାଏ । ଏଥିପାଇଁ ଆମେ ଔଷଧ ନଖାଇ ଉପରୋକ୍ତ ଚାରଟି କାରଣକୁ ଯଦି ନିବାରଣ କରୁ ତେବେ ଆମେ ବାୟୁ ଦୋଷରୁ ମୁକ୍ତ ହୋଇପାରିବା । ଏହାର ସହଜ ଉପାୟ ହେଲା ଖାଦ୍ୟ ଖାଇବାରେ ଆମର ସଂଯମ ଓ ପେଟର ବ୍ୟାୟାମ । ଅମ୍ଳ ରୋଗର ମୁଖ୍ୟ କାରଣଗୁଡ଼ିକ ହେଲା : (୧) ଆବଶ୍ୟକତାଠାରୁ ଅଧିକ ଭୋଜନ କରିବା ଦ୍ୱାରା ଖାଦ୍ୟ ପେଟରେ ଦୂଷିତ ହୋଇ ଅମ୍ଳ ସୃଷ୍ଟି କରିଥାଏ । ଗୁରୁପାକ ଖାଦ୍ୟ ଯଥା ବେଶୀ ତେଲ, ମସଲା ଦିଆ ଖାଦ୍ୟ ଖାଇଲେ ତାହା ପେଟରେ ଦୂଷିତ ହୋଇ ଏସିଡ୍ ସୃଷ୍ଟି କରିଥାଏ । (୨) ଆମେ ଯଦି ଅଧିକ ଏସିଡ୍ ଯୁକ୍ତ ଖାଦ୍ୟ ଖାଉ । (୩) ଆମେ ଠିକ୍

ସମୟରେ ଖାଦ୍ୟ ନଖାଇଲେ ପେଟରେ ଝରୁଥିବା ପାଚକ ରସ ଦୂଷିତ ହୋଇ ଆମକୁ ଏସିଡ଼ିଟି ହୋଇଥାଏ । ବହୁଦିନ ଏସିଡ଼ିଟି ହେବା ପରେ ଏସିଡ଼୍‌ର ପ୍ରଭାବରେ ପେଟର ଭିତର ପରଦାରେ ଘା' ହୁଏ, ଯାହାକୁ ଆମେ ulcer ବୋଲି ଜାଣୁ । କ୍ଷତ ପେଟର କ୍ଷୁଦ୍ରାନ୍ତ୍ର, ଗ୍ରହଣୀ ଆଦିରେ ହୋଇଥାଏ ।

ଅମ୍ଳ ରୋଗ ପାଇଁ ଔଷଧ ନଖାଇ କେବଳ ସ୍ୱାସ୍ଥ୍ୟକର ଖାଦ୍ୟ ଯଥାର୍ଥ ପରିମାଣରେ ଖାଇଲେ ଏବଂ ଆସନ, ବ୍ୟାୟାମ ଓ ପ୍ରାଣାୟାମ କଲେ ଏହା ସହଜରେ ଭଲ ହୋଇଥାଏ । ଏସିଡ଼ିଟି ରୋଗ ପାଇଁ ଲେମ୍ବୁ ହେଲା ଅମୋଘ ଖାଦ୍ୟ । ପ୍ରତିଦିନ ଅଧା ଲେମ୍ବୁ ପାଣି ବା ସରବତ ସହିତ ଖାଇଲେ ଆମକୁ କେବେହେଲେ ଏସିଡ଼ିଟି ହୋଇ ନଥାଏ । ଅନେକ ଲୋକଙ୍କ ଭୁଲ୍ ଧାରଣା ଅଛି ଲେମ୍ବୁ ହେଲା ଅମ୍ଳଯୁକ୍ତ ଖାଦ୍ୟ । ଲେମ୍ବୁ ଖାଇଲେ ଅମ୍ଳ ରୋଗୀର ଅଧିକ ଅମ୍ଳତ୍ୱ ବୃଦ୍ଧି ହୁଏ ଏବଂ ପେଟରେ ଜ୍ୱାଳା ହୁଏ । ସେଥିପାଇଁ ସେମାନେ ଲେମ୍ବୁ ଖାଇବାକୁ ଭୟ କରନ୍ତି । ପ୍ରଥମ କଥା ହେଲା ଲେମ୍ବୁ ସ୍ୱାଦରେ ଅମ୍ଳ ହେଲେ ମଧ୍ୟ ଏହା ଅମ୍ଳ ଖାଦ୍ୟ ନୁହେଁ । ଏହା ଶରୀରର ଅମ୍ଳନାଶ କରିଥାଏ । ଏହା କ୍ଷାରଜାତୀୟ ଖାଦ୍ୟ । ଅମ୍ଳ ରୋଗୀକୁ ପ୍ରଥମେ ସାବଧାନତାର ସହିତ ଲେମ୍ବୁ ଖାଇବାକୁ ହେବ । ଅମ୍ଳ ରୋଗୀ ପ୍ରଥମେ ଦୁଇ ତିନି ଟୋପା ଲେମ୍ବୁ ରସ ପାଣିରେ ମିଶାଇ ଖାଇବାକୁ ଆରମ୍ଭ କରିବେ । ପ୍ରତିଦିନ ଏହାର ପରିମାଣ ବୃଦ୍ଧି କରି ଗୋଟିଏ ଲେମ୍ବୁର ଅର୍ଦ୍ଧେକ ପର୍ଯ୍ୟନ୍ତ ଖାଇବେ । ଗ୍ୟାସ ରୋଗୀ ମଧ୍ୟ ଲେମ୍ବୁ ଖାଇଲେ ଖାଇଥିବା ଖାଦ୍ୟ ହଜମ ହେବା ପୂର୍ବରୁ ପଚିଯାଇ ନଥାଏ । ତେଣୁ ଗ୍ୟାସ ଉତ୍ପନ୍ନ ହେବା ପ୍ରଶ୍ନ ଉଠି ନଥାଏ ।

ଯେଉଁମାନଙ୍କର ଖାଦ୍ୟ ହଜମ ହୁଏ ନାହିଁ ସେମାନେ ଖାଦ୍ୟର ପରିମାଣ କମାଇ ଯେତିକି ଖାଦ୍ୟ ହଜମ କରିପାରିବେ କେବଳ ସେତିକି ଖାଦ୍ୟ ଖାଇବା ଉଚିତ । ପାଚକ ରସ ଯଥେଷ୍ଟ ପରିମାଣରେ ଉତ୍ପନ୍ନ ହେଉ ନଥିଲେ ପେଟର ବ୍ୟାୟାମ ଓ ପ୍ରାଣାୟାମ କରିବାକୁ ହେବ ।

*

**ଶୟନ ପଶ୍ଚିମୋତ୍ତାନାସନ** (Sit up) : ହାତ ଦୁଇଟି ମୁଣ୍ଡ ଉପରକୁ ସମାନ୍ତରାଳ ଭାବରେ ରଖି ଚିତ୍ ହୋଇ ଶୋଇ ଯାଅ । ପାପୁଲି ଉପର ଆଡ଼କୁ ରହିବ । ନିଃଶ୍ୱାସ ନେଇ ବନ୍ଦ କରି ରଖ । ଏକ ଝୁଙ୍କ ଦେଇ ଉଠିବସ । ଅର୍ଥାତ୍ ଅଣ୍ଟାଠାରୁ ମୁଣ୍ଡ ପର୍ଯ୍ୟନ୍ତ ହାତ ସହିତ ଉଠିବ । ଆଗକୁ ନଇଁ କପାଳକୁ ଆଣ୍ଠୁରେ ଲଗାଇବା ପାଇଁ ଚେଷ୍ଟା କର, ଦୁଇ ହାତରେ ଦୁଇ ଗୋଡ଼ର ପାଦକୁ ଛୁଅଁ । ଆଣ୍ଠୁ ବାଙ୍କିବ ନାହିଁ । ଆଗକୁ ନଇଁବା ବେଳେ ନିଃଶ୍ୱାସ ଛାଡ଼ । ପୁଣି ନିଃଶ୍ୱାସ ନେଇ ନେଇ ପୂର୍ବପରି ଶୋଇପଡ଼ । ଏହିପରି ସଂଖ୍ୟା ହେଲା ଏକ । ଏହାର ସଂଖ୍ୟା ୧୦ରୁ ଆରମ୍ଭ କରି ଯେତେ ପାର ସଂଖ୍ୟା ବଢ଼ାଇ ଚାଲ । ଯୁବକ, ଯୁବତୀ ଏହିପରି ୩୦ ରୁ ୪୦ ଥର କରିବେ । ବୟସ୍କ ଲୋକ ୧୦ ରୁ ୨୦ ଥର କରିପାରିଲେ ଯଥେଷ୍ଟ । ଏହା ହେଲା ଉପର ପେଟର ବ୍ୟାୟାମ ।

**ଉପକାରିତା :** ଏହି ବ୍ୟାୟାମ କରିବା ଦ୍ୱାରା ଉପର ପେଟର ମାଂସପେଶୀ ଶକ୍ତ ହେବା ସଙ୍ଗେ ସଙ୍ଗେ ଲିଭର, ପାକସ୍ଥଳୀ, ଗ୍ରହଣୀ ଆଦି ଯନ୍ତ୍ରଗୁଡ଼ିକ ଶକ୍ତିଶାଳୀ ହୁଅନ୍ତି ଓ ସେମାନଙ୍କର କାମ କରିବାର ଶକ୍ତି ବଢ଼େ । ସେମାନେ ଯଥାର୍ଥ ପରିମାଣ ପାଚକ ରସ ଝରାଇ ପାକସ୍ଥଳୀକୁ ଆସୁଥିବା ଖାଦ୍ୟକୁ ସହଜରେ ହଜମ କରାଇଥା'ନ୍ତି । ଏହା ଦ୍ୱାରା ଆମକୁ ବଦହଜମି, ଏସିଡ଼ିଟି, ଗ୍ୟାସ ଆଦି ରୋଗ ହୁଏ ନାହିଁ ।

**ଶୟନ-ହଳାସନ** (Overhead rolling) : ହାତ ଦୁଇଟିକୁ ଅଣ୍ଟା କଡ଼ରେ ରଖି ଚିତ୍ ହୋଇ ଶୋଇଯାଅ । ନିଃଶ୍ୱାସ ନେଇ ନେଇ ପଦ ଦୁଇଟିକୁ ଏକ ସଙ୍ଗରେ ଉଠାଇ ମୁଣ୍ଡ ଉପର ଦେଇ ଭୂମିରେ ସ୍ପର୍ଶ କର । ଏହା ହଳାସନର ସ୍ଥିତି ସଦୃଶ ହେବ । ପୁଣି ନିଃଶ୍ୱାସ ଛାଡ଼ି ଛାଡ଼ି ଗୋଡ଼ ଦୁଇଟି ଏକ ସଙ୍ଗରେ ପୂର୍ବ ଅବସ୍ଥାକୁ ଆଣ । ଏହିପରି ସଂଖ୍ୟା ହେଲା ଏକ । କ୍ରମାଗତ ଭାବେ ତୁମର ସାମର୍ଥ୍ୟ ଅନୁଯାୟୀ ଏହାର ସଂଖ୍ୟା ବୃଦ୍ଧି କର । ଯେଉଁମାନେ ହଳାସନ କରିପାରନ୍ତି ନାହିଁ ସେମାନେ ଗୋଡ଼ ଦୁଇଟିକୁ ଶରୀର ସହିତ ୯୦°ହେବା ପର୍ଯ୍ୟନ୍ତ ଉଠାଇ ପୁଣି ଶୟନ ଅବସ୍ଥାକୁ ନେଇ ଆସିବେ । ନିଜର କ୍ଷମତା ଅନୁସାରେ ଏହାର ସଂଖ୍ୟା ବୃଦ୍ଧି ହେବ । ଯଦି କୌଣସି କାରଣରୁ ଜଣେ ଏହା କରି ନପାରେ ତେବେ ଗୋଡ଼ ଦୁଇଟିକୁ ଭୂମିରୁ ମାତ୍ର ଛ' ଇଞ୍ଚ ଉଠାଇ ସେଠାରେ ଯେତେ ସମୟ ପାର ସ୍ଥିର କରି ରଖ । ଏହି ଆସନକୁ ୫ରୁ ୧୦ଥର ପୁନରାବୃତ୍ତି କରିପାର । ଏହା ହେଲା ତଳପେଟର ବ୍ୟାୟାମ ।

**ଉପକାରିତା :** ଏହି ବ୍ୟାୟାମ ଦ୍ୱାରା ତଳପେଟର ମାଂସପେଶୀ ଶକ୍ତିଶାଳୀ ହୁଏ । ତଳପେଟରେ ଥିବା ଯନ୍ତ୍ର : କିଡ୍‌ନି, ମୂତ୍ରାଶୟ, କ୍ଷୁଦ୍ରାନ୍ତ୍ର, ବୃହଦାନ୍ତ୍ର, ମଧୁର କୋଷ ଆଦି ସୁସ୍ଥ ସବଳ ରହେ ଓ ବିନା ବିଘ୍ନରେ କାର୍ଯ୍ୟ କରିପାରନ୍ତି । ଏହି

ବ୍ୟାୟାମ ଦ୍ୱାରା ବଦହଜମି, କୋଷ୍ଠକାଠିନ୍ୟ, ଅନ୍ତ ନଳୀର ଘା', ହାର୍ନିଆ, କଲିକ୍ ଶୂଳ, ମୂତ୍ର ପାଥୁରି, ଅର୍ଶ ଆଦି ରୋଗ ହୁଏ ନାହିଁ । ଏହିସବୁ ରୋଗ ହୋଇଥିଲେ ତାହା ଠିକ୍ ହୋଇଯାଏ ।

**ଅଗ୍ନିସାର ଧୌତି** : ଆମେ ଉଡ୍ଡୀୟାନ ବନ୍ଧ ବିଷୟରେ ଆଗରୁ କହିଛୁ । ଏହାକୁ ବାରଂବାର କଲେ ଏହା ଅଗ୍ନିସାର ଧୌତି ହୋଇଥାଏ । ସମସ୍ତ ନିଃଶ୍ୱାସ ବାହାର କରି ଅଗ୍ନିସାର ଧୌତି କରାଯାଏ । ନିଃଶ୍ୱାସ ବନ୍ଦ ଅବସ୍ଥାରେ ୩୦ ରୁ ୪୦ ଥର ଉଡ୍ଡୀୟାନ ବନ୍ଧ କରିବାକୁ ହେବ । ଏହା ଖୁବ୍ ଶୀଘ୍ର ଶୀଘ୍ର କରାଯିବ । ଏହି ପରି ଦୁଇଥର କର । ଯେଉଁମାନେ ଉଡ୍ଡୀୟାନ କରିପାରନ୍ତି ନାହିଁ ସେମାନେ ବଜ୍ରାସନରେ ବସି ଦୁଇ ହାତର ଅଙ୍ଗୁଳି ଦ୍ୱାରା ପେଟକୁ ତଳ ଉପର ଏବଂ ବାମ ଡାହାଣକୁ ମର୍ଦ୍ଦନ କରିପାରନ୍ତି । ଅଙ୍ଗୁଳି ପେଟରେ ଗଭୀରକୁ ପ୍ରବେଶ କରିବ । ଏପରି କରିବା ଦ୍ୱାରା ଏହା ଅଗ୍ନିସାର ଧୌତିର ବ୍ୟାୟାମ ହୋଇଥାଏ ।

**ଉପକାରିତା :** ଅଗ୍ନିସାର ଧୌତି ଦ୍ୱାରା ଉପର ଓ ତଳ ଉଭୟ ପେଟର ବ୍ୟାୟାମ ହୋଇଥାଏ । ଏହି ବ୍ୟାୟାମ କରିବା ସମୟରେ ପେଟରେ ରକ୍ତ ଚଳାଚଳ ଦ୍ରୁତ ବେଗରେ ହୋଇଥାଏ । ପେଟରେ ଥିବା ବିଭିନ୍ନ ଯନ୍ତ୍ରଗୁଡ଼ିକର ମର୍ଦ୍ଦନ ହୋଇଥାଏ, ତେଣୁ ସେମାନେ ସୁସ୍ଥ ଓ ସତେଜ ରହନ୍ତି । ଏହା କରିବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ହୋଇଥାଏ । ପେଟର ଆଭ୍ୟନ୍ତରୀଣ ଯନ୍ତ୍ରଗୁଡ଼ିକରେ ଅଧିକ ରକ୍ତ ସଞ୍ଚାଳନ ହେବା ଦ୍ୱାରା ଏମାନଙ୍କର କ୍ରିୟାକଳାପରେ ସକ୍ରିୟ ରହନ୍ତି । ଏହି ବ୍ୟାୟାମ ଦ୍ୱାରା ପ୍ରାୟ ସବୁପ୍ରକାର ପେଟରୋଗ ନିରାମୟ ହୋଇ ଥାଏ । ଏପରିକି ପାଇଖାନାରେ ବସିଥିବା ସମୟରେ ଏହି ବ୍ୟାୟାମ କଲେ ଶୀଘ୍ର ମଳ ନିଷ୍କାସନ ହୋଇଥାଏ ।

**ନୈଳି** : ପେଟର ଭିନ୍ନ ଭିନ୍ନ ପ୍ରକାରର ବ୍ୟାୟାମ କଲେ ପେଟର ମାଂସପେଶୀ ଲୌହ ଭଳି ଶକ୍ତିଶାଳୀ ହୋଇଥାଏ । ପେଟରେ ଜୋରଦାର ଘୁସି ଦେଲେ ମଧ୍ୟ ତୁମକୁ କଷ୍ଟ ହେବ ନାହିଁ । ପେଟର ଚର୍ବି ଦୂର ହୋଇ ଏଠାରେ ମାଂସପେଶୀ ସ୍ପଷ୍ଟ ରୂପେ ଦେଖାଯାଏ । ଏପରି ଅବସ୍ଥା ଆସିଲେ ତୁମେ ସହଜରେ ନୈଳି କରି ପାରିବ । ପ୍ରଥମେ ଉଡ୍ଡୀୟାନ ସ୍ଥିତିକୁ ଆସ । ଅର୍ଥାତ୍ ହାତକୁ ଜଂଘ ଉପରେ ରଖି ଟିକିଏ ଆଗକୁ ଝୁଙ୍କି ଛିଡ଼ା ହୁଅ । ଉଡ୍ଡୀୟାନ କରି ପେଟ ମଝିରେ ଥିବା ମାଂସପେଶୀକୁ ହିଡ଼ ଭଳି ବାହାର କର । ଏହିପରି କିଛିଦିନ ଅଭ୍ୟାସ କର । ପରେ ଏହି ହିଡ଼ ଭଳି ମାଂସପେଶୀକୁ ଡାହାଣ ଓ ବାମକୁ ଘୁଞ୍ଚାଇବାକୁ ଚେଷ୍ଟା କର । କିଛିଦିନ ଅଭ୍ୟାସ କଲେ ତୁମେ ଏହା କରିପାରିବ । ଏହି ବ୍ୟାୟାମକୁ ଶୀଘ୍ର ଶୀଘ୍ର କରିବାକୁ ଚେଷ୍ଟା କର । ନିଃଶ୍ୱାସ ପୂର୍ଣ୍ଣରୂପେ ବାହାରକୁ ବାହାର କରି ଏହାକୁ କରାଯାଏ । ମନେ ରଖିବାକୁ ହେବ ପେଟରେ ଖାଦ୍ୟ ଥିଲେ ଏହା କରିବା ଉଚିତ ନୁହେଁ । ପାକସ୍ଥଳୀ ପୂର୍ଣ୍ଣ ଥିବା ଅବସ୍ଥାରେ ଏହାକୁ କରିବାକୁ ଚେଷ୍ଟା କଲେ ମଧ୍ୟ କରିପାରିବ ନାହିଁ ।

**ଉପକାରିତା :** ପେଟର ବ୍ୟାୟାମ ଦ୍ୱାରା ପେଟ ଚର୍ବି ଶୂନ୍ୟ ଓ ଶକ୍ତିଶାଳୀ ହେଲେ ନୈଳି କରାଯାଇଥାଏ । ଯେଉଁମାନେ ନୈଳି କରିପାରନ୍ତି ତାଙ୍କର କୌଣସି ପେଟ ରୋଗ ହୋଇ ନଥାଏ ଓ ସେମାନଙ୍କର ଶରୀରର ପ୍ରତିରକ୍ଷା ଶକ୍ତି ବଢ଼ିଥାଏ । ତେଣୁ ସେମାନେ ଦୀର୍ଘଦିନ ଯୌବନ ଅବସ୍ଥାରେ ରହିପାରନ୍ତି ଓ ଦୀର୍ଘଜୀବୀ ହୋଇଥାଆନ୍ତି ।

(କ୍ରମଶଃ)

❑❑❑

## ଆମର ପଥ

ଏହି ଯୋଗପଥରେ ଚାଲିବାକୁ ହେଲେ ତୁମର ରହିବା ଉଚିତ ନିର୍ଭୀକ ସାହସ, ତୁମେ ନୀଚ, ସଂକୀର୍ଣ୍ଣ, ଦୁର୍ବଳ, କୁତ୍ସିତ ଗତିବୃତ୍ତି ଯାହାକି ଭୟର ଅନ୍ୟ ନାମ, ସେସବୁ ସହ ଯେପରି ନିଜ ମଧ୍ୟକୁ ଫେରି ନଆସ ।

ଏହି ପଥରେ ଅଗ୍ରଗତି ଲାଗି ଯାହା ଏକାନ୍ତ ଅପରିହାର୍ଯ୍ୟ ତାହା ହେଲା ଏକ ଅଦମ୍ୟ ସାହସ, ଏକ ଅଖଣ୍ଡ ଆନ୍ତରିକତା, ଏପରି ଏକ ପରିପୂର୍ଣ୍ଣ ଆତ୍ମଦାନ ଯେଉଁଥିରେ ତୁମେ ହିସାବ କିଂବା ମୂଲଚାଲ କରୁ ନଥିବ, ପାଇବାର ଆଶା ରଖି ଦେଉ ନଥିବ, ସୁରକ୍ଷିତ ହେବାର ଉଦ୍ଦେଶ୍ୟ ରଖି ନିଜକୁ ଅର୍ପଣ କରୁ ନଥିବ, ବିଶ୍ୱାସ ତୁମର ପ୍ରମାଣ ଆବଶ୍ୟକ କରୁ ନଥିବ – ଏହାହିଁ ହେବ ସକଳ ବିପଦ ବିରୋଧରେ ତୁମର ରକ୍ଷା କବଚ ।

– ଶ୍ରୀମା

# ଶ୍ରୀମା ଓ ଥଥ୍

## ଯୁଭୋନ୍ ଆର୍ତୋଦ୍

[ଯୁଭୋନ୍ ଆର୍ତୋଦ୍(Yvonne Artaud)ଙ୍କ ଦ୍ୱାରା ଲିଖିତ 'A Child of the Ashram' ଗଳ୍ପଟି ୧୯୭୪ ମସିହା ନଭେମ୍ବର ସଂଖ୍ୟା, Mother Indiaରେ ପ୍ରକାଶ ପାଇଥିଲା । ସେହି ଗଳ୍ପର ବଙ୍ଗଳା ଅନୁବାଦ ''ଶ୍ରୀମା ଓ ଥଥ୍'' ନାମରେ ୧୯୭୫ ମସିହା ଏପ୍ରିଲ ସଂଖ୍ୟା, ବଙ୍ଗଳା ପୁରୋଧାରେ ପ୍ରକାଶ ପାଇଛି । ଥଥ୍ ଥିଲା ପୁରୁଷ ପାତିମାଙ୍କଡ଼ ବେଶଧାରୀ ଏକ ଉନ୍ନତ ଆତ୍ମା । ଏହାର ପାଳିକା ଯୁଭୋନ୍ କହନ୍ତି, ଗତ ୧୯୭୨ ମସିହା ଫେବ୍ରୁଆରୀ ୧୫ ତାରିଖ ରାତି ଗୋଟାଏ କୋଡ଼ିଏ ମିନିଟରେ ଥଥ୍ ଶରୀରତ୍ୟାଗ କଲା । ''Champaklal Speaks'' ପୁସ୍ତକରେ ମଧ୍ୟ ଏହି ଥଥ୍ ବିଷୟରେ ସାମାନ୍ୟ ଉଲ୍ଲେଖ ରହିଛି ।]

ନାନା ଜୀବଜନ୍ତୁଙ୍କୁ ନେଇ ଶ୍ରୀମା'ଙ୍କର କେତେ ରକମର ଗଳ୍ପ ରହିଛି – କାଉ, ବିଲେଇ ଓ ଷଣ୍ଢଙ୍କୁ ନେଇ ମା'ଙ୍କର କୌତୂହଳପ୍ରଦ ଗଳ୍ପ କିଏ ନ ଜାଣେ ? କିନ୍ତୁ ମା' ଓ ଥଥ୍‌ର ଗଳ୍ପ ଆମ୍ଭମାନଙ୍କ ମଧ୍ୟରେ ଅନେକଙ୍କୁ ହୁଏତ ଜଣା ନାହିଁ । ଆଜି ସେଇ ଗଳ୍ପଟି କହିବାକୁ ଚାହେଁ :

ଏ ଗଳ୍ପ ଅବଶ୍ୟ ଅନେକ ଦିନର ପୁରାତନ । ଏହାର ଆରମ୍ଭ ହୋଇଥିଲା ପ୍ରାଚୀନ ମିଶରର କୁଇନ୍ ହାତ୍‌ସେପ୍‌ସୁତଙ୍କ ଅମଳରେ ଏବଂ ମିଶରର ଭାବଧାରାରେ ଯାହାକୁ କୁହାଯାଏ ଈଶ୍ୱରଙ୍କର ବାହନ, ସେଇ ଥଥ୍ ବା ହନୁମାନରୂପେ; ଏବଂ ପୁଣି ସେଇ ଥଥ୍ ନୂତନ ରୂପ ନେଇଛି ପଣ୍ଡିଚେରୀରେ ୧୯୬୪ ମସିହା ୨୭ ଏପ୍ରିଲରେ । ଏହାର ଠିକ୍ ଏକ ବର୍ଷ ପୂର୍ବେ ଥଥ୍ ପଣ୍ଡିଚେରୀରେ ଆସି ପହଞ୍ଚିଥିଲା । କିନ୍ତୁ ସେ କେମିତି ଆସି ପଣ୍ଡିଚେରୀରେ ହାଜିର ହେଲା ଏବଂ ମୋ ସହିତ କେମିତି ପ୍ରଥମ ପରିଚୟ ହେଲା – ସେଇଟି ବି କମ୍ ରହସ୍ୟମୟ ନୁହେଁ !

୧୯୬୨ ମସିହାରେ ଦିନେ ଶ୍ରୀଅରବିନ୍ଦଙ୍କର ଲେଖା ''ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' (The Supramental Manifestation upon Earth) ପଢୁ ପଢୁ ହଠାତ୍ ମୋ ସମ୍ମୁଖରେ ଯେପରି ଏକ ରହସ୍ୟର ଦ୍ୱାର ଉନ୍ମୁକ୍ତ ହୋଇଗଲା । ମନେହେଲା କିପରି ଭାବରେ ମୁଁ ଯେମିତି ପ୍ରାଣିଜଗତ୍ ମଧ୍ୟରେ ପ୍ରବେଶ କରିଛି । ଶ୍ରୀଅରବିନ୍ଦ ଥରେ ତାଙ୍କ ପତ୍ରରେ ଲେଖିଥିଲେ : ''ପ୍ରାଣୀମାନଙ୍କର ଚେତନାର ଗତିବିଧି ଯଥାଯଥଭାବେ ପର୍ଯ୍ୟବେକ୍ଷଣ କରିପାରିଲେ ମାନବୀୟ ମନର ସଂକୀର୍ଣ୍ଣ ଗଣ୍ଡିକୁ ଅତିକ୍ରମ କରିବା ଅନେକ ସହଜ ହୁଏ, ଏବଂ ବିଶ୍ୱର ପ୍ରତି ରୂପେ ରୂପେ – ବୃକ୍ଷଲତା, ପଶୁପକ୍ଷୀ ଓ ମନୁଷ୍ୟଜାତି ମଧ୍ୟରେ ବିଶ୍ୱଚେତନା କିପରି ଭାବରେ ନିଜକୁ ଅଭିବ୍ୟକ୍ତ କରୁଛି, ତାହା ଉପଲବ୍ଧି କରାଯାଏ ।''

ଯେଉଁ ପ୍ରାଣିଜଗତରେ ମୁଁ ପ୍ରବେଶ କରିଥିଲି, ସେ ରାଜ୍ୟର ବାସିନ୍ଦାମାନେ ମୋ ଆଡ଼କୁ ଏକ ଦୃଷ୍ଟିରେ ଯେପରି ଅନେଇ ରହିଲେ, ମୁଁ ବି ସେମିତି ଗଭୀର ଦୃଷ୍ଟିରେ ସେମାନଙ୍କୁ ଦେଖିଲି । ଏହା ଯେପରି ମୋର ଅତି ପରିଚିତ ସ୍ଥାନ, ଏଠାକୁ ଆସି ଅସ୍ୱସ୍ତି ତ ଦୂରର କଥା, ମୁଁ ବେଶ୍ ସ୍ୱାଚ୍ଛନ୍ଦ୍ୟ ଅନୁଭବ କଲି । ଠିକ୍ ଏକ ସମୟରେ ମୋ ସମ୍ମୁଖରେ ଅନୁଭବ କଲି ଏକ ପ୍ରାଣୀର ଅସ୍ତିତ୍ୱ । କିନ୍ତୁ ସେଇଟି ଯେ କେଉଁ ଶ୍ରେଣୀର ପ୍ରାଣୀ – ପକ୍ଷୀ ନା କୁକୁର ନା ବିଲେଇ ସ୍ପଷ୍ଟଭାବରେ କିଛି ଦେଖିପାରିଲି ନାହିଁ । ତା'ର ଆବିର୍ଭାବର ଟିକେ ଆଭାସ ମାତ୍ର ପାଇଲି । ତା'ପରଠାରୁ ମୋ ସମ୍ମୁଖକୁ ଯେତେ ପଶୁପକ୍ଷୀ ଆସିଲେ ସମସ୍ତଙ୍କୁ ମୁଁ ପରୀକ୍ଷା କରିବାକୁ ଆରମ୍ଭ କରିଦେଲି । ପ୍ରତ୍ୟେକଙ୍କୁ ପ୍ରଶ୍ନ କଲି, 'ତୁମେ କ'ଣ ସେଇ ଯାହାକୁ ମୁଁ ଦେଖିଥିଲି ?'

କୌଣସି ଉତ୍ତର ପାଏ ନାହିଁ, କେହି ଦେଲେ ନାହିଁ ମୋ ପ୍ରଶ୍ନର ଜବାବ । ମୁଁ କିନ୍ତୁ ଭଗ୍ନୋତ୍ସାହ ନହୋଇ ଖୁବ୍ ଆଗ୍ରହ ସହ ଖୋଜିବାକୁ ଲାଗିଲି ।

ଅବଶେଷରେ ଦିନେ ତା'ର ଦେଖା ପାଇଲି । ପ୍ରାୟ ଏକ ବର୍ଷ ବୟସର ଏକ ବାନରର ରୂପ ନେଇ ମୋର ଦେଖା ହୋଇଥିବା ସେଇ ପ୍ରାଣୀ ଦିନେ ଆସି ମୋ ସମ୍ମୁଖରେ ଉପସ୍ଥିତ ହେଲା – ଦରିଦ୍ର ଏକ ଭିକ୍ଷୁକ-ମୁନିବର ହାତରେ ଦଉଡ଼ି ବନ୍ଧା ଅବସ୍ଥାରେ ଏକେବାରେ ମୋ ଦରଜା ସମ୍ମୁଖରେ ଆସି ଉପସ୍ଥିତ । ମୁଁ ତାକୁ ସେଇ ଏକ ରକମର ପ୍ରଶ୍ନ କଲି – ତୁମେ କ'ଣ ସେଇ ଯାହାକୁ ମୁଁ ଏତେଦିନ ଧରି ଖୋଜୁଛି ?

ସେ ମୋର ଡାହାଣ ହାତଟି ଧରି ତା'ର ନିଜ କପାଳ ଉପରେ ରଖି ଜବାବ ଦେଲା – ହଁ, ମୁଁ ସେଇ ।...

ଦିନେ ଥଥିର କଥା ଶ୍ରୀମା'ଙ୍କୁ କହିଲି । ମା' ଯେପରି ମୋ ମଧ୍ୟଦେଇ ତା'ର ସବୁଟା ଦେଖିନେଲେ । ତା'ପରେ କହିଲେ – ହଁ, ସେ ତା'ର ଦେବତ୍ୱ ବିଷୟରେ ସଚେତନ । କେତେ ମାସ ପରେ ଦିନେ ମା' ମୋତେ ଡାକି କହିଲେ – ଥଥିକୁ ମୁଁ ଥରେ ଦେଖିବାକୁ ଚାହେଁ ।

ମୁଁ ତା'ପରେ ମା'ଙ୍କୁ ଜଣାଇଲି – ଥଥିର ଜନ୍ମଦିନରେ ଅର୍ଥାତ୍ ଯେଉଁଦିନ ସେ ପ୍ରଥମେ ମୋ ପାଖକୁ ଆସେ, ସେଇଦିନ ତାକୁ ନେଇ ଆସିଲେ କିପରି ହେବ ?

ମା' କହିଲେ – ଠିକ୍ ଅଛି, ତା'ର ଜନ୍ମଦିନରେ ଆଣ । ତୁମେ ମଧ୍ୟ ତା' ସହିତ ଆସ ।

୧୯୬୪ ମସିହାଠାରୁ ଶ୍ରୀମା ଖୁବ୍ କମ୍ ଲୋକଙ୍କୁ ତାଙ୍କ ସହିତ ସାକ୍ଷାତ୍ କରିବାକୁ ଅନୁମତି ଦେଉଥା'ନ୍ତି । ଏପରିକି ଅନେକ ପୁରାତନ ସାଧକମାନେ ମଧ୍ୟ କେବଳ ସେମାନଙ୍କର ଜନ୍ମଦିବସ ବ୍ୟତୀତ ଅନ୍ୟ ଦିନରେ ଯିବାକୁ ଅନୁମତି ପାଉ ନଥିଲେ । ସୁତରାଂ ସେମାନେ ମଧ୍ୟ ଏ ବ୍ୟାପାରରେ ବିସ୍ମିତ ହେଲେ, କାହିଁକି ନା ସେମାନଙ୍କୁ ବାଦ୍ ଦେଇ ମା' କେବଳ ଥଥିକୁ ନିକଟକୁ ଡାକିଛନ୍ତି ।

୧୯୬୪ ମସିହା ୨୭ ଏପ୍ରିଲ ଥଥି ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ଅତି ସକାଳୁ ସକାଳୁ ଥଥି ସ୍ନାନ ଇତ୍ୟାଦି ସାରି ଅଳ୍ପ କିଛି ଖାଇନେଲା । ମୁଁ ଏଇ ଉପଲକ୍ଷରେ ତା' ପାଇଁ ଏକ ପୋଷାକ ତିଆରି କରିଥିଲି । ସେଇଟି ତା'ର ଅଣ୍ଟାରେ ବାନ୍ଧିଦେଲି । ଥଥିକୁ ଯେତେବେଳେ ବାହାରକୁ ନେବାର ପ୍ରୟୋଜନ ହୁଏ, ତା' ଅଣ୍ଟାରେ ଏକ ଦଉଡ଼ି ବାନ୍ଧି, ସେଇଟିକୁ ମୁଁ ହାତରେ ଧରୁଥିଲି । ଏଇ ଦଉଡ଼ିଟି ହେଉଥିଲା ଆମ ଦୁଇଜଣଙ୍କ ମଧ୍ୟରେ ଯୋଗସୂତ୍ର । ସେଦିନ ମଧ୍ୟ ସେମିତି ତା' ଅଣ୍ଟାରେ ଦଉଡ଼ି ବାନ୍ଧି ତାକୁ ଆଶ୍ରମ ମଧ୍ୟକୁ ନେଇଗଲି । ଆଶ୍ରମ ଆସି, ଯେଉଁ ଛୋଟ ଛାତଟି ସର୍ଭିସ୍ ଗଛର ତାଳପତ୍ର ଦ୍ୱାରା ଆବୃତ ହୋଇଛି ସେଇଠି ବସି ମା'ଙ୍କ ଡାକକୁ ଅପେକ୍ଷା କଲୁ । ଏକ ଚଞ୍ଚଳ ମହୁମାଛି ଆସି ମୋ ମୁଖ ସମ୍ମୁଖରେ ଗୁଞ୍ଜନ କରିବାକୁ ଆରମ୍ଭ କରିଦେଲା । ଥଥି ତା'ର ସ୍ୱଭାବବଶତଃ ଗଛର ଡାଳସବୁ ପରୀକ୍ଷା କରିବାକୁ ଲାଗିଲା, ମଝିରେ ମଝିରେ ନିଜେ ମନକୁ ମନ ନୃତ୍ୟ କଲା । ସେଇ ଛାତ ଉପରେ ଯେଉଁମାନେ ମା'ଙ୍କ ଦର୍ଶନ ନିମନ୍ତେ ଅପେକ୍ଷା କରିଥିଲେ ଥଥି ସେସମସ୍ତଙ୍କୁ ବୁଲି ବୁଲି ଦେଖିଲା । ଚମ୍ପକଲାଲଜି ଆସିଲେ ଆମ୍ଭମାନଙ୍କୁ ଡାକିବାକୁ, ଏ କଥା ଥଥି କେମିତି ବୁଝିପାରିଲା କେଜାଣି, ତତ୍‌କ୍ଷଣାତ୍ ଆସି ମୋ କୋଳରେ ବସିପଡ଼ିଲା ଓ ନିଜକୁ ପ୍ରସ୍ତୁତ କରିବାକୁ ଲାଗିଲା ତା' ଜୀବନର ଏଇ ମହତ୍ ସମୟଟି ପାଇଁ । ମୁଁ ଥଥିକୁ କୋଳରେ ଧରି ଧୀରେ ଧୀରେ ଆଗେଇଲି ଉପର ମହଲା ଅଭିମୁଖେ, ଯେଉଁଠି ମା' ଆମ୍ଭମାନଙ୍କ ପାଇଁ ଅପେକ୍ଷା କରିଛନ୍ତି । ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରି ଆମେ ଆସି ପହଞ୍ଚିଲୁ ଏକେବାରେ ମା'ଙ୍କ କକ୍ଷର ଦରଜା ସାମନାରେ । ଏଠି ଆହୁରି କିଛିକ୍ଷଣ ଅପେକ୍ଷା କରିବାକୁ ହେଲା । ତା'ପରେ ଚମ୍ପକଲାଲଜି ଆମ୍ଭମାନଙ୍କ ପାଇଁ ମା'ଙ୍କ ଘରର ଦୁଆର ଉନ୍ମୁକ୍ତ କରିଦେଲେ; ଆମ୍ଭେମାନେ ଆସି ମା'ଙ୍କ ସମ୍ମୁଖରେ ଉପସ୍ଥିତ ହେଲୁ ।

ସିଏ ଏକ ଅପୂର୍ବ ଦୃଶ୍ୟ ! ମା' ଏବଂ ଥଥି ଉଭୟେ ଉଭୟଙ୍କୁ ଅପଲକ ଦୃଷ୍ଟିରେ ଅନେଇ ରହିଲେ । ଗଭୀର ଆନନ୍ଦରେ ଉଭୟେ ହାତ ବଢ଼େଇଲେ ଉଭୟଙ୍କ ଆଡ଼କୁ । ତା'ପରେ ମା' ଥଥିକୁ ଆଦର କରି ନିକଟକୁ ଟାଣିନେଲେ – ଆ, ଆ ମୋର ଶିଶୁ !

ଏମିତି ହେଲା ଉଭୟଙ୍କର ପ୍ରଥମ ସାକ୍ଷାତ୍ । ପ୍ରାୟ ଅଧଘଣ୍ଟାଏ କାଳ ଧରି ଥଥି ମା'ଙ୍କ କୋଳ ଉପରେ ବସିରହିଲା । ମା'ଙ୍କ ମୁଖଟି ଥଥିର ଦେହ ଉପରକୁ ସାମାନ୍ୟ ଝୁଙ୍କିପଡ଼ିଲା । ଏଇ ସମୟରେ ଗଭୀର ନୀରବତା ମଧ୍ୟରେ ଅନେକ କଥାର ଆଦାନପ୍ରଦାନ ହେଲା । କେତେବେଳେ ମା' ତାକୁ ଆଦର କରନ୍ତି, କେତେବେଳେ ଅବା କେବଳ ତା' ଦିଗକୁ ଚାହିଁ ରହିଥା'ନ୍ତି ।

ଯାହାହେଉ, ଚମ୍ପକଲାଲଜି ଏକ ଫୁଲ ତୋଡ଼ା ଧରି (ମା' ଯାହାର ନାମ ଦେଇଛନ୍ତି ଶ୍ରୀଅରବିନ୍ଦଙ୍କ କରୁଣା) ଏତେ ସମୟ ଧରି କିଛି ଦୂରରେ ଅପେକ୍ଷା କରିଥିଲେ, ଏଥର ଆଗେଇ ଆସି ଗୋଟିଏ ଗୋଟିଏ କରି ଫୁଲ ମା'ଙ୍କ ହାତକୁ ଦେଲେ ଏବଂ ମା' ସେଗୁଡ଼ିକ ଦେବାକୁ ଲାଗିଲେ ଥଥିକୁ । ଆଉ ଥଥି କଲା କ'ଣ ? ଥଥି ଜଣେ ସଚେତନ ଭକ୍ତ ପରି ପରମ ଭକ୍ତିରେ ଫୁଲଗୁଡ଼ିକୁ ମୁଖ ମଧ୍ୟକୁ ନେଇ ଚୋବେଇବାକୁ ଲାଗିଲା । ଏହାପରେ ମା' ତା' ହାତରେ ଫେଣାଏ ଖୁବ୍ ବଡ଼ ବଡ଼ କଦଳୀ ଦେଲେ । ଥଥି ସେଗୁଡ଼ିକ ନେଇ ମା'ଙ୍କ ଆଣ୍ଠୁ ଉପରେ ରଖି ତାଙ୍କ କୋଳ ଉପରେ ମଥାଟି ରଖିଲା – ଠିକ୍ ଯେମିତି ମଥା ନୁଆଁଇ ମା'ଙ୍କର ଅଫୁରନ୍ତ ଆଶୀର୍ବାଦ ଗ୍ରହଣ କରିବାକୁ ଚାହେଁ ।

ସେ କଦଳୀ ଖାଉନି ଦେଖି ମା' କିଛି ସମୟ ପରେ ସେଥିରୁ ଗୋଟିଏ କଦଳୀର ଚୋପା ଛଡ଼େଇ ତାକୁ ଖାଇବାକୁ ଦେଲେ । ଯେଉଁ କଦଳୀ ତା'ର ଏତେ ପ୍ରିୟ, ତାହା ସେ ଟିକିଏ ମାତ୍ର ଖାଇ ବାକି ସବୁ ମା'ଙ୍କ କୋଳ ଉପରେ ରଖିଦେଲା । ତା'ର ଭାବଟି ଏଇଆ ଥିଲା – ମୁଁ ଜୀବନରେ ଅନେକ କଦଳୀ ଖାଇଛି, ସୁତରାଂ କଦଳୀ ଖାଇବା ପାଇଁ ମୁଁ ମା'ଙ୍କ ନିକଟକୁ ଆସିନି । ସେଇଥିପାଇଁ ହୁଏତ ଥିଥି ସବୁ ଛାଡ଼ିଦେଇ ମା'ଙ୍କ କୋଳରେ ଚୁପ୍ କରି ବସିରହିଲା ।

ତା'ପରେ ଆଉ ଗୋଟିଏ ନୂତନ ଖେଳ ଆରମ୍ଭ ହେଲା ଥିଥିର । କାଳେ ଚମ୍ପକଲାଲଜି ତା'ର ଏଇ ଅବାଧ୍ୟତା ପସନ୍ଦ ନ କରନ୍ତି, ସେଥିପାଇଁ ତାଙ୍କୁ ଖୁସୀ କରିବାକୁ ହେଉ, ନତୁବା ତାଙ୍କୁ ଏଇ ଆନନ୍ଦରେ ଅଂଶ ଗ୍ରହଣ କରାଇବାକୁ ହେଉ, କିଛି ସମୟ ପାଇଁ ମା'ଙ୍କୁ ଛାଡ଼ି ଥିଥି ଚମ୍ପକଲାଲଜିଙ୍କ କାନ୍ଧ ଉପରେ ଉଠିବସିଲା । ମା ତା'ର ସେଇ କାନ୍ଧରେ ଚଢ଼ିବାର କୌଶଳ ଦେଖି ଖୁବ୍ ଖୁସୀ ହୋଇ କହିଲେ –''ଆହା, ମନୁଷ୍ୟର ଯଦି ଥାଆନ୍ତା ଏମିତିଆ ନମନୀୟ ଶରୀର !''

କିଛି ସମୟ ଏମିତି କଟିବା ପରେ ମା' ହୁଏତ କହିବାକୁ ଯାଉଥିଲେ, ଏଥର ତାଙ୍କର ବିଶ୍ରାମର ସମୟ ହୋଇଛି; କିନ୍ତୁ ସେ ତାଙ୍କ କଥାର ଏକ ବର୍ଣ୍ଣ ଉଚ୍ଚାରଣ କରିବା ପୂର୍ବରୁ ଥିଥି ପୁଣି ମା'ଙ୍କ ନିକଟକୁ ଫେରିଆସି ତାଙ୍କ କୋଳରେ ବସିପଡ଼ି ନିଜକୁ ସମ୍ପୂର୍ଣ୍ଣଭାବେ ସମର୍ପଣ କରିଦେଲା ।...

ଏବଂ ଶେଷରେ ଆସିଲା ଆମ୍ଭମାନଙ୍କ ବିଦାୟର ସମୟ । ଏଥର ଥିଥି କେମିତି ତାହା ଠିକ୍ ବୁଝିପାରିଲା । ସେ ମା'ଙ୍କ କୋଳରୁ ମୋ ନିକଟକୁ ଫେରିଆସିଲା । ମା' ମୋତେ ଏବଂ ଥିଥିକୁ ପୁଣି ଥରେ ଆଶୀର୍ବାଦ କଲେ । ମା' ଯେତେବେଳେ ଥିଥିର ମସ୍ତକ ଉପରେ ତାଙ୍କ ହସ୍ତଟି ପ୍ରସାରଣ କରି ଧରିଲେ, ଥିଥି ନିଜର ହାତ ଦୁଇଟିକୁ ମା'ଙ୍କ ହସ୍ତ ଉପରେ ରଖି ଆହୁରି ଜୋରରେ ଚାପି ଧରିଲା, ସତେ ଯେପରି ସେ ତା'ର ଅନ୍ତରର ସମସ୍ତ ଭକ୍ତି ଓ କୃତଜ୍ଞତା ପ୍ରକାଶ କରିବାକୁ ଚାହେଁ ତା'ର ଏଇ ଭାବ ମାଧ୍ୟମରେ ।

ସେଇଠୁ ଥିଥି ମୋ କୋଳରୁ ଯାଇ ଉଠିଲା ଚମ୍ପକଲାଲଜିଙ୍କ କାନ୍ଧ ଉପରେ ଓ ବିଜୟ ଉଲ୍ଲାସରେ ଶିଡ଼ି ଦେଇ ଓହ୍ଲାଇଲା । ଚମ୍ପକଲାଲଜି ଖୁବ୍ ଖୁସୀ । ସେ ଖାଲି କହିଲେ – ଥିଥିର ଏସବୁ ଗୁଣ ମୁଁ ଯଦି ନିଜ ଆଖିରେ ନ ଦେଖିଥା'ନ୍ତି, ତା'ହେଲେ ଶୁଣି ବିଶ୍ୱାସ କରିଥା'ନ୍ତି କି ନାହିଁ ସନ୍ଦେହ ।

ପରେ ମା' କହିଥିଲେ – ଥିଥି ଯେମିତି ଭାବରେ ଆସି ମୋ ନିକଟରେ ପହଞ୍ଚିଛି, ସିଏ ଏକ ଆଶ୍ଚର୍ଯ୍ୟ ଘଟଣା – ସେ ସମ୍ବନ୍ଧରେ ଥିଥି ମୋତେ ସବୁ ଜଣେଇଛି ।

ଥିଥିକୁ ସାଙ୍ଗରେ ଧରି ଘରକୁ ଫେରି ଆସିଲି । ଘରର ଦି'ମହଲା ପାହାଚରେ ଉଠୁ ଉଠୁ ସେ ମୋ ବ୍ୟାଗ୍‌ରୁ ମା' ଦେଇଥିବା କଦଳୀ ଓ ଫୁଲ ବାହାର କରିନେଲା । ସେ ବୋଧହୁଏ ମା'ଙ୍କ କୃପାର ଏହିସବୁ ଦାନକୁ ତା'ର ମନୁଷ୍ୟ ପ୍ରତିବେଶୀଙ୍କୁ ଦେଖାଇ ଦେବାକୁ ଚାହେଁ । ତା'ପରେ ସେସବୁ ଧରି ତା'ର ତାରଜାଲି ଘେରା ପିଞ୍ଜରା ମଧ୍ୟରେ ବସି ସେଥିରୁ ଦୁଇଟି କଦଳୀ ଖାଇବାକୁ ଲାଗିଲା । କଦଳୀ ଦୁଇଟି ଖାଇସାରି ଥିଥି ପ୍ରାୟ କେତୋଟି ଘଣ୍ଟା ଆଖି ବୁଜି ବସି ରହିଲା ।

ଏହାପରେ ମୁଁ ଯେତେଥର ମା'ଙ୍କ ନିକଟକୁ ଯାଇଛି, ମା' ସର୍ବଦା ଥିଥିର ଟିକିନିଖି କଥା ପଚାରିଛନ୍ତି ।

ମା' ପଚାରନ୍ତି – ଥିଥି କ'ଣ କରୁଛି ?

ମୁଁ ଆଉ କ'ଣ ଉତ୍ତର ଦେବି, କହେ – କ'ଣ ଆଉ କରିବ ? ପିଞ୍ଜରା ମଧ୍ୟରେ ଦିନରାତି ବିଚରା ଚୁପ୍‌ଚାପ୍ ହୋଇ ବସିଛି ଓ ବସି ବସି ନୀଳ ସମୁଦ୍ରକୁ ଦେଖୁଛି ।

– ପିଞ୍ଜରା ମଧ୍ୟରେ ? କାହିଁକି, ପିଞ୍ଜରା କାହିଁକି ? ମୁଁ ନିଜେ କ'ଣ ଦିନରାତି ପିଞ୍ଜରା ମଧ୍ୟରେ ବାସ କରୁନି ? – ମା' ତାଙ୍କ ଘରର ଚାରିପାଖ ଦେଖେଇ ଦେଖେଇ କୌତୁକ କରନ୍ତି ।

ପ୍ରତିବର୍ଷ ଥିଥିର ଜନ୍ମଦିନରେ ମା' ଅନେକ ଫୁଲ ଓ କଦଳୀ ତା' ନିମନ୍ତେ ପଠାଇ ଦିଅନ୍ତି ଏବଂ ସେଥିସହିତ ଥାଏ, ଯେପରି ସାଧାରଣତଃ ଆମ୍ଭମାନଙ୍କୁ ଦିଆଯାଇଥାଏ, ଏକ ବଡ଼ ଜନ୍ମଦିନ କାର୍ଡ । ଥରେ ଥିଥିର ଜନ୍ମଦିନରେ ଏକ କାଗଜ ଉପରେ ତା'ର ହାତ ଛାପ ନେଇ ମା'ଙ୍କୁ ଦେଖାଇଲି । ସେଇ ହସ୍ତରେଖାଙ୍କିତ ଛବିକୁ ମା' ଅନେକ ସମୟ ଧରି ଅନେଇ ରହିଲେ ଓ ଫରାସୀରେ କ'ଣ ସବୁ କହିଲେ ମୁଁ କିଛି ବୁଝି ପାରିଲି ନାହିଁ । ଅମୃତଦା' ନିକଟରେ ଥିଲେ, ସେ ବି ବିଶେଷ କିଛି ବୁଝିପାରିଲେ ନାହିଁ କେବଳ ଏକ ଶବ୍ଦ 'ଅତିମାନସ' ଛଡ଼ା । ମା'ଙ୍କ ନିକଟରୁ ସ୍ପଷ୍ଟ କରି ଜାଣିନେବା ପାଇଁ କି କ'ଣ ଜାଣେନି, ସେ ମା'ଙ୍କୁ ପ୍ରଶ୍ନ କଲେ – ମା, ପ୍ରାଣୀମାନଙ୍କ ପକ୍ଷରେ କ'ଣ କେବେ ଅତିମାନସ ଲାଭ କରିବା ସମ୍ଭବ ?

ମା' ଉତ୍ତର ଦେଲେ – ମେଧାନନ୍ଦକୁ ପଚାର ।...

ଏଇ ଘଟଣାର ତିନି ବର୍ଷ ପରେ ମା' ଦିନେ ମୋତେ କହିଥିଲେ, ତାଙ୍କ ସହିତ ଥଥିର ପ୍ରଥମ ସାକ୍ଷାତ୍ ପରଠାରୁ ଥଥି ଧୀରେ ଧୀରେ ତାଙ୍କର ଅନେକ ନିକଟକୁ ଆସିଯାଇଛି । ଥଥିର ଏହି ଯୋଗାଯୋଗ ଜଣେ ମନୁଷ୍ୟ ଅପେକ୍ଷା କମ୍ ରହସ୍ୟଜନକ ନୁହେଁ ।

ଯେପରି ଜଣେ ସ୍ୱର ସଂଯୋଜକ ବାଦ୍ୟଯନ୍ତ୍ରରେ ସ୍ୱର ସଂଯୋଜନା କରି ତା'ର ମନର ଗଭୀର ଭାବକୁ ପ୍ରକାଶ କରିଥାଏ, ସେଇପରି ଏଇ ମୂକ ପ୍ରାଣୀଟିର ମଧ୍ୟ ଏପରି ଏକ କ୍ଷମତା ଥିଲା, ଯାହାଦ୍ୱାରା ସେ ନିଜ ଚେତନାର ଅନେକ କଥା ଅନ୍ୟ ନିକଟରେ ପ୍ରକାଶ କରିବାକୁ ସକ୍ଷମ ହେଉଥିଲା । ଥଥି କଥା ନକହି ପାରିଲେ ବି ତା' ମଧ୍ୟରେ ଏପରି ସବୁ ଗ୍ରହଣ କରିବାର ସାମର୍ଥ୍ୟ ଥିଲା ଯାହା ମନୁଷ୍ୟମାନଙ୍କ ମଧ୍ୟରେ ବି ଦୁର୍ଲଭ । ମା' ମଧ୍ୟ ଥଥିର ଗ୍ରହଣଶୀଳତା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି – ସେ ଯେତେବେଳେ ଯେମିତି ଭାବରେ ତା'ର ଚେତନାକୁ ସ୍ପର୍ଶ କରି ଆହ୍ୱାନ ଦେଇଛନ୍ତି, ସେ ସେତେଥର ସେମିତି ଭାବରେ ନିଜକୁ ପ୍ରସ୍ତୁତ କରି ଉତ୍ତର ଦେଇଛି ଓ ନିଜକୁ ମା'ଙ୍କ ଦିଗକୁ ଖୋଲି ଧରିଛି ।

ଥଥି ଥିଲା ସବୁ କଥାରେହିଁ ସତର୍କ । ତାକୁ ମୁଁ ଏକ ମୁହୂର୍ତ୍ତ ପାଇଁ ବି ଅସତର୍କ ଥିବାର ଦେଖି ନାହିଁ । ପ୍ରାୟ ଦଶ ବର୍ଷ ମୁଁ ତା' ସହିତ ବାସ କରିଛି, ରାତିରେ ଯେତେବେଳେ ବିଛଣାରେ ଶୋଇ କଡ଼ ଲେଉଟାଇଛି ସେତେବେଳେ ମଧ୍ୟ ତା'ର ସତର୍କ ଦୃଷ୍ଟିକୁ ଏଡ଼େଇ ପାରିନି । ଥଥିର ନିଷ୍ଠା ଓ ଭଲ ପାଇବାର ସତର୍କ ଦୃଷ୍ଟି ମୋତେ ସର୍ବଦା ପରିବେଷ୍ଟନ କରି ରହିଥିଲା । ଥରେ ପ୍ରାୟ ତିନିମାସ ଧରି ମୁଁ ଅସୁସ୍ଥ ହୋଇପଡ଼େ । ସେତେବେଳେ ଦେଖିଛି – ରାତିସାରା ଥଥି ମୋ ନିକଟରେ ଅନିଦ୍ରା ହୋଇ ବସି ରହିଛି । ପରେ ଯେତେବେଳେ ସପ୍ତାହକ ପାଇଁ ମୁଁ ଭେଲୋର ହସ୍‌ପିଟାଲରେ ଭର୍ତ୍ତି ହେଲି, ମା' ଥଥିକୁ ସାନ୍ତ୍ୱନା ଦେବା ପାଇଁ ପ୍ରତିଦିନ ଟ୍ରେ ଭରା କଦଳୀ, ଫୁଲ ଓ ବିସ୍କୁଟ ପଠାଉଥିଲେ ।

ଥଥିର କଥା କହିଲେ ଯେମିତି ଆଉ ଶେଷ ହୁଏନି । ମୋ ନିକଟରେ ସେ ଥିଲା ଏକ ସ୍ୱଚ୍ଛତାର ପ୍ରତିମୂର୍ତ୍ତିସ୍ୱରୂପ । ଗୋଟିଏ ଦିଗରୁ ସେ ଯେମିତି ମନେ ହେଉଥିଲା ପ୍ରାଣିଜଗତର ପ୍ରତିନିଧି, ଅନ୍ୟ ଦିଗରୁ ପୁଣି ମନେହେଲା ସେ ଯେପରି ତା'ର ନିଜର ଚେତନା ପ୍ରକାଶର ପ୍ରତିନିଧି; ଅର୍ଥାତ୍ ତା'ରି ମଧ୍ୟଦେଇ ମୁଁ ଦେଖି ପାରୁଥିଲି ଚେତନାର ନାନା ସ୍ତରଭେଦର ଛବି – ଯେଉଁଠି ତା'ର ପୂର୍ବପୁରୁଷମାନେ ବାସ କରି ଆସିଛନ୍ତି, ଏକେବାରେ ସେଇ ଅବଚେତନାର ସ୍ତରଠାରୁ ଦେବତାମାନଙ୍କର ବାସଭୂମି ଅଧିମାନସ ଚେତନା ପର୍ଯ୍ୟନ୍ତ । ଏପରିକି ସେଇସବୁ ଚେତନାର ଛବିଗୁଡ଼ିକ ମୋ ଚକ୍ଷୁ ସାମନାରେ ଭାସି ଉଠୁଥିଲା । ଏସବୁ କଥା ମୁଁ ମା'ଙ୍କୁ କହୁଥିଲି । ଥଥିର ନିର୍ମଳ ସ୍ୱଚ୍ଛଭାବ ଯୋଗୁଁହିଁ ସେ ମା'ଙ୍କର ଏତେ ନିକଟତର ହୋଇ ପାରିଥିଲା ।

କେବେକେବେ ଥଥି ଘଣ୍ଟା ପରେ ଘଣ୍ଟା ଆକାଶ ଏବଂ ସମୁଦ୍ରକୁ ଚାହିଁ ଧ୍ୟାନ କରୁଥିଲା – ସେସବୁ ମଧ୍ୟଦେଇ ସେ ହୁଏତ ଅସୀମଙ୍କୁ ଦେଖିବାକୁ ଚେଷ୍ଟା କରୁଥିଲା, ଯିଏ ଏ ଅନନ୍ତ ବିଶ୍ୱକୁ ସୃଷ୍ଟି କରିଛନ୍ତି । ତା' ନିକଟରେ ଅନେକ ସମୟରେ ମନୁଷ୍ୟମାନଙ୍କର କଥା ବି ଖୋଲା ବହିର ପୃଷ୍ଠା ପରି ପରିଷ୍କାର ହୋଇଉଠେ । ସେ ପୁଣି ସେସବୁ କଥା ମୋ ନିକଟରେ ବ୍ୟକ୍ତ କରୁଥିଲା । ମଣିଷକୁ ଦେଖିଲେ ସେ ପରୀକ୍ଷା ଆରମ୍ଭ କରୁଥିଲା ପାଦଠାରୁ; ଏବଂ ତା'ପରେ ତା'ର ଅନ୍ତର୍ଭେଦୀ ଦୃଷ୍ଟି ଧୀରେ ଧୀରେ ଉଠୁଥିଲା ଉପରକୁ ଓ ଶେଷ ହେଉଥିଲା ଯାଇ ମସ୍ତକରେ । ସେଇ ପର୍ଯ୍ୟବେକ୍ଷଣର ପ୍ରତିକ୍ରିୟା ଥଥିର ମୁଖମଣ୍ଡଳ, ଚକ୍ଷୁ ଓ ହାବଭାବରେ ଫୁଟି ଉଠୁଥିଲା ।

କେବେକେବେ ତାକୁ ଦେଖି ମନେ ହୋଇଛି, ସେ ମନୁଷ୍ୟମାନଙ୍କ ଅପେକ୍ଷା ବି ଆହୁରି ସଚେତନ – ତା'ର ପାରିପାର୍ଶ୍ୱିକ ସମ୍ପର୍କରେ ହେଉ ବା ତା'ର ପ୍ରତିବେଶୀ ସମ୍ପର୍କରେ ହେଉ, କୌଣସି କିଛି ଥଥିର ଦୃଷ୍ଟି ଏଡ଼େଇ ଯାଇ ପାରେନି । ତଳ ରାସ୍ତାରେ କୌଣସି ମଟରଗାଡ଼ି ଚାଲିଗଲେ କିଂବା ସାଇକେଲଟିଏ ଗଲେ, ଏପରିକି ସାମାନ୍ୟ ଶବ୍ଦ ଟିକେ ହେଲେ, ତତ୍କ୍ଷଣାତ୍ ସିଏ ସଚେତନ ହୋଇ ସେଇ ଦିଗକୁ ଦୃଷ୍ଟି ମେଲି ଧରିଛି ।

ଥଥିର ଆଉ ଏକ ଅଦ୍ଭୁତ ଗୁଣ ଥିଲା, ଯାହା ମୋତେ ବିଶେଷ ଭାବରେ ମୁଗ୍ଧ କରିଛି – ସଂକ୍ରାମକ ରୋଗ କିଂବା କୌଣସି ପ୍ରକାର ବିପଦର ଆଶଙ୍କା ହେଲେ ସେ ତାହା ଆଗରୁ ବୁଝି ପାରୁଥିଲା । ତା'ର ଏଇ ସତର୍କତା ଦେଖି ମୁଁ ନିଜେ ବି ଅନେକ ଥର ଆସନ୍ନ ବିପଦ ପ୍ରତି ସାବଧାନ ହୋଇପାରିଛି ।

ପରିପୂର୍ଣ୍ଣତା ଦିଗରେ ତା'ର ଅତି ବେଶୀ ଆଗ୍ରହ । କୌଣସି କିଛିରେ ଅସମ୍ପୂର୍ଣ୍ଣତା ସେ ମୋଟେ ସହ୍ୟ କରିପାରେ ନାହିଁ । ସବୁକିଛି ନିଷ୍ଠାର ସହ କରି ଦକ୍ଷତା ଅର୍ଜନ କରିବା ଏବଂ ପ୍ରତ୍ୟେକ କର୍ମକୁ ଯଥାର୍ଥ ଭାବରେ ସମ୍ପନ୍ନ କରିବା – ଏହା ଥିଲା ଯେପରି ଥଥି ଜୀବନର ମୂଳମନ୍ତ୍ର । ଥଥି ନିକଟକୁ

ତା'ର ସ୍ୱଜାତି ଅର୍ଥାତ୍ କୌଣସି ବାନର ଆସିଲେ ସେ ଜାଣିଥିଲା କେମିତି ତାକୁ ଆପ୍ୟାୟିତ କରିବାକୁ ହେବ, କିପରି ଭାବରେ ଧନ୍ୟବାଦ ଜଣେଇବାକୁ ହେବ ଏବଂ କେମିତି ତାକୁ ଅଳ୍ପ ସମୟ ମଧ୍ୟରେ ନିଜର କରି ନେବାକୁ ହେବ ।

ଏତେ ଗୁଣ ଥିବା ସତ୍ତ୍ୱେ ଥିଥ୍ର ଚରିତ୍ରରେ ବନ୍ୟ ସ୍ୱଭାବ କିଛି ମାତ୍ରାରେ ମଧ୍ୟ ଥିଲା । ସିଏ ପୋଷା ମାନିଥିଲା ସତ, କିନ୍ତୁ ବିଲେଇ, କୁକୁର, ଗୋରୁ ପ୍ରଭୃତି ଗୃହପାଳିତ ପଶୁମାନଙ୍କ ପରି ମନୁଷ୍ୟର ବାଧ୍ୟ ନଥିଲା । ଏଇ କାରଣରୁ ମନେହୁଏ, ମଣିଷମାନେ ଏ ବାନରଜାତିଟିକୁ ସେମାନଙ୍କ ଜୀବନର ସଙ୍ଗୀ ହିସାବରେ ସହଜରେ ଗ୍ରହଣ କରିପାରି ନାହାନ୍ତି । ପ୍ରତ୍ୟେକ ଘଟଣାରେ ଅତି ସହଜରେ ତା' ମଧ୍ୟରେ ପ୍ରତିକ୍ରିୟା ଦେଖା ଦେଉଥିଲା । କେତୋଟି ମୁହୂର୍ତ୍ତ ମଧ୍ୟରେ ସେ ଏମିତି ରାଗି ଉଠୁଥିଲା ଯେ, ଆମ୍ଭେମାନେ ଭୟ ପାଇ ଯାଉଥିଲୁ । ମା' କିନ୍ତୁ ତା'ର ସମସ୍ତ ଆଚରଣକୁ କ୍ଷମା ଦୃଷ୍ଟିରେ ଦେଖୁଥିଲେ, କହୁଥିଲେ – ଯାହା କରୁ, କିନ୍ତୁ ସେ କେବେ ବି କାମୁଡ଼ିବ ନାହିଁ ।

ଥିଥ୍ର ଏସବୁ ସ୍ୱଭାବ ପାଇଁ ସିଏ ଯେତେ ପରିମାଣରେ ଦାୟୀ ନୁହେଁ, ସେତେ ଦାୟୀ ତା'ର ପୂର୍ବପୁରୁଷମାନେ । ତା'ର ବନ୍ୟ ପୂର୍ବପୁରୁଷମାନଙ୍କର ମାନସିକ ପ୍ରସ୍ତୁତି ଏକ ଆସ୍ପୃହା-ପରାୟଣ ଆତ୍ମା ନିମନ୍ତେ ଉପଯୋଗୀ ନଥିଲା । ତେବେ କହିପାରେ, ଥିଥ୍ର କଥା ଥିଲା ସମ୍ପୂର୍ଣ୍ଣ ଅଲଗା । ସେ ଯେପରି ଅନେକ ସମୟରେ ବାନରଜାତିର ସ୍ୱଭାବର ସୀମା ଅତିକ୍ରମ କରି ଚାଲି ଯାଉଥିଲା । କାରଣ ତା'ର ସ୍ୱଭାବର ଗତିବିଧି ଦେଖି ମୋର ଏଇଆ ମନେ ହୋଇଥିଲା ଯେ, ସେ ଯେପରି ଜନ୍ମ-ଜନ୍ମାନ୍ତରର ଚେଷ୍ଟା ଫଳରେ ଅନେକ ପରିମାଣରେ ଜାତିଗତ ଚେତନାରୁ ନିଜକୁ ରୂପାନ୍ତରିତ କରିବାକୁ ସମର୍ଥ ହୋଇପାରିଛି ।

ଥିଥ୍ର କଥା ଭାବିଲେ ପ୍ରକୃତରେ ଆମେ ଆଶ୍ଚର୍ଯ୍ୟ ହେଉ – ତା' ମଧ୍ୟରେ ଯେପରି ମୁଁ ସ୍ପଷ୍ଟ ରୂପେ ଶୁଣିପାରେ ଅନାଗତ ଯୁଗର ଏକ ଶକ୍ତିଶାଳୀ ପଦଧ୍ୱନି; ସେହିଁ ମୋତେ ଦେଖେଇଛି ଭାବୀ କାଳର ସ୍ୱର୍ଣ୍ଣଶିଶୁକୁ । ପ୍ରାଣିଜଗତର ଚେତନାରେ ଯେ ଦ୍ରୁତ ପରିବର୍ତ୍ତନର ସୂତ୍ରପାତ ହୋଇଯାଇଛି ଏହା ମା' ଥିଥ୍ ମାଧ୍ୟମରେ ଯେପରି ଆମ୍ଭମାନଙ୍କ ସମ୍ମୁଖରେ ଖୋଲି ଧରିଛନ୍ତି ।

ମା' କହିଲେ – ପୂର୍ଣ୍ଣ ବିକାଶ ନିମନ୍ତେ ପ୍ରାଣୀମାନଙ୍କୁ ବର୍ତ୍ତମାନ ଆଉ ମାନବୀୟ ବିବର୍ତ୍ତନଧାରା ମଧ୍ୟଦେଇ ଯିବାକୁ ପଡ଼ିବ ନାହିଁ । ସେମାନଙ୍କ ବିକାଶର ଧାରା ସେମାନଙ୍କ ନିକଟରେ ନୂତନଭାବେ ଉଦ୍‌ଘାଟିତ ହୋଇଯାଇଛି । ଏସବୁ ହେଲା ଚେତନାର କଥା, ଯାହା ଶ୍ରୀଅରବିନ୍ଦ ତାଙ୍କ ଦିବ୍ୟଦୃଷ୍ଟିରେ ଅନେକ ପୂର୍ବରୁ ଦେଖିପାରିଥିଲେ ।

୧୯୭୨ ମସିହା ଫେବ୍ରୁଆରୀ ମାସର ଏକ ପ୍ରଭାତରେ ମା' ମେଧାନନ୍ଦଙ୍କ ସହିତ ମୋତେ ଡକାଇ ପଠାଇଲେ । ତା' ପୂର୍ବଦିନ ରାତି ଗୋଟାଏ କୋଡ଼ିଏ ମିନିଟରେ ଭାବୀ ଯୁଗର ସ୍ୱର୍ଣ୍ଣଶିଶୁ ସଜ୍ଞାନ ଓ ନିଃଶଙ୍କଚିତ୍ତରେ ମୃତ୍ୟୁକୁ ବରଣ କରିଥିଲା । ମା' ତା'ର ମୃତଦେହର କବରର ସ୍ଥାନ ସ୍ଥିର କଲେ ଆଶ୍ରମ ଲାଇବ୍ରେରିର ପ୍ରଶସ୍ତ ଉଦ୍ୟାନ ମଧ୍ୟସ୍ଥ ସୁନ୍ଦର ଭୈରବ ମୂର୍ତ୍ତିର ସାମନାରେ ।

ଏହିପରି ଥିଥ୍ ନାମଧାରୀ ଦକ୍ଷିଣ ଭାରତୀୟ ଗୋଟିଏ ବାନର ଜୀବନର ପରିସମାପ୍ତି ଘଟିଲା, ଦିନେ ଯିଏ ଦିବ୍ୟଜନନୀଙ୍କ କୋଳରେ ବସି ତା'ର ଭବିଷ୍ୟତ୍ ଜୀବନର କେତେ ମହତ୍ ସ୍ୱପ୍ନ ଦେଖିଥିଲା ।

ଥିଥ୍ ତା'ର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଯେଉଁ ବାର୍ତ୍ତା ରଖିଗଲା, ତା' ହେଲା : ହେ ମାନବଜାତି ! ତୁମ୍ଭେମାନେ ବୀର ହୁଅ ! ଯୋଦ୍ଧା ହୁଅ ! ଜୀବନ ହେଲା ଯୋଗର କ୍ଷେତ୍ର, ଏବଂ ଯୋଗର ଅର୍ଥହିଁ ହେଲା ଯୁଦ୍ଧ । ଏକ ମୁହୂର୍ତ୍ତ ପାଇଁ ଯଦି ତୁମେ ଏହା ବିସ୍ମୃତ ହେବ, ତା'ହେଲେ ତୁମେମାନେ ତୁମର ଉପାର୍ଜିତ ସମସ୍ତ ସାଧନାଲବ୍ଧ ସମ୍ପତ୍ତି ହରେଇ ବସିବ । ଜୀବନର ପ୍ରତି ମୁହୂର୍ତ୍ତରେ ଯିଏ ସଚେତନ ହୋଇପାରିଛି, ସେଇ ତ ଦେବତା – ସିଏ ପକ୍ଷୀ ହେଉ, ହସ୍ତୀ ହେଉ, ସିଂହ ହେଉ, ହନୁମାନ୍ ହେଉ କିଂବା ସ୍ୱୟଂ ରାମଚନ୍ଦ୍ର ହୁଅନ୍ତୁ !

(ଏପ୍ରିଲ, ୧୯୭୫ ବଙ୍ଗଳା ପୁରୋଧାରୁ ଅନୂଦିତ)

ଅନୁବାଦ : ଦେବେନ୍ଦ୍ରନାଥ ଦଳାଇ

❑❑❑

# ମମତାର ସ୍ପନ୍ଦନ

## ଗୋପାଳକୃଷ୍ଣ ପଟ୍ଟନାୟକ

ତୁମେ ସୀମାହୀନ ମମତା ସାଗର
ମଙ୍ଗଳମୟୀ ମା' ଦିବ୍ୟଜନନୀ !
ପ୍ରେମର ପ୍ରବାହ ବୁହାଇଛି ବିଶ୍ୱେ
ତବ ମେଘମନ୍ଦ୍ର ଅମୃତବାଣୀ ।

ତୁମରି ଶାଶ୍ୱତ ଆହ୍ୱାନ ସୃଜଇ
ବୁକୁତଳେ ସ୍ପନ୍ଦିତ ଶିହରଣ,
ତୁମ ଇସାରାର ଝଲକ ସଂପାତେ
ଗୁମୁରି ଉଠଇ ଚପଳ ପ୍ରାଣ ।

ବହିଯାଏ ନେତ୍ରୁ ଖୁସିର ନିର୍ଝର
ନିଥର ମଉନ ମୂର୍ଚ୍ଛନା ତୋଳି,
ଲୋଟିଯାଏ ଶିର ତୋ ହେମ ପୟରେ
ପୁଲକେ ପରାଣ ପଡ଼େ ଉଚ୍ଛୁଳି ।

ଖେଳଇ କୃତଜ୍ଞ ଜୀବନ ମରାଳୀ
ନବ ଚେତନାର ପାବନ ଜଳେ,
ତୋ ସ୍ନେହ କପୋତ ଡେଣାଝାଡ଼ି ନିତ୍ୟ
ମହିମା ମଣ୍ଡିତ ଆଶିଷ ଢାଳେ ।



କ୍ଷୁଦ୍ର ମୋର ଏଇ ହୃଦୟ ମନ୍ଦିରେ
ସଯତ୍ନେ ସାଇତି ତବ ବିଗ୍ରହ,
ଅନ୍ତର ନୟନେ ନିତ୍ୟ ଦରଶନ –
ଲଭେ ଦିବ୍ୟରୂପ ଚିରଚିନ୍ମୟ ।

ଆଶ୍ରିତରେ କୃପା କର ମା' ନିରତ –
ତୋ ପ୍ରତି ଉନ୍ମୁକ୍ତ ରହି ମୋ ମତି
ଦେଖୁ ଥାଉ ସଦା ତୋ ଚିନ୍ମୟ ରୂପ
ଜାଳି ହୃଦୟରେ ଜ୍ଞାନ ଆରତି ।। ❑

# ଉଦାରତା

ମାର୍ଗାରେଟ୍ ବସି ରହିଥିଲା ହସ୍ପିଟାଲରେ ମାଆର ରୋଗଶଯ୍ୟା ନିକଟରେ । କେତେ ଅଳ୍ପ ସମୟ ଭିତରେ କେତେ କ'ଣ ଘଟି ନଗଲା ସତରେ ! ବର୍ତ୍ତମାନ କେମିତି ତା'ର ମାଆ ଶୀଘ୍ର ଆରୋଗ୍ୟ ହେବେ ? ଛବିଶ ବର୍ଷର ତରୁଣୀ ମାର୍ଗାରେଟ୍ ଏବଂ ତା'ର ମାଆ ଜେନେଫର୍‌ଙ୍କୁ ନେଇ ସେମାନଙ୍କର ଛୋଟିଆ ସଂସାର । ପ୍ରାଚୁର୍ଯ୍ୟ ନଥିଲେ ବି ପିଲାଟି ଦିନରୁ କେବେ ଅଭାବ କ'ଣ ଜାଣି ନଥିଲା ମାର୍ଗାରେଟ୍ । ତା'ର ସ୍ନେହଶୀଳା ଜନନୀ ସବୁବେଳେ କହୁଥିଲେ, ଅର୍ଥ ସବୁକିଛି ନୁହେଁ, ସମସ୍ତଙ୍କୁ ହୃଦୟ ଦେଇ ଭଲପାଇବାହିଁ ମହତ ମଣିଷପଣିଆ ।

ସେଦିନ ମାର୍ଗାରେଟ୍ କାମରୁ ଫେରି ଦେଖିଲା ମାଆ ବିଛଣାରେ ପଡ଼ି କଷ୍ଟରେ ଛଟପଟ ହେଉଛନ୍ତି । ସେମାନଙ୍କ ଘରୋଇ ଡାକ୍ତରଙ୍କ ପରାମର୍ଶରେ ସେ ତୁରନ୍ତ ତାଙ୍କୁ ହସ୍ପିଟାଲକୁ ଆଣିଥିଲା । ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞଙ୍କ ମତରେ ତା'ର ମାଆଙ୍କ ଅସୁସ୍ଥତାର ନିରାକରଣ ପାଇଁ ଅସ୍ତ୍ରୋପଚାର ଏକାନ୍ତ ଆବଶ୍ୟକ । କିନ୍ତୁ ମାର୍ଗାରେଟ୍ ହସ୍ପିଟାଲ୍ ବିଲ୍ ପଇଠ କରିବା ପାଇଁ ଏତେ ପରିମାଣରେ ଅର୍ଥ ଆଣିବ କେଉଁଠୁ ? ଏସବୁ ଭାବୁ ଭାବୁ ମାର୍ଗାରେଟ୍ ଆଖିରୁ ଝରି ଆସୁଥିଲା ଅସହାୟତାର ଅମାନିଆ ଅଶ୍ରୁ ।

ହଠାତ୍ ସେ କକ୍ଷକୁ ପଶିଆସିଲେ ହସ୍ପିଟାଲର ଦୁଇଜଣ କର୍ମଚାରୀ । ସେମାନେ ନିର୍ଦ୍ଦେଶ ପାଇଛନ୍ତି ଜେନେଫର୍‌ଙ୍କୁ ସଙ୍ଗେ ସଙ୍ଗେ ଅପରେସନ୍ ଥିଏଟର୍‌କୁ ନେଇଯିବା ପାଇଁ । ସେମାନଙ୍କର ବକ୍ତବ୍ୟ ଶୁଣି ମାର୍ଗାରେଟ୍ କିଂକର୍ତ୍ତବ୍ୟବିମୂଢ଼ ହୋଇ ଅନାଇଲା, – ସେତ ଏପର୍ଯ୍ୟନ୍ତ ହସ୍ପିଟାଲ୍ ଚାର୍ଜ କରିଥିବା ବିଲ୍‌ର ଅର୍ଥ ଜମା କରି ନାହିଁ ! ଏକଥା ଶୁଣି ଜଣେ କର୍ମଚାରୀ କହିଲେ, ''ଆପଣ ଯାଇ ରିସେପ୍‌ସନ୍‌ରେ ଏସମ୍ପର୍କରେ ଅନୁସନ୍ଧାନ କରିପାରନ୍ତି ।''

ମାର୍ଗାରେଟ୍ ଦ୍ରୁତ ପଦକ୍ଷେପରେ ଚାଲିଲା ରିସେପ୍‌ସନ୍ କକ୍ଷକୁ । ସେଠାରେ ଦାୟିତ୍ୱରେ ଥିବା ଭଦ୍ରମହିଳା ଜଣକ କହିଲେ, ''ତା'ର ମାଆଙ୍କର ସର୍ଜରୀ ପାଇଁ ସମସ୍ତ ଅର୍ଥ ଜମା କରାସରିଛି । ବର୍ତ୍ତମାନ ତାଙ୍କର ଅପରେସନ୍ ଖୁବ୍ ସହଜରେ ହୋଇପାରିବ ।'' ଏତକ କହି ସେ ବନ୍ଦ ଲଫାପାରେ ଥିବା ଚିଠିଟିଏ ବଢ଼ାଇ ଦେଲେ ମାର୍ଗାରେଟ୍ ହାତକୁ ।

ସେ ଲଫାପା ଭିତରେ ଥିଲା ହସ୍ପିଟାଲ୍ ଲେଟର୍‌ହେଡ୍ ଥାଇ ଚିଠିଟିଏ । ଆଶ୍ଚର୍ଯ୍ୟ ଚକିତ ମାର୍ଗାରେଟ୍ ଚିଠିଟି ମନଧ୍ୟାନ ଦେଇ ପଢ଼ିବାକୁ ଲାଗିଲା । ଚିଠିଟି ନିମ୍ନମତେ :

ପ୍ରିୟ ମହାଶୟା,

ଶ୍ରୀମତୀ ଜେନେଫର୍ ଥମ୍‌ସନ୍‌ଙ୍କ ଅପରେସନ୍ ବିଲ୍ ପାଇଁ ଚିନ୍ତିତ ହେବେ ନାହିଁ । ସେସବୁ ତୁଟାଇ ଦିଆଯାଇଛି । କହିବାକୁ ଗଲେ ଅନେକ ବର୍ଷ ତଳେ ସେ ଏକ ଗ୍ଲାସ ଗରମ କ୍ଷୀର ଓ କିଛି ଚକୋଲେଟ୍ ବିସ୍କୁଟ୍ ଦେଇ ସେ ବିଲ୍ ତୁଟାଇ ଦେଇଛନ୍ତି ।

ତାଙ୍କର ଅପରେସନ୍‌ର ଦାୟିତ୍ୱ ବର୍ତ୍ତମାନ ମୋର । ଯେତେ ଶୀଘ୍ର ସମ୍ଭବ ତାଙ୍କୁ ସୁସ୍ଥ କରିବାକୁ ମୁଁ ପ୍ରୟାସ କରିବି ।

ସମ୍ମାନର ସହ,

ଡାକ୍ତର ଆଲ୍‌ଫ୍ରଡ୍ ଏଡ଼ିସନ୍

(*ସେ ବାଳକଟି, ଯିଏ ଘରଟିଆରି ଆଚାର ନେଇ ଆସିଥିଲା*)

ସେ ଚିଠିରେ ପୁଣି କୋଡ଼ିଏ ବର୍ଷ ତଳର ତାରିଖଟି ମୁଦ୍ରିତ ହୋଇଛି ।

ମନ୍ତ୍ରମୁଗ୍ଧ ଭାବେ ମାର୍ଗାରେଟ୍ ଠିଆ ହୋଇରହିଲା । କୋଡ଼ିଏ ବର୍ଷ ତଳର ସେ ମାମୁଲି ଘଟଣାଟି ତା' ପାଇଁ ଯେମିତି ଏକ ନୂତନ ଦିଗନ୍ତ ଖୋଲିଧରିଛି !

କୋଡ଼ିଏ ବର୍ଷ ତଳେ ପାଞ୍ଚ/ଛଅ ବର୍ଷର କୁନିଝିଅ ମାର୍ଗାରେଟ୍ କଣ୍ଢେଇ ଧରି ଖେଳୁ ଖେଳୁ ଘରର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଦୌଡୁଥିଲା । ମାଆ ତା'ର ରୋଷେଇ କାର୍ଯ୍ୟରେ ବ୍ୟସ୍ତ । ହଠାତ୍ ଡୋର୍‌ବେଲ୍ ବାଜିବା ଶବ୍ଦରେ ସେ ଝରକା ନିକଟକୁ ଦୌଡ଼ିଗଲା । ମାଆ ତା'ର ଆସି କବାଟ ଖୋଲି ଦେଖିଲେ ପନ୍ଦର ବର୍ଷ ଅନ୍ଦାଜର ତରୁଣଟିଏ ବେଶ୍ ବଡ଼ ଧରଣର ବ୍ୟାଗଟିଏ ଧରି ଠିଆହୋଇଛି ।

ଖୁବ୍ ସମ୍ଭ୍ରମରେ ସ୍ମିତହାସ୍ୟ ସହ ତରୁଣଟି କହିଲା, ''ଏସବୁ ଖୁବ୍ ଯତ୍ନର ସହ ପରିଷ୍କାର ପରିଚ୍ଛନ୍ନଭାବେ ମୋର ମାଆଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଆଚାର । ଆପଣ ଚାହିଁଲେ ଏଥିରୁ କିଛି କ୍ରୟ କରିପାରନ୍ତି ।''

ତରୁଣଟିକୁ ଦେଖିଲେ ମନେହେବ ସେ ଯେମିତି ଅନେକ ସମୟ ଧରି କିଛି ଖାଦ୍ୟଗ୍ରହଣ କରିନି, ଖୁବ୍ କ୍ଲାନ୍ତ ।

ଜେନେଫର୍ ତରୁଣଟିକୁ ନେଇ ଘରେ ବସାଇଲେ । ତା'ଠାରୁ ବାଛି ବାଛି ଦୁଇଟି ଭିନ୍ନ ରକମର ଆଚାର ବୋତଲ

ମଧ୍ୟ କ୍ରୟ କଲେ । ତାକୁ ଅପେକ୍ଷା କରିବାକୁ କହି ସେ ଘର ଭିତରକୁ ଟଙ୍କା ଆଣିବା ପାଇଁ ଚାଲିଗଲେ । ସେ ଫେରି ଆସିଲେ ସାଥିରେ ଆଚାର ପାଇଁ ଦେବାର ଅର୍ଥ ସହ ଗୋଟିଏ ବଡ଼ ଗ୍ଲାସରେ ଗରମ କ୍ଷୀର ଓ କିଛି ଚକୋଲେଟ୍ ବିସ୍କୁଟ୍ ଧରି । ତରୁଣଟିକୁ ଅର୍ଥ ଦେଇସାରି ସେ ତାକୁ ଅନୁରୋଧ କଲେ କ୍ଷୀର ଓ ବିସ୍କୁଟ୍ ଖାଇବା ପାଇଁ ।

ତରୁଣଟି ମୃଦୁହସି କ୍ଷୀର ତକ ପିଇଦେଲା ଓ ବିସ୍କୁଟ୍ ତକ ପକେଟ୍‌ରେ ସାଇତି ରଖି କୃତଜ୍ଞତା ଜଣାଇ ନିଜ ଗନ୍ତବ୍ୟ ପଥରେ ଚାଲିଗଲା ।

ବର୍ତ୍ତମାନ ମାର୍ଗାରେଟ୍‌ର ସବୁକଥା ମନେ ପଡ଼ିଯାଉଛି । ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଅନୁଭବ ନେଇଆସୁଛି, ତା' ମାଆଙ୍କର ସେଇ ଉକ୍ତିଟି, ''ଅର୍ଥଠାରୁ ମଣିଷମାନଙ୍କ ଅଧିକ ଆବଶ୍ୟକ ଉଦାର ହୃଦୟ ।''

ଚିଠିଟା ତା' ପାଇଁ ଗୋଟାଏ ମାମୁଲି ଚିଠି ନଥିଲା – ଥିଲା ଜୀବନ ବିଦ୍ୟାଳୟର ଏକ ମହତ ଶିକ୍ଷାର ଦଲିଲ । ଭଗବାନଙ୍କ ନିକଟରେ ସେ କୃତଜ୍ଞତାରେ ମଥାନତ କଲା ।

(ସୌଜନ୍ୟ : ଇନ୍‌ଟରନେଟ୍,
ସଂଗ୍ରହ ଓ ଉପସ୍ଥାପନା : ସମ୍ପାଦନା) ❑

## ନେବା ବଦଳରେ ଦିଅ

ଲୋକେ ଖାଲି ନେବା ପାଇଁ ଚେଷ୍ଟା କରୁଥା'ନ୍ତି, ସଂଗ୍ରହ କରୁଥା'ନ୍ତି, ସଂଚୟ କରି ଲାଗିଥା'ନ୍ତି । କିନ୍ତୁ ତାହା ଅସମ୍ଭବ । କେହି ସଂଚୟ କରି ରଖି ପାରିବ ନାହିଁ । ତୁମେ କେବଳ ନିଜକୁ ଏକାମ୍ କରିବ । ତା'ପରେ ଆଉ ଗୋଟେ କଥା ହେଲା – ତୁମେ କ'ଣ ଟିକିଏ ଦେଇଦେଲ, ସଙ୍ଗେ ସଙ୍ଗେ ତା'ର ପ୍ରତିଦାନ ପାଇବାକୁ ଚାହିଁଥାଅ : କେହି ଗୋଟିଏ ଭଲ ଚିନ୍ତା ଦେଲା, ଭାବନାଟିଏ ଦେଲା – ସେ ଚାହିଁଲା ସମସ୍ତେ ସେଥିପାଇଁ ତାକୁ ସ୍ୱୀକୃତି ଦିଅନ୍ତୁ । କେହି ଟିକିଏ ସ୍ନେହ ଦେଲା – ସେ ମଧ୍ୟ ଅନ୍ୟମାନଙ୍କଠାରୁ ସେତକର ପ୍ରତିଦାନ ଚାହିଁ ବସିଲା ।... ତା'ର କାରଣ ହେଲା – ପ୍ରତିଟି ବିଷୟରେ କିପରି ନିଜକୁ ଭଲ ଭାବନାଟିଏ କରି ମିଶାଇ ଦେବାକୁ ହୁଏ, ସେ କ୍ଷମତା ତାଙ୍କର ନଥାଏ । ପ୍ରତିଟି କ୍ଷେତ୍ରରେ କିପରି ନିଜକୁ କୋମଳ ସ୍ନେହଟିଏ କରି ମିଶାଇ ଦେବାକୁ ହୁଏ ସେ କ୍ଷମତା ବି ତାଙ୍କର ନଥାଏ । ସେ ଏହିପରି ଭାବେ : ସମସ୍ତେ ଅନ୍ୟଠାରୁ ନିଜକୁ ବିଛିନ୍ନ କରିନେଇ ନିଜର କ୍ଷୁଦ୍ର ସୀମା ଭିତରେ ସଂକୁଚିତ ହୋଇ ରହିଥା'ନ୍ତି ଏବଂ ସମସ୍ତଙ୍କର ମଧ୍ୟ ଭୟ ଥାଏ ଯେ ବୋଧେ ସେ ତା'ର ସବୁ ହରେଇ ବସିବ – ବୋଧେ ସେ ନିଃସ୍ୱ ହୋଇଯିବ । ଅନ୍ୟପକ୍ଷରେ ଜଣେ ଯଦି ନିଜକୁ ମିଶାଇ ଦିଏ, ତେବେ ତା'ର କିଛିକୁ ନିଜ ଆଡ଼କୁ ଆକର୍ଷଣ କରିବା ଦରକାର ପଡ଼େ ନାହିଁ । ତୁମେ ନିଜକୁ ଯେତିକି ବିସ୍ତାରି ଦେବ, ତୁମେ ସେତିକି ପରିପୂର୍ଣ୍ଣ ହୋଇ ଉଠୁଥିବ । ତୁମେ ଯେତିକି ନିଜକୁ ମିଶାଇ ଚାଲିଥିବ, ତୁମେ ସେତିକି ମଧ୍ୟ ହୋଇ ଚାଲିଥିବ । ତା'ପରେ କିଛି ନେବା ପରିବର୍ତ୍ତେ, ତୁମେ ଦେଇଚାଲିବ । ଆଉ ଯେତିକି ତୁମେ ଦେଉଥିବ, ସେତିକି ମଧ୍ୟ ତୁମେ ବଢ଼ି ଚାଲିଥିବ ।

– ଶ୍ରୀମା

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଇସଲାମୀୟ କେତେକ ବିଶିଷ୍ଟ ଦାର୍ଶନିକ (୪)

## ଶ୍ରୀପତି ଦାସ

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । – ଲେଖକ ।]

### ଇବନ୍ ରୁଶ୍ଦ୍
(IBN RUSHD - (1126-1198 AD)

### ଭାଷ୍ୟକାର

ଇବନ୍ ରୁଶ୍ଦ୍ ଥିଲେ ଇସଲାମୀୟ ଦାର୍ଶନିକମାନଙ୍କ ମଧ୍ୟରୁ ଏକତମ ଯାହାଙ୍କର ପୂର୍ଣ୍ଣନାମ ଥିଲା ଆବୁ ଅଲ୍ଓ୍ୱାଲିଦ୍ ମହମ୍ମଦ ଇବ୍ନ୍ ଅହମଦ୍ ଇବନ୍ ମହମ୍ମଦ ଇବନ୍ ରୁଶ୍ଦ୍ । ସେ ଗ୍ରୀକ୍ ଦର୍ଶନକୁ, ବିଶେଷତଃ ଆରିଷ୍ଟୋଟ୍ଲଙ୍କ ଶିକ୍ଷାକୁ ଏବଂ ଇସଲାମୀୟ ପ୍ରଥାକୁ ନିଜର ଏକ ଚିନ୍ତାଗତ ଅନୁଷ୍ଠାନରେ ପୂର୍ଣ୍ଣାଙ୍ଗ କରିଥିଲେ ।

ସ୍ପେନ୍ ଦେଶରେ ତଥା ଅନ୍ୟ ପାଶ୍ଚାତ୍ୟ ଦେଶରେ ଜନପ୍ରିୟଭାବେ ଆଭେର୍ରୋଏସ୍ (Averrois) ନାମରେ ଜ୍ଞାତ ଏହି ସ୍ପେନୀୟ ଆରବ ଦାର୍ଶନିକ, ଆଇନ ବିଶାରଦ ତଥା ଚିକିତ୍ସକ ଜନ୍ମ ହୋଇଥିଲେ ୧୧୨୬ ଖ୍ରୀଷ୍ଟାବ୍ଦରେ ସ୍ପେନ୍ ଦେଶର କୋର୍ଡୋବା ନାମକ ସ୍ଥାନରେ । ସେଠାରେ ତାଙ୍କ ପିତା ଥିଲେ ତାଙ୍କର ପିତାମହଙ୍କ ସଦୃଶ ଜଣେ ବିଚାରକ । ତାଙ୍କର ପିତା ତାଙ୍କୁ ଇସଲାମୀୟ ଆଇନ-କାନୁନ ସମ୍ବନ୍ଧେ ଶିକ୍ଷା ଦେଇଥିଲେ । ପୁନଶ୍ଚ ସେ ଧର୍ମତତ୍ତ୍ୱ, ଦର୍ଶନ, ଗଣିତଶାସ୍ତ୍ର ଅଧ୍ୟୟନ କରିଥିଲେ ଆରବୀୟ ଦାର୍ଶନିକ ଇବନ୍ ତୁଫାଇଲ୍ଙ୍କ(Ibn Tufayl-1105-85 AD)ଠାରୁ ଏବଂ ଭେଷଜ ବିଦ୍ୟା ଶିକ୍ଷା କରିଥିଲେ ଆରବୀୟ ଭେଷଜବିତ୍ ଆଭେଙ୍ଗୋର୍ (Avengour)ଙ୍କଠାରୁ ।

ପରମ୍ପରାଗତ ଇସଲାମୀୟ ବିଜ୍ଞାନ ସମ୍ବନ୍ଧେ ବିଶେଷତଃ କୋରାନ ସମ୍ବନ୍ଧେ ସମ୍ପୂର୍ଣ୍ଣ ଅବଗତ ହେଲା ପରେ ସେ ସର୍ଭିଲ୍ (Sarvilla)ରେ ୧୧୬୯ ଖ୍ରୀଷ୍ଟାବ୍ଦରେ ବିଚାରକରୂପେ ନିଯୁକ୍ତ ହୋଇଥିଲେ ଏବଂ ପରେ ୧୧୭୧ ଖ୍ରୀଷ୍ଟାବ୍ଦରେ ପ୍ରଧାନ ବିଚାରକ ପଦକୁ କୋର୍ଡ଼ୋବା (Cordoba)ଠାରେ ଉନ୍ନୀତ ହୋଇଥିଲେ । ଆରବର ଦାର୍ଶନିକ ଇବନ୍ ତୁଫାଇଲ୍ (Ibn Tufayl)ଙ୍କର ୧୧୮୬ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ପରେ ଆଭେର୍ରୋଏସ୍ (Averrois) ମୁଖ୍ୟ ବିଚାରକ ରୂପେ ତାଙ୍କର ଉତ୍ତରାଧିକାରୀ ହୋଇଥିଲେ । ପରେ ସେ ୧୧୮୪ ଖ୍ରୀଷ୍ଟାବ୍ଦରେ ମରୋକୋର ଆବୁ ୟାକୁବ୍ ୟୁସୁଫ୍ ଓ ତାଙ୍କ ପୁତ୍ର ଆବୁ ୟୁସଫ୍ ୟାକୁବ୍ଙ୍କର ଉତ୍ତରାଧିକାରୀ ହୋଇଥିଲେ ।

୧୧୬୯ ଖ୍ରୀଷ୍ଟାବ୍ଦରେ ଇବନ୍ ତୁଫାଇଲ୍ହିଁ ଆଭେରୋଏସ୍ଙ୍କୁ ପ୍ରଥମେ କାଲିଫ୍ ଆବୁ ୟାକୁବ୍ଙ୍କ ସହିତ ପରିଚୟ କରାଇଥିଲେ । କାଲିଫ୍ ନିଜେ ଦର୍ଶନଶାସ୍ତ୍ରର ଅତ୍ୟନ୍ତ ଆଗ୍ରହୀ ଛାତ୍ର ଥିଲେ ଏବଂ ଆଭେର୍ରୋଏସ୍ଙ୍କ ଉତ୍ସାହକୁ ହ୍ରାସ କରାଇଥିଲେ ଏହି ପ୍ରଶ୍ନ ପଚାରି ଯେ ସକଳ ସ୍ୱର୍ଗ ସୃଷ୍ଟ ହୋଇଥିଲା କି ନାହିଁ ? ତାଙ୍କର ମାନସିକ ଅସ୍ୱସ୍ତି ଦେଖି କାଲିଫ୍ ନିଜେହିଁ ପ୍ରଶ୍ନର ଉତ୍ତର ଦେଇଥିଲେ । ତତ୍ପରେ ଦୀର୍ଘ ସମୟବ୍ୟାପୀ କଥୋପକଥନ ଚାଲିଥିଲା । ଯେତେବେଳେ ଆଭେର୍ରୋଏସ୍ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ସେ ମୂଲ୍ୟବାନ୍ ପୁରସ୍କାର ପ୍ରାପ୍ତ ହୋଇଥିଲେ ।

### ଆରିଷ୍ଟୋଟ୍ଲଙ୍କ ପୁନରାବିଷ୍କାର :

ଏହି ସାକ୍ଷାତ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ତାଙ୍କ ଜୀବନ ଉପରେ ପଡ଼ିଥିଲା । ଅଳ୍ପ କିଛିକାଳ ପରେ କାଲିଫ୍ ଆଭେର୍ରୋଏସ୍ଙ୍କୁ ଆରିଷ୍ଟୋଟ୍ଲଙ୍କ ଦର୍ଶନର ଏକ ସଠିକ୍ ବ୍ୟାଖ୍ୟା ଦେବାକୁ କହିଥିଲେ । ଏକ ବିଚାରକ ରୂପେ ଏକ କାର୍ଯ୍ୟବ୍ୟସ୍ତ ଜୀବନ ସତ୍ତ୍ୱେ ସେ ଏକାନ୍ତ ଆନ୍ତରିକତା ସହିତ ୧୧୬୯ରୁ ୧୧୯୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନିଜର କାର୍ଯ୍ୟ ସମ୍ପାଦନ

କରିଥିଲେ । ସେ ଆରିଷ୍ଟୋଟ୍‌ଲଙ୍କ ଅଧିକାଂଶ ଦର୍ଶନ ଉପରେ ଅନେକ ବ୍ୟାଖ୍ୟା ଲେଖିଥିଲେ ଯାହାର ଅନ୍ତର୍ଭୁକ୍ତ ଥିଲା ଅର୍‌ଗାନନ୍ (Organon), ରିଟୋରିକା (Rhetorica), ପୋଏଟିକା (Poetica), ଦେ ଅନିମା (De Anima), ଦେ ପାର୍ଟିବୁସ୍ ଆନିମାଲିଅମ୍ (De Partibus Animalium), ଫିଜିକା (Physica), ମେଟା ଫିଜିକା (Meta Physica), ପର୍ବାନାଟୁରାଲିଆ (Perva Naturalia), ମେଟିଓରୋଲଜିକା (Meteorologica) ଏବଂ ନିକୋମାଚିଆନ୍ ଏଥିକ୍‌ସ୍ (Nicomachian Ethics) । ଏହିସବୁ ବ୍ୟାପକତର ବ୍ୟାଖ୍ୟା ବହୁ ଶତାବ୍ଦୀ ଧରି ଇହୁଦୀ ଓ ଖ୍ରୀଷ୍ଟିଆନ ଲେଖକମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇଥିଲା । ଏସବୁ ଲାଟିନ୍ ଓ ହିବ୍ରୁ ଭାଷାରେ ଅନୂଦିତ ହେବା ପରେ ଶତାବ୍ଦୀ ଶତାବ୍ଦୀ ଧରି ବିସ୍ମୃତ ହୋଇ ରହିଥିବା ଆରିଷ୍ଟୋଟ୍‌ଲଙ୍କ ଲିଖିତ ଗ୍ରନ୍ଥସବୁର ପୁନରାବିଷ୍କାର ହୋଇଥିଲା ।

ଆରିଷ୍ଟୋଟ୍‌ଲଙ୍କ ପ୍ରାକୃତିକ ବିଜ୍ଞାନ ଉପରେ ଲିଖିତ ପୁସ୍ତକସମୂହ ଉପରେ ଆଭେର୍‌ରୋଏସ୍‌ଙ୍କ ବ୍ୟାଖ୍ୟା ହେଉଛି ତାଙ୍କ ପର୍ଯ୍ୟବେକ୍ଷଣର ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନ ଶକ୍ତିର ପରିଚାୟକ । ଏଥିସକାଶେ ଆଭେର୍‌ରୋଏସ୍‌ଙ୍କ ପର୍ଯ୍ୟବେକ୍ଷଣ ଧନ୍ୟବାଦାର୍ହ, କାରଣ ଏହାଦ୍ୱାରା ପ୍ରାଚୀନ ଗ୍ରୀକ୍ ଦାର୍ଶନିକମାନଙ୍କୁ ସାଧାରଣ ବ୍ୟକ୍ତିମାନେ ହୃଦୟଙ୍ଗମ କରିବାକୁ ସମର୍ଥ ହୋଇଥିଲେ ।

ତାଙ୍କର ପ୍ରଥମ କାର୍ଯ୍ୟ ଥିଲା କୁଲିୟାତ୍ (Kulliyat) ଯାହା ୧୧୬୨ରୁ ୧୧୬୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ଲିଖିତ ହୋଇଥିଲା । ୧୧୭୯ ଓ ୧୧୮୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ସେ ଲେଖିଥିଲେ ତିନୋଟି ଧର୍ମୀୟ ଦାର୍ଶନିକ-ବିବାଦମୂଳକ ପୁସ୍ତକ ଯାହାଥିଲା ଦର୍ଶନର ଏକ ବିଶ୍ୱସ୍ତ ପ୍ରତିରୋଧ । ଅନ୍ୟ ଏକ ପୁସ୍ତକରେ ସେ ଇସଲାମୀୟ ଚିନ୍ତାଶୀଳ ଧର୍ମତତ୍ତ୍ୱବିତ୍ ଅଲ୍-ଘାଜଲିଙ୍କ ଅସଙ୍ଗତ ଆକ୍ରମଣକୁ ଖଣ୍ଡନ କରିଥିଲେ ।

ତାଙ୍କର ପ୍ରଥମ ଦୁଇଟି ପୁସ୍ତକର ସେ ଏକ ଦୁଃସାହସିକ ଦାବି କରିଥିଲେ ଯେ କେବଳ ସେହି ଦର୍ଶନଶାସ୍ତ୍ରଜ୍ଞ କେତେକ ନିର୍ଦ୍ଦିଷ୍ଟ ପ୍ରମାଣର ପ୍ରୟୋଗ କରି ତାଙ୍କ ଲିଖିତ ଶାରିଆ (Shariah) ପୁସ୍ତକରେ ଥିବା ଇସଲାମୀୟ ବିଧାନ ଯାହା ଭବିଷ୍ୟତ୍ ସକାଶେ ଉଦ୍ଦିଷ୍ଟ ତାହାର ମତବାଦକୁ ପ୍ରକାଶ କରିପାରିବେ । ସେ ଦାବି କରିଥିଲେ ଯେ ଇସଲାମୀୟ ଦ୍ୱନ୍ଦ୍ୱାତ୍ମକ ଧର୍ମତତ୍ତ୍ୱବିତ୍‌ମାନେ ଏହା କରିବାକୁ ଅକ୍ଷମ ଯେହେତୁ ସେମାନେ କେବଳ ଦ୍ୱନ୍ଦ୍ୱାତ୍ମକ ଯୁକ୍ତି ଉପରେ ନିର୍ଭର କରୁଥିଲେ । ସେ ଗୁରୁତ୍ୱ ଦେଇ କହୁଥିଲେ ଯେ ଦର୍ଶନର ଲକ୍ଷ୍ୟ ହେଉଛି ଯଥାର୍ଥ ଧର୍ମୀୟ ବିଶ୍ୱାସର ପରିପ୍ରକାଶ ଯଦ୍ଦ୍ୱାରା ସତ୍ୟରେ ଉପନୀତ ହେବା ସମ୍ଭବପର । ଏହି ଚରମ ସତ୍ୟକୁ ଜନସାଧାରଣଙ୍କ ନିକଟରେ ପ୍ରକାଶ କରାଯାଇପାରିବ ନାହିଁ ଯେହେତୁ ଏହା ମାନବୀୟ ବୋଧଗମ୍ୟତାକୁ ଅତିକ୍ରମ କରିଥାଏ । ତେଣୁ ସାଧାରଣ ଜନତାକୁ ଗଳ୍ପ ବା ଉପମା ମାଧ୍ୟମରେ ଏହା ଶିକ୍ଷା ଦିଆଯାଇପାରେ ।

ତାଙ୍କର ବହୁ ପୂର୍ବରୁ ଯେପରି ଅଲ୍-ଫରବି ଓ ପ୍ଲାଟୋ ମନେ କରିଥିଲେ, ଠିକ୍ ସେହିପରି ଆଭେର୍‌ରୋଏସ୍ ମନେ କରିଥିଲେ ଯେ ଏପରି ଏକ ଅବସ୍ଥା ଅଛି ଯେଉଁଠାରେ ଦାର୍ଶନିକମାନେ ଏକ ବିଶିଷ୍ଟ ଗୋଷ୍ଠୀଭାବେ ପରିଗଣିତ ହୋଇପାରିବେ । କିନ୍ତୁ ଯେହେତୁ ଆଦର୍ଶ ମୁସଲମାନ ରାଜ୍ୟ ମଧ୍ୟ ସମାଜର ସୁଖ ନିମିତ୍ତ ବ୍ୟବସ୍ଥା କରିଥାଏ ଏବଂ ଏହାର ବିଧିବିଧାନ ଭବିଷ୍ୟ ବାଣୀ ଭାବରେ ପ୍ରକାଶିତ ହୋଇଥାଏ, ତେଣୁ ସେ ମନେ କଲେ ଯେ ଏହା ଗ୍ରୀକ୍ ବିଧିବିଧାନଠାରୁ ଉତ୍କୃଷ୍ଟତର । ସେ ଦୁଃଖ ପ୍ରକାଶ କରିଥିଲେ ଯେ ମୁସଲମାନ ସମାଜରେ ନାରୀମାନଙ୍କର ସମାନ ଅଧିକାର ନାହିଁ ଯେପରି ପ୍ଲାଟୋଙ୍କ ରିପବ୍ଲିକ୍ ପୁସ୍ତକରେ ବର୍ଣ୍ଣିତ ହୋଇଛି । ତାଙ୍କ ମତରେ ସନ୍ତାନ ଧାରଣ କରୁଥିବା ଓ ସେମାନଙ୍କୁ ଲାଳନପାଳନ କରୁଥିବା ନାରୀମାନେ ରାଜ୍ୟର ଆର୍ଥିକ ବିକାଶ ଓ ପ୍ରଗତିରେ ଯଥେଷ୍ଟ ଅଂଶ ଗ୍ରହଣ କରିପାରୁ ନାହାନ୍ତି । ବାସ୍ତବିକ ସେହି ଯୁଗରେ ଏପରି ଏକ ବକ୍ତବ୍ୟ ଚରମ ସାହସିକତାର ସୂଚନା ଦିଏ ।

ଆଭେର୍‌ରୋଏସ୍ ଅନୁଭବ କଲେ ଯେ ଯଦି ଉଭୟ ଦର୍ଶନ ଓ ମୁସଲମାନ ଧର୍ମକୁ ଯଥାର୍ଥଭାବେ ହୃଦୟଙ୍ଗମ କରାଯାଏ ତେବେ ଦେଖାଯିବ ଯେ ଉଭୟ ମଧ୍ୟରେ କୌଣସି ପରସ୍ପର ବିରୋଧ ନାହିଁ ଏବଂ ସାଧାରଣ ବ୍ୟକ୍ତିକୁ ଦାର୍ଶନିକ ନହୋଇ ମଧ୍ୟ ସାମାଜିକ ପରମ୍ପରା ଓ କୋରାନ ମାଧ୍ୟମରେ ପରମସତ୍ୟକୁ ଶିକ୍ଷା ଦିଆଯାଇ ପାରିବ । ତାଙ୍କର ଏହି ଦୃଢ଼ ଯୁକ୍ତି ସତ୍ତ୍ୱେ ସ୍ପେନ୍ ଓ ଉତ୍ତର ଆଫ୍ରିକାର ବାତାବରଣରେ ମୁସଲମାନ ଚିନ୍ତାଧାରା ଏଥିପାଇଁ ଅନୁକୂଳ ନଥିଲା । କାରଣ ସେତେବେଳେ ଦର୍ଶନକୁ ଇସଲାମ-ବିରୋଧୀ ବୋଲି ମନେ କରାଯାଉଥିଲା ଏବଂ ଦାର୍ଶନିକମାନଙ୍କୁ ଚରମ ସନ୍ଦିଗ୍ଧ ଦୃଷ୍ଟିରେ ଦେଖା ଯାଉଥିଲା ।

୧୧୯୫ ଖ୍ରୀଷ୍ଟାବ୍ଦରେ ସେ ହଠାତ୍ ଆବୁ ୟୁସୁଫ୍‌ଙ୍କ

କୋପଦୃଷ୍ଟିରେ ପଡ଼ିଲେ ଯେତେବେଳେ ସ୍ପେନ୍‌ର ଖ୍ରୀଷ୍ଟିଆନମାନଙ୍କ ବିରୋଧରେ ଧର୍ମଯୁଦ୍ଧ ଆରମ୍ଭ କରାଯାଇଥିଲା । ଆଭେର୍‌ରୋଏସ୍‌ଙ୍କୁ କାର୍ଯ୍ୟରୁ ବହିଷ୍କାର କରାଗଲା ଏବଂ ଲୁସେନା ନାମକ ସ୍ଥାନକୁ ନିର୍ବାସିତ କରାଯାଇଥିଲା । ଏହା ବିଶେଷତଃ କାଲିଫ୍‌ଙ୍କ ଦ୍ୱାରା ଧର୍ମତତ୍ତ୍ୱବିତ୍‌ମାନଙ୍କୁ ସନ୍ତୁଷ୍ଟ କରିବା ଏବଂ ଧର୍ମଯୁଦ୍ଧ ସମୟରେ ସାଧାରଣ ଜନତାଙ୍କୁ ସାହାଯ୍ୟ କରିବା ନିମିତ୍ତ ଏକ ପ୍ରଚେଷ୍ଟା ଥିଲା । ଏହି ସମୟରେ ନ୍ୟାୟଶାସ୍ତ୍ର ଓ ତତ୍ତ୍ୱଜ୍ଞାନ ସମ୍ବନ୍ଧୀୟ ତାଙ୍କର ଲିଖିତ ଅନେକ ପୁସ୍ତକକୁ ପୋଡ଼ି ଦିଆଯାଇଥିଲା । ଏହାଦ୍ୱାରା ସେ ଗଭୀରଭାବେ ମାନସିକ ଅଶାନ୍ତି ଦ୍ୱାରା ମର୍ମାହତ ହୋଇଥିଲେ ।

ଆଭେର୍‌ରୋଏସ୍‌ଙ୍କର ଏହି ନିର୍ବାସନ ସ୍ୱଳ୍ପକାଳ ସ୍ଥାୟୀ ହୋଇଥିଲା । କାରଣ କାଲିଫ୍ ତାଙ୍କୁ ଶୀଘ୍ର ଫେରି ଆସିବା ପାଇଁ ଆଦେଶ ଦେଇଥିଲେ । ଆଭେର୍‌ରୋଏସ୍‌ଙ୍କ ପ୍ରତି ଏହି କ୍ଷଣସ୍ଥାୟୀ ଅସମୀଚୀନ ବ୍ୟବହାର ସତ୍ତ୍ୱେ ନିଃସନ୍ଦେହରେ କୁହାଯାଇପାରେ ଯେ କାଲିଫ୍‌ଙ୍କର ଏହି ସହାୟତା ବ୍ୟତୀତ ତାଙ୍କର ଦାର୍ଶନିକ କ୍ରିୟାକଳାପ ଅସମ୍ଭବ ହୋଇଥା'ନ୍ତା । ଆଭେର୍‌ରୋଏସ୍ ତାଙ୍କର ପ୍ଲାଟୋଙ୍କ ରିପବ୍ଲିକ୍ ପୁସ୍ତକ ଉପରେ କରିଥିବା ବ୍ୟାଖ୍ୟାରେ ଏହା ସ୍ୱୀକାର କରିଥିଲେ ।

### ଦ୍ୱୈତାର୍ଥବୋଧକ ସତ୍ୟ :

ଯଦିଓ ଆଭେର୍‌ରୋଏସ୍ ସ୍ୱପ୍ରଚାରିତ ସତ୍ୟକୁ ଦ୍ୱୈତାର୍ଥବୋଧକ ବୋଲି କହି ନଥିଲେ, ପରବର୍ତ୍ତୀ ଖ୍ରୀଷ୍ଟିଆନ ଦାର୍ଶନିକମାନେ ତାଙ୍କର ଏହି କାର୍ଯ୍ୟକୁ ''ଦ୍ୱୈତାର୍ଥବୋଧକ ସତ୍ୟ'' ବା ଦାର୍ଶନିକ ତଥା ଧାର୍ମିକ ବୋଲି ବ୍ୟାଖ୍ୟା କରିଥିଲେ । ସମ୍ଭବତଃ ଲାଟିନ୍ ଆଭେର୍‌ରୋଏସ୍‌ବାଦୀମାନେ ଏହାକୁ ''ଦ୍ୱୈତାର୍ଥବୋଧକ ସତ୍ୟ'' ବୋଲି କହିଥିଲେ । ଆଭେର୍‌ରୋଏସ୍‌ଙ୍କ ଲିଖିତ ପୁସ୍ତକରୁ ସ୍ପଷ୍ଟତଃ ଜଣାଯାଏ ଯେ ସେ ଏକମାତ୍ର ସତ୍ୟ ଅର୍ଥାତ୍ ଧର୍ମୀୟ ସତ୍ୟ ବା ଦାର୍ଶନିକମାନେ ଅନୁସନ୍ଧାନ କରୁଥିବା ସତ୍ୟ ଉପରେ ବିଶ୍ୱାସ କରୁଥିଲେ । ସେ ସ୍ପଷ୍ଟତଃ ନିର୍ଦ୍ଦେଶ କରିଥିଲେ ଯେ ଧର୍ମୀୟ ସତ୍ୟ ଯାହା ପୁରସ୍କାର, ଦଣ୍ଡବିଧାନ ଓ ଭବିଷ୍ୟତ୍ ଉପରେ ନିର୍ଭର କରେ ତାହା ସକଳ ଶ୍ରେଣୀର ବ୍ୟକ୍ତିଙ୍କ ଦ୍ୱାରା ଗୃହୀତ ହେବା ଆବଶ୍ୟକ ।

ସମୟର ଇତିହାସ ମଧ୍ୟରେ ଯେ ବିଶ୍ୱସୃଷ୍ଟି ହୋଇଥିଲା – ଏହି ବିଶ୍ୱାସକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ସେ ଗୁରୁତ୍ୱ ସହ କହିଥିଲେ ଯେ ବିଶ୍ୱ ହେଉଛି ଅନାଦି । ଈଶ୍ୱର ହେଉଛନ୍ତି ମୌଳିକ ସୃଷ୍ଟି ଶକ୍ତି, ସ୍ୱୟଂଚାଳିତ ଶକ୍ତି ଯାହା ଅନ୍ୟ ସକଳ ଗତିକୁ ଉଦ୍ଦୀପିତ କରେ ଏବଂ ପ୍ରଚ୍ଛନ୍ନ ଶକ୍ତିକୁ ରୂପାନ୍ତରିତ କରି ବାସ୍ତବତାରେ ପରିଣତ କରେ । ବ୍ୟକ୍ତିଗତ ଆତ୍ମା ବିଶ୍ୱଗତ ଆତ୍ମାଙ୍କର ଅଭିବ୍ୟକ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ ।

କାଲିଫ୍ ବା ଧର୍ମଗୁରୁଙ୍କ ଦ୍ୱାରା ନିର୍ବାସନରୁ ଫେରି ଆସିବା ପାଇଁ ଆଦିଷ୍ଟ ହେବା ପରେ ଆଭେର୍‌ରୋଏସ୍ ମର୍‌ରାକେଶ ସହରକୁ ଫେରି ଆସିଥିଲେ ଏବଂ ସେହିଠାରେହିଁ ତାଙ୍କର ଅନ୍ତିମକାଳ ଅତିବାହିତ କରିଥିଲେ । ୧୧୯୮ ଖ୍ରୀଷ୍ଟାବ୍ଦରେ ସେ ଶରୀର ତ୍ୟାଗ କରିଥିଲେ । ପ୍ରଥମେ ତାଙ୍କୁ ମର୍‌ରାକେଶରେ କବର ଦିଆଯାଇଥିଲା । କିନ୍ତୁ ପରବର୍ତ୍ତୀ କାଳରେ ତାଙ୍କର ଶବକୁ କୋର୍‌ଡ଼ୋବା ସହରକୁ ସ୍ଥାନାନ୍ତରିତ କରାଯାଇଥିଲା । ତତ୍ତ୍ୱଜ୍ଞାନ (Meta physics) ଉପରେ ଲିଖିତ ପୁସ୍ତକ ବ୍ୟତୀତ ଏହି ମହାନ୍ ଇସଲାମୀୟ ଚିନ୍ତାଶୀଳ ବ୍ୟକ୍ତି ଭେଷଜ ବିଜ୍ଞାନ (Medicine), ଜ୍ୟୋତିର୍ବିଜ୍ଞାନ (Astronomy), ବିଧିଶାସ୍ତ୍ର (Law) ଓ ବ୍ୟାକରଣ (Grammar) ସମ୍ବନ୍ଧେ ମଧ୍ୟ ନାନା ଶାସ୍ତ୍ର ଲେଖିଥିଲେ । ତାଙ୍କର ଦାର୍ଶନିକ ପ୍ରଭାବ ପ୍ରତି ସମ୍ମାନ ପ୍ରଦର୍ଶନର ଅର୍ଥ ହେଉଛି ଏହି ଯେ ଆଭେର୍‌ରୋଏସ୍‌ବାଦ (Averroism) ତ୍ରୟୋଦଶ ଶତାବ୍ଦୀରେ ପାରିସ୍ ଓ ଅନ୍ୟାନ୍ୟ ସ୍ଥାନରେ ଆଭେର୍-ରୋଏସ୍‌ବାଦୀ(Averroists)ମାନଙ୍କ ଦ୍ୱାରା ଶିକ୍ଷା ଦିଆଯାଇଥିଲା ଯେଉଁମାନେ ପ୍ରଦର୍ଶିତ ଧର୍ମଠାରୁ (Revealed Religion) ଦାର୍ଶନିକ ସତ୍ୟକୁ (Philosophical Truth)କୁ ପୃଥକ୍ ବୋଲି ଦର୍ଶାଇଥିଲେ ।

❑❑❑

> ଶାନ୍ତ ନିଶ୍ଚଳ ଭାବରେ ବସି ମା'ଙ୍କୁ ସ୍ମରଣ କର ଓ ନିଜକୁ ତାଙ୍କ ପ୍ରତି ଉନ୍ମୁକ୍ତ ରଖ । ଏହାହିଁ ହେଉଛି ଧ୍ୟାନର ନିୟମ ।
> – ଶ୍ରୀଅରବିନ୍ଦ

# ଜାଣିଚ କି ?

## ଧର୍ମକୁମାର ଶତପଥୀ

### ଶୁଆ କିପରି କଥା କହେ :

ଧ୍ୱନି ମାଧ୍ୟମରେ ଶବ୍ଦ ସଞ୍ଚରଣ କରିବାରେ ଅନେକ ପଶୁ, ଏପରିକି ସିଲ୍, ଡଲଫିନ୍, ବାଦୁଡ଼ି ବେଶ୍ ଧୁରନ୍ଧର । ମାତ୍ର ଏଇ ସୃଷ୍ଟି ସର୍ଜନାରେ ପକ୍ଷିଜଗତର ଶୁଆ ଏକ ସ୍ୱତନ୍ତ୍ର ପକ୍ଷୀ, ଯାହାକୁ କି କିଛିଦିନ କଥା କହିବା ଅଭ୍ୟାସ କରାଇ ଦେଲେ ଏହା ବେଶ୍ ଦକ୍ଷ ଭାବରେ କଥା କହିବା ଶିଖିଯାଏ । ଅର୍ଥାତ୍ ମନୁଷ୍ୟ ସହିତ ଇଏ ଅନ୍ୟ ପ୍ରଜାତିର ପ୍ରାଣୀମାନଙ୍କ ବାଣୀକୁ ଅନୁକରଣ କରିଥାଏ, ପୁଣି ବେଶ୍ ରୋଚକ ଢଙ୍ଗରେ ।

ବୈଜ୍ଞାନିକମାନେ ଅନେକଦିନ ଧରି ଏହା ବୁଝିବା ପାଇଁ ଚେଷ୍ଟା କରି ଆସିଛନ୍ତି ଯେ କିଛି ପକ୍ଷିପ୍ରଜାତି ଅନ୍ୟମାନଙ୍କ ଅପେକ୍ଷା ଉତ୍କୃଷ୍ଟ ଅନୁକାରକ କାହିଁକି ହୁଅନ୍ତି, ମାତ୍ର କିଛି ମସ୍ତିଷ୍କ କ୍ଷେତ୍ରର ସ୍ୱତନ୍ତ୍ର ଅଞ୍ଚଳରେ ପାର୍ଥକ୍ୟ ବ୍ୟତିରେକେ ଅନ୍ୟକିଛି ପାଇପାରି ନାହାନ୍ତି । ଡ୍ୟୁକ୍ ବିଶ୍ୱବିଦ୍ୟାଳୟ, ଡରହମର ମୁକ୍ତା ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଏକ ଅନ୍ତର୍ରାଷ୍ଟ୍ରୀୟ ଅନୁସନ୍ଧାନଦଳ ଦ୍ୱାରା କରାଯାଇଥିବା ସାଂପ୍ରତିକ ଅଧ୍ୟୟନରୁ ଜଣାଯାଇଛି ଯେ, ଶୁଆର ମସ୍ତିଷ୍କର ସ୍ୱତନ୍ତ୍ର ଗଠନ ଶୈଳୀ ଓ କ୍ଷମତାହିଁ ଶୁଆକୁ ସେଇ ଦକ୍ଷତାର ଅଧିକାରୀ କରିପାରିଛି । ଏହି ମସ୍ତିଷ୍କର ସେଇ କ୍ଷେତ୍ର ଯାହା ଅଙ୍ଗ ସଞ୍ଚାଳନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ, ସିଏ ପୁଣି ଏହାକୁ ବାକ୍ ଶକ୍ତି ଦେଇଥାଏ ।

ଏଇ ଅନୁସନ୍ଧାନ ଦଳରେ ଡେନ୍‌ମାର୍କ ଓ ନେଦରଲାଣ୍ଡର ଗବେଷକ ମଧ୍ୟ ସାମିଲ ଥିଲେ, ଯେଉଁମାନେ ଏଇ ଅଧ୍ୟୟନରୁ ବହୁମୂଲ୍ୟ ପକ୍ଷୀ ମସ୍ତିଷ୍କର ଟିସୁ ଉପରେ ଗବେଷଣା କରିଥିଲେ । ନଅ ପ୍ରକାରର ଶୁଆମାନଙ୍କର ବିଭିନ୍ନ ପ୍ରଜାତିରେ ଜିନ୍ ଅଭିବ୍ୟକ୍ତିର ଛାଞ୍ଚକୁ ତର୍ଜମା କରି ଗବେଷକମାନେ ଏଇ ନିଷ୍କର୍ଷରେ ପହଞ୍ଚିଥିଲେ ଯେ, ଶୁଆମାନଙ୍କର ମସ୍ତିଷ୍କର ସଞ୍ଚାରଣ ଯେପରି ବାକ୍ ଶିକ୍ଷା ପ୍ରଦର୍ଶନ କରୁଥିବା ଅନ୍ୟ ପକ୍ଷୀ ଯଥା ଗୀତଗାଇ ପାରୁଥିବା ପକ୍ଷୀ (Singing bird) ଓ ଗୁଣୁଗୁଣୁ ହୋଇ ପାରୁଥିବା ପକ୍ଷୀ (Humming bird) ମଧ୍ୟରୁ ଭିନ୍ନ ହୋଇଥାଏ । ପୂର୍ବରୁ ଏଇ ବିଷୟ ଜ୍ଞାତ ଥିଲା ଯେ, ଗୀତଗାଇ ପାରୁଥିବା ପକ୍ଷୀମାନଙ୍କ ମସ୍ତିଷ୍କରେ ''କୋଚ'' ନାମକ ଏକ ସୁପରିଭାଷିତ କେନ୍ଦ୍ର ରହିଥାଏ, ଯାହାକି ବାକ୍ ଅଧିଗମ କ୍ଷମତାକୁ ନିୟନ୍ତ୍ରଣ କରିଥାଏ । ମାତ୍ର ଶୁଆ ପକ୍ଷୀର ମସ୍ତିଷ୍କର ଚାରିପାଖରେ ଏକ ବାହ୍ୟ ଛଲ୍ଲେ ବା ଖୋଳ ଥାଏ ଯାହା ଶୁଆର ସ୍କେଇ ପ୍ରଜାତିମାନଙ୍କଠାରେ ଅପେକ୍ଷାକୃତ ଅଧିକ ବଡ଼ ହୋଇଥାଏ, ଯାହା ମାନବର କଣ୍ଠସ୍ୱରକୁ ଅନୁକରଣ କରିବାର କ୍ଷମତା ପାଇଁ ଦକ୍ଷ ଅଟେ । ଏହାର ଚାରିପାଖରେ ଏକ ତୃତୀୟ କ୍ଷେତ୍ର ରହିଥାଏ, ଯାହା ଅଙ୍ଗ ସଞ୍ଚାଳନକୁ ନିୟନ୍ତ୍ରିତ କରିଥାଏ । ଗବେଷକମାନେ ଏଇ ବିଷୟ ପ୍ରାପ୍ତ ହେଲେ ଯେ, ଶୁଆମାନଙ୍କୁ ଯେତେବେଳେ ଅନ୍ୟ ପକ୍ଷୀମାନଙ୍କ ସହିତ ତୁଳନା କରାହେଲା ଓ ଏମାନଙ୍କର ମସ୍ତିଷ୍କର ତିନୋଟି ଯାକ ଭାଗରେ ବିଶିଷ୍ଟକୃତ ଜୀନ୍(Gene) ଅଭିବ୍ୟକ୍ତିର ଜଟିଳ ଭିତ୍ତି(Pattern) ଉପସ୍ଥିତ ଥିବାର ମିଳିଲା । ଏହାର ତାତ୍ପର୍ଯ୍ୟ ହେଉଛି, ଶୁଆମାନଙ୍କର ବିଶିଷ୍ଟ ବାକ୍ ଅଧିଗମ ଯଥା ଅନୁକରଣ, ଅଧିକାଂଶତଃ ମସ୍ତିଷ୍କର କୋଷକ୍ଷେତ୍ରର ସେଇ ଭାଗରେ ସମ୍ପନ୍ନ ହୋଇଥାଏ, ଯାହାକି ଅଙ୍ଗ ସଞ୍ଚାଳନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ । ଗବେଷକମାନେ ଗାଇ ପାରୁଥିବା ପକ୍ଷୀ ଓ ଗୁଣୁଗୁଣୁ ହୋଇ ପାରୁଥିବା ପକ୍ଷୀର ମଧ୍ୟ ପରୀକ୍ଷଣ କଲେ ଓ ଶୁଆମାନଙ୍କର କୋଷକ୍ଷେତ୍ର ଯଥାର୍ଥରେ ଅନନ୍ୟ ବୋଲି ଜ୍ଞାତ ହେଲେ ।

ଗବେଷକଙ୍କ ମତରେ ଶୁଆମାନଙ୍କଠାରେ କଥା କହିବାର ସୃଜନ ପ୍ରଣାଳୀ ଅନ୍ୟୂନ ୨୯ କୋଟି ବର୍ଷ ପୂର୍ବରୁ ବିକଶିତ ହୋଇଥିଲା । ସେମାନଙ୍କର ପରିକଳ୍ପନା ହେଉଛି ଯେ, ଏଇ କୋଷ ସଂରଚନା ପକ୍ଷୀମାନଙ୍କର ମସ୍ତିଷ୍କରେ ଗାୟନ ପାଇଁ କୋର ପ୍ରଣାଳୀର ଅନୁକୃତୀ ନିର୍ମିତ ହେବା ପରେ ବିକଶିତ ହୁଏ, ଯେଉଁଠି କୋଷକେନ୍ଦ୍ରରେ ଅନୁକୃତୀକରଣ ପରି ଅଭିନବ କାର୍ଯ୍ୟ କରିବାର କ୍ଷମତା ଆସେ । ଅତଃ ଶୁଆମାନଙ୍କଠାରେ କୋଷର ସଂରଚନାର ଅଧ୍ୟୟନ ଦ୍ୱାରା ଅନ୍ୟ ରହସ୍ୟମୟ ଅନୁକୃତି ପ୍ରକ୍ରମଗୁଡ଼ିକୁ ଚିହ୍ନିବାରେ ସହାୟ ମିଳିପାରିଲା, ଯାହା ମାନବ ମସ୍ତିଷ୍କର ପ୍ରକ୍ରିୟାସବୁର କାରଣ ହୋଇଥାଏ ।

ଶୁଆମାନଙ୍କ ସମ୍ପର୍କରେ ଏକ ବିସ୍ମୟକର ବିଷୟ ଏହି ଯେ, ବାକ୍ ଅନୁକରଣ ପାଇଁ ଯଥେଷ୍ଟ ଅଧିକ ମସ୍ତିଷ୍କ ଶକ୍ତି ଏବଂ ଜଟିଳ, ବିଶିଷ୍ଟକୃତ ପ୍ରକ୍ରମସବୁର ଆବଶ୍ୟକତା ରହିଥାଏ ।

ମାତ୍ର ଆଜି ପର୍ଯ୍ୟନ୍ତ କୌଣସି ଏପରି କିଛି ପ୍ରମାଣ ଉପଲବ୍ଧି ହୋଇ ନାହିଁ, ଯାହା ଏହି ସଂକେତ ଦିଏ ଯେ, ଶୁଆମାନଙ୍କଠାରେ କହିପାରୁଥିବା ଭଳି ଭାଷା ଉତ୍ପନ୍ନ କରିବା ପାଇଁ ବିଶିଷ୍ଟ ପ୍ରକାରର ବାକ୍ ଅଙ୍ଗ ରହିଛି । ସମ୍ଭବତଃ ସେମାନଙ୍କର ମସ୍ତିଷ୍କହିଁ ଏଇ ବିଶିଷ୍ଟ କାର୍ଯ୍ୟଟି କରିପାରୁଥିବ ନିଶ୍ଚୟ !

ପୁଣି ଏଇ ଅଧ୍ୟୟନ ଏ ବିଷୟଟିକୁ ବୁଝିବାକୁ ସୁଗମ କରିଛି ଯେ, ତାହା କିପରି ପଦାର୍ଥ ଯାହା ଶୁଆମାନଙ୍କୁ ଅନ୍ୟ ପକ୍ଷୀଙ୍କଠାରୁ ଭିନ୍ନ କରିଥାଏ । ବାସ୍ତବରେ ଗବେଷକମାନଙ୍କର କହିବାର କଥା ଏହି ଯେ, ଯେଉଁ ମସ୍ତିଷ୍କ ସଂରଚନାର ସନ୍ଧାନ ସେମାନେ କରିଛନ୍ତି ତାହା ଏତେ ଲମ୍ବା ସମୟ ପର୍ଯ୍ୟନ୍ତ କିପରି ଅବୁଝା, ଅଜ୍ଞାତ ରହିଥିଲା, ସେମାନଙ୍କ ପାଇଁ ସୁଦ୍ଧା ଏହା ବିସ୍ମୟକର ଅଟେ । ଚକ୍ରବର୍ତ୍ତୀଙ୍କର କହିବା କଥା ହେଲା, ''ଏଇ ସନ୍ଧାନ ଶୁଆମାନଙ୍କ ସମ୍ପର୍କରେ ଗବେଷଣା କ୍ଷେତ୍ରରେ ନୂତନ ସମ୍ଭାବନା ସକଳର ଦ୍ୱାର ଖୋଲିଦେବ – ଏହା ବୁଝିବା ପାଇଁ ଯେ, ଶୁଆମାନେ ଅଭିନବ ଧ୍ୱନିକୁ ନକଲ କରିବା ପାଇଁ ଆବଶ୍ୟକ ସୂଚନାସବୁକୁ କିପରି ପ୍ରକ୍ରମିତ କରିଥା'ନ୍ତି ଏବଂ ମଣିଷର ବାକ୍ ଧ୍ୱନିର ଅନୁକରଣ ହେବା ପାଇଁ ନିହିତ ପ୍ରକ୍ରିୟାଟି କିପରି ସମ୍ପାଦିତ ହୋଇଥାଏ ।'' ❑

## ଲକ୍ଷ୍ୟ ଭେଦ

ତାଙ୍କ ବାହିନୀର ସୈନିକମାନେ ବନ୍ଧୁକରୁ ଗୁଳି ଚଳାଇ କେତେଦୂର ଲକ୍ଷ୍ୟଭେଦ କରିପାରୁଛନ୍ତି, ସେ ପରୀକ୍ଷା ନେଉଥିଲେ ସର୍ଜେଣ୍ଟ୍ । କିଛି ଦୂରରେ ଗୋଟାଏ ବିରାଟ ମୋଟା ଗଛ ଡାଳରେ ଗୋଟାଏ ପରେ ଗୋଟାଏ ଖେଳ ବେଲୁନ୍ ଟଙ୍ଗା ହେଉଥାଏ । ସମସ୍ତେ ଅବଶ୍ୟ ଗୁଳି ମାରି ସେ ବେଲୁନ୍ ଫଟାଇ ଦେଉଥା'ନ୍ତି । ତା'ପରେ ଗୋଟାଏ ଗୋଟାଏ କାଗଜ ପେଣ୍ଡୁ ଟଙ୍ଗା ହୁଏ । ତାକୁ ମଧ୍ୟ ଜଣେ ଦୁଇଜଣଙ୍କୁ ଛାଡ଼ି ଦେଲେ ସମସ୍ତେ ଫୁଟାଇ ଦେଉଥା'ନ୍ତି । ତା'ପରେ ଟଙ୍ଗା ହେଉଥାଏ ଗୋଟାଏ ଗୋଟାଏ ପୁରୁଣା ଦିଆଶିଲି ଖୋଳ ବା ସେହି ଆକାରର ଚିଜଟିଏ । ତାକୁ ମଧ୍ୟ ସୈନିକମାନେ ଗୁଳିବିଦ୍ଧ କରୁଥା'ନ୍ତି – ସେମିତି ଜଣେ ଦୁଇଜଣଙ୍କୁ ଛାଡ଼ିଦେଲେ ।

କିନ୍ତୁ ବିଲ୍ ନାମକ ସୈନିକଟି କଥା ନିଆରା । ଥରେ ନୁହେଁ, ଦୁଇଥର ନୁହେଁ, ସର୍ଜେଣ୍ଟ୍ ତାକୁ ଦଶଥର ସୁଯୋଗ ଦେଲେ ବେଲୁନ୍‌ଟି ଫଟାଇବା ପାଇଁ । କିନ୍ତୁ ବେଲୁନ୍ ତା' ନିଜ ଖୁସିରେ ପବନରେ ଦୋହଲୁ ଥାଏ । ବିଲ୍ ବନ୍ଧୁକର ଗୁଳି କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଉଥାଏ, ସେକଥା କେହି ଠଉରାଇ ପାରୁ ନଥା'ନ୍ତି ।

''ଆଚ୍ଛା ବିଲ୍, ବେଲୁନ୍‌କୁ ନପାରିଲୁ ନାହିଁ, ସେ ପ୍ରଶସ୍ତ ଗଛକୁ ଗୁଳି କର, ଦେଖିବା !'' ସର୍ଜେଣ୍ଟ୍ ବହୁତ ବିରକ୍ତ ହୋଇ ଆଦେଶ ଦେଲେ ।

''ଆଜ୍ଞା !'' କହି ବିଲ୍ ବନ୍ଧୁକ ଉଠାଇ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଲକ୍ଷ୍ୟ ସ୍ଥିର କରି ଟ୍ରିଗର୍ ଚିପିଲା । କିନ୍ତୁ କ'ଣ ହେଲା ସେ ଗୁଳିଟିର ଭାଗ୍ୟ, ତାହା ଠଉରାଇ ପାରିଲେନି କେହି । ଗଛର ଭାଗ୍ୟ – ତା' ଦେହ ରହିଲା ଅକ୍ଷତ ।

''ବିଲ୍ ! ଗଛକୁ ନପାରିଲୁ ନାହିଁ, ସେ କାଛକୁ ଲକ୍ଷ୍ୟ କରି ଗୁଳି କର । ଏଥର ଅନ୍ତତଃ ଲକ୍ଷ୍ୟ ଭ୍ରଷ୍ଟ ହେବୁ ନାହିଁ – ବରଂ ହୋଇ ପାରିବୁ ନାହିଁ !'' କହିଲେ ସର୍ଜେଣ୍ଟ୍ ।

ପୁଣି ପାଞ୍ଚ ମିନିଟ କାଳ ବନ୍ଧୁକ ବାଗେଇ ଧରି ଶେଷରେ ବିଲ୍ ଚଳାଇଲା ଗୁଳି । କିନ୍ତୁ ହେଲା ଲକ୍ଷ୍ୟ ଭ୍ରଷ୍ଟ !

''ହେଇଟି ବିଲ୍ । ତୋତେ ମୁଁ ଆଉ ଗୋଟାଏ ମାତ୍ର ସୁଯୋଗ ଦେଉଛି । ବଢ଼ିଆ ସୁଯୋଗ । କାଛ ସେପଟକୁ ଯାଇ ନିଜକୁ ଗୁଳି କରିଦେ । ତେଣିକି ଆଉ ପରୀକ୍ଷା ଦେବାକୁ ହେବ ନାହିଁ ।'' ଗମ୍ଭୀର ଭାବରେ କହିଲେ ସର୍ଜେଣ୍ଟ୍ ।

''ଆଜ୍ଞା !'' ବିଲ୍ ଆଟେନ୍‌ସନ୍ ଭଙ୍ଗୀରେ ସର୍ଜେଣ୍ଟଙ୍କୁ ସାଲ୍ୟୁଟ୍ କରି କଦମ୍ ପକାଇ ଚାଲିଗଲା କାଛ ସେପାରିକୁ ।

ସର୍ଜେଣ୍ଟ୍ ଚିନ୍ତାରେ ପଡ଼ିଲେ । ତା'ପରେ ଆତଙ୍କ ଅନୁଭବ କଲେ । ବିଲ୍ ଯଦି ସତରେ ନିଜ ଉପରକୁ ଗୁଳି କରି ମରିବ, ତେବେ ସେ ବଡ଼ ଅଡୁଆରେ ପଡ଼ିବେ । ପାଞ୍ଚ ମିନିଟ ଦୋଦୋପାଞ୍ଚ ହୋଇ ସେ କାଛ ସେ ପାରିକୁ ଯିବାକୁ ବାହାରିଛନ୍ତି, ହେଲା ଗୁଳି ଶବ୍ଦ । ସର୍ଜେଣ୍ଟଙ୍କର ପ୍ରାୟ ମୂର୍ଚ୍ଛା ଯିବା ଭଳି ଅବସ୍ଥା । କେଡ଼େ ବଡ଼ ଭୁଲ୍ ସିଏ କଲେ !

କିନ୍ତୁ ଶୁଭିଲା କଦମ୍ ଶବ୍ଦ । ବିଲ୍ ଆସି ପକାଇଲା ସାଲ୍ୟୁଟ୍ ଓ ଜଣାଇଲା, ''ପୁଣି ଥରେ ଲକ୍ଷ୍ୟଭ୍ରଷ୍ଟ ହେଲି, ସାର୍ !''

(ଅଷ୍ଟ୍ରେଲିଆର ମଜାକଥା) ❑

# ଜିଜ୍ଞାସୁର ପୃଷ୍ଠା

**ପ୍ରଶ୍ନ :** *କେତେ ବୟସ ପର୍ଯ୍ୟନ୍ତ ବ୍ୟକ୍ତି ଯୁବକ ଥାଏ ଏବଂ କେତେ ବୟସରୁ ବୃଦ୍ଧତ୍ୱ ଆରମ୍ଭ ହୁଏ ?*

**ଉତ୍ତର :** ଯୁବକତ୍ୱ, ବୃଦ୍ଧତ୍ୱ ବୟସ ଉପରେ ନିର୍ଭର କରେ ନାହିଁ । ଏହା ନିର୍ଭର କରେ ଜୀବନର ଉନ୍ନତି ଚାହିଁବା ଉପରେ । ବ୍ୟକ୍ତି ଯେପର୍ଯ୍ୟନ୍ତ ଜୀବନର ଉନ୍ନତି ଚାହେଁ ଏବଂ ସେଥିସକାଶେ କର୍ମ କରେ; ସେପର୍ଯ୍ୟନ୍ତ ସେ ଯୁବକ । ଯେତେବେଳେ ଉନ୍ନତିରୁ ନିରାଶ ହୁଏ ସେ ଯୁବା ବୟସରେ ବି ବାର୍ଦ୍ଧକ୍ୟ ବରଣ କରେ । ବ୍ୟକ୍ତିର ସମସ୍ତ ସତ୍ତା ଏପରିକି ଶରୀର ଯଦି ଉନ୍ନତି ଚାହୁଁଥାଏ, ତେବେ ବ୍ୟକ୍ତି କେବେ ବି ବାର୍ଦ୍ଧକ୍ୟ ପ୍ରାପ୍ତ ହୁଏ ନାହିଁ । କିନ୍ତୁ ଶରୀର ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ହେଲେ ସେ ନିରନ୍ତର ଉନ୍ନତି ଚାହିଁପାରେ ।

**ପ୍ରଶ୍ନ :** *କୌଣସି ବିଦ୍ୟାର୍ଥୀ ମା'ଙ୍କ ଆଶୀର୍ବାଦ ପାଇ ଅକୃତକାର୍ଯ୍ୟ ହେଲା କାହିଁକି ?*

**ଉତ୍ତର :** ଏହାର ସିଧା ଉତ୍ତର ହେଉଛି ମା'ଙ୍କ ଆଶୀର୍ବାଦ ଉପରେ ଯଥାର୍ଥ ନିର୍ଭରତା ନଥିଲା । ତୁମେ ଯାହାକୁ ନିର୍ଭରତା କହୁଛ, ତାହା ଥିଲା ଗୋଟିଏ ତାମସିକ ନିଶ୍ଚେଷ୍ଟତା, ପଢ଼ିବା ପ୍ରତି ଉତ୍ସାହ ଏବଂ ଦାୟିତ୍ୱର ଅଭାବ । ସାଧନା ଓ କର୍ମରେ ମା'ଙ୍କ ଉପରେ ବିଶ୍ୱାସ, ନିର୍ଭରତା ରଖିଲେ ମା'ଙ୍କ ଶକ୍ତି ସର୍ବଦା ସାହାଯ୍ୟ କରେ । କିନ୍ତୁ ବିଦ୍ୟାର୍ଥୀକୁ ବା ସାଧକକୁ ନିଜର ଶକ୍ତି ଓ ସାମର୍ଥ୍ୟ ଅନୁସାରେ କର୍ମ କରିବାକୁ ହୁଏ । କାରଣ ଯେଉଁ କାର୍ଯ୍ୟର ସଫଳତା ସକାଶେ ଉତ୍ସାହ ଥାଏ ସେହି ଉତ୍ସାହ ଭାଗବତୀ ଶକ୍ତିକୁ ଆବାହନ କରେ, ସେହି ଉତ୍ସାହ ମଧ୍ୟଦେଇ ଭାଗବତୀ ଶକ୍ତି ତା' ମଧ୍ୟରେ ଥିବା ଦୋଷତ୍ରୁଟିକୁ ଦୂର କରନ୍ତି । ସେହିପରି ଉତ୍ସାହବିହୀନ ସାଧକ ବା ସାଧୁ । ଯଦି କୌଣସି କର୍ମ କରିବାକୁ ଆଗ୍ରହ ନ ଥାଏ, ବେଠି କଲା ସଦୃଶ କିଛି ସମୟ ଧ୍ୟାନ, ଜପ କରନ୍ତି, ବାକି ସମୟ ଗପ କରିବା, ବୁଲିବାରେ ନଷ୍ଟ କରନ୍ତି, ଏପରି ଅବସ୍ଥାରେ ସମସ୍ତ ଜୀବନ ବ୍ୟତୀତ ହୋଇଯାଏ, କିନ୍ତୁ କୌଣସି ଉତ୍ତମ ଅବସ୍ଥା ପ୍ରାପ୍ତ ହୁଏ ନାହିଁ ।

ବହୁତ ଅଳସୁଆ ପିଲା ଥାଆନ୍ତି, ପଢ଼ନ୍ତି ନାହିଁ, ବୁଲନ୍ତି, ରାତ୍ରିରେ ସିନେମା ଦେଖି ଦିନ ଆଠଟା ପର୍ଯ୍ୟନ୍ତ ଶୋଇ ରହନ୍ତି, ପାସ୍ କରିବା ସମ୍ଭବ ନ ଥାଏ, ମା'ଙ୍କ ପାଖକୁ ଗୋଟିଏ ପୋଷ୍ଟ କାର୍ଡ଼ ଲେଖିଦିଅନ୍ତି ।

**ପ୍ରଶ୍ନ :** *ଏପରି ପିଲାକୁ ମା' ଆଶୀର୍ବାଦ ଦିଅନ୍ତି କାହିଁକି ?*

**ଉତ୍ତର :** ତା' ମଧ୍ୟରେ ଟିକିଏ ସମ୍ଭାବନା ଥାଏ ବୋଲି ମା' ଆଶୀର୍ବାଦ ଦିଅନ୍ତି । ବ୍ୟକ୍ତି ସଚେତ ଓ ସଜାଗ ହୋଇ ମା'ଙ୍କ ଆଶୀର୍ବାଦ ଉପରେ ବିଶେଷ ନିର୍ଭର କଲେ ସେହି ସମ୍ଭାବନା ସତ୍ୟରେ ପରିଣତ ହୋଇପାରେ । କିନ୍ତୁ ଯେଉଁମାନେ ସଚେତ ହୁଅନ୍ତି ସେମାନେ ମା'ଙ୍କ ଆଶୀର୍ବାଦ ସାହାଯ୍ୟରେ ପାସ୍ କରନ୍ତି । ଯଦି ସେମାନେ ମା'ଙ୍କ ପ୍ରତି ଦୃଢ଼ବିଶ୍ୱାସ ରଖି ପଢ଼ିବାରେ ମନ ଦିଅନ୍ତି, ତେବେ ସେମାନଙ୍କ ପୂର୍ବ ତ୍ରୁଟି ଦୂର ହୁଏ, ସେମାନେ ଉତ୍ତମ ଛାତ୍ର ହୋଇପାରନ୍ତି । ଉଚ୍ଚତର ଭାଗବତୀ ଶକ୍ତି ପ୍ରତି ମନୁଷ୍ୟ ଯଦି ଯଥାର୍ଥ ବିଶ୍ୱାସ ରଖିପାରେ ତେବେ ପଢ଼ିବା ନୁହେଁ, ସମସ୍ତ କର୍ମରେ ଉନ୍ନତି କରିପାରେ । କାରଣ ମନୁଷ୍ୟର କ୍ରମୋନ୍ନତି ହୁଏ ବୁଦ୍ଧିର ସାହାଯ୍ୟରେ । ବୁଦ୍ଧି ହେଉଛି ସମସ୍ତ ଜ୍ଞାନପୂର୍ଣ୍ଣ ଅତିମାନସ ଶକ୍ତିର ଅଂଶ, ଏହି ପୃଥିବୀକୁ ଆସି ବିକୃତ ହୋଇଯାଇଛି । ବ୍ୟକ୍ତି ଭାଗବତୀ ଶକ୍ତି ଉପରେ ବିଶ୍ୱାସ କଲେ ସେହି ଶକ୍ତିର ପ୍ରଭାବ ପଡ଼େ ବୁଦ୍ଧିରେ; ବୁଦ୍ଧି ହୁଏ ଉନ୍ନତ, ବିସ୍ତାର, ତେବେ କର୍ମରେ ଆସେ ପୂର୍ଣ୍ଣତା ।

କୌଣସି ବ୍ୟକ୍ତି ଅଳ୍ପ ସମ୍ଭାବନା ଥିବା ଅବସ୍ଥାରେ ମା'ଙ୍କ ଆଶୀର୍ବାଦ ନ ପାଇବା ଦ୍ୱାରା ହତାଶ, ନିରାଶ ହୋଇପଡ଼ନ୍ତା, ତାହାର ଥିବା ସମ୍ଭାବନା ଟିକକ ସେହିଠାରେ ସମାପ୍ତ ହୁଅନ୍ତା । ବ୍ୟକ୍ତିର ସମ୍ଭାବନାକୁ ହ୍ରାସ ନକରି ବୃଦ୍ଧି କରିବା ସକାଶେ ମା' ଆଶୀର୍ବାଦ ଦିଅନ୍ତି । କୌଣସି ସମୟରେ ଭଗବତ୍ ଆଶୀର୍ବାଦରେ ତ୍ରୁଟି ନଥାଏ । ତାହା ସୂର୍ଯ୍ୟ ସଦୃଶ ନିରପେକ୍ଷ ଏବଂ ଶୁଦ୍ଧ । ତ୍ରୁଟି ଥାଏ ମନୁଷ୍ୟର ବିଶ୍ୱାସରେ । ସୂର୍ଯ୍ୟାଲୋକ ସର୍ବତ୍ର ସମାନ ଥିବା ସତ୍ତ୍ୱେ ନିଜ ଘର ଖୋଲା ରଖିବା ଅନୁପାତରେ ବ୍ୟକ୍ତି ପ୍ରକାଶ ପାଏ । ଘର ଏକେବାରେ ବନ୍ଦ କଲେ ଆଲୋକରୁ ବଞ୍ଚିତ ରହେ । ଠିକ୍ ସେହିପରି ମା'ଙ୍କ ଆଶୀର୍ବାଦ ।

ସମ୍ଭାବନା ହ୍ରାସ ଏବଂ ବୃଦ୍ଧି କିପରି ମନୁଷ୍ୟ ଉପରେ ନିର୍ଭର କରେ ଗୋଟିଏ ଗଳ୍ପରୁ ବୁଝିପାରିବା ।

ନାରଦ ବୈକୁଣ୍ଠ ଯିବା ସମୟରେ ଜଣେ ସାଧକ ନାରଦଙ୍କୁ ପ୍ରଣାମ କରି କହିଲେ, ''ମହାରାଜ ଭଗବାନଙ୍କୁ ପଚାରିବେ, କେବେ ତାଙ୍କ ଦର୍ଶନ ପାଇବି ।''

ଅନ୍ୟ ଗୋଟିଏ ଭକ୍ତ ମଧ୍ୟ ଏହି କଥା ନାରଦଙ୍କୁ କହିଲେ ।

ନାରଦ ଫେରିବା ସମୟରେ ଜଣେ ଭକ୍ତଙ୍କୁ କହିଲେ, ''ଭଗବାନ୍ କହିଛନ୍ତି ତିନି ଜନ୍ମପରେ ତୁମକୁ ଦର୍ଶନ ମିଳିବ ।'' ସେ ହତାଶ, ନିରାଶ ହୋଇ କହିଲେ, ''ଏହିପରି କଠୋର ତପସ୍ୟା ଆଉ ତିନି ଜନ୍ମ ! ଭଗବାନ୍ ବଡ଼ ନିଷ୍ଠୁର ।'' ଏହା କହି ତପସ୍ୟା ଛାଡ଼ି ଚାଲିଗଲେ ।

ଅନ୍ୟ ଭକ୍ତ ପାଖରେ ନାରଦ ପହଞ୍ଚିଲେ ବିଶେଷ ନିରାଶଭାବେ । ସେ ଭାବିଥିଲେ ପ୍ରଥମ ଭକ୍ତ ତିନି ଜନ୍ମରେ ଭଗବାନ୍ ମିଳିବା ଶୁଣି ତପସ୍ୟା ଛାଡ଼ି ଚାଲିଗଲା । ଖବର ଶୁଣିବା ମାତ୍ରେ ଏ ମୁଣ୍ଡ ପିଟି ଦେବ । ନାରଦଙ୍କୁ ଦେଖି ଭକ୍ତ ବହୁତ ଭକ୍ତିଭାବେ ପ୍ରଣାମ କଲେ । ଭଗବାନଙ୍କ ପାଖରୁ ଖବର ନେଇ ଫେରିଥିବା ଯୋଗୁଁ ତାଙ୍କୁ ବିଶେଷ ପ୍ରସନ୍ନତା ହେଲା । ସେ ବାରଂବାର ଆଗ୍ରହ ସହ ଖବର ଜାଣିବାକୁ ଚାହିଁଲେ । ନାରଦ ବହୁତ ଦୁଃଖିତ ହୋଇ କହିଲେ, ''ଭଗବାନ୍ କହିଛନ୍ତି ଏହି ଗଛରେ ଯେତେ ପତ୍ର ଅଛି, ସେତିକି ଜନ୍ମରେ ତୁମକୁ ଦର୍ଶନ ଦେବେ ।'' ଭଗବାନ୍ ଦିନେ ତାଙ୍କୁ ଦର୍ଶନ ଦେବେ, ଏହା ଶୁଣିବାମାତ୍ରେ ତାଙ୍କ ହୃଦୟରୁ ଆନନ୍ଦ ଉଚ୍ଛୁଳି ପଡ଼ିଲା । ମନ, ପ୍ରାଣର କ୍ରିୟା ସ୍ଥଗିତ ହୋଇଗଲା; ଦୁଇ ନେତ୍ରରୁ ଅଶ୍ରୁ ବହିବାକୁ ଲାଗିଲା । ସେ ଶରୀରଜ୍ଞାନ ଶୂନ୍ୟ ହୋଇ ଆନନ୍ଦରେ ନାଚିବାକୁ ଲାଗିଲେ । ସେହିକ୍ଷଣି ଭଗବାନ୍ ପ୍ରଘଟ ହୋଇ ଦର୍ଶନ ଦେଲେ ଏବଂ ଭକ୍ତକୁ ହୃଦୟରେ ଲଗାଇ ନେଲେ । ନାରଦଙ୍କୁ ବିଶେଷ ପ୍ରସନ୍ନତା ହେଲା । ସେ କହିଲେ, ''ଭଗବାନ୍, ତୁମେ ତ ସର୍ବସମର୍ଥ, ନୈତିକତା କହେ, ତୁମେ ଯାହା କହିବ ସବୁ ସତ୍ୟ ଏବଂ ବେଦ । ତୁମ ସକାଶେ କିଛି ନ ଥାଏ । ମୋତେ ଯେ ଅପ୍ରସ୍ତୁତ କରାଇଲେ ।'' ଭଗବାନ୍ ନାରଦଙ୍କୁ ଆଶ୍ୱାସନା ଦେଇ କହିଲେ, ''ନାରଦ, ମୋ ପ୍ରତି ଭକ୍ତିରେ ଦେଶ, କାଳ, ନିୟମ ନ ଥାଏ । ଭକ୍ତର ନିଷ୍ଠା ଏବଂ ନିଷ୍କପଟ ଭକ୍ତି ହେଲେ ସମସ୍ତ ଅସମ୍ଭବକୁ ମୁଁ ସମ୍ଭବ କରିପାରେ ।''

***ପ୍ରଶ୍ନ :*** *ଭଗବାନଙ୍କ ଆଶୀର୍ବାଦ ସର୍ବସମର୍ଥ । ମା' ଯାହାକୁ ଆଶୀର୍ବାଦ ଦିଅନ୍ତି ତା' ବିଶ୍ୱାସ ଉପରେ କାହିଁକି ନିର୍ଭର କରାଯାଏ । ମା' ସ୍ୱୟଂ ତ' ବିଶ୍ୱାସ ଜାଗ୍ରତ୍ କରାଇପାରନ୍ତେ ।*

**ଉତ୍ତର :** ଭଗବାନଙ୍କ ଆଶୀର୍ବାଦ ସର୍ବସମର୍ଥ । ତାକୁ ଆମ୍ଭେ କୌଣସି ନିୟମର ଅଧୀନ କରି ପାରିବା ନାହିଁ । ଭଗବାନ୍ ସଂସାର କରିଛନ୍ତି ଏବଂ ନିୟମ ନିର୍ଦ୍ଧାରିତ କରିଛନ୍ତି । କିନ୍ତୁ ସେ ସର୍ବଥା ନିୟମର ଉପରେ । ନିୟମ ଅନ୍ୟ ସକାଶେ, ଭଗବାନଙ୍କ ସକାଶେ ନୁହେଁ । ସେହି ସକାଶେ ସେ ସର୍ବସମର୍ଥ । ବ୍ୟକ୍ତି ତରଫରୁ ଭକ୍ତି ବା ଅଭୀପ୍ସା ନ ଥିବା ସତ୍ତ୍ୱେ କେବେ କେବେ କୌଣସି ବ୍ୟକ୍ତି ଉପରେ ସେ କୃପା କରନ୍ତି । ସେହି କୃପାକୁ କୁହାଯାଏ ନିର୍ହେତୁକ କୃପା । ଏହା ସକାଶେ କୌଣସି ନିୟମ ନାହିଁ କିଂବା ବ୍ୟକ୍ତି ଆଶା ବି କରିପାରେ ନାହିଁ । ଏହି କୃପା କେବଳ ହୁଏ ଭଗବାନଙ୍କ ତରଫରୁ ।

**— ରାମକୃଷ୍ଣ ଦାସ**

❑❑❑

କାନୁନ ହେଲା ଏକ ବିଧାନ ବା ଏକ ସୂତ୍ର; କିନ୍ତୁ ଆତ୍ମାହିଁ କାନୁନସବୁକୁ କାମରେ ଲଗାଏ ଏବଂ ସୂତ୍ର ଅତିକ୍ରମ କରିଯାଏ ।

(*Thoughts and Aphorisms*) — ଶ୍ରୀଅରବିନ୍ଦ

ଚେତନାର ଦିଗ୍‌ବଳୟ :

# ଜୀବନ-ଯୁଦ୍ଧର ମହାବିଦ୍ୟାଳୟ

ସ୍ଥାନ : କେରଳର କୋଚି ସହର । କାଳ : ଗତ ଜୁନ୍ ମାସ ଶେଷ ସପ୍ତାହ । ପାତ୍ର : ମାମୁଲି ପୋଷାକ ପରିହିତ ଜଣେ ତରୁଣ । କାନ୍ଧରୁ ଓହଳି ରହିଛି ଏକ ସାଧାରଣ କନା ଥଳି ।

ତରୁଣ ଜଣକ ସଙ୍କୋଚ ସହକାରେ ଗୋଟାଏ ଲୁଗା ଦୋକାନ ଆଗରେ ଠିଆ ହୋଇ ପ୍ରବେଶ ଦ୍ୱାରରେ ଉପବିଷ୍ଟ ଭଦ୍ରଲୋକଙ୍କୁ ନମସ୍କାର କଲେ । ଭଦ୍ରଲୋକ ଅଭିଜ୍ଞ । ତରୁଣ ଉପରେ ଆଖି ବୁଲେଇ ନେଇ ବୁଝିଲେ, ସେ କ୍ରେତା ନୁହେଁ । ''କ'ଣ ଦରକାର, ବାବୁ ?'' ସେ ପଚାରିଲେ ।

''ଆଜ୍ଞା, ମୋତେ ଆପଣଙ୍କ ସେବା କରିବାର ସୁଯୋଗ ଦିଅନ୍ତୁ । ପଇସାପତ୍ରର ହିସାବ ରଖିବା କାମ ହେଉ, କାଉଣ୍ଟରରେ ରହି ବିକ୍ରିବଟା କରିବା କାମ ହେଉ, ମୋତେ ଖାଲି ଦେଖାଇ ଦେଲେ ମୁଁ ନିଷ୍ଠା ସହକାରେ ମୋ ଦାୟିତ୍ୱ ପାଳନ କରିବି ।'' ତରୁଣ କହିଲେ ।

ଦୋକାନଦାର ଭଦ୍ରଲୋକଙ୍କ ମୁହଁ କଠିନ ଦେଖାଗଲା । ''ଆମର ସେମିତି କୌଣସି ସେବା ଦରକାର ନାହିଁ ।''

''ଆଜ୍ଞା, ମୁଁ ଅଧିକ ଦରମା ଚହେଁନା । ଖାଲି ଦୁଇଓଳି ଖାଇବା ଓ କୌଣସିଠିଁ ରାତିରେ ବିଶ୍ରାମ ନେବା ପାଇଁ ଯେତିକି ଦରକାର !'' ତରୁଣ ନମ୍ରଭାବରେ କହିଲେ ।

କିନ୍ତୁ ଦୋକାନଦାର ତାଙ୍କ ଦୋକାନରେ ସଦ୍ୟ ପଶିଥିବା କ୍ରେତାମାନଙ୍କୁ ନେଇ ବ୍ୟସ୍ତ ରହିଲେ । ଘଣ୍ଟାକ ପରେ ତରୁଣ ଉପରେ ଆଖି ପଡ଼ିବାରୁ ବିନା ବାକ୍ୟରେ ବିରକ୍ତି-ସୂଚକ ଭଙ୍ଗୀରେ ହାତ ହଲାଇ ତାକୁ ଦ୍ୱାରଦେଶରୁ ତୁରନ୍ତ ହଟି ଯିବାକୁ ନିର୍ଦ୍ଦେଶ ଦେଲେ ।

ତରୁଣଟି ଯାଇ ପାଖ ପାର୍କରେ ଗୋଟାଏ ଗଛତଳେ ବସି ପଡ଼ି ଥଳିରୁ ବୋତଲ ବାହାର କରି ପାଣି ପିଇଲା । ଗତ ପାଞ୍ଚଦିନ ଧରି ସେ ଏ ଲୁଗା ଦୋକାନକୁ ମିଶାଇ ସେ ଷାଠିଏ ପ୍ରତିଷ୍ଠାନର ଦ୍ୱାରସ୍ଥ ହୋଇଛି ଏବଂ ପ୍ରତ୍ୟାଖ୍ୟାତ ହୋଇଛି ।

ଷଷ୍ଠ ଦିବସରେ ତାକୁ ଗୋଟାଏ ପାଉଁରୁଟି ଓ କେକ୍ ନିର୍ମାତାଙ୍କ ଦୋକାନରେ ଚାକିରି ମିଳିଲା । ତେବେ ସେଠାରେ ସପ୍ତାହଟିଏ କାମ କରି କୌଣସି ଅଜ୍ଞାତ କାରଣରୁ ଇସ୍ତଫା ଦେଇ ସେ ଗୋଟାଏ ଜୋତା ଦୋକାନରେ ଚାକିରି ନେଲା । ଆଉ ସପ୍ତାହକ ପରେ ସେ କାମ ନେଲା ଗୋଟାଏ କଲ୍ ସେଣ୍ଟର୍‌ରେ । ତା'ର ପରବର୍ତ୍ତୀ କର୍ମସ୍ଥଳୀ ହେଲା ମାକ୍‌ଡୋନାଲ୍‌ଡ୍ କମ୍ପାନୀର ରେସ୍ତୋରାଁ ।

ସେଠାରେ ଖାଇ ବସିଥିବା ଜଣେ ଭଦ୍ରଲୋକ ତରୁଣଟି ଆଡ଼େ ନିର୍ନିମେଷ ଅନାଇ ରହିଥା'ନ୍ତି । ''ତୁମେ ଗୁଜୁରାଟୀ ?'' ସେ କିଛି ସମୟ ପରେ ଯୁବକଟି ତାଙ୍କ ପାଖକୁ ଆସି ତାଙ୍କ ଟେବୁଲ୍ ସଫା କରିବାବେଳେ ସେ ପଚାରିଲେ ।

''ହଁ ।''

''ତୁମ ଘର ସୁରତ ?''

ତରୁଣ ଚମକିପଡ଼ି ଉତ୍ତର ଦେଲା, ''ସୁରତରେ ଥିଲି, ମୁମ୍ବାଇରେ ମଧ...'' କିନ୍ତୁ ଯଥାଶୀଘ୍ର ସେ ଭଦ୍ରଲୋକଙ୍କ ପାଖରୁ ଅପସରି ଗଲା ।

ଭଦ୍ରଲୋକଙ୍କ ନାମ କେ. ଶ୍ରୀଜିତ୍; ଏକ ଅର୍ଥଯୋଗାଣ ସଂସ୍ଥାର ମାଲିକ । ସେ କିନ୍ତୁ ତରୁଣ ପାଖକୁ ଯାଇ କହିଲେ, ''ତୁମେ ମୋ ସଂସ୍ଥାରେ ଚାକିରି କରିବ ?''

''ହଁ, ଅଧିକ ସୁବିଧା ପାଇଲେ କରିବି ।'' ତରୁଣ କହିଲା । ଭଦ୍ରଲୋକ ତରୁଣଟିକୁ ତାଙ୍କ ନାମଧାମ କାର୍ଡ଼ ଦେଇ ତାକୁ ପରେ ଫୋନ୍ କରିବାକୁ ନିର୍ଦ୍ଦେଶ ଦେଇ ଚାଲିଗଲେ ।

ନିଜ ଅଫିସରେ ଯାଇ ସେ ତାଙ୍କ ଅଂଶୀଦାର ଓ ଅନ୍ୟ ଜଣେ ଦୁଇଜଣଙ୍କୁ କହିଲେ କି ସେ ଜଳଖିଆ ଦୋକାନରେ ଏମିତି ଜଣେ ତରୁଣକୁ ଭେଟିଲେ, ମନେହେଲା ସେ ଖୁବ୍ ବୁଦ୍ଧିମାନ୍ ଓ ମାର୍ଜିତ । ଅବଶ୍ୟ ସେ ବିଶେଷ ପାଠଶାଠ ପଢ଼ି ନାହିଁ । ତେବେ ତାକୁ ଅଫିସରେ ରଖିଲେ ଭଲ ହୁଅନ୍ତା ପରା !

''ଖବରଦାର ! ସେମିତି ବୁଦ୍ଧିମାନ୍ ଅଜ୍ଞାତ କୁଳଶୀଳକୁ ପ୍ରତିଷ୍ଠାନରେ ପୂରାଇବା ବିପଜ୍ଜନକ ।'' ଶୁଭେଚ୍ଛୁମାନେ ପରାମର୍ଶ ଦେଲେ ।

ସନ୍ଧ୍ୟାବେଳେ ତରୁଣଟି ଫୋନ୍ କରନ୍ତେ ସେ ତାକୁ କହିଲେ, ''ଦୁଃଖିତ । କାମ ନାହିଁ । ତେବେ ତୁମକୁ ଯେତେବେଳେ ମୁଁ ନିଜ ତରଫରୁ ଚାକିରି ଦେବି ବୋଲି କହିଥଲି, ତୁମେ ମୋତେ ଦେଖା କଲେ ତୁମକୁ କିଛି ଆର୍ଥିକ ସାହାଯ୍ୟ ଦେବି ।''

''ଧନ୍ୟବାଦ !'' ତରୁଣ କହିଲା ।

ଏହାର ସପ୍ତାହକ ପରେ ସୁରତର ପ୍ରଖ୍ୟାତ ହୀରା ବ୍ୟବସାୟୀ ଶିବ୍‌ଜି ଧୋଲାକିଆଙ୍କ 'ହରେକୃଷ୍ଣ ହୀରା ରପ୍ତାନି' ସଂସ୍ଥାରୁ ଶ୍ରୀଜିତ୍‌ଙ୍କ ପାଖକୁ ଫୋନ୍ ଆସିଲା । ସଂସ୍ଥାର ପ୍ରଧାନ ବ୍ୟବସ୍ଥାପକ କହୁଥା'ନ୍ତି, ''ଟିକିଏ ଅପେକ୍ଷା କରନ୍ତୁ । ଆମ ଖାଉନ୍ଦ ଆପଣଙ୍କ ସହ କଥା ହେବେ ।''

ଖାଉନ୍ଦ, ଅର୍ଥାତ୍ ପୃଥିବୀର ସତୁରିରୁ ଅଧିକ ଦେଶକୁ ହୀରା ରପ୍ତାନି କରୁଥିବା, ଛଅ ହଜାର କୋଟି ସମ୍ବଳିତ ବ୍ୟବସାୟର ମାଲିକ ଶିବ୍‌ଜି ଭାଇ ଧୋଲାକିଆ ତାଙ୍କ ସହ କଥା ହେବେ ? ବିସ୍ମିତ ହେଲେ ଶ୍ରୀଜିତ୍ ।

ପରେ ପରେ ଧୋଲାକିଆ ଫୋନ୍‌ରେ ତାଙ୍କୁ କହିଲେ, ''ଆପଣ ମହତ୍ ଲୋକ । ଜଣକୁ ଚାକିରି ଦେବେ କହି ନ ଦେଇ ପାରିବାରୁ ତାକୁ ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ ଥିଲେ । ସେ ପାଇଁ ଧନ୍ୟବାଦ ।''

''କିନ୍ତୁ ଆପଣ କେମିତି ଜାଣିଲେ ?'' ପ୍ରଶ୍ନ କଲେ ଶ୍ରୀଜିତ୍ ।

''ସେ ପିଲାଟି ମୋ ପୁଅ !'' ଉତ୍ତର ଦେଲେ ଶିବ୍‌ଜି ଭାଇ ।

ରହସ୍ୟଟି ଏହିପରି । ଶିବ୍‌ଜିଙ୍କ ପୁଅ ଏକୋଇଶ ବର୍ଷ ବୟସ୍କ ଦ୍ରାବ୍ୟା କୁମାର ଆମେରିକାରେ ବ୍ୟବସାୟ ପରିଚାଳନା ବିଦ୍ୟାରେ ତାଲିମ ପାଉଛି । ସେ ଛୁଟିରେ ଘରକୁ ଆସିଥିଲା । ବାପା କହିଲେ, ''ଦେଖ, ପ୍ରକୃତ ଶିକ୍ଷା ମିଳେ ଜୀବନ ସଂଗ୍ରାମରୁ । ଏହି ବାସ୍ତବ ଦୁନିଆ ହେଲା ସଚ୍ଚା ବିଶ୍ୱବିଦ୍ୟାଳୟ । ଶିକ୍ଷାଲାଭ ଦିଗରେ ଯାହାର ଅଭୀପ୍ସା ଥିବ, ସେ ଏହି ଦୁନିଆ ଦାଣ୍ଡରେ ଜୀବନ ସଂଗ୍ରାମ କରି ତାହା ଅର୍ଜନ କରିବ । ତୋ ହାତରେ କେତେ ସମୟ ଅଛି ?''

''ପାଞ୍ଚ ସପ୍ତାହ ।'' ପୁଅ ଉତ୍ତର ଦେଲା ।

''ବେଶ୍ । ଏଠାରେ ବସି ବନ୍ଧୁମାନଙ୍କ ସହ ଆନନ୍ଦ ଉପଭୋଗ ନକରି ବାହାରିପଡ଼ ରାଜପଥକୁ । ଯା' ଗୋଟାଏ ଅଜଣା ସହରକୁ । ଯେଉଁଠି ତୋତେ କେହି ଚିହ୍ନିବାକୁ ନଥିବେ । ଚାକିରି ଖୋଜି ଯେତିକି ଆୟ କରିବୁ, ସେତିକିରେ ଚଳିବୁ । କିନ୍ତୁ ସର୍ତ୍ତ ହେଲା, ତୁ MBA ପଢ଼ୁଛୁ, ଏକଥା କହିପାରିବୁ ନାହିଁ । ଦ୍ୱାଦଶ ଶ୍ରେଣୀଯାଏଁ ପଢ଼ିଛୁ – ଏହି ହେବ ତୋର ଶିକ୍ଷାଗତ ଯୋଗ୍ୟତାର ପରିଚୟ । କାରଣ ଲକ୍ଷ ଲକ୍ଷ ତରୁଣ ତାହାଠୁଁ ଅଧିକ ପଢ଼ିବାର ସୁଯୋଗ ପାଆନ୍ତି ନାହିଁ । ସେମାନଙ୍କୁ କି ଧରଣର ଲାଞ୍ଛନା ସହିବାକୁ ପଡ଼େ, କେଡ଼େ ଅସହାୟ ବୋଧରେ ପୀଡ଼ିତ ହେବାକୁ ପଡ଼େ, ସେସବୁ ସମ୍ପର୍କରେ ତୋର ଅଭିଜ୍ଞତା ହେବ । ହଁ, ଅଭିଜ୍ଞତାରେ ବୈଚିତ୍ର୍ୟ ନିମନ୍ତେ କୌଣସିଠିଁ ସପ୍ତାହକରୁ ଅଧିକ ସମୟ ଚାକିରି କରିବୁ ନାହିଁ ।'' ବାପା ଦେଲେ ପ୍ରସ୍ତାବ । ପୁଅ ତାକୁ ମାନିନେଲା । ଶ୍ରୀଜିତ୍‌ଙ୍କ ସହ ସାକ୍ଷାତର ପର ସପ୍ତାହ ବେଳକୁ ତା'ର ମାସକର ପ୍ରତ୍ୟକ୍ଷ ଶିକ୍ଷା ସମାପ୍ତ ହେବାରୁ ସେ ଫେରି ଆସିଲା ।

'ଟାଇମସ୍ ଅଫ୍ ଇଣ୍ଡିଆ'ର ୨୩ ଜୁଲାଇ (୨୦୧୬) ସଂଖ୍ୟାରେ ଏହାର ସଂକ୍ଷିପ୍ତ ବିବରଣୀ ପ୍ରକାଶ ପାଇଛି । ବିସ୍ତୃତ ଆଲେଖ୍ୟ ଗୁଜୁରାଟୀ ପତ୍ରପତ୍ରିକାରେ ପ୍ରକାଶିତ ।

ଆଜି ଧନିକ-ସନ୍ତାନମାନଙ୍କ ବ୍ୟଭିଚାର ଓ ଅତ୍ୟାଚାରର ବିବରଣୀ ପ୍ରାୟଶଃ ପଢ଼ିବାକୁ ମିଳେ । ଜଣେ ଯୁବକ ଓ ତାଙ୍କ ମିତ୍ରମାନେ ଦୁର୍ମୂଲ୍ୟ ବିଦେଶୀ କାର ଚଳାଇ ଫୂର୍ତ୍ତିକରି ଯାଉଥିବା ବେଳେ ଦେଶୀ କାରଟିଏ ସେମାନଙ୍କୁ ଅତିକ୍ରମ କରିଚାଲିଗଲା ବୋଲି କ୍ରୋଧରେ ପ୍ରଥମ କାର୍‌ଟି ଆଗକୁ ନେଇ ଦେଶୀ କାର୍‌କୁ ଅଟକାଇ ଧନିକ ପୁତ୍ରମାନେ ସିଧାସଳଖ ତା' ଆରୋହୀମାନଙ୍କ ଉପରକୁ ଗୁଳି ଚଳାଇ ଜଣେ ଯୁବକକୁ ମାରିଦେଲେ ତତ୍‌କ୍ଷଣାତ୍ । ଏହା ବିହାରର ଘଟଣା । ଭାରତର ମୁଖ୍ୟ ମହାନଗରୀମାନଙ୍କରେ ତଥା ଅନ୍ୟାନ୍ୟ ସହରରେ ଜୀବନ ସଂଗ୍ରାମ ସମ୍ପର୍କରେ ଅଜ୍ଞ ଧନିକ-ସନ୍ତାନ ତଥା ଏପରିକି ସ୍ୱଚ୍ଛଳ ମଧ୍ୟବିତ୍ତମାନଙ୍କ ସନ୍ତାନମାନେ ମଧ୍ୟ ଜଣେ ଜଣେ କୁନି ରାକ୍ଷସ ଭଳି ଆଚରଣ କରୁଛନ୍ତି । ସେହି ପଟଭୂମିରେ ଶିବ୍‌ଜି ଭାଇ ଓ ତାଙ୍କ ପୁତ୍ରଙ୍କ ଦୃଷ୍ଟାନ୍ତ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିବ୍‌ଜି ଭାଇ ନିଜେ ଏକ ବଳିଷ୍ଠ ଚରିତ୍ର । ସେ ତାଙ୍କ ଉପାର୍ଜନର ବହୁଳାଂଶ ତାଙ୍କ କର୍ମଚାରୀମାନଙ୍କ ସକାଶେ ବ୍ୟୟ କରନ୍ତି । ସେମାନଙ୍କୁ ଅଧିକ ଅର୍ଥ ନଦେଇ ଯାହାର ଯାହା ବାସ୍ତବ ପ୍ରୟୋଜନ ତାହା ମେଣ୍ଟାଇ ଦିଅନ୍ତି । କାହାର ଦରକାର ଗୋଟାଏ ବାସଗୃହ, କାହାର ଆବଶ୍ୟକ ଗୋଟାଏ ଗାଡ଼ି ଇତ୍ୟାଦି । ତେବେ ତାହା ଏକ ଭିନ୍ନ ପ୍ରସଙ୍ଗ । ସେ ଏବଂ ତାଙ୍କ ସୁପୁତ୍ର ଯେଉଁଭଳି ପଦକ୍ଷେପ ନେଲେ, ତାହା ସମସ୍ତେ ନେବେ ନାହିଁ । କିନ୍ତୁ ସେଭଳି ପଦକ୍ଷେପ ପଶ୍ଚାତରେ ଯେଉଁ ଜୀବନ-ଦର୍ଶନ ରହିଛି, ସେଥିରୁ ସମସ୍ତେ ଶିକ୍ଷାଲାଭ କରି ପାରିବେ ।

**– ମନୋଜ ଦାସ**

❑❑❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

For enquiry and Home Delivery contact:
Kanti Enterprises, Bhubaneswar
PH: 7894465416 / 9938574182
Buy online at www.ayurlabsindia.com/indshop

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com